# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ମାର୍ଚ୍ଚ ୨/୨୦୧୯ (୧୬ ପୃଷ୍ଠା+ ପିଲାଙ୍କ ଧରିତ୍ରୀ) Sambalpur, Saturday, March 2 / 2019 (Career & Appointment) ★★

୧୫୩ ଭାଗ ୭୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




## ସଞ୍ଜୁଙ୍କ ହ୍ୟାଟ୍ରିକ ଗୋଲ

ସଞ୍ଜୁଙ୍କ ହ୍ୟାଟ୍ରିକ ବଳରେ ଭାରତ ତୁର୍କୀସ କପ୍ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ତୁର୍କମେନିସ୍ତାନକୁ ୧୦-୦ ଗୋଲରେ ପରାସ୍ତ କରିଛି।

୧୫

୦୫

## ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବାକୁ ପରିଣୀତିଙ୍କ ନିବେଦନ

ଦୈନନ୍ଦିନ ବ୍ୟବହାର କରାଯାଉଥିବା ପ୍ଲାଷ୍ଟିକ୍ ବନ୍ଦ କରିବାକୁ ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରା ଜନସାଧାରଣଙ୍କୁ ନିବେଦନ କରିଛନ୍ତି ।








### ■ ଘର ବାହୁଡ଼ିଲେ ବାୟୁସେନା ଯୋଦ୍ଧା

# ଭାରତରେ ଅଭିନନ୍ଦନ

**୭୦ ଘଣ୍ଟା ପରେ ମୁକ୍ତ**

- ■ ପାକିସ୍ତାନୀ ଯୁଦ୍ଧବିମାନକୁ ଜବାବ ଦେବାବେଳେ ପିଓକେ ଚାଲିଯାଇଥିଲେ
- ■ ସେଠାକାର ସୁରକ୍ଷା ବଳ ଗିରଫ କରିନେଇଥିଲା
- ■ ଛାଡ଼ିବା ପାଇଁ ଇସ୍‌ଲାମାବାଦର ସର୍ତ୍ତକୁ ଅଗ୍ରାହ୍ୟ କରିଥିଲା ନୂଆଦିଲ୍ଲୀ
- ■ ଅନ୍ତର୍ଜାତୀୟ ଚାପ ଓ ଭାରତର କୂଟନୀତି କାମ ଦେଲା
- ■ ଇସ୍‌ଲାମାବାଦରୁ ଲାହୋର ଅଣାଯାଇ ୱାଘା ସୀମାରେ ରଖାଯାଇଥିଲା
- ■ ପାଇଲଟ ଅଭିନନ୍ଦନଙ୍କୁ ଫେରିପାଇଥିବାରୁ ଖୁସି: ଆଇଏଏଫ୍

ନୂଆଦିଲ୍ଲୀ,୧।୩

ଶେଷରେ ପ୍ରତୀକ୍ଷାର ଅନ୍ତ ଘଟିଛି। ପାକିସ୍ତାନ କବ୍‌ଜାରେ ୬୦ ଘଣ୍ଟା ରହିବା ପରେ ଘରକୁ ବାହୁଡ଼ିଛନ୍ତି ଭାରତର ସୁଯୋଗ୍ୟ ସନ୍ତାନ ଅଭିନନ୍ଦନ ବର୍ଥମାନ। ଭାରତୀୟ ବାୟୁସେନା(ଆଇଏଏଫ୍) ୱିଙ୍ଗ୍ କମାଣ୍ଡର କ୍ୟାପ୍ଟେନ୍ ଅଭିନନ୍ଦନଙ୍କୁ ମୁକ୍ତ କରିଛି ପାକିସ୍ତାନ। ପଡ଼ୋଶୀ ଦେଶର କର୍ତ୍ତୃପକ୍ଷ ଅଭିନନ୍ଦନଙ୍କୁ ଅଟ୍ଟାରି-ୱାଘା ସୀମାରେ ଭାରତୀୟ ପ୍ରତିପକ୍ଷଙ୍କୁ ଶୁକ୍ରବାର ରାତି ୯ଟା ୧୬ରେ ହସ୍ତାନ୍ତର କରିଛନ୍ତି। ଅଭିନନ୍ଦନ ମୁକୁଳିବା ପରେ ତାଙ୍କୁ ସେଠାରେ ଅପେକ୍ଷା କରିଥିବା ହଜାର ହଜାର ଲୋକ, ସେନା ଅଧିକାରୀ ଓ ଗଣମାଧ୍ୟମ କର୍ମୀ ସ୍ୱାଗତ କରିଛନ୍ତି।

ଭାରତୀୟ ବାୟୁସେନା ପୁଲୱାମା ଆକ୍ରମଣର ପ୍ରତିଶୋଧ ନେବାର ଦିନକ ପରେ ଅର୍ଥାତ୍ ୨୭ ତାରିଖରେ ପାକିସ୍ତାନୀ ଯୁଦ୍ଧବିମାନ ଏଫ୍-୧୬ ଜମ୍ମୁ-କଶ୍ମୀର ପଟକୁ ପଶିଆସିଥିଲା। ଶତ୍ରୁପକ୍ଷ ଭାରତୀୟ ସେନାଘାଟିଗୁଡ଼ିକୁ ଟାର୍ଗେଟ କରୁଥିବାବେଳେ କ୍ୟାପଟେନ ଅଭିନନ୍ଦନ ଲଢୁଆ ବିମାନକୁ ଘଉଡ଼ାଇବା ପାଇଁ ପରାକ୍ରମ ଦେଖାଇଥିଲେ। ସେ ଏଫ୍-୧୬ର ପିଛା କରି ଜବାବ ଦେବାକୁ ଯାଇ ପୂର୍ବାହ୍ନ ୮ଟା ୪୫ରେ ପାକ୍-ଅଧିକୃତ କଶ୍ମୀର (ପିଓକେ) ପଟକୁ ଚାଲିଯାଇଥିଲେ। ପାକିସ୍ତାନୀ ବାୟୁସେନାର ଗୁଳିମାଡ଼ରେ ଅଭିନନ୍ଦନଙ୍କ ମିଗ୍ ୨୧ ବିମାନ ତଳକୁ ଖସିବା ପୂର୍ବରୁ ସେ ପାରାଚ୍ୟୁଟ୍‌ରେ ଓହ୍ଲାଇପଡ଼ିଥିଲେ। ଅଭିନନ୍ଦନ ଭିମ୍ବର ଜିଲା ହୋରାନ ଗ୍ରାମରେ ଅବତରଣ କରିବା ପରେ ପାକିସ୍ତାନୀ ସୁରକ୍ଷା ବଳ ତାଙ୍କୁ କାବୁ କରିନେଇଥିଲେ। ଅଭିନନ୍ଦନଙ୍କ କ୍ଷତବିକ୍ଷତ ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଭାରତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ତାଙ୍କୁ ମୁକ୍ତକରିବା ପାଇଁ ଦେଶର ବିଭିନ୍ନ ଭାଗରେ ଲୋକେ ପୂଜାର୍ଚ୍ଚନା ଓ ସାମୂହିକ ପ୍ରାର୍ଥନା କରିଥିଲେ। ସେନା ଓ ସରକାର ମଧ୍ୟ ସବୁ ପ୍ରକାର ଉଦ୍ୟମ ଚଳାଇଥିଲେ। ଶେଷରେ ଅନ୍ତର୍ଜାତୀୟ ଚାପରେ ଇସ୍‌ଲାମାବାଦ ତାଙ୍କୁ ଛାଡ଼ିବାକୁ ନିଷ୍ପତ୍ତି ନେଇଥିଲା। ହେଲେ ପାଇଲଟଙ୍କୁ ମୁକ୍ତ କରିବା ବଦଳରେ ଉତ୍ତେଜନା ହ୍ରାସ ପାଇଁ ଉଦ୍ୟମ କରାଯାଉ ବୋଲି ସର୍ତ୍ତ ବାଢ଼ିଥିଲା। ଭାରତ ଏହାକୁ ପ୍ରତ୍ୟାଖ୍ୟାନ କରି ତୁରନ୍ତ ଅଭିନନ୍ଦନଙ୍କ ସୁରକ୍ଷିତ ମୁକ୍ତି ଦାବି କରିଥିଲା। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଗୁରୁବାର ଅପରାହ୍ନରେ ଘୋଷଣା କଲେ, ଶାନ୍ତି ପାଇଁ ପାଇଲଟଙ୍କୁ ଶୁକ୍ରବାର ଛଡ଼ାଯିବ। ଏହି ଘୋଷଣା ପରେ ଭାରତୀୟମାନେ ଆଶ୍ୱସ୍ତ ହୋଇ ତାଙ୍କ ମୁକୁଳିବା ବାଟକୁ ଚାହିଁ ବସିଥିଲେ। ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ ଅଭିନନ୍ଦନଙ୍କୁ ସଡ଼କ ପଥରେ ଇସ୍‌ଲାମାବାଦରୁ ୩୭୫ କି.ମି. ☞ପୃଷ୍ଠା-୪



ୱିଙ୍ଗ୍ କମାଣ୍ଡର ପାଇଲଟ ଅଭିନନ୍ଦନ ବର୍ଥମାନ ଶୁକ୍ରବାର ରାତିରେ ମୁକ୍ତ ହେବା ପରେ ୱାଘା ସୀମାରେ ପାକିସ୍ତାନର ବହିର୍ବ୍ୟାପାର ମନ୍ତ୍ରଣାଳୟ ଅଧିକାରୀ ଫାରେହା ବୁଗ୍ଟୀଙ୍କ ସହ।


ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


**ଆଜିର ସମ୍ପାଦକୀୟ**

## ଅନନ୍ତ ପ୍ରତୀକ୍ଷା

**ଆଜିର ମନ୍ତବ୍ୟ**

“ ଆତଙ୍କବାଦ ବିରୋଧରେ ଲଢ଼େଇ କୌଣସି ଧର୍ମ ବିପକ୍ଷରେ ନୁହେଁ ।

**-ସୁଷମା ସ୍ୱରାଜ, ବହିର୍ବ୍ୟାପାର ମନ୍ତ୍ରୀ**



ବାୟୁସେନା ପାଇଲଟ ଅଭିନନ୍ଦନ ବର୍ଥମାନ ଶୁକ୍ରବାର ଅଟ୍ଟାରି-ୱାଘା ସୀମାରେ ପହଞ୍ଚିବା ପରେ ଉଲ୍ଲସିତ ଜନତା।

# ଲୋକ ସଭା ନିର୍ବାଚନ ଠିକ୍ ସମୟରେ ହେବ: ସିଇସି

ଲକ୍ଷ୍ନୌ,୧।୩(ପି.ଟି.)

ସୀମାନ୍ତରେ ଉତ୍ତେଜନା ସତ୍ତ୍ୱେ ସାଧାରଣ ନିର୍ବାଚନ ଠିକ୍ ସମୟରେ ଅନୁଷ୍ଠିତ ହେବ ବୋଲି ମୁଖ୍ୟ ନିର୍ବାଚନ କମିଶନର (ସିଇସି) ସୁନୀଲ ଆରୋରା ଶୁକ୍ରବାର କହିଛନ୍ତି। ଏଥିପାଇଁ ନିର୍ବାଚନ କମିଶନ ପୂର୍ଣ୍ଣ ପ୍ରସ୍ତୁତ ଥିବା ସେ ସୂଚନା ଦେଇଛନ୍ତି। ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନାକୁ ନେଇ ନିର୍ବାଚନୀ କାର୍ଯ୍ୟସୂଚୀରେ ପରିବର୍ତ୍ତନ ସମ୍ଭାବନା ଅଛି କି ବୋଲି ଉତ୍ତରପ୍ରଦେଶରେ ନିର୍ବାଚନୀ ପ୍ରସ୍ତୁତି ସମୀକ୍ଷା ଅବସରରେ ଖବରଦାତାଙ୍କ ପ୍ରଶ୍ନରେ ସେ ଉପରୋକ୍ତ ଉତ୍ତର ଦେଇଛନ୍ତି। ନୂଆ ବିଜ୍ଞପ୍ତି ଅନୁଯାୟୀ ପ୍ରାର୍ଥୀଙ୍କୁ ଦେଶ ଭିତରେ ଥିବା ସେମାନଙ୍କ ସମ୍ପତ୍ତି ସମେତ ବିଦେଶରେ ଥିବା ସମ୍ପତ୍ତିର ସବିଶେଷ ବିବରଣୀ ଦେବାକୁ ହେବ। ଆୟକର ବିଭାଗ ଏହାକୁ ଅନୁଧ୍ୟାନ କରିବ। ☞ପୃଷ୍ଠା-୪



ସୁନୀଲ ଆରୋରା

**କିଛି ତଥ୍ୟ**

ଚଳିତ ଆର୍ଥିକ ବର୍ଷର ଫେବୃୟାରୀ ମାସ ସୁଦ୍ଧା ସରକାର ୧୦.୭୦ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ କରିବାକୁ ସକ୍ଷମ ହୋଇଛନ୍ତି।

**-ଅର୍ଥ ମନ୍ତ୍ରମନ୍ତ୍ରଣାଳୟ**


NECC NATIONAL EGG CO-ORDINATION COMMITTEE 01.03.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 79 | 131 | 141 |
| DKL | 77 | 128 | 138 |
| BDK | 81 | 133 | 143 |
| BLS | 81 | 133 | 143 |
| ANG | 77 | 128 | 138 |

*Conditions Apply

Eggs Retail Price- 53/-Dozen
Issued in the Interest of Consumers


# ଆଜିଠୁ ସିବିଏସ୍‌ଇ ଦଶମ, ଦ୍ୱାଦଶ ପରୀକ୍ଷା

ଭୁବନେଶ୍ୱର,୧।୩(ବ୍ୟୁରୋ)

ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ(ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଶନିବାରଠାରୁ ଆରମ୍ଭ ହେଉଛି। ସାରା ଦେଶରେ ପ୍ରାୟ ୨୮ଲକ୍ଷ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ପ୍ରଥମ ଦିନ ଦଶମର ଇନ୍‌ଫର୍ମେଶନ ଟେକ୍ନୋଲୋଜି(ଆଇଟି) ବିଷୟରେ ପରୀକ୍ଷା ଥିବାବେଳେ ଦ୍ୱାଦଶର ଇଂଲିଶ ପରୀକ୍ଷା ରହିଛି। ଦୁଇଟି ଯାକ ପରୀକ୍ଷା ପୂର୍ବାହ୍ନ ସାଢ଼େ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ସାଢ଼େ ୧ଟାରେ ଶେଷ ହେବ। ଛାତ୍ରୀଛାତ୍ରଙ୍କୁ ସକାଳ ୯ଟା ସୁଦ୍ଧା ସ୍କୁଲରେ ପହଞ୍ଚିବାକୁ କୁହାଯାଇଥିବା ବେଳେ ୯ଟା ୪୫ ମିନିଟ୍‌ରେ ସମସ୍ତେ ପରୀକ୍ଷା ହଲ୍‌କୁ ପ୍ରବେଶ କରିବେ। ପୂର୍ବାହ୍ନ ୧୦ଟା ପରେ କୌଣସି ଛାତ୍ରୀଛାତ୍ର ଆସିଲେ, ସେମାନଙ୍କୁ ପରୀକ୍ଷା ହଲ୍‌କୁ ପ୍ରବେଶ ଲାଗି ଅନୁମତି ଦିଆଯିବ ନାହିଁ। ୧୦ଟା ୧୫ରେ ପ୍ରଶ୍ନପତ୍ର ଦିଆଯିବ। ପ୍ରଶ୍ନ ପଢ଼ିବା ପାଇଁ ୧୫ ମିନିଟ୍ ସମୟ ମିଳିବ। ଛାତ୍ରୀଛାତ୍ର ପରୀକ୍ଷାକୁ ଗଲାବେଳେ ସାଙ୍ଗରେ ପେନ୍, ସିବିଏସ୍‌ଇ ଆଡ୍‌ମିଟ୍ କାର୍ଡ ଓ ସ୍କୁଲ ଆଇକାର୍ଡ ନେଇକି ଯିବେ। ☞ପୃଷ୍ଠା-୪

### ■ ଶେଷରେ ସତ ମାନିଲା ଇସ୍‌ଲାମାବାଦ

# ପାକିସ୍ତାନରେ ଆଝାର

ଇସ୍‌ଲାମାବାଦ,୧।୩(ଆଇଏଏନ୍‌ଏସ୍)

ଶେଷରେ ସତ ସ୍ୱୀକାର କରିଛି ପାକିସ୍ତାନ। ପୁଲୱାମା ସମେତ ଭାରତରେ ଅନେକ ଆକ୍ରମଣର ଷଡ଼ଯନ୍ତ୍ରକାରୀ ମୌଲନା ମାସୁଦ୍ ଆଝାର ପାକିସ୍ତାନରେ ଅଛନ୍ତି ବୋଲି ସେଠାକାର ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ କୁରେଶୀ ଶୁକ୍ରବାର ମାନିଛନ୍ତି।

ଏକ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ କୁରେଶୀ କହିଛନ୍ତି, ଜୈଶ୍-ଇ-ମହମ୍ମଦ (ଜେଇଏମ୍) ମୁଖ୍ୟ ଆଝାର ପାକିସ୍ତାନରେ ରହିଛନ୍ତି। ତାଙ୍କ ସ୍ୱାସ୍ଥ୍ୟ ବହୁତ ଖରାପ ଅଛି। ଏପରି କି ସେ ନିଜ ଘର ଛାଡ଼ି ଅନ୍ୟତ୍ର ଯିବା ଅବସ୍ଥାରେ ମଧ୍ୟ ନାହାନ୍ତି। ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ହ୍ରାସ କରିବା ଲାଗି କୌଣସି ପ୍ରକାର ପଦକ୍ଷେପ ନେବାକୁ ଇସ୍‌ଲାମାବାଦ ପ୍ରସ୍ତୁତ। ତେବେ ଆଝାରଙ୍କ ଯୋଗୁ ଦୁଇଦେଶର ସଶସ୍ତ୍ର ବଳ ମଧ୍ୟରେ ଅବିଶ୍ୱସନୀୟ ଉତ୍ତେଜନା ବୃଦ୍ଧିପାଇଛି। ଜେଇଏମ୍‌କୁ ଆତଙ୍କବାଦୀ ସଙ୍ଗଠନ ବୋଲି ଆଖ୍ୟା ଦିଆଯାଇଥିଲେ ହେଁ ତାଙ୍କୁ କାହିଁକି ଗିରଫ କରାଯାଉନାହିଁ ବୋଲି ପ୍ରଶ୍ନ କରାଯାଇଥିଲା। ଏହାର ଉତ୍ତରରେ କୁରେଶୀ କହିଥିଲେ, ପାକିସ୍ତାନୀ କୋର୍ଟ ଦ୍ୱାରା ଗ୍ରହଣୀୟ ହେଲା ଭଳି କାର୍ଯ୍ୟାନୁଷ୍ଠାନଯୋଗ୍ୟ ତଥା ଦୃଢ଼ ପ୍ରମାଣ ଭାରତ ଦେଲେ ଆମେ ଦେଶବାସୀଙ୍କୁ ଓ ନ୍ୟାୟପାଳିକାକୁ ବୁଝାଇ ପାରିବୁ। କାରଣ ପାକିସ୍ତାନ ଏକ ଆଇନଗତ ପ୍ରକ୍ରିୟାକୁ ଅନୁସରଣ କରେ। ଆଝାର ଓ ତାଙ୍କ ସଙ୍ଗଠନ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଆଇନଗତ ଆବଶ୍ୟକତା ପୂରଣ ହେବା ଜରୁରୀ ବୋଲି ସେ କହିଥିଲେ। ଭାରତୀୟ ବାୟୁସେନା ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ବର୍ଥମାନଙ୍କୁ ଶୁକ୍ରବାର ମୁକ୍ତ କରାଯିବ ବୋଲି ଦିନକ ପୂର୍ବରୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଘୋଷଣା କରିବାର କିଛି ସମୟ ପରେ କୁରେଶୀ ଏହି ସତ ମାନିଛନ୍ତି।

କୁରେଶୀ ଆହୁରି କହିଛନ୍ତି, ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧ ହେଲେ ତାହା ପାରସ୍ପରିକ ଆତ୍ମହତ୍ୟା ଭଳି ହେବ। ପୁଲୱାମା ଆକ୍ରମଣ ସମ୍ପର୍କରେ ଜାଣିବା ପରେ ଆମେ ତାକୁ ନିନ୍ଦା କରିଥିଲୁ। ଏହାସହ ଭାରତକୁ ଏକ ସନ୍ତୁଳିତ ତଥା ବିନମ୍ର ଅନୁରୋଧ କରିଥିଲୁ ଯେ, ତୁମ ପାଖରେ କିଛି ପ୍ରମାଣ ଥିଲେ ଆମକୁ ଦିଅ। ଆମେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବୁ। ☞ପୃଷ୍ଠା-୪



ମାସୁଦ୍ ଆଝାର


Wish you all the best

CBSE Examinees



ଧରିତ୍ରୀ DHARITRI

DADLS-290

ଓଡ଼ିଶା ସରକାର



# ମାନ୍ୟବର ମୁଖ୍ୟମନ୍ତ୍ରୀ
# ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
## ଯାଜପୁର ଓ ଭଦ୍ରକ ଜିଲ୍ଲା ଗସ୍ତ ଅବସରରେ ବିଭିନ୍ନ ପ୍ରକଳ୍ପର
## ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ
### ୨ ମାର୍ଚ୍ଚ ୨୦୧୯ | ଶନିବାର

**ବଡ଼ଚଣା - ପୂର୍ବାହ୍ନ - ୧୧.୩୦**








### ୧୦୯ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ୫ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ

- ବଡ଼ଚଣା - ବାଲିଚନ୍ଦ୍ରପୁର ରାସ୍ତାରେ ବଡ଼ଗେଙ୍ଗୁଟି ନଦୀ ଉପରେ ହାଇଲେଭ୍‌ଲ ସେତୁ
- ସୁକଦେଇପୁର - ତିହକରଣ୍ଡା ରାସ୍ତାରେ ସାନଗେଙ୍ଗୁଟି ନଦୀ ହାଇଲେଭ୍‌ଲ ସେତୁ
- ବାଇଶିମୌଜା ଧନଞ୍ଜୟ ବିଦ୍ୟାପୀଠ ୧୦୦ ସିଟ୍ ବିଶିଷ୍ଟ ଅନୁସୂଚିତ ଜନଜାତି ଓ ଜାତି ହଷ୍ଟେଲ୍
- ବଡ଼ଚଣା ସ୍ୱାଧୀନତା ସଂଗ୍ରାମୀ ସ୍ମୃତିସ୍ତମ୍ଭ
- ଚଣ୍ଡିଖୋଲ ଠାରେ ଜିଲ୍ଲା ଅଡିଟ୍ କାର୍ଯ୍ୟାଳୟ

### ୪୩ କୋଟି ୪୯ ଲକ୍ଷ ଟଙ୍କାର ୮ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

- ବନ୍ଦାଳୋ - ଏଣ୍ଡରପଡ଼ା ରାସ୍ତା ଉନ୍ନତିକରଣ
- ଲଳିତଗିରି - ଉଦୟଗିରି - ରତ୍ନଗିରି ରାସ୍ତା ଉନ୍ନତିକରଣ
- ସାନଗେଙ୍ଗୁଟି ନଦୀ ବନ୍ଧ ସୁରକ୍ଷା ପ୍ରକଳ୍ପ
- ବାଲିଚନ୍ଦ୍ରପୁର ଗ୍ରୀଡ୍ ସବ୍‌ଷ୍ଟେସନ
- ଭୁବନପୁର - ଜଗନ୍ନାଥପୁର ରାସ୍ତା ସାନଗେଙ୍ଗୁଟି ନଦୀ ହାଇଲେଭ୍‌ଲ ସେତୁ ଏବଂ ଅନ୍ୟାନ୍ୟ ପ୍ରକଳ୍ପ

**ଚାନ୍ଦବାଲି - ମଧ୍ୟାହ୍ନ - ୧୨.୩୦**

### ୩୯୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ୧୬ଟି ପ୍ରକଳ୍ପ ଉଦ୍‌ଘାଟନ

- ଭଦ୍ରକ - ଚାନ୍ଦବାଲି ଉନ୍ନତିକୃତ ରାସ୍ତା
- ପାଇକରାପୁର ୧୩୨/୩୩ କେ.ଭି ଗ୍ରୀଡ୍ ସବ୍‌ଷ୍ଟେସନ
- ଗଦି ଏବଂ ମତୋ ୩୩/୧୧ କେ.ଭି ସବ୍‌ଷ୍ଟେସନ
- ଚାନ୍ଦବାଲି ପାୱାରଗ୍ରୀଡ୍
- ଧାମରା ମତ୍ସ୍ୟ ପ୍ରାକ୍ - ପ୍ରକ୍ରିୟାକରଣ କେନ୍ଦ୍ର
- ଧାମରା ଦକ୍ଷତା ବିକାଶ କେନ୍ଦ୍ର
- ଚାନ୍ଦବାଲି ମିନିଷ୍ଟାଡିୟମ୍
- ନବନିର୍ମିତ ଭଦ୍ରକ ପାନ୍ଥନିବାସ ଓ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ
- ନବନିର୍ମିତ ଭଦ୍ରକ ସରକାରୀ ପଲିଟେକ୍‌ନିକ ଏବଂ ଅନ୍ୟାନ୍ୟ ପ୍ରକଳ୍ପ

### ୧୧୮୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ୧୯ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

- ଚାନ୍ଦବାଲି, ବାସୁଦେବପୁର, ତିହିଡ଼ି ଏବଂ ଧାମନଗର ବ୍ଲକ୍‌ର ଲୁଣିପାଣି ପ୍ରଭାବିତ ଅଞ୍ଚଳପାଇଁ ମେଗା ପାନୀୟ ଜଳଯୋଗାଣ ପ୍ରକଳ୍ପ
- ଜାମୁଝାଡି - ବାସୁଦେବପୁର - ଧାମରା ରାସ୍ତା
- ଗୋବିନ୍ଦପୁର - ନନ୍ଦପୁର ରାସ୍ତାରେ ଗେଙ୍ଗୁଟି ନଦୀ ସେତୁ
- ବାରସର - ହେଙ୍ଗୁପତି ରାସ୍ତାରେ ସାଳନ୍ଦୀସେତୁ
- ୮ଟି ସଡ଼କ ନିର୍ମାଣ ପ୍ରକଳ୍ପ
- ରାଇପୁର ଏବଂ ମହୁଲିଆ ପାନୀୟ ଜଳଯୋଗାଣ ପ୍ରକଳ୍ପ
- ନବନିର୍ମିତ ଚାନ୍ଦବାଲି ତହସିଲ କାର୍ଯ୍ୟାଳୟ, ଭଦ୍ରକ ସର୍କିଟ ହାଉସ ଏବଂ ଅନ୍ୟାନ୍ୟ ପ୍ରକଳ୍ପ

15001/13/0602/1819





ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ

ସୂଚନା ଓ ଲୋକସମ୍ପର୍କ ବିଭାଗ



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।
- ଠାକୁର ଅନୁକୂଳଚନ୍ଦ୍ର

**ସଂକ୍ଷେପରେ**

## ୩ରୁ ୫ ଯାଏ ଝଡ଼ବର୍ଷା

ଭୁବନେଶ୍ୱର,୧।୩(ବ୍ୟୁରୋ): ଗତ ଦୁଇ ତିନିଦିନ ହେବ ରାଜ୍ୟରେ ପାଗ କୋହଲା ରହିବା ସହ କେତେକ ସ୍ଥାନରେ ଘଡଘଡି ସହ ଝଡବର୍ଷା ମଧ ହେଉଛି। ଦିନର ସର୍ବାଧିକ ତାପମାତ୍ରା ୩୯ ଡିଗ୍ରୀରୁ ଖସି ୩୫ ଡିଗ୍ରୀ ସେଲସିୟସ ମଧରେ ରହିଥିବା ବେଳେ ରାତ୍ରିର ସର୍ବନିମ୍ନ ତାପମାତ୍ରା ୨୮ରୁ ୧୫ ଡିଗ୍ରୀକୁ ଖସି ଆସିଛି। ତେବେ ଆସନ୍ତା ୫ ତାରିଖ ଯାଏ ରାଜ୍ୟରେ ପାଗ ଥଣ୍ଡା ରହିବା ସହ କେତେକ ସ୍ଥାନରେ ଝଡବର୍ଷା ହେବାନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଶନିବାର ରାଜ୍ୟରେ ପାଗ ଶୁଖିଲା ରହିବ। ୩ ତାରିଖରୁ ୫ ତାରିଖ ଯାଏ ରାଜ୍ୟର ଅଧିକାଂଶ ସ୍ଥାନରେ ଘଡଘଡି ସହ ଝଡବର୍ଷା ହେବାର ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ରବିବାର ଅନୁଗୋଳ, ବୌଦ୍ଧ, ବଲାଙ୍ଗୀର, ସୋନପୁର, ବରଗଡ, ଝାରସୁଗୁଡା, କେନ୍ଦୁଝର, ଦେବଗଡ, ମୟୂରଭଞ୍ଜ, ନୟାଗଡ ଓ ଗଞ୍ଜାମ ଜିଲାର କେତେକ ସ୍ଥାନରେ ସ୍ୱଳ୍ପରୁ ମଧମ ଧରଣର ବର୍ଷା ହେବ। ଉପକୂଳ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଝଡବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ସେହିପରି ମାର୍ଚ୍ଚ ୪ରେ ଉପକୂଳ ସମେତ ଆଭ୍ୟନ୍ତରୀଣ ଓଡିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଏହାଛଡା ମାର୍ଚ୍ଚ ୪ ଓ ୫ରେ ଉତ୍ତର ଉପକୂଳ ଏବଂ ଉତ୍ତର ଆଭ୍ୟନ୍ତରୀଣ ଓଡିଶାର ମୟୂରଭଞ୍ଜ, କେନ୍ଦୁଝର ଓ ଢେଙ୍କାନାଳ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଝଡବର୍ଷା ହେବ ବୋଲି ସତର୍କ କରାଯାଇଛି।

■ରାଉରକେଲାରେ କାଳିଆ ଚାଷୀ ସମାବେଶ

# କାଳିଆ ଯୋଜନା ଓଡ଼ିଶାକୁ ନୂଆ ପରିଚୟ ଦେଇଛି: ମୁଖ୍ୟମନ୍ତ୍ରୀ

ରାଉରକେଲା ଅଫିସ,୧।୩

ମୋ ସରକାର ଗରିବ, ଚାଷୀ ମୂଲିଆଙ୍କ ସରକାର। କୃଷକଙ୍କ ଉନ୍ନତି ମୋ ସରକାରର ମୂଳ ଲକ୍ଷ୍ୟ। ସେଥିପାଇଁ କୃଷକଙ୍କ ସମୃଦ୍ଧି ପାଇଁ କାଳିଆ ଯୋଜନା କରାଯାଇଛି। ବାସ୍ତବରେ ଏହି ଯୋଜନା ଓଡ଼ିଶାକୁ ନୂଆ ପରିଚୟ ଦେଇଛି । ଏହା ଦ୍ୱାରା ନାମମାତ୍ର କ୍ଷୁଦ୍ର ଚାଷୀ, ଭାଗଚାଷୀ ଓ ଜମି ନ ଥିବା ଚାଷୀ ଉପକୃତ ହୋଇପାରିବେ ବୋଲି ଶୁକ୍ରବାର ରାଉରକେଲା ଏୟାରଷ୍ଟ୍ରିପ ପଡ଼ିଆରେ ଆୟୋଜିତ କାଳିଆ ଚାଷୀ ସମାବେଶରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। ସେ ପୁଣି କହିଲେ, ରାଜ୍ୟର ୧୦ ଲକ୍ଷ ଚାଷୀ ଏହି ଯୋଜନାରେ ସାମିଲ ହୋଇ ସାରିଛନ୍ତି। ଆହୁରି ଅଧିକ ୧୦ଲକ୍ଷ ଚାଷୀଙ୍କୁ ଏଥିରେ ସାମିଲ କରାଯିବ। ସେମାନଙ୍କୁ ପ୍ରଥମ କିସ୍ତି ଟଙ୍କା ମିଳି ସାରିଥିବା ବେଳେ ଏପ୍ରିଲରେ ଦ୍ୱିତୀୟ କିସ୍ତି ଟଙ୍କା ପ୍ରଦାନ କରାଯିବ ।

କୁନା ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ ଏହି ସମାବେଶରେ ମୁଖ୍ୟମନ୍ତ୍ରୀ କହିଲେ, କେବଳ କୃଷକ ନୁହନ୍ତି ସେମାନଙ୍କ ପରିବାର କିପରି ସମୃଦ୍ଧ ହେବ ସେ ନେଇ ରାଜ୍ୟ ସରକାର ଚିନ୍ତା କରିଛନ୍ତି। ଚାଷୀ ତା'ର ହକ୍ ପାଉ, କୃଷକଙ୍କ ଭବିଷ୍ୟତ ସୁରକ୍ଷିତ ରହୁ। କୃଷକଙ୍କ ପିଲା ଛାତ୍ରବୃତ୍ତି ପାଇ କିପରି ଉଚ୍ଚଶିକ୍ଷିତ ହେବ ସେନେଇ କାଳିଆ ଯୋଜନାରେ ବ୍ୟବସ୍ଥା ରହିଛି। ରାଜ୍ୟ ସରକାର ବିନା ସୁଧରେ କୃଷକ ଓ ମିଶନ ଶକ୍ତି ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଋଣ ଯୋଗାଇ ଦେଉଛନ୍ତି। କାଳିଆ ଯୋଜନାକୁ ଅନ୍ୟମାନେ ଅନୁକରଣ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଅପରାହ୍ନ ପ୍ରାୟ ୪ଟା ୧୫ରେ ମୁଖ୍ୟମନ୍ତ୍ରୀ ସଭାମଞ୍ଚ ନିକଟରେ ପହଞ୍ଚିଥିଲେ । ସେଠାରେ ୭୩୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ୨୩ ପ୍ରକଳ୍ପ ଉଦ୍‌ଘାଟନ କରିବା ସହ ୧୯ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହି ଅବସରରେ ତାଙ୍କୁ ସୁନ୍ଦରଗଡ଼ ଜିଲାପାଳ ରଶ୍ମିତା ପଣ୍ଡା, ଏଡିଏମ୍ ୟେଦୁଲା ବିଜୟ, ଏସ୍‌ପି ସାର୍ଥକ ଷଡଙ୍ଗୀଙ୍କ ସମେତ ବହୁ ଅଧିକାରୀ ସ୍ୱାଗତ କରିଥିଲେ। ଏହି ସମାବେଶରେ ପୂର୍ବତନ ମନ୍ତ୍ରୀ ସାରଦା ନାୟକ, ରାଜ୍ୟ ସଭା ସଦସ୍ୟ ପ୍ରଶାନ୍ତ ନନ୍ଦ, ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ଜିଲା ବିଜେଡି ସମ୍ପାଦକ ଆନନ୍ଦ ମହାନ୍ତି, ଆଇନଜୀବୀ ସୁଦାମ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହା ପୂର୍ବରୁ କାଳିଆ ଯୋଜନା ସମ୍ପର୍କରେ ମଞ୍ଚ ସଂଯୋଜକ କୁନା ତ୍ରିପାଠୀ ଅଡିଓ ଭିଡିଓ ପ୍ରଦର୍ଶନ ମାଧମରେ ଉପସ୍ଥିତ ଜନତାଙ୍କୁ ଅବଗତ କରାଇଥିଲେ।



ରାଉରକେଲାରେ ଅନୁଷ୍ଠିତ କାଳିଆ ଚାଷୀ ସମାବେଶରେ ଯୋଗଦେଇଥିବା ଚାଷୀମାନେ।






■ପୋଲିସ ଭ୍ୟାନ୍-ଟ୍ରକ୍ ମୁହାଁମୁହିଁ ଧକ୍କା

# ୨ ଯବାନ ମୃତ, ୩୧ ଆହତ

ବେଲପାହାଡ଼୧।୩ (ଡି.ଏନ୍.ଏ.)



ଦୁର୍ଘଟଣାଗ୍ରସ୍ତ ପୋଲିସ ଭ୍ୟାନ।

୪୯ ନମ୍ବର ଜାତୀୟ ରାଜପଥ ଝାରସୁଗୁଡ଼ା ଜିଲା ବେଲପାହାଡ଼ ଶନିମନ୍ଦିର ନିକଟ ଶୁକ୍ରବାର ସକାଳେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏଥିରେ ଓଡ଼ିଶା ସ୍ୱତନ୍ତ୍ର ସଶସ୍ତ୍ର ପୋଲିସ ବାହିନୀ(ଓଏସ୍‌ଏପି)ର ୨ ଯବାନଙ୍କ ମୃତ୍ୟୁ ଘଟିଥିବା ବେଳେ ଟ୍ରକ୍ ଚାଳକଙ୍କ ସମେତ ୩୧ ଜଣ ଯବାନ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଗୁରୁତର ୨୬ ଯବାନଙ୍କୁ ଚିକିତ୍ସା ପାଇଁ ବୁର୍ଲା ଭିମ୍‌ସାରକୁ ପଠାଯାଇଛି। ଅନ୍ୟ ୩ ଯବାନ ଓ ଟ୍ରକ୍ ଡ୍ରାଇଭରଙ୍କୁ ଚିକିତ୍ସା ପାଇଁ ବେଲପାହାଡ଼ ଟିଆର୍‌ଏଲ୍ ହସ୍ପିଟାଲରେ ଏବଂ ଜଣେ ଯବାନଙ୍କୁ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମୃତ ୨ ଯବାନ ହେଲେ ଓଏସ୍‌ଏପି ହାବିଲଦାର ଶଙ୍କର ପ୍ରସାଦ ପଣ୍ଡ(୩୫) ଏବଂ ତୃତୀୟ ବାଟାଲିୟନ ଗଜପତିର ପ୍ରଶାନ୍ତ ବେହେରା (୨୬)। ଶୁକ୍ରବାର ପୂର୍ବାହ୍ନରେ ବନହରପାଲିଠାରେ ଇବ୍ ଥର୍ମାଲର ତୃତୀୟ ଓ ଚତୁର୍ଥ ୟୁନିଟ ଉଦ୍‌ଘାଟନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗସ୍ତ କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। କାର୍ଯ୍ୟକ୍ରମରେ ମୁତୟନ ହେବା ପାଇଁ ଝାରସୁଗୁଡ଼ାରୁ ଓଏସ୍‌ଏପିର ୩୨ ଯବାନ ଏକ ଭ୍ୟାନରେ ବନହରପାଲିକୁ ଯାଉଥିଲେ। ସକାଳ ପ୍ରାୟ ସାଢେ ୬ଟା ବେଳେ ବେଲପାହାଡ଼ ଶନି ମନ୍ଦିର ନିକଟ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଓଭରବ୍ରିଜ ବାଇପାସ୍ ରାସ୍ତା ନିକଟରେ ଛତିଶଗଡ଼ରୁ ଆସୁଥିବା ଏକ ମାଲବାହୀ ଟ୍ରକ୍ (ନଂ. ସିଜି୦୪ଏଚ୍‌ଡବ୍ଲ୍ୟୁ-୪୧୧୭ )ଓ ଭ୍ୟାନ(ନଂ. ଓଆର୍‌ଏସଟି-୯୫୩୬ )ମଧ୍ୟରେ ମହାଁମୁହିଁ ଧକ୍କା ହୋଇଥିଲା। ପୋଲିସ ଓ ସ୍ଥାନୀୟ ଲୋକେ ଆହତ ଯବାନଙ୍କୁ ୧୦୮ ଆମ୍ବୁଲାନ୍ସ ଓ ବସ୍ ଯୋଗେ ଟିଆର୍‌ଏଲ ହସ୍ପିଟାଲ ଏବଂ ବ୍ରଜରାଜନଗର ସେଣ୍ଟ୍ରାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଆହତ ଓଏସ୍‌ଏପିର ଏସ୍.ଏନ୍. ପରିଡ଼ା, ଅର୍ଜୁନ ନେଓ୍ୱର, ସନ୍ତୋଷ ସୁବେଦୀ, ମିଥୁନ ବାଘ, ତାପସ ରଞ୍ଜନ ପଟେଲ, ନଳୀନ ଠାକୁର, ଅଜୟ ଏକ୍କା, ଜୟସିଂ ସାଣ୍ଡା, ଯଦୁମଣି ମହନ୍ତ , ରାଜେଶ ଜେନା, ଏ.କେ. ମୁଦୁଲି, ଆଶୁତୋଷ ଦଳେଇ, ତପନ କୁମାର ରାଏ, ସୁବ୍ରତ ସାହୁ, ଏନୁଷ ରଇତା, ନରେନ୍ଦ୍ର ବେହେରା, ରାଜୁ ବିଶ୍ୱାଳ, ଜିତେନ୍ଦ୍ର ବରାଳ, ରାଜେଶ ସାବର, ବିପ୍ରବର ସାହୁ, ରକି ସାହୁ, ସୁରେନ ଓରାମ, ରାକେଶ ପ୍ରଧାନ, ଶିଶିର ଭୋଇ, ମୀନକେତନ ଜେନା, ମହେଶ ମଲ୍ଲିକ, ଅବିନାଶ କେର୍କେଟା, ଲେନିନ ପ୍ରଧାନଙ୍କୁ ଚିକିତ୍ସା ପାଇଁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଦୁର୍ଘଟଣା ଖବର ପାଇ ବେଲପାହାଡ଼ ପୌରପରିଷଦ ଅଧକ୍ଷ ପର୍ଶୁରାମ ସାହୁ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ହସ୍ପିଟାଲ ପଠାଇବା ପାଇଁ ସାହାଯ୍ୟ କରିଥିଲେ। ପରେ ଝାରସୁଗୁଡ଼ା ଜିଲାପାଳ ବିଭୂତି ଭୂଷଣ ଦାସ, ଆରକ୍ଷୀ ଅଧୀକ୍ଷକ ଅଶ୍ୱିନୀ କୁମାର ମହାନ୍ତି, ବେଲପାହାଡ଼ ପୌରାଧକ୍ଷ ପର୍ଶୁରାମ ସାହୁ ଟିଆର୍‌ଏଲ ହସ୍ପିଟାଲକୁ ଯାଇ ଆହତଙ୍କ ଭେଟି ସ୍ୱାସ୍ଥ୍ୟବସ୍ଥା ସଂକ୍ରାନ୍ତରେ ଡ଼ାକ୍ତରଙ୍କ ସହ ଆଲୋଚନା କରିଥିଲେ।



ଭିମ୍‌ସାରରେ ମୁଖ୍ୟମନ୍ତ୍ରୀ ଆହତଙ୍କୁ ଭେଟୁଛନ୍ତି।

## ୨ ମୃତକଙ୍କ ପରିବାରକୁ ୫ ଲକ୍ଷ ଲେଖାଏ ସହାୟତା

■ଭିମ୍‌ସାରରେ ଆହତଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

ସମ୍ବଲପୁର/ଚିପିଲିମା,୧।୩ (ବ୍ୟୁରୋ/ଡି.ଏନ.ଏ.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିମ୍‌ସାରରେ ପହଞ୍ଚି ଆହତ ପୋଲିସ କର୍ମଚାରୀଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବା ସହ ଆରୋଗ୍ୟ କାମନା କରିଛନ୍ତି। ଏହାସହ ସେମାନଙ୍କ ଚିକିତ୍ସା କରୁଥିବା ଡାକ୍ତରମାନଙ୍କ ସହ ମଧ ଆଲୋଚନା କରିଛନ୍ତି। ୨ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଦିଆଯିବ। ଏମାନଙ୍କ ପରିବାରରୁ ଜଣଙ୍କୁ ସରକାରୀ ଚାକିରି ଦିଆଯିବ ବୋଲି ମଧ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ମେଡିକାଲ ପରିସରରେ ମୁଖ୍ୟମନ୍ତ୍ରୀ ପ୍ରାୟ ୧୫ ମିନିଟ ରହିବା ସହ ସମସ୍ତଙ୍କୁ ମାଗଣାରେ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ଭିମସାର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ଜିଲାପାଳ ଶୁଭମ ସକସେନା, ଡିଆଇଜି ସତ୍ୟବ୍ରତ ଭୋଇ ଓ ଏସପି ସଞ୍ଜୀବ ଆରୋରା ପ୍ରମୁଖ ଏହି ସମୟରେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରୁ ବିମାନ ଯୋଗେ ଜମାଦାରପାଲି ଏୟାରଷ୍ଟ୍ରପରେ ପହଞ୍ଚି ପରେ ସେଠାରୁ ହେଲିକପ୍ଟର ଯୋଗେ ଏମ୍‌ସିଏଲରେ ଓହ୍ଲାଇଥିଲେ। ଏମ୍‌ସିଏଲରୁ କାର ଯୋଗ ଭିମ୍‌ସାର ପହଞ୍ଚିଥିଲେ।

# ବିଜେଡିରେ ମିଶିଲେ ମୁକୁନ୍ଦ ସୋଡ଼ି

ଭୁବନେଶ୍ୱର,୧।୩(ବ୍ୟୁରୋ)

ମାଲକାନଗିରି ପୂର୍ବତନ ବିଧାୟକ ତଥା ଭାଜପା ନେତା ମୁକୁନ୍ଦ ସୋଡ଼ି ଏବଂ ତାଙ୍କ ସମର୍ଥକମାନେ ଶୁକ୍ରବାର ବିଜେଡିରେ ମିଶିଛନ୍ତି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ନବୀନ ନିବାସରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଜେଡିରେ ସାମିଲ ହୋଇଥିବା ଅନ୍ୟ ବରିଷ୍ଠ ତୃଣମୂଳସ୍ତରୀୟ ନେତାମାନେ ହେଉଛନ୍ତି ଭେଙ୍କଟକଲାମ ସରପଞ୍ଚ ଦେବ ମାଡ଼କାମି, ଭେଗନବାଡ଼ା ସମିତି ସଭ୍ୟ ହରିବନ୍ଧୁ ହନ୍ତାଳ, ପଦ୍ମଗିରି ପୂର୍ବତନ ସରପଞ୍ଚ ଅର୍ଜୁନ ମାଡ଼କାମି, ଭାଜପା ନେତା ଶମ୍ଭୁ ବାଦୋଇ, ଠାକୁର ସରକାର, ମୁଡ଼ା ମାଡ଼କାମି, ସମରେଶ ମଣ୍ଡଳ, ଶ୍ରୀନିବାସ ସରକାର, ସୁବାସ ମଣ୍ଡଳ, କିରଣ୍ମୟୀ ସରକାରଙ୍କ ସମେତ ୨୦୦ରୁ ଊର୍ଦ୍ଧ୍ୱ ଭାଜପା ଓ କଂଗ୍ରେସ କର୍ମୀ ଆନୁଷ୍ଠାନିକ ଭାବେ ବିଜେଡିରେ ଯୋଗ ଦେଇଛନ୍ତି। ସୋଡ଼ିଙ୍କ ଯୋଗଦାନ ମାଲକାନଗିରି ଜିଲା ସହ ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳର ଶକ୍ତି ବୃଦ୍ଧି ହେବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ଅନୁରୂପ ଭାବେ କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଣ୍ଟାବାଞ୍ଜି, ତୁରେଇକେଲା, ମୁରିବାହାଲ ବ୍ଲକ କଂଗ୍ରେସ ଓ ଭାଜପାର ସମିତି ସଭ୍ୟ, ଅନୁସୂଚିତ ଜନଜାତି ପ୍ରତିନିଧିଙ୍କ ସହ ୧୫୦ରୁ ଊର୍ଦ୍ଧ୍ୱ କର୍ମୀ ବିଧାୟକ ଏମ୍‌ଡି. ଆୟୁବ ଖାଁଙ୍କ ନେତୃତ୍ୱରେ ଆନୁଷ୍ଠାନିକ ଭାବେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ମାଲକାନଗିରି ଜିଲା ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାସ, ମନ୍ତ୍ରୀ ଚନ୍ଦ୍ର ସାରଥୀ ବେହେରା, ଜିଲା ସଭାପତି ମାନସ ମାଡ଼କାମି, ରାଜ୍ୟ ହାଉସିଂ ବୋର୍ଡ ଅଧକ୍ଷ ଭୂପିନ୍ଦର ସିଂ, ଜିଲା ସଂଯୋଜକ ପ୍ରକାଶ ମହାନ୍ତି ଓ କୃଷକ ସେଲ୍ ଜିଲା ସଭାପତି ସୁବାସ ବାନାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।




TJM/TTL/19/ORI




## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ...............................


ରୁଦ୍ରନାରାୟଣ
ପରିବାରବର୍ଗ


ପଲ୍ଲିଶ୍ରୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified

**real estate**

**SALE**

Ready to move 3BHK premium duplex at Gandamunda Square (adjacent to Main road). Contact: 9437309741. D-11181

Readymade 3BHK flat, 3rd floor (Top) 1664 sqft. @ 65 lac including parking at Palasuni, Canal road, Rasulgarh. 9439716901. D-66102

30' road gharabari residential boundarywall plot at Canal Road (near petrol pump) Hanspal, Bhubaneswar, 7,80,000/-. 9437033320. D-65363

**Yellowzone plot sale near AIIMS Hospital ready for construction. 8480745797.** D-65372

Sthitiban plots available at Dashpur, Bhubaneswar near Biotech Park, 30' road adjacent 200' wide road. 9439614880. D-65365

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 9348253463, 8908292617.** D-11431

Bhubaneswar GITA College ଠାରେ 1200 sqft. 3,99,000/-ରେ demarcated plot ମିଳୁଅଛି। 9937146640. D-65369

Immediate registration & possession of gharabari plot near Patnaika Chowk in Bhubaneswar Puri NH and another ready to move 2BHK flat in Hanspal. Contact: 7606977222, 7978237779. D-65598

Mahanadi Vihar residential Plot (48X90) Clear Title. Buyers Contact 07977924258. D-63215

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 9348253463, 8908292617.** D-11432

Fully developed gharabari residential Patta plot sale 3km. from KIIT Big Bazaar, Bhubaneswar, electricity 30'road available. 9556003065, 7978159231. D-65373

Residential yellow zone plot & duplex available in Bhubaneswar near Hanspal. Mob: 9438296153. D-11440

Booking one lakh simplex 2BHK 1200 sqft. land 20,50,000/- BDA area Tankapani road, Sai Temple monthly installment 10000/-. 7735738102. D-11426

Sthitiban plot near Big Bazaar, Patia to 3km. singada mouza 100 decimal 4395 sqft., cost. Rs. 12 lakh. Contact: 8270495179. D-11425

**ଭୁବନେଶ୍ୱର KEC ଗୁଡ଼ିଆ ପୋଖରୀ ସାଇ ମନ୍ଦିର ନିକଟରେ ଘରବାରି ପଟ୍ଟା ପ୍ଲଟ 30ft. ରୋଡ୍ ପାଚେରି ସହିତ sqft. 649ରେ ବିକ୍ରିହେବ: 7008748309, 9438616722.** D-11430

**construction**

**Construct your Residential, Commercial and Industrial Civil Construction Projects with 20 years experienced with Expert Technical Team committed to delivering quality, cost effective construction within stipulated time & budgeted cost. SMPL. 9040008777.** D-11433

**to-let**

1200 sqft. office space on 1st floor available at Lewis Road, Bhubaneswar. Contact: 7008264670, 9937211223. D-58054

**healthcare**

Newly opening ayurvedic full body massage. 7077444583. D-11285

**education**

Contact for CBSE Mathematics personal Tuition (Class 9 to 12). Mob: 8895190794, Msc (Math). D-11414

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**25th Marriage Anniversary**



***Mr. Gangadhar Mishra***
***&***
***Mrs. Ritanjali Mishra***

Today is a special day, For a special couple like you, Sharing a very special love on your 25th Happy anniversary! Make it gorgeous! Wishes & blessings are always be there from Family, Friends & Relatives... D-11419

**୧୨ତମ ଜନ୍ମବାର୍ଷିକ ଶୁଭେଚ୍ଛା**



**ରୁଦ୍ରନାରାୟଣ (ବୁଟୁ)**
**ଗ୍ରାମ: ସରକନ୍ତାର, ଥାନା: ଖଣ୍ଡଗିରି**

ପ୍ରଭୁ ଶ୍ରୀଜଗନ୍ନାଥ ଓ ପ୍ରଭୁ ଶିରିଡିସାଇ ତୋତେ ଦୀର୍ଘାୟୁ କରନ୍ତୁ। ୧୨ ତମ ଜନ୍ମବାର୍ଷିକ ଅବସରରେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛୁ। ଶୁଭେଚ୍ଛା ସହ: ନନା, ବୋଉ, ବାବା, ନିନି-ବୋଉ, ଡାଡି, ମମି, ପାପା, ମମି, ଦୀପନ କାକା, ଲକି ଖୁଡୀ, ପିଣ୍ଟୁ ଭାଇନା, ସୋନି ଭାଉଜ, ମଣ୍ଟୁ ଭାଇନା, ମାମାନାନୀ, ମାମୁନି, ସୋନାଲି, ଗିଟୁ, ଅଜା, ଆଇ ଓ ମାମୁଁ, ମାଇଁ, ସାଥୀ ଓ ପରିବାରବର୍ଗ।
ଧ-୬୫୬୧୬

Now Matrimonial ads. only on Wednesday & Sunday
Book 1 Get 1 FREE


## ପିକ୍‌ଅପ୍ ଧକ୍କାରେ ଜଣେ ମୃତ

ମାଧପୁର, ୧।୩- ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ କିଆକଟା-ବୌଦ୍ଧ ମହାନଦୀ ବ୍ରିଜ ଟୋଲ ଗେଟ୍ ନିକଟରେ ଏକ ଅଜଣା ପିକ୍‌ଅପ୍ ଧକ୍କାରେ ଶୁକ୍ରବାର ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କିଆକଟା ପଞ୍ଚାୟତ ଧୂଡିଆପଡା ଗ୍ରାମର ଚକ୍ରଧର ନାୟକ(୪୦)। ସେ ବାଇକ୍ ଯୋଗେ ବୌଦ୍ଧ ମେଡିକାଲରେ ଚିକିତ୍ସାଧୀନ ତାଙ୍କ ବାପାଙ୍କ ନିକଟକୁ ଯାଉଥିବାବେଳେ ଦୁର୍ଘଟଣା ଘଟିଥିଲା। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ମେଡିକାଲ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ ଜବତ କରିଛି।


## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ତରୁଣ କୁମାର ଦାଶ**
ଉଦଳା, ମୟୂରଭଞ୍ଜ
ଆବିର୍ଭାବ: ୧୯।୦୮।୧୯୯୧
ତିରୋଧାନ: ୦୨।୦୩।୨୦୧୬
ବାବୁ, ମୋତେ ଅନ୍ଧକାରରେ ପକାଇ ଅଦେଖା ରାଇଜକୁ ଚାଲିଗଲୁ। ତୋର ଆତ୍ମା ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ସଦ୍‌ଗତି ଲାଭକରୁ ଏତିକି ପ୍ରାର୍ଥନା। ବାପା, ଭାଇ, ଭାଉଜ, ଝିଆରୀ, ନାନୀ, ନନା ଏବଂ ଭଣଜା।
ଧ-୬୪୦୪୮

**ନବମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ କାଳିଚରଣ ପ୍ରଧାନ**
ବାଘଡ଼ା ରୋଡ, ୱାର୍ଡ-୧୯,
ବାରିପଦା, ମୟୂରଭଞ୍ଜ
ତା. ୦୨.୦୩.୨୦୧୯
ଆପଣଙ୍କ ଶ୍ରଦ୍ଧା, ସ୍ନେହ ତଥା ଆଶୀର୍ବାଦ ସଦା ଆପଣମାନଙ୍କ ଉପରେ ରହିଥାଉ, ଏତିକି ଶ୍ରୀଜଗନ୍ନାଥଙ୍କ ଚରଣତଳେ ପ୍ରାର୍ଥନା। ଶୋକସନ୍ତପ୍ତ: ପତ୍ନୀ-ବାସନ୍ତୀ, ପୁତ୍ର ଓ ବଧୂ-ସୁଶୀଲ, ମାଧୁରୀ, ସୁନୀଲ, ସୀମା, ଅନିଲ, ରୁନୁ, ମଳୟ, ଜୁନୁ, ଝିଅ ଓ ଜ୍ୱାଇଁ-ପ୍ରେମ, କଟି, ସବ୍‌ଜଜ୍ ଟିକି, ସୁବାଷ, ନାତିନାତୁଣୀ ଓ ପ୍ରଧାନ ପରିବାରବର୍ଗ।
ଧ-୧୧୪୨୭

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଇଂ ରମେଶ ଚନ୍ଦ୍ର ମହାପାତ୍ର**
ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ, ଜାତୀୟ ରାଜପଥ
କାନନ ବିହାର, ଭୁବନେଶ୍ୱର
ଆବିର୍ଭାବ: ୩୦।୦୪।୧୯୪୩
ତିରୋଧାନ: ୦୮।୦୩।୨୦୧୩
ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ ପରିବାରବର୍ଗ।
ଧ-୬୫୬୧୫

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତା ଉଷା ପୃଷ୍ଟି**
ଇନ୍ଦିପୁର, ଢେଙ୍କାନାଳ
ଆବିର୍ଭାବ: ୦୩।୧୦।୧୯୧୬
ତିରୋଧାନ: ୨୦।୦୨।୨୦୧୯
ଆଜି ଏକାଦଶାହ ଉପଲକ୍ଷେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ବିନମ୍ର ପ୍ରାର୍ଥନା ଓ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଆପଣଙ୍କ ଆଶୀର୍ବାଦ ସଦାବେଳେ ଆମ ଉପରେ ଥାଉ, ଏତିକି ପ୍ରାର୍ଥନା। ଶୋକସନ୍ତପ୍ତ ପରିବାରବର୍ଗ।
ଧ-୧୧୩୮୪

**ଏକାଦଶାହ ଉପଲକ୍ଷେ**



**ସ୍ୱ ମୋହନ ଚାନ୍ଦ ଜଗଦେବ**
ଆବିର୍ଭାବ : ୦୭.୦୬.୧୯୩୪
ତିରୋଧାନ : ୨୦.୦୨.୨୦୧୯
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ପରିବାରବର୍ଗ ଓ ବନ୍ଧୁବାନ୍ଧବ
ଧ-୬୫୪୯୧

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**


# ୭ ଶିଳ୍ପାନୁଷ୍ଠାନକୁ ଜମି ଯୋଗାଇବେ ସରକାର

ଭୁବନେଶ୍ୱର, ୧।୩ (ବ୍ୟୁରୋ)

ରାଜ୍ୟରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲାଗି ସରକାର ୭ଟି ନୂତନ ଅଣଖଣିଜ ସେକ୍ଟରର ଶିଳ୍ପାନୁଷ୍ଠାନ ପାଇଁ ଜମି ମଞ୍ଜୁର କରିଛନ୍ତି। ଏହି କମ୍ପାନୀଗୁଡିକରେ ପ୍ରାୟ ୩୨୦୦ ଯୁବତୀ, ଯୁବକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇପାରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧ୍ୟକ୍ଷତାରେ ସଚିବାଳୟଠାରେ ଶୁକ୍ରବାର ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ଜମି ଆବଣ୍ଟନ କମିଟି ବୈଠକରେ ଏନେଇ ମଞ୍ଜୁରୀ ମିଳିଛି। ସରକାରୀ ସୂଚନା ମୁତାବକ, ଏବେ ସୁଦ୍ଧା ଡେରାସ୍‌ରେ ୧୫ଟି ଏବଂ ଇନ୍‌ଫୋଭାଲିରେ ୧୩ଟି ଏହିପରି ସମୁଦାୟ ୨୮ ଶିଳ୍ପାନୁଷ୍ଠାନ ପାଇଁ ସରକାରଙ୍କ ପକ୍ଷରୁ ଜମି ଆବଣ୍ଟନ କରାଯାଇସାରିଛି। ଏହିସବୁ ଶିଳ୍ପ ମାଧ୍ୟମରେ ୧୬,୩୧୫ରୁ ଅଧିକ ଯୁବତୀ,ଯୁବକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ସରକାରଙ୍କ ପକ୍ଷରୁ ଦୃଢୋକ୍ତି ପ୍ରକାଶ କରାଯାଇଛି।

ଶୁକ୍ରବାର ବସିଥିବା ବୈଠକରେ ଇଡ୍‌କୋ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ କୁମାର ସିଂ କମ୍ପାନୀଗୁଡିକଠାରୁ ମିଳିଥିବା ପୁଞ୍ଜିନିବେଶ ପ୍ରସ୍ତାବ ଏବଂ ଆବଶ୍ୟକ ଜମି ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରିଛନ୍ତି। ଏହାସହ ଶିଳ୍ପାନୁଷ୍ଠାନଗୁଡିକ ପାଇଁ ବାସ୍ତବରେ କେତେ ଜମି ଆବଶ୍ୟକତା ରହିଛି ଏହାର ଠିକ୍ ଆକଳନ ପାଇଁ ମୁଖ୍ୟ ଶାସନ ସଚିବ ଇପିକଲ୍, ଓକାକ୍ ଏବଂ ସଞ୍ଜୋଗକାରୀ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଦ୍ୟୁତିକ ଏବଂ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ସମ୍ପର୍କିତ ଶିଳ୍ପଗୁଡିକ ପାଇଁ ଜମି ଆବଶ୍ୟକତାର ଠିକ୍ ଆକଳନ ଯାଞ୍ଚ ଲାଗି ଏକ ବୈଷୟିକ ମାନଦଣ୍ଡ ପ୍ରସ୍ତୁତ କରିବା ପାଇଁ ମଧ୍ୟ ଓକାକ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅବସରରେ ଇଡ୍‌କୋ ସିଏମ୍‌ଡି ସଞ୍ଜୟ ସିଂ ପ୍ରସ୍ତାବ ଦେଇଛନ୍ତି ଯେ, ଡେରାସ୍ଥିତ ସାମୁଦ୍ରିକ ଖାଦ୍ୟ ପାର୍କ ଏବଂ ଖୋର୍ଦ୍ଧାଠାରେ ଇନ୍‌ଫୋଭାଲି ଶିଳ୍ପାଞ୍ଚଳରେ ଭିତ୍ତିଭୂମି ଓ ଆନୁଷଙ୍ଗିକ ସୁବିଧା ସୁଯୋଗର ଦ୍ରୁତ ବିକାଶ ଯୋଗୁ ଅଧିକରୁ ଅଧିକ ପୁଞ୍ଜି ନିବେଶକାରୀ ଏଠାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ସରକାରୀ ସୂଚନା ମୁତାବକ, ଆଇ.ଟି.ସି. କମ୍ପାନୀକୁ ବିସ୍କୁଟ ଓ ସ୍ନାକ୍ସ ଉତ୍ପାଦନ ପାଇଁ ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ୫.୨୦ଏକର, ଷ୍ଟାର୍ ଜି.ଏସ୍.ଏମ. କମ୍ପାନୀକୁ ବୈଦ୍ୟୁତିକ ସରଞ୍ଜାମ ପ୍ରସ୍ତୁତି ପାଇଁ ଇନ୍‌ଫୋଭାଲିରେ ୫.୦୩ଏକର, ସି.ଟି.ଇ.ଏଲ୍ ଇନ୍‌ଫୋସିଷ୍ଟମ କମ୍ପାନୀକୁ ସଫ୍ଟୱେର ପ୍ରସ୍ତୁତି ପାଇଁ ଇନ୍‌ଫୋଭାଲିରେ ୪.୧୦ଏକର, ସାବରୀ ଫୁଡ୍ କମ୍ପାନୀକୁ ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ ଲାଗି ଡେରାସ୍ ଫୁଡ୍ ପାର୍କରେ ୩ ଏକର, ରାସାୟନିକ ଟେକ୍ନୋଲୋଜି ପ୍ରତିଷ୍ଠାନ ପାଇଁ ଭୁବନେଶ୍ୱରରେ ୨୦ଏକର ଏବଂ ଓଡିଶା କୌଶଳ ବିକାଶ କର୍ତ୍ତୃପକ୍ଷଙ୍କୁ ବିଶ୍ୱ କୌଶଳ କେନ୍ଦ୍ର ପ୍ରତିଷ୍ଠା ପାଇଁ ମଞ୍ଚେଶ୍ୱରଠାରେ ୪ଏକର ଜମି ପାଇଁ ମଞ୍ଜୁରୀ ଦେଇଛନ୍ତି। ଏହାଛଡା ଇନ୍‌ଫୋଭ୍ୟାଲିଠାରେ ବ୍ୟାଟେରି, ଇନଭରଟର ଓ ସୌର ପ୍ୟାନେଲ୍ ପ୍ରସ୍ତୁତି ଲାଗି ଆସିଥିବ ଅନ୍ୟ ଏକ ପ୍ରସ୍ତାବ ଉପରେ ଠିକ୍ ଆବଶ୍ୟକତାର ଆକଳନ ପାଇଁ କମିଟିକୁ ନିର୍ଦ୍ଦେଶ ଦିଆଯାଇଛି। ୫ଟି ଶିଳ୍ପ ପ୍ରକଳ୍ପ ମାଧ୍ୟମରେ ପ୍ରାୟ ୩୦୫କୋଟି ଟଙ୍କାର ପୁଞ୍ଜିନିବେଶ ହେବ ବୋଲି କୁହାଯାଇଛି।

**୩୨୦୦ ଯୁବତୀ, ଯୁବକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ**

## ପ୍ରଥମ ପୃଷ୍ଠାରୁ...

### ଭାରତରେ ...

ପ୍ରଥମ ପୃଷ୍ଠାରୁ...

ଦୂର ଲାହୋର ଅଣାଯାଇଥିଲା। ଅପରାହ୍ନ ପ୍ରାୟ ୫ଟାରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ତାଙ୍କୁ ୱାଘା ସୀମାରେ ପହଞ୍ଚାଯାଇଥିଲା। ଭାରତ ମାଟିର ପୁଅ ସ୍ୱଦେଶ ଫେରୁଛି ବୋଲି ସୀମା ସୁରକ୍ଷା ବଳ (ବିଏସ୍ଏଫ୍) ପକ୍ଷରୁ ୧୯୫୯ରୁ ନିୟମିତ ଚାଲିଥିବା ଧ୍ୱଜାବତରଣ ଉତ୍ସବକୁ ବନ୍ଦ କରାଯାଇଥିଲା। ହେଲେ ପ୍ରତିପକ୍ଷ ପାକିସ୍ତାନୀ ରେଞ୍ଜର୍ସ ଚିରାଚରିତ ଭାବେ ଏହି କାର୍ଯ୍ୟକ୍ରମ ଜାରି ରଖିଥିଲେ। ସେପଟେ ଅଭିନନ୍ଦନଙ୍କ ଝଲକ ଟିକିଏ ପାଇବା ପାଇଁ ସେଠାରେ ତାଙ୍କ ମା'ବାପାଙ୍କ ସହ ୨୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଅପେକ୍ଷାରେ ରହିଥିଲେ। ସେମାନଙ୍କ ଦେଶାତ୍ମବୋଧକ ସ୍ଲୋଗାନରେ ଗଗନପବନ ପ୍ରକମ୍ପିତ ହୋଇଉଠୁଥିଲା। ସମୟ ଯେତିକି ଗଡ଼ି ଚାଲିଥିଲା ଲୋକଙ୍କ ଉତ୍ସୁକତା ସେତିକି ବଢ଼ିଚାଲିଥିଲା। ବିଳମ୍ବକୁ ନେଇ ସାରା ଦେଶର ଜନତାଙ୍କ ହୃତ୍‌ସ୍ପନ୍ଦନ ବଢୁଥିଲା। ଶେଷରେ ସେହି ବହୁପ୍ରତୀକ୍ଷିତ ସମୟ ଆସିଲା। ରାତି ୯ଟା ୧୬ରେ ସେନା ଅଧିକାରୀଙ୍କ ସହ ଅଭିନନ୍ଦନ ଥିବା ଦୃଶ୍ୟ ସାମ୍ନାକୁ ଆସିଲା।

ଅଭିନନ୍ଦନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ତାଙ୍କୁ ଭାରତୀୟ କର୍ତ୍ତୃପକ୍ଷଙ୍କୁ ୫ଟା ୨୦ରେ ହସ୍ତାନ୍ତର କରାଯାଇଥିଲେ ହେଁ ସମସ୍ତ ଔପଚାରିକତା ପୂରଣ ହୋଇ ନ ଥିବାରୁ ମୁକ୍ତ କରିବାରେ ବିଳମ୍ବ ହୋଇଥିବା କୁହାଯାଉଛି। ମିଳିଥିବା ସୂଚନାନୁସାରେ କାଗଜପତ୍ର ପ୍ରସ୍ତୁତି ଯୋଗୁ ପ୍ରକ୍ରିୟା ୨ ଥର ବିଳମ୍ବିତ ହୋଇଛି। ତାଙ୍କୁ ୱାଘା ସୀମାରୁ ପଞ୍ଜାବର ଅଟ୍ଟାରି ଅଣାଯିବା ପରେ ସେଠାରୁ ଅମୃତସର ନିଆଯାଇଛି। ଅମୃତସର ବିମାନବନ୍ଦରରୁ ଅଭିନନ୍ଦନଙ୍କ ସହ ମା'ବାପା ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା କରିଥିବା ସୂଚନା ମିଳିଛି। ଏହାକୁ ଭାରତର କୂଟନୈତିକ ବିଜୟ ବୋଲି କୁହାଯାଉଛି। ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ନିଜ ଦେଶ ମାଟିରେ ପାଦ ଥାପିଥିବାରୁ ସବୁଠି ତାଙ୍କୁ ଅଭିନନ୍ଦନ ଜଣାଯାଉଛି। ଏବେ ସାରା ଦେଶରେ ଉତ୍ସବର ମାହୋଲ ଲାଗିରହିଛି। ପ୍ରାୟ ୩ ଦିନ ପରେ ଅଭିନନ୍ଦନଙ୍କୁ ଫେରିପାଇଥିବାରୁ ଆମେ ଖୁସି ବୋଲି ବାୟୁସେନା ଉପମୁଖ୍ୟ ଆରଜିକେ କପୁର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

### ଲୋକ ସଭା ନିର୍ବାଚନ ...

ଯଦି ତାଳମେଳ ନ ମିଳେ ତେବେ ସେମାନେ ନିର୍ବାଚନ କମିଶନଙ୍କ ୱେବସାଇଟରେ ଏହା ଜଣାଇବେ ଏବଂ ପ୍ରାର୍ଥୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଇସି କହିଛନ୍ତି। ଉତ୍ତେଜନାପୂର୍ଣ୍ଣ ଭାଷଣ ପାଇଁ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଥିସହିତ ସାଧାରଣ ନାଗରିକଙ୍କ ଲାଗି ଖୁବ୍‌ଶୀଘ୍ର ସି-ଭିଜିଲ୍ ଆପ୍ ଲଞ୍ଚ ହେବାକୁ ଯାଉଛି ଯେଉଁଥିରେ ଯେକୌଣସି ନାଗରିକ ଅଭିଯୋଗ ପୋଷ୍ଟ କରିପାରିବେ ଏବଂ ସେମାନଙ୍କ ନାଁକୁ ଗୋପନ ରଖାଯିବ। ସୋସିଆଲ ମିଡିଆ ଉପରେ ନଜର ରଖିବାକୁ କମିଟି ଗଠନ ହେବ ବୋଲି ଆରୋରା କହିଛନ୍ତି।

### ଆଜିଠୁ ସିବିଏସ୍‌ଇ...

କୌଣସି ଆବଶ୍ୟକ ଜିନିଷ ନେବାର ଥିଲେ ତାହା ଟ୍ରାନ୍ସପରେଣ୍ଟ ବ୍ୟାଗ୍‌ରେ ନେଇପାରିବେ। ଯେଉଁ ଛାତ୍ରୀଛାତ୍ରଙ୍କ ଡାଇବେଟିସ୍ ଥିବ, ସେମାନେ ସାଙ୍ଗରେ ଖାଦ୍ୟ ନେଇ ଯାଇପାରିବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ତେବେ ମୋବାଇଲ ଫୋନ୍, ସ୍ମାର୍ଟ ୱାଚ୍, ପର୍ସ ଆଦି କେହି ସାଙ୍ଗରେ ନେଇପାରିବେ ନାହିଁ ବୋଲି ବୋର୍ଡ ପକ୍ଷରୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ସିବିଏସ୍‌ଇ ଦଶମ ପରୀକ୍ଷା ମାର୍ଚ୍ଚ ୨୯ରେ ଶେଷ ହେବାକୁ ଥିବାବେଳେ ଦ୍ୱାଦଶ ପରୀକ୍ଷା ଏପ୍ରିଲ ୩ରେ ଶେଷ ହେବ।

### ପାକିସ୍ତାନରେ ...

ଇମ୍ରାନ୍ ଖାନ୍ ସରକାର ନୂଆ ବିଚାରଧାରା ନେଇ ନୂଆ ପାକିସ୍ତାନର ନେତୃତ୍ୱ ନେଉଛନ୍ତି। ସ୍ଥିତି ସ୍ୱାଭାବିକ କରିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସହଯୋଗ କରିଥିବାରୁ ତାଙ୍କୁ ଧନ୍ୟବାଦ ଦେଇଛନ୍ତି କୁରେଶୀ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଭାଗ୍ୟ ସ୍ଥାନରେ ଶନି ସହ ଚନ୍ଦ୍ରଙ୍କ ସଂଯୋଗ ଆପଣଙ୍କ କର୍ମ ସମୂହକୁ ସମ୍ପନ୍ନ କରିବାରେ ବହୁତ ସମୟ ନେଇପାରେ। ବୁଧଙ୍କ ଦୁର୍ବଳତା କାରଣରୁ ସରଳ ଭାବରେ ବିଶ୍ୱାସକରି ଅସୁବିଧାରେ ପଡ଼ିପାରନ୍ତି। ତଥାପି ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ପାଇବେ। ସଭାସମିତିରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହୋଇପାରନ୍ତି।

**ବୃଷ**
ଅଷ୍ଟମସ୍ଥ ଭାଗ୍ୟାଧିପତି ଆପଣଙ୍କୁ ଶୁଭଫଳ ଦେବାର ସାମର୍ଥ୍ୟ ହରାଇପାରନ୍ତି। ଭାବପ୍ରବଣତାବଶତଃ ବନ୍ଧୁଙ୍କ ସହ ଥଟ୍ଟାମଜା କଥା ଅଶାନ୍ତିର କେନ୍ଦ୍ରବିନ୍ଦୁ ପାଲଟି ଯାଇପାରେ। ପାପଗ୍ରହ ଯୁକ୍ତ ରାଶ୍ୟାଧିପ ମିତ୍ରକ୍ଷେତ୍ରସ୍ଥ ହେଲେ ମଧ୍ୟ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବା ଭଲହେବ। କୌଣସି ବିଜାତୀୟ ବ୍ୟକ୍ତିଙ୍କ ସାହାଯ୍ୟ ନେଇ ବ୍ୟବସାୟ ବଢ଼ାଇପାରନ୍ତି।

**ମିଥୁନ**
ରାଶି ଓ ଚତୁର୍ଥାଧିପ ବୁଧ ନୀଚ ଭାବରେ ଅବସ୍ଥାନ କରିଥିଲେ ମଧ୍ୟ ଉଚ୍ଚସ୍ଥାନକୁ ଦୃଷ୍ଟିଦେଇ ସାମାଜିକ ସ୍ତରରେ ପ୍ରତିଷ୍ଠିତ କରାଇପାରନ୍ତି। ଫଳତଃ ବନ୍ଧୁମାନଙ୍କ ସାହାଯ୍ୟ ନେଇ ପ୍ରତ୍ୟେକ କ୍ଷେତ୍ରରେ ସୁବିଧା ସୁଯୋଗ ଲାଭର ମଉକା ପାଇପାରିବେ। ନୂତନ କର୍ମାରମ୍ଭ ସହ ସଭାସମିତି କ୍ଷେତ୍ରରୁ ପ୍ରଶଂସିତ ହେବେ। ଆଲୋଚନା କ୍ଷେତ୍ରରେ ବିବାଦଗ୍ରସ୍ତ ହୋଇପାରନ୍ତି।

**କର୍କଟ**
କେନ୍ଦ୍ର କୋଣାଧିପ ମଙ୍ଗଳ ଦୃଷ୍ଟିରୁ ପାରିବାରିକ ଜୀବନ ସୁଖ, ସ୍ୱାଚ୍ଛନ୍ଦ୍ୟରେ ଅତିବାହିତ ହେବ। କର୍ମକ୍ଷେତ୍ରରୁ ଉଚ୍ଚ ସମ୍ମାନ, ପ୍ରତିଷ୍ଠା ପାଇବାରେ ବନ୍ଧୁମାନେ ସାହାଯ୍ୟ କରିବେ। ଦୀର୍ଘଦିନରୁ ରହି ଆସିଥିବା ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେଇପାରନ୍ତି।

**ସିଂହ**
ରବି ଓ ଚନ୍ଦ୍ର କେନ୍ଦ୍ର ଏବଂ କୋଣଭାବରେ ରହିଥିବାରୁ ଆପଣଙ୍କ ଯାତ୍ରାରେ ଲକ୍ଷ୍ୟ ପୂରଣ ହୋଇଯିବ। ଶିଳ୍ପ, ବାଣିଜ୍ୟ, ଆଇନ, ଅଦାଲତ ଓ ପ୍ରତିଯୋଗିତା କ୍ଷେତ୍ରରେ ଆଶାନୁଯାୟୀ ସୁଫଳ ପାଇବେ। ଚନ୍ଦ୍ରଙ୍କ ସ୍ଥିତିଜନିତ ବହୁତ ଦିନରୁ ଭାଙ୍ଗିପଡ଼ିଥିବା ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟାକଲେ ମଧ୍ୟ ବିଫଳ ହୋଇପାରନ୍ତି।

**କନ୍ୟା**
ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବା ସହ ବନ୍ଧୁମାନଙ୍କ ସହାନୁଭୂତି ଲାଭ କରିପାରିବେ। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ କୌଣସି କାର୍ଯ୍ୟ ସକାଶେ ସମ୍ମତି ପ୍ରଦାନ କରିପାରନ୍ତି। ପିଲାମାନଙ୍କ କଳହକୁ କେନ୍ଦ୍ରକରି ଦୁଶ୍ଚିନ୍ତା ବୃଦ୍ଧି ପାଇବ। ଯାତ୍ରା, ସଭାସମିତି, ପ୍ରଶାସନ ଏବଂ ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଦୂରହେବାର ସୂଚନା ରହିଛି।

**ତୁଳା**
ରାହୁ ଓ ଚନ୍ଦ୍ରଙ୍କ ସ୍ଥିତି ଆପଣଙ୍କ କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତିକୁ ବେସାହାରା କରିପାରନ୍ତି। ଭୁଲ୍ ବୁଝାମଣାରୁ ଆତ୍ମୀୟମାନଙ୍କ ସହ ସୁସମ୍ପର୍କ ରହି ନ ପାରେ। ସ୍ତ୍ରୀକାରକ ଗ୍ରହ ଶୁକ୍ର ମିତ୍ର ଶନିଙ୍କ କ୍ଷେତ୍ରସ୍ଥ ହେତୁ ସ୍ତ୍ରୀଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ମତାନ୍ତର କମ୍ ସମୟ ମଧ୍ୟରେ ଦୂରୀଭୂତ ହୋଇଯିବ।

**ବିଛା**
ଜନ୍ମରାଶିରେ ବୃହସ୍ପତି ଆପଣଙ୍କ ଉନ୍ନତ ଚିନ୍ତା ଓ ଯୋଜନାକୁ ଲକ୍ଷ୍ୟଭ୍ରଷ୍ଟ କରାଇପାରନ୍ତି। ଅବଶ୍ୟ ଶିକ୍ଷା, ସନ୍ତାନ, ମନ୍ତ୍ରଣା, ସମ୍ପର୍କ ସ୍ଥାପନ କ୍ଷେତ୍ରରେ ଆଶାଜନକ ସୁଫଳ ପାଇବେ। ଅଯଥା କାମରେ ବ୍ୟୟାଧିକ୍ୟ ଜନିତ ପଶ୍ଚାତେ ମନସ୍ତାପ କରିପାରନ୍ତି। କର୍ମକ୍ଷେତ୍ରରେ ଅସମ୍ପୂର୍ଣ୍ଣ କାର୍ଯ୍ୟ କିଛି ଅଂଶରେ ବଢ଼ିଚାଲିବ।

**ଧନୁ**
ବୁଧଙ୍କ ଦୃଷ୍ଟି ଓ ଚନ୍ଦ୍ରଙ୍କ ସ୍ଥିତି ଅଶୁଭତ୍ୱ ନିରାକରଣ କରି ସୁଫଳ ପ୍ରଦାନ କରିପାରିବେ। ଫଳତଃ ବନ୍ଧୁ ସମ୍ପର୍କ, ପାରିବାରିକ ସଦ୍‌ଭାବ, ନୂତନ ଗୃହ, ଯାନ ବାହନ, ବସ୍ତ୍ରଆଭୂଷଣାଦି ଲାଭଯୋଗ ପାଇବେ। କିନ୍ତୁ ଉତ୍ତରାଷାଢ଼ା ନକ୍ଷତ୍ର ଯେଉଁ ଜିନିଷଟିକୁ ପାଇବାକୁ ଅପେକ୍ଷା କରଛନ୍ତି ତାହା ସାମାନ୍ୟ ବିଳମ୍ବରେ ପାଇପାରନ୍ତି।

**ମକର**
ରାଶିରେ ଶୁକ୍ର ରହିଥିବାରୁ ଆପଣ ମନ ଅନୁଯାୟୀ କାର୍ଯ୍ୟହାସଲ କରିବା ସହ ଅଭିଳଷିତ ଜିନିଷ ପାଇପାରିବେ। ସଭାସମିତି କିମ୍ବା କୌଣସି ବନ୍ଧୁମିଳନ ଭିତରେ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ସ୍ୱଗୃହାଭିମୁଖୀ ଶନିଙ୍କ ପ୍ରଭାବଜନିତ ପ୍ରତ୍ୟେକ ପରିସ୍ଥିତିରେ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାପାଇଁ ସମର୍ଥ ହେବେ।

**କୁମ୍ଭ**
ରବି ନିଜ ରାଶିରେ ଅବସ୍ଥାନ କରିଥିବାରୁ ସରକାରୀ କାମରୁ ଲାଭ,ସହାୟତା ସାଙ୍ଗକୁ ସ୍ଥଗିତ କାର୍ଯ୍ୟ ହାସଲରେ ଅସୁବିଧା ରହିବନାହିଁ। ପ୍ରତିପକ୍ଷ ମିତ୍ରତାର ହାତ ବଢ଼ାଇବେ ଏବଂ ବିଭିନ୍ନ ଦିଗରୁ ଆନୁଷଙ୍ଗିକ ସହଯୋଗ ମଧ୍ୟ ପାଇପାରିବେ। ଅସୁବିଧାଜନକ ପରିସ୍ଥିତି କ୍ରମଶଃ ଦୂରେଇଯିବା ସହ ବନ୍ଧୁମାନଙ୍କ ଆତିଥ୍ୟରୁ ଖୁସି ରହିବେ।

**ମୀନ**
ଏକାଧିକ ଗ୍ରହ ଶୁଭସମ୍ପର୍କ ରଖୁଥିବାରୁ ଆପଣଙ୍କ ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇପାରିବ। ସାମାଜିକ ସ୍ତରରେ ତ୍ୟାଗ,ସହନଶୀଳତା ଓ ଉଦାରତା ଗୁଣରୁ ପ୍ରଶଂସିତ ହେବେ। ପୁରାଣ ପଠନ,ଆଲୋଚନା ସାଙ୍ଗକୁ ଧର୍ମକାର୍ଯ୍ୟ ପ୍ରତିରୁଚି ବଳିବ। ପ୍ରଶାସନିକ ସ୍ତରରେ, ସଭାସମିତି ଓ ବାଣିଜ୍ୟ,ବ୍ୟବସାୟ କ୍ଷେତ୍ରରେ ସୁଫଳ ଆଶା କରାଯାଇପାରେ।

ଆଜି ଫାଲ୍‌ଗୁନ କୃଷ୍ଣପକ୍ଷର ପଙ୍କୋଦ୍ଧାର ଏକାଦଶୀ ଶନିବାର, ମାର୍ଚ୍ଚ ୨ତାରିଖ, ଦିବା ଘ୧୧।୦୦ମି. ଗତେ ଦ୍ୱାଦଶୀ, ଏକାଦଶୀର ବ୍ରତ ଓ ଉପବାସ, ରାଶିନକ୍ଷତ୍ର-ଉତ୍ତରାଷାଢ଼ା/ଧନୁ, ଦିବା ଘ୧।୧୮ମି. ଗତେ ମକରଚନ୍ଦ୍ର, ଦ୍ୱାଦଶୀର ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ। ଦିବା ଘ୧୨।୦୨ମି. ଗତେ, ଘ୧।୨୯ମି. ମଧ୍ୟେ ଅମୃତବେଳା। ଦିବା ଘ୭।୩୭ମି. ଗତେ, ଘ୯।୦୪ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୯।୦୪ମି. ଗତେ ଘ୧୦।୩୨ମି. ମଧ୍ୟେ ରାହୁକାଳ।



ଗୋଟିଏ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିଦେଲେ ଆଉ ଗୋଟିଏ ପାଇଁ ଆପେ ଆପେ ବାଟ ଫିଟିଯାଏ।
- ଆର. ଡବ୍ଲ୍ୟୁ. ଇମରସନ୍

ଯୁବ ବାହିନୀଙ୍କୁ ମାଗଣା ମୋବାଇଲ




## ଅର୍ଥ ଥାଇ ଆରଆଇ ସର୍କଲ ନୋହିଲା

ଭୁବନେଶ୍ୱର,୧।୩(ବ୍ୟୁରୋ)

ରାଜସ୍ୱ ବିଭାଗ ସୁବିଧା ପାଇଁ ଅଧିକ ଆରଆଇ ସର୍କଲ ପ୍ରତିଷ୍ଠା କରାଯିବାର ଆବଶ୍ୟକତା ରହିଛି। ଏଥିପାଇଁ ୯୨୯.୯୨ କୋଟି ଟଙ୍କାର ପ୍ରସ୍ତାବ ରହିଛି। ହେଲେ ଆଶ୍ଚର୍ଯ୍ୟର କଥା ରାଜସ୍ୱ ସଂସ୍କାର ପ୍ରକ୍ରିୟାରେ ପୁନର୍ଗଠନ କରାଯାଇ ନୂତନ ସର୍କଲ ନେଇ ସରକାର କୌଣସି ନିର୍ଦ୍ଦିଷ୍ଟ ସମୟସୀମା ନିର୍ଦ୍ଧାରଣ କରିନାହାନ୍ତି। ସୂଚନା ଅଧିକାର ଦ୍ୱାରା ମିଳିଥିବା ତଥ୍ୟରୁ ଏହା ସ୍ପଷ୍ଟ ହୋଇଛି। ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଆଇନଜୀବୀ ବି.ଶଙ୍କର ପାତ୍ରଙ୍କ ଦ୍ୱାରା ଏନେଇ ସୂଚନା ଅଧିକାର ଆବେଦନ କରାଯାଇଥିଲା। ସେହିପରି ରାଜ୍ୟରେ ବର୍ତ୍ତମାନ ୨୨୭୨ ରାଜସ୍ୱ ସର୍କଲ ରହିଛି। ପୁନର୍ଗଠନ କରାଯାଇ ନୂତନ ସର୍କଲ କରାଯିବାର କୌଣସି ପ୍ରସ୍ତାବ ନ ଥିବା ମଧ୍ୟ ଉତ୍ତରରେ ଉଲ୍ଲେଖ କରାଯାଇଛି। କିଛିମାସ ତଳେ ଏନେଇ ଅର୍ଥ ବିଭାଗକୁ ଦିଆଯାଇଥିବା ପ୍ରସ୍ତାବ ନାମଞ୍ଜୁର ମଧ୍ୟ ହୋଇଛି। ନୂଆ ରାଜସ୍ୱ ସବ୍‌ଡିଭିଜନ୍ ନେଇ ମଧ୍ୟ କୌଣସି ପ୍ରସ୍ତାବ ନାହିଁ। ବର୍ତ୍ତମାନ ଥିବା ରାଜସ୍ୱ ସର୍କଲକୁ ଛାଡ଼ି ଆଉ ୪୧୩୩ ସର୍କଲ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ରାଜସ୍ୱ ବିଭାଗ ପାଖରେ ରହିଛି। ତନ୍ମଧ୍ୟରୁ ଗଞ୍ଜାମ ଜିଲାରା ସର୍ବାଧିକ ୨୩ ତହସିଲରେ ୩୦୪ ଆରଆଇ ସର୍କଲ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ରହିଥିବା ଜଣାପଡିଛି।

### ■ଓପିଜିସିର ୩ୟ, ୪ର୍ଥ ୟୁନିଟ୍ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

# ବିଦ୍ୟୁତ୍ କ୍ଷେତ୍ରରେ ଇତିହାସ ସୃଷ୍ଟି କଲା ଓଡ଼ିଶା

ଲଖନପୁର,୧।୩(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବନହରପାଲିସ୍ଥିତ ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ(ଓପିଜିସି)ର ୬୬୦ମେଗାୱାଟ୍ ବିଶିଷ୍ଟ ୩ୟ, ୪ର୍ଥ ୟୁନିଟ୍‌କୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ଉଦ୍ଦେଶ୍ୟରେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ କହିଲେ, ରାଜ୍ୟ ସରକାରଙ୍କ ନିଜସ୍ୱ ବିଦ୍ୟୁତ୍ ନିଗମ ଓପିଜିସି ରହିଛି । ଏହାର ୩ୟ, ୪ର୍ଥ ୟୁନିଟ୍ ଆଜି କାର୍ଯ୍ୟକ୍ଷମ ହୋଇଛି। ଏଥିରୁ ୧୩୨୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ହେବ। ଏହା ରାଜ୍ୟର ବିଦ୍ୟୁତ୍ ଚାହିଦା ପୂରଣ କରିବ । ଏହି ୨ ୟୁନିଟ୍ କାର୍ଯ୍ୟକ୍ଷମ ହେବା ପରେ ବିଦ୍ୟୁତ୍ କ୍ଷେତ୍ରରେ ଓଡ଼ିଶା ଏକ ନୂଆ ଇତିହାସ ସୃଷ୍ଟି କରିଛି । ଆସନ୍ତା ୨୫ବର୍ଷ ପାଇଁ କ୍ୱାଲିଟି ପାୱାର ଯୋଗାଇବାରେ ଏହି ୨ ୟୁନିଟ୍ ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ରାଜ୍ୟରେ ବିଦ୍ୟୁତ୍ କ୍ଷେତ୍ରରେ ବିକାଶ ହୋଇଛି। ରାଜ୍ୟର ସବୁଗ୍ରାମକୁ ବିଦ୍ୟୁତ୍ ପହଞ୍ଚି ପାରିଛି। ୧ କୋଟି ଘରକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି । ରାଜ୍ୟ ପାଇଁ ଆଜିର ଦିବସ ଏକ ଐତିହାସିକ ଦିନ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂ କହିଥିଲେ, ଓପିଜିସିରୁ ୧୩୨୦ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ପରେ ରାଜ୍ୟରେ ଦେଖାଦେଉଥିବା ବିଦ୍ୟୁତ୍ ସମସ୍ୟା ଦୂରହେବା ସାଙ୍ଗକୁ ଓଡ଼ିଶା ବଳକା ବିଦ୍ୟୁତ୍ ରାଜ୍ୟ ଭାବେ ପରିଗଣିତ ହେବ। ଏହା ସହିତ ୩ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଶକ୍ତିମନ୍ତ୍ରୀ ସିଂ କହିଥିଲେ। ଏହି ଅବସରରେ ସ୍ଥାନୀୟ ରାଜୀବ ଗାନ୍ଧୀ ପଡ଼ିଆରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ମୁଖ୍ୟମନ୍ତ୍ରୀ ସୁନ୍ଦରଗଡ଼ ମନୋହରପୁର କୋଲ୍‌ବ୍ଲକ୍‌କୁ ସୁଇଚ୍ ଟିପି ଉଦ୍‌ଘାଟନ କରିଥିଲେ। ଏହି ସଭାରେ ଶକ୍ତିମନ୍ତ୍ରୀ ସିଂ, ଏମ୍‌ପି ପ୍ରଭାସ ସିଂହ, ଶକ୍ତିସଚିବ ହେମନ୍ତ ଶର୍ମା, ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକ, ଓପିଜିସି ମୁଖ୍ୟପରିଚାଳକ ଇନ୍ଦ୍ରନୀଳ ଦତ୍ତ, ଏଇଏସ୍ ଅଧିକାରୀ ମାର୍କ ଗ୍ରୀନ୍ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏଥିରେ କମ୍ପାନୀ ଅଧିକାରୀ, କର୍ମଚାରୀ ଓ ସ୍ଥାନୀୟ ଜନସାଧାରଣଙ୍କ ସମେତ ୫ହଜାର ଲୋକଙ୍କ ସମାଗମ ହୋଇଥିଲେ। ସୂଚନାଯୋଗ୍ୟ, ୧୧ହଜାର ୫୪୭କୋଟି ଟଙ୍କା ବ୍ୟୟରେ ୩ୟ, ୪ର୍ଥ ୟୁନିଟ୍ ନିର୍ମାଣ ହୋଇଛି । ସେହିପରି ୧୩ ଶହ ୮୨କୋଟି ଟଙ୍କା ବ୍ୟୟରେ ମନୋହରପୁରରେ ଆରମ୍ଭ ହୋଇଛି କମ୍ପାନୀର ନିଜସ୍ୱ କୋଲ୍‌ବ୍ଲକ।

# କଲେଜ ଛାତ୍ରୀଙ୍କୁ ବଳାତ୍କାର, ଅଶ୍ଳୀଳ ଫଟୋ ଭାଇରାଲ

### ■ସ୍କୁଲ ଶିକ୍ଷକଙ୍କ ବିରୋଧରେ ଅଭିଯୋଗ ଆଣିଲେ ପୀଡ଼ିତା

ବଲାଙ୍ଗୀର ଅଫିସ, ୧।୩

ବଲାଙ୍ଗୀର ଜିଲା ମୁରିବାହାଲ ଥାନା ଅଞ୍ଚଳର ଜଣେ କଲେଜ ଛାତ୍ରୀଙ୍କୁ ବଳାତ୍କାର ପରେ ଅଶ୍ଳୀଳ ଫଟୋକୁ ଭାଇରାଲ କରାଯାଇଥିବା ଅଭିଯୋଗ ହୋଇଛି। ପୀଡିତା ଛାତ୍ରୀ ଜଣକ ଜଣେ ସ୍କୁଲ ଶିକ୍ଷକଙ୍କ ବିରୋଧରେ ଏଭଳି ଗୁରୁତର ଅଭିଯୋଗ ଆଣି ଥାନାରେ ଏତଲା ଦେଇଛନ୍ତି। ମୁରିବାହାଲ ଥାନା ପୋଲିସ ଏ ନେଇ ଗୁରୁବାର ଏକ ମାମଲା(ନଂ.୨୬/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୀଡିତାଙ୍କର ମୁରିବାହାଲ ଡାକ୍ତରଖାନାରେ ଡାକ୍ତରୀମାଇନା କରାଯାଇଛି। ଅଭିଯୁକ୍ତ ଶିକ୍ଷକ ଫେରାର ଥିବା ପୋଲିସ କହିଛି। ଘଟଣାଟି ଫେବୃୟାରୀ ୬ ତାରିଖରେ ଘଟିଥିବା ବେଳେ ୨୭ତାରିଖ ଥାନାରେ ଅଭିଯୋଗ ପରେ ଲୋକଲୋଚନକୁ ଆସିଛି।

ମୁରିବାହାଲ ଥାନାରେ ପୀଡିତା କଲେଜ ଛାତ୍ରୀ ଜଣକ କରିଥିବା ଅଭିଯୋଗ ଅନୁସାରେ ଗତ ଫେବୃୟାରୀ ୬ତାରିଖ ଦିନ ସେ ନିଜ ଗାଁରୁ ନିକଟସ୍ଥ ଏକ କଲେଜକୁ ପଢ଼ିବା ପାଇଁ ବାହାରିଥିଲେ। ଗାଁରେଇ ଛକ ନିକଟରେ ବସ୍‌କୁ ଅପେକ୍ଷା କରିଥିବାବେଳେ ସ୍କୁଲ ଶିକ୍ଷକ ଗଣେଶ ସେଲମା(୩୦) ସେହି ସ୍ଥାନକୁ ଆସିଥିଲେ। ତାଙ୍କ ବାଇକରେ ନେଇ କଲେଜରେ ଛାଡି ଦେବାକୁ କହିଥିଲେ। ହେଲେ କଲେଜକୁ ନେବା ପରିବର୍ତ୍ତେ ତାଙ୍କୁ ଏକ ନିର୍ଦ୍ଦିଷ୍ଟ ସ୍ଥାନକୁ ନେଇଯାଇ ସେଠାରେ ବଳତ୍କାର କରିଥିଲେ। ପରେ ଅଶ୍ଳୀଳ ଫଟୋ ଉଠାଇ ସୋସିଆଲ ମିଡିଆରେ ଭାଇରାଲ କରିଥିବା ଛାତ୍ରୀ ଜଣକ ଅଭିଯୋଗ କରିଛନ୍ତି । ଏ ନେଇ ମୁରିବାହାଲ ଥାନା ଅଧିକାରୀ ଲୋକନାଥ ଭୋଇଙ୍କୁ ପଚାରିବାରୁ ସମ୍ପୃକ୍ତ ଛାତ୍ରୀ ଗତ ୨୭ତାରିଖ ଥାନାରେ ଶିକ୍ଷକ ସେଲ୍‌ମାଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିବା କହିଛନ୍ତି। କଲେଜ ଛାତ୍ରୀଙ୍କୁ ସ୍କୁଲ ଶିକ୍ଷକଙ୍କ ବଳତ୍କାର ଅଭିଯୋଗ ଘଟଣା ମୁରିବାହାଲ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।




# ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବାକୁ ପରିଣୀତିଙ୍କ ନିବେଦନ



ନୂଆଦିଲ୍ଲୀ: ଦୈନନ୍ଦିନ ବ୍ୟବହାର କରାଯାଉଥିବା ପ୍ଲାଷ୍ଟିକ୍ ବନ୍ଦ କରିବାକୁ ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରା ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଗୁରୁବାର 'ବେହତର ଇଣ୍ଡିଆ କ୍ୟାମ୍ପେନ୍'ର ଚୂଡ଼ାନ୍ତ ସଂସ୍କରଣରେ ପ୍ଲାଷ୍ଟିକ୍‌ର ଗୁରୁତର ପ୍ରଭାବ ବିଷୟରେ ସେ ମନ୍ତବ୍ୟ ଦେଇଥିଲେ। ପରିଣୀତି ଏହି କାର୍ଯ୍ୟକ୍ରମର ବ୍ରାଣ୍ଡ ଆମ୍ବାସାଡର ଅଛନ୍ତି। ତାଙ୍କ କହିବାନୁଯାୟୀ, ସେ ହେଉଛନ୍ତି ସାଗରପ୍ରେମୀ ଏବଂ ସ୍କୁବା ଡାଇଭର। ତେଣୁ ପ୍ଲାଷ୍ଟିକ ଦ୍ୱାରା ସମୁଦ୍ରରେ କି ପ୍ରକାର ପରିବର୍ତ୍ତନ ଘଟୁଛି ତାହା ସେ ଦେଖୁଥିବା ପ୍ରକାଶ କରିଥିଲେ। ଆମେ ଏକ ପ୍ଲାଷ୍ଟିକ୍ ବଟଲକୁ ବ୍ୟବହାର କରିସାରିବା ପରେ ଫିଙ୍ଗିଦେଉ। କିନ୍ତୁ ଏହା ଅଳିଆ ରୂପରେ ପରିବେଶର କି ପ୍ରକାର କ୍ଷତି ଘଟାଏ ତାହା ଚିନ୍ତା କରୁନା। ଶୋଚନାର ବିଷୟ ହେଉଛି ସମୁଦ୍ରରେ ପ୍ଲାଷ୍ଟିକ୍ ଆବର୍ଜନା ଭର୍ତ୍ତି ହେଉଛି। ପ୍ଲାଷ୍ଟିକ୍ ଦ୍ରବ୍ୟ ଅବରୋଧ ଯୋଗୁ ଜଳ ନିଷ୍କାସନ ବାଧାପ୍ରାପ୍ତ ହେଉଥିବାରୁ ପ୍ରତିବର୍ଷ ବନ୍ୟା ଆସୁଛି। ସହଜରେ ନଷ୍ଟ ହୋଇପାରୁଥିବା ପ୍ଲାଷ୍ଟିକ୍‌ର ଏକ ବିକଳ୍ପ ବାହାର କରିବାକୁ 'ନମସ୍ତେ ଇଂଲଣ୍ଡ'ର ଅଭିନେତ୍ରୀ ପରିଣୀତି ପ୍ରସ୍ତାବ ଦେଇଥିଲେ। ପୃଥିବୀକୁ ସୁନ୍ଦର କରିବା ପାଇଁ ପ୍ରତ୍ୟେକ ବ୍ୟକ୍ତି କିଛି ଉଦ୍ୟମ କରିବା ଆବଶ୍ୟକ ବୋଲି ସେ କହିଥିଲେ।

ପରିବେଶ ପାଇଁ କ୍ଷତିକାରକ ହେଉଥିବା କୌଣସି ସାମଗ୍ରୀକୁ ପରିଣୀତି ବ୍ୟବହାର କରନ୍ତି ନାହିଁ। କୌଣସି ବ୍ୟକ୍ତି ସାଧାରଣସ୍ଥଳରେ ଅଳିଆ ଆବର୍ଜନା ପକାଇଲେ ସେ ଗାଳି ଦେଇଥାଆନ୍ତି। ଉନ୍ନତ ମାନର ପରିବେଶ ଏବଂ ସ୍ୱାସ୍ଥ୍ୟରକ୍ଷା ପାଇଁ ବେହତର ଇଣ୍ଡିଆନ୍ କ୍ୟାମ୍ପେନ୍‌ର ଉଦ୍ୟମ ବଳିଷ୍ଠ ବୋଲି ସେ ପ୍ରକାଶ କରିଛନ୍ତି।

# ଅନନ୍ତ ପ୍ରତୀକ୍ଷା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଭାରତ ସରକାରଙ୍କର ଦୁଇଜଣ ବରିଷ୍ଠ ଆଇଏଏସ୍ ଅଫିସର ଏବଂ ୟୁଟି କ୍ୟାଡରର ଜଣେ ଅଫିସରଙ୍କୁ ତାଙ୍କର ବର୍ତ୍ତମାନର ପଦରୁ ଅପସାରିତ କରାଯାଇଥିବା ବେଳେ ପରବର୍ତ୍ତୀ ପୋଷ୍ଟିଂ ପାଇଁ ସେମାନେ ଏବେ ବି ଅପେକ୍ଷାରେ ଅଛନ୍ତି। ଅଥଚ ତାଙ୍କର ଉତ୍ତରାଧିକାରୀମାନଙ୍କୁ ତାଙ୍କ ସ୍ଥାନରେ ନିଯୁକ୍ତି ମିଳିସାରିଲାଣି। ପ୍ରାପ୍ତ ସୂଚନା ଅନୁସାରେ, ୟୁନିଭର୍ସାଲ ସର୍ଭିସେସ୍ ଓବ୍ଲିଗେଶନ ଫଣ୍ଡ (ୟୁଏସ୍ଓଏଫ୍)ରେ ମଧ୍ୟପ୍ରଦେଶ କ୍ୟାଡରର ୧୯୮୭ ବ୍ୟାଚ୍ ଆଇଏଏସ୍ ଅଫିସର ସଞ୍ଜୟ କୁମାର ସିଂଙ୍କ ସ୍ଥାନରେ ୧୯୮୯ ବ୍ୟାଚ୍‌ର ଆଇଏଏସ୍ ଅଫିସର ଅଂଶୁଲି ଆର୍ଯ୍ୟା ନିଯୁକ୍ତି ପାଇସାରିଛନ୍ତି। କିନ୍ତୁ ସିଂଙ୍କୁ ପରବର୍ତ୍ତୀ ନିଯୁକ୍ତି କେଉଁଠି ଦିଆଯିବ ତାହା ଏଯାଏ ସ୍ଥିର ହୋଇନାହିଁ। ସେହିପରି ମହାରାଷ୍ଟ୍ର କ୍ୟାଡରର ୧୯୮୬ ବ୍ୟାଚ୍ ଅଫିସର ଜୟଶ୍ରୀ ମୁଖାର୍ଜୀଙ୍କୁ ଗତ ଡିସେମ୍ବର ମାସରେ ସୂଚନା ପ୍ରସାରଣ ମନ୍ତ୍ରଣାଳୟରୁ ହଟାଇ ଏବଂ ଉକ୍ତ ପଦବୀକୁ ଆସିଷ୍ଟାଣ୍ଟ ସେକ୍ରେଟାରୀରୁ ଜଏଣ୍ଟ ସେକ୍ରେଟାରୀ ପାହ୍ୟାକୁ ଅବନତ କରାଇ ସେହି ସ୍ଥାନରେ ଅତୁଲ କୁମାର ତିୱାରୀଙ୍କୁ ନିଯୁକ୍ତି ଦିଆଯାଇଛି। ଅଥଚ ଶ୍ରୀମତୀ ମୁଖାର୍ଜୀ ଏପର୍ଯ୍ୟନ୍ତ ନିଜର ନୂତନ ନିଯୁକ୍ତି ପାଇଁ ଅପେକ୍ଷାରେ ଅଛନ୍ତି। ପୁନଶ୍ଚ ଗତ ଡିସେମ୍ବର ମାସରେ ଗୋଆ ମୁଖ୍ୟ ଶାସନ ସଚିବ ଧର୍ମେନ୍ଦ୍ର ଶର୍ମାଙ୍କ ସ୍ଥାନରେ ତାଙ୍କର ଉତ୍ତରାଧିକାରୀ ଭାବେ ପରିମଲ ରାୟଙ୍କୁ ନିଯୁକ୍ତି ଦିଆଯିବା ପରେ ଶର୍ମା ଛୁଟିରେ ରହିଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ୟୁଟି କ୍ୟାଡରର ନିୟନ୍ତ୍ରଣକାରୀ କର୍ତ୍ତୃପକ୍ଷ ହୋଇଥିବାରୁ ଏବଂ ଏଭଳି ନିଯୁକ୍ତି ପାଇଁ ଲ୍ୟୁଟନାଣ୍ଟ ଗଭର୍ନରଙ୍କର ମଧ୍ୟ ମୁଖ୍ୟ ଭୂମିକା ରହିଥିବାରୁ ଶର୍ମାଙ୍କ ପରବର୍ତ୍ତୀ ନିଯୁକ୍ତି ନରେନ୍ଦ୍ର ମୋଦିଙ୍କ ପ୍ରଶାସନ ଉପରେ ନିର୍ଭର କରେ। ତେବେ ବରିଷ୍ଠ ଅଧିକାରୀମାନଙ୍କୁ ଅସ୍ୱାଭାବିକ ଭାବେ ଏତେ ଦୀର୍ଘକାଳ ଅପେକ୍ଷା କରେଇବା ଏକ ବିରଳ ଘଟଣା। ଏହି ବାବୁମାନେ ଏବେ କେବଳ ତାଙ୍କର କ୍ୟାରିୟର ନେଇ ଚିନ୍ତିତ ନୁହନ୍ତି, ତାଙ୍କ ପାଇଁ ମୁଖ୍ୟ ପ୍ରଶ୍ନ ହେଉଛି, ପୁରୁଣା ପଦରୁ ଅବ୍ୟାହତି ପାଇବା ପରେ ନୂତନ ନିଯୁକ୍ତି ହୋଇ ନ ଥିବାରୁ ସେମାନେ ଏବେ କେଉଁଠୁ ଓ କେଉଁ ବିଭାଗ ବା ମନ୍ତ୍ରଣାଳୟରୁ ଦରମା ପାଇବେ।

### ରେଳ ବିଭାଗ ପଦବୀ ପାଇଁ ବହୁ ଆଶାୟୀ

ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଏଷ୍ଟାବ୍ଲିଶ୍‌ମେଣ୍ଟ (ସ୍ପୋର୍ଟସ) ପଦବୀଟି ଏକ ବହୁ ଆକାଙ୍କ୍ଷିତ ପଦବୀ। ଭାରତୀୟ ରେଳପଥ ସାରା ଦେଶରେ ପ୍ରତିଭାଶାଳୀ କ୍ରୀଡ଼ାବିତ୍‌ମାନଙ୍କର ଏକ ବଡ଼ ନିଯୁକ୍ତିଦାତା ହୋଇଥିବାରୁ ଏହି ପଦର ଗୁରୁତ୍ୱ ରହିଛି। ସେଥିପାଇଁ ଏକ ଡଜନରୁ ଅଧିକ ଆଶାୟୀ ଉକ୍ତ ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହୋଇଛନ୍ତି। ୧୯୯୫ କ୍ୟାଡରର ଆଇଆର୍‌ପିଏସ୍ ରେଖା ଯାଦବ ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ଅଧୀନରେ ଅତିରିକ୍ତ କମିଶନର, ସିପିଏଫ୍ଓ ଭାବେ ବଦଳି ହୋଇଯିବା ପରଠାରୁ ଉକ୍ତ ପଦବୀଟି ଖାଲି ପଡ଼ିଛି। ବିଭିନ୍ନ କାରଣରୁ ଏହି ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧିପାଇଛି। ଆଶାୟୀମାନଙ୍କ ମଧ୍ୟରେ ଅଛନ୍ତି– ଅଶ୍ୱିନୀକୁମାର ଯାଦବ (ଆଇଆର୍‌ଏସ୍‌ଇ), ରବିନ୍ଦର ଭାଖାର (ସିପିଆର୍‌ଓ, ସିଆର୍), ଅଜିତ ସିଂ ଯାଦବ (ଆଇଆର୍‌ଏସ୍‌ଏସ୍), ଏମ୍.ଏସ୍. ସୁନୀଲ (ଆର୍‌ପିଏଫ୍), ପ୍ରେମା କେ. ଲୋଚନ (ଆଇଆର୍‌ଏସ୍‌ଇଇ), ବିନମର ମିଶର (ଡିଜିଏମ୍, ଏନ୍‌ଆର୍), ବିଜେନ୍ଦ୍ର ସିଂ (ଜିଏମ୍ ଏନ୍‌ଆର୍‌ଙ୍କ ସଚିବ) ଓ ସତ୍ୟନାରାୟଣ ମୀନା (ଆଇଆର୍‌ଏସ୍‌ଏସ୍‌ଇ) ପ୍ରମୁଖ। ତେବେ ଏହି ପ୍ରତିଦ୍ୱନ୍ଦ୍ୱିତାରେ କିଏ ବିଜେତା ସାବ୍ୟସ୍ତ ହେବେ, ତାହା ଦେଖିବାକୁ ବାକି ରହିଲା।

### ଫମ୍ପା ଧମକ

କୋଲକାତାରେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନରେ ସାମିଲ ଥିବା ପାଞ୍ଚଜଣ ପୋଲିସ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେନ୍ଦ୍ର ସରକାର ଯେଉଁ ଧମକ ଦେଇଛନ୍ତି, ତାହା ଫମ୍ପା ଧମକ ବୋଲି ମନେହୁଏ। କାରଣ ସେପରି ଧମକ ଦେବା ସହଜ, ତାକୁ କାର୍ଯ୍ୟକାରୀ କରିବା କଠିନ। କେତେକ ରିପୋର୍ଟ ଅନୁସାରେ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଉକ୍ତ ପାଞ୍ଚଜଣ ଅଫିସରଙ୍କ ବିରୋଧରେ ଦଣ୍ଡମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏବଂ ସେମାନଙ୍କ ପଦୋନ୍ନତି ଓ କେନ୍ଦ୍ରୀୟ ଡେପୁଟେଶନ ବନ୍ଦ କରିବାକୁ ଚାହିଁଥିଲା। ଏହି ଅଫିସରମାନଙ୍କ ମଧ୍ୟରେ ଅଛନ୍ତି କୋଲକାତା ଅତିରିକ୍ତ ପୋଲିସ କମିଶନର ସୁପ୍ରତିମ ସରକାର ଏବଂ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଦଳର ମୁଖ୍ୟ ବିନୀତ ଗୋୟଲ। ତେବେ ସୂଚନା ଅନୁସାରେ ବିନା ତଦନ୍ତରେ ସରକାର ଏପରି ଆଦେଶ ଦେଇପାରିବେ ନାହିଁ। ପୁଣି ନିୟମାନୁସାରେ କୌଣସି ଅଫିସରଙ୍କ ବିରୋଧରେ ଯେକୌଣସି ପ୍ରକାର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରଥମେ ରାଜ୍ୟ ସରକାରଙ୍କଠାରୁ ଆରମ୍ଭ ହୋଇଥାଏ ଏବଂ ରାଜ୍ୟ ସରକାର ସେ ବିଷୟରେ କେନ୍ଦ୍ର ସରକାରଙ୍କୁ ଅବଗତ କରାଇଥାନ୍ତି। ଯେହେତୁ ଏ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ସ୍ୱୟଂ ବିକ୍ଷୋଭ, ପ୍ରତିବାଦ ଓ ଧାରଣା ଆରମ୍ଭ କରିଥିଲେ, ତେଣୁ ସେ କେବେହେଲେ ଉକ୍ତ ବରିଷ୍ଠ ପୋଲିସ ବାବୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବେ ନାହିଁ। ଫଳତଃ କେନ୍ଦ୍ର ସରକାର ଧମକ ଦେଲେ ହେଁ ତାହା କେବେହେଲେ କାର୍ଯ୍ୟକାରୀ କରିପାରିବେ ନାହିଁ।

Email: dilipcherian@gmail.com

### ଚିରନ୍ତନୀ

''କ୍ଷଣିକ ଆଘାତ ଆସେ କ୍ଷଣ ପରେ ଭୁଲିଯାଏ ନର,
ଭାବେ ଏଥି ନାହିଁ କ୍ଷତି ନାହିଁ ଲାଭ ନାହିଁ ଜୀବନର,
ଜ୍ଞାନର ଛଳନା କରି କହେଁ ଏଥି ଚିତ୍ତ
ବିଚଳିତ ହେବା ଅନୁଚିତ।'' (ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

### su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | | 2 | 3 | | | D | | | C | | | | | |
| 7 | 0 | | | 5 | | | | | E | | | 3 | 8 | B |
| | | | | | E | 7 | | | | | 4 | 0 | | |
| | | E | | | | 4 | | 5 | 0 | B | 1 | | 6 | |
| 5 | | | | | | | 2 | 9 | | | 8 | 7 | | 1 |
| B | | C | 0 | | | | 9 | | | 6 | 2 | | | |
| | 6 | A | | | | | | D | B | | | 2 | 3 | |
| | D | | | | 2 | | C | | | | | | B | 5 |
| | 5 | | 8 | | 7 | | | | | 4 | 3 | | 9 | |
| | 2 | | | C | | | | | 1 | | | | 0 | |
| | C | | | 1 | | | 4 | | | 0 | B | 6 | | |
| D | | | | 3 | | 0 | E | | | | 5 | | 2 | |
| | | | 6 | B | A | 1 | 7 | | | | | | | |
| 6 | B | | 7 | | | A | 8 | | | 3 | | | | |
| | | | | | | | | 6 | 9 | 8 | | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 9 | C | E | 1 | 7 | 4 | 5 | A | B | 8 | D | 2 | 3 | 0 |
| 2 | B | 5 | 9 | A | 3 | 7 | C | 6 | E | 1 | 0 | 4 | 8 | D |
| E | 0 | 3 | 4 | 5 | 2 | B | D | 8 | A | 6 | 9 | 7 | C | 1 |
| D | A | 1 | 6 | 0 | 8 | E | 3 | 2 | 4 | C | 7 | 9 | B | 5 |
| 7 | 8 | 4 | D | B | C | 0 | 1 | 9 | 5 | 2 | 3 | E | 6 | A |
| B | 1 | D | C | 4 | 9 | 8 | 7 | 5 | 0 | E | 6 | A | 2 | 3 |
| 9 | E | A | 5 | 8 | B | 2 | 4 | D | 7 | 3 | 1 | 6 | 0 | C |
| C | 3 | 7 | 2 | E | D | 6 | 0 | 1 | 8 | 9 | A | 5 | 4 | B |
| 8 | 4 | 2 | 0 | 7 | 6 | A | B | 3 | C | D | 5 | 1 | 9 | E |
| 0 | 5 | 6 | 1 | 3 | A | 9 | E | C | 2 | B | 4 | D | 7 | 8 |
| 5 | 2 | 0 | A | D | 4 | 3 | 8 | B | 6 | 7 | E | C | 1 | 9 |
| 4 | D | B | 3 | C | 5 | 1 | 6 | E | 9 | 0 | 2 | 8 | A | 7 |
| A | C | 8 | 7 | 2 | 1 | D | 9 | 4 | 3 | 5 | B | 0 | E | 6 |
| 3 | 6 | E | 8 | 9 | 0 | 5 | A | 7 | 1 | 4 | C | B | D | 2 |
| 1 | 7 | 9 | B | 6 | E | C | 2 | 0 | D | A | 8 | 3 | 5 | 4 |

ଗତକାଲିର ଉତ୍ତର

# ବିଭାଜନର ବିଡ଼ମ୍ବନା



ଶମ୍‌ସୁଲହକ୍ ଶମ୍‌ସ

ଭାରତ ଏବଂ ପାକିସ୍ତାନ ଅତୀତରେ ଗୋଟିଏ ଦେଶ ଥିଲେ। ଏହାର ଇତିହାସ ଏକ, ସଂସ୍କୃତି ଏକ, ପରମ୍ପରା ଏକ ଏବଂ ଅଭିନ୍ନ ଥିଲା। ଦେଶ ବିଭାଜନରେ କେବଳ ଭୂମିର ବିଭାଜନ ହୋଇ ନ ଥିଲା, ବରଂ ମିଳିତ ସମ୍ପତ୍ତି ଓ ଇତିହାସର ମଧ୍ୟ ବିଭାଜନ ହୋଇଥିଲା। ଦୁଇ ଦେଶର ନାଗରିକ ବିଭାଜନ ସମୟରେ ଛୁଞ୍ଚି, ପେନ୍‌ସିଲ, କଲମକାଗଜ, ଚୌକି ଟେବୁଲ ଏବଂ ପାଳିତ ପଶୁପକ୍ଷୀର ମାଲିକାନା ନିମନ୍ତେ ଟଣାଓଟରା ହୋଇଥିଲେ, ଯାହା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ ପରିସ୍ଥିତି ସୃଷ୍ଟି କରିଥିଲା। ସିନ୍ଧୁ ସଭ୍ୟତାର ଭିତ୍ତିଭୂମି କୁହାଯାଉଥିବା ସହର ମହେଞ୍ଜୋଦାରୋର ଖନନ ସମୟରେ ଏକ ହାର ମିଳିଥିଲା, ଯାହାର ମାଲିକାନା ନିମନ୍ତେ ଭାରତ ଓ ପାକିସ୍ତାନ ମଧ୍ୟରେ ଟଣାଓଟରା ଦେଖିବାକୁ ମିଳିଥିଲା।

୧୯୨୦ରେ ଅବିଭକ୍ତ ଭାରତର ସିନ୍ଧୁପ୍ରଦେଶର ପ୍ରତ୍ନତତ୍ତ୍ୱ ବିଭାଗ ଆନୁକୂଲ୍ୟରେ ମହେଞ୍ଜୋଦାରୋ ସହରର ପ୍ରାଚୀନ ଭଗ୍ନାବଶେଷକୁ ଖୋଳି ବାହାର କରାଯାଉଥିବା ସମୟରେ ପ୍ରାୟ ପାଞ୍ଚହଜାର ବର୍ଷ ପୁରାତନ ସହରର ସନ୍ଧାନ ମିଳିଥିଲା। ଏହା ସିନ୍ଧୁ ସଭ୍ୟତା ନାମରେ ପରିଚିତ। ଏହା ଆଧୁନିକ ସିନ୍ଧୁପ୍ରଦେଶ (ପାକିସ୍ତାନ ଅନ୍ତର୍ଗତ)ର ଲାରକାନା ଜିଲାରେ ଅବସ୍ଥିତ। ମହେଞ୍ଜୋଦାରୋ ସହିତ ହରପ୍ପାର ନାମ ମଧ୍ୟ ସଂଯୁକ୍ତ। ଏଠାରେ ମଧ୍ୟ ଖନନ କାର୍ଯ୍ୟ ହୋଇଛି। ଏହା ମଧ୍ୟ ପାକିସ୍ତାନ ଅନ୍ତର୍ଗତ ପଞ୍ଚମ ପଞ୍ଜାବର ମଣ୍ଟଗୋମେରୀ ଜିଲାରେ ଅବସ୍ଥିତ। ମହେଞ୍ଜୋଦାରୋରେ ଖନନ ସମୟରେ ଯେଉଁ ସହରର ସନ୍ଧାନ ମିଳିଲା ତାହା ମାନବ ସଭ୍ୟତାର ଉତ୍କର୍ଷର ପ୍ରମାଣ ଥିଲା। ବର୍ତ୍ତମାନ ଭାରତୀୟମାନେ ଏହା କହିପାରୁଛନ୍ତି କି ତାଙ୍କର ଇତିହାସ ମଧ୍ୟ ମିଶର, ଗ୍ରୀସ୍, ବେବିଲୋନ ଏବଂ ଚାଇନାର ସଭ୍ୟତା ପରି ହଜାର ହଜାର ବର୍ଷର ପୁରୁଣା।

ମହେଞ୍ଜୋଦାରୋର ଖନନ ସମୟରେ ନୃତ୍ୟଭଙ୍ଗୀରେ ଥିବା ଏକ ନାରୀ ପ୍ରତିମା, ଏକ ପୂଜାରୀ ପ୍ରତିମା ଏବଂ ଶହ ଶହ ଅନ୍ୟ ପୁରାତନ ବସ୍ତୁ ମିଳିଲା। କିନ୍ତୁ କୌଣସି ବସ୍ତୁ ଅକ୍ଷୁର୍ଣ୍ଣ ଅବସ୍ଥାରେ ନ ଥିଲା। ଖନନ ସମୟରେ ଗୋଟିଏ ସୁନାର ହାର ମଧ୍ୟ ମିଳିଥିଲା, ଯହିଁରେ ବହୁ ମୂଲ୍ୟ ହୀରା, ନୀଳା, ମାଣିକ୍ୟ ସୁନାର ଝାଲରରେ ଖଞ୍ଜା ଯାଇଥିଲା। ମହେଞ୍ଜୋଦାରୋରୁ ମିଳିଥିବା ବସ୍ତୁଗୁଡ଼ିକ ମଧ୍ୟରେ କେବଳ ଏହି ହାରଟି ହିଁ ଅକ୍ଷୁର୍ଣ୍ଣ ଥିଲା। ହାରଟି ତମ୍ବା ତିଆରି ଏକ ଫରୁଆ ମଧ୍ୟରୁ ମିଳିଥିଲା।

ସୁଦେଷ୍ଣା ଗୁହଙ୍କ କହିବା ଅନୁଯାୟୀ, ସିନ୍ଧୁ ସଭ୍ୟତାର ଆବିଷ୍କାର ଭାରତ ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଥିଲା। ତାମ୍ରଯୁଗର ଏହି ସଭ୍ୟତାର ଆବିଷ୍କାର ଦ୍ୱାରା ଭାରତ ସେହି ଦେଶଗୁଡ଼ିକ ଶ୍ରେଣୀରେ ସାମିଲ ହୋଇଗଲା, ଯେଉଁମାନେ ଅତି ଗୌରବମୟ ଏବଂ ପୁରାତନ ଇତିହାସର ଅଧିକାରୀ। ଆମେରିକା ବ୍ରାଉନ ବିଶ୍ୱବିଦ୍ୟାଳୟର ପ୍ରତ୍ନତତ୍ତ୍ୱ ବିଭାଗର ଐତିହାସିକ ଓଜିର ଫାଜଲି କହନ୍ତି, ସିନ୍ଧୁ ସଭ୍ୟତା ଭାରତ ଇତିହାସର ସବୁଠାରୁ ବଡ଼ ଆବିଷ୍କାର। ଏହା ଭାରତ ପାକିସ୍ତାନର ସମ୍ମିଳିତ ସ୍ୱତ୍ୱ ବା ମାଲିକାନା। କାରଣ ୧୯୪୭ ପୂର୍ବରୁ ଉଭୟ ଗୋଟିଏ ଦେଶ ଥିଲା। କିନ୍ତୁ ଯେତେବେଳେ ୧୯୪୭ରେ ଦେଶ ବିଭାଜନର ଘୋଷଣା କରାଗଲା, ସେତେବେଳେ ଶହ ଶହ ବର୍ଷରୁ ଏକତ୍ର ବସବାସ କରୁଥିବା ଲୋକେ ଛୋଟବଡ଼ ବସ୍ତୁ ନିମନ୍ତେ ନିଜ ମଧ୍ୟରେ ଝଗଡା କରିବାକୁ ଲାଗିଲେ।

ସ୍ୱାଧୀନତା ପ୍ରାପ୍ତିର କିଛି ମାସ ପୂର୍ବରୁ ଇଂଲଣ୍ଡରୁ ଅଣାଯାଇଥିବା ୬୦ଟି ବତକଙ୍କୁ ଭାଇସ୍‌ରୟଙ୍କ ଭବନର ମୋଗଲ ଗାର୍ଡେନ (ବର୍ତ୍ତମାନର ରାଷ୍ଟ୍ରପତି ଭବନ)ରେ ରଖାଯାଇଥିଲା। ସେମାନଙ୍କୁ ମଧ୍ୟ ଦୁଇ ଦେଶ ମଧ୍ୟରେ ବଣ୍ଟା ଯାଇଥିଲା। ଭାଇସ୍‌ରୟଙ୍କ ବ୍ୟବହାର ନିମନ୍ତେ ଭବନରେ ଦୁଇଟି ବହୁମୂଲ୍ୟ ଘୋଡ଼ାଗାଡ଼ି ଥିଲା। ଗୋଟିଏ ସୁନା ଛାଉଣି ଏବଂ ଅନ୍ୟଟି ରୁପା ଛାଉଣିବାଲା। ରୁପା ଛାଉଣିବାଲା ଘୋଡାଗାଡି ପାକିସ୍ତାନକୁ ଏବଂ ସୁନା ଛାଉଣିବାଲା ଗାଡି ଭାରତକୁ ଦିଆଗଲା। ସେହିପରି ଅବିଭକ୍ତ ବଙ୍ଗ ପ୍ରଦେଶର ଜଙ୍ଗଲ ବିଭାଗର ମାଲିକାନାରେ ଥିବା ଜାଏମନୀ ନାମକ ଗୋଟିଏ ଦନ୍ତାହାତୀକୁ ପୂର୍ବବଙ୍ଗ (ବର୍ତ୍ତମାନର ବାଂଲାଦେଶ)କୁ ଦେଇଦେବା ହେତୁ ଭାରତର ଲୋକଙ୍କ ମଧ୍ୟରେ ପ୍ରବଳ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ହାତୀର ମାହୁନ୍ତ ଅବଶ୍ୟ ଭାରତରେ ହିଁ ରହିବାର ନିଷ୍ପତ୍ତି ନେଇଥିଲେ। ଦେଶ ବିଭାଜନ ସଙ୍ଗେ ସଙ୍ଗେ ଛୋଟ ଛୋଟ ବସ୍ତୁଗୁଡ଼ିକୁ ମଧ୍ୟ ଦୁଇଭାଗ କରାଗଲା। ଉଦାହରଣ ସ୍ୱରୂପ ବୈଦେଶିକ ବିଭାଗରୁ ୨୧ଟି ଟାଇପ ରାଇଟର, ୩୧ଟି ପେନ୍‌ଷ୍ଟାଣ୍ଡ ଏବଂ ଅଫିସରମାନଙ୍କ ବସିବା ନିମନ୍ତେ ୧୬ଟି ଆର୍ମଚୌକି, ୧୭୫ଟି କାଗଜ ରଖିବା ଷ୍ଟାଣ୍ଡ, ୩୧ଟି ବସିବା ଚୌକି ପାକିସ୍ତାନ ପଠେଇ ଦିଆଗଲା।

ବଙ୍ଗ ଏବଂ ପଞ୍ଜାବ ପ୍ରଦେଶର ବିଭାଜନ ବେଳେ ଅନେକ ଅପ୍ରତ୍ୟାଶିତ ଘଟଣା ଘଟିଥିଲା। ପଞ୍ଜାବ ପୋଲିସ ବିଭାଗର ବିଭାଜନ ହେଲା। ଅସ୍ତ୍ରଶସ୍ତ୍ରଠାରୁ ଆରମ୍ଭକରି ବ୍ୟାଣ୍ଡବାଜା ପର୍ଯ୍ୟନ୍ତ ଭାଗ ଭାଗ କରାଗଲା। ଶେଷରେ ଗୋଟିଏ ବିଗୁଲ୍ ରହିଗଲା। ତା'ର ଭାଗବଣ୍ଟା ହୋଇପାରିଲା ନାହିଁ। ପାକିସ୍ତାନୀ ପଞ୍ଜାବ ଓ ଭାରତୀୟ ପଞ୍ଜାବର ପୋଲିସ ବାହିନୀ ଉଭୟେ ସେ ବିଗୁଲ୍‌କୁ ନେବା ପାଇଁ ଦାବି କଲେ। ଶେଷରେ ଅନ୍ୟ ଉପାୟ ନ ପାଇ ଅବିଭକ୍ତ ପଞ୍ଜାବ ପ୍ରଦେଶର ପୋଲିସ ବାହିନୀର ଇନ୍ସପେକ୍ଟର ଜେନେରାଲ (ବର୍ତ୍ତମାନ ଡିଜି) ମିଷ୍ଟର ଜାକ୍ ହାମିଲଟନ୍ ବିଗୁଲ୍‌ଟିକୁ ନିଜେ ରଖିନେଇ ନିଜ ସାଙ୍ଗରେ ଇଂଲଣ୍ଡ ନେଇଯାଇଥିଲେ। ଶୁଣାଯାଏ ସେ ପ୍ରତି ରବିବାର ସନ୍ଧ୍ୟାରେ ଲଣ୍ଡନର ହାଇଡ ପାର୍କରେ ପହଞ୍ଚି ସେ ବିଗୁଲ୍‌କୁ ବଜାଇ ଲୋକମାନଙ୍କୁ ଭାରତର ଦୁର୍ଭାଗ୍ୟ ବିଷୟରେ ଅବଗତ କରାଉଥିଲେ।

ଦେଶ ବିଭାଜନ ପରେ ଦିଲ୍ଲୀ ଭାରତର ରାଜଧାନୀ ହୋଇ ରହିଲା ଏବଂ ପାକିସ୍ତାନ ନିଜର ରାଜଧାନୀ କରାଚୀ ସହରକୁ ବାଛିଲା। କରାଚୀ ସିନ୍ଧୁପ୍ରଦେଶର ପ୍ରାଦେଶିକ ରାଜଧାନୀ ଥିଲା। ସେଠାରେ ଏତେ ପରିମାଣରେ ସରକାରୀ କାର୍ଯ୍ୟାଳୟ ଏବଂ ବାସଗୃହ ନ ଥିଲା, ଯାହା ଗୋଟିଏ ସାର୍ବଭୌମ ଦେଶର ରାଜଧାନୀ ନିମନ୍ତେ ଆବଶ୍ୟକ। ସ୍ଥାନର ଅଭାବ ଏବଂ ଦେଶକୁ ସୁଚାରୁ ରୂପେ ଚଳାଇବା ନିମନ୍ତେ ଆନୁଷଙ୍ଗିକ ସଂସ୍ଥାନ ଓ ଶକ୍ତିକେନ୍ଦ୍ରର ଅଭାବ ହେତୁ ୧୯୬୭ ଅଗଷ୍ଟ ୧୪ରେ ପାକିସ୍ତାନ କରାଚୀରୁ ନିଜର ରାଜଧାନୀ ଇସଲାମାବାଦକୁ ଉଠାଇନେଲା।

କେହି କେହି ଭାବୁଥିବେ ଯେବେ ଦୁଇଦେଶ କଲମ, ପେନ୍‌ସିଲ ଏବଂ କାଗଜ ପରି ଛୋଟ ଛୋଟ ବସ୍ତୁର ଭାଗ ବଣ୍ଟା କରୁଥିବାବେଳେ ଅତି ମୂଲ୍ୟବାନ ଓ ଐତିହାସିକ ବସ୍ତୁଗୁଡିକର ଭାଗବଣ୍ଟା କିପରି କରିଥିବେ। ପ୍ରତ୍ୟେକ ଦେଶ ପାଇଁ ତାହାର ନିଜର ଇତିହାସ ରହିବା ନିତାନ୍ତ ଜରୁରୀ। କିନ୍ତୁ ଭାରତ ଓ ପାକିସ୍ତାନର ଇତିହାସ ଅଲଗା ଅଲଗା ନୁହେଁ। ଉଭୟ ଦେଶର ଇତିହାସ ଏକ ଏବଂ ଅଭିନ୍ନ। ଏହାର ବିଭାଜନ ବା କିପରି ହୋଇପାରିବ ? ଦେଶ ବିଭାଜନ ହେତୁ ସିନ୍ଧୁ ସଭ୍ୟତା ଓ ସଂସ୍କୃତିର ସବୁଠାରୁ ବଡ଼ କେନ୍ଦ୍ର ଏବଂ ସ୍ମାରକ ମହେଞ୍ଜୋଦାରୋ ପାକିସ୍ତାନରେ ରହିଗଲା। ପାକିସ୍ତାନର ଅଲଗା କୌଣସି ଇତିହାସ ନାହିଁ। ପାକିସ୍ତାନ ଚାହିଁଲା ସିନ୍ଧୁ ଉପତ୍ୟକାକୁ ନୂତନ ପ୍ରକାରେ ବ୍ୟାଖ୍ୟା କରି ଏହାକୁ ଭାରତଠାରୁ ଭିନ୍ନ ନିଜର ଇତିହାସ ରୂପେ ଦର୍ଶାଇବା ପାଇଁ। ପାକିସ୍ତାନୀ ଐତିହାସିକ ଓ୍ୱାଜିରା ଜମିଦାରଙ୍କ ଅନୁଯାୟୀ ଦେଶ ବିଭାଜନ ପରେ ସିନ୍ଧୁ ସଭ୍ୟତାର ପୁନର୍ବ୍ୟାଖ୍ୟାର ଆବଶ୍ୟକତା ଅନୁଭବ କରାଗଲା ଏବଂ ଏହାକୁ ପାକିସ୍ତାନର ଜାତୀୟ ଗରିମା ସହ ଯୋଡ଼ିବାର ଚେଷ୍ଟା ଆରମ୍ଭ ହେଲା। ସେମାନେ ଏହା ପ୍ରମାଣ କରିବାକୁ ଚାହୁଁଥିଲେ କି ଭାରତଠାରୁ ସମ୍ପୂର୍ଣ୍ଣ ଭାବେ ଅଲଗା ପାକିସ୍ତାନର ଏକ ଗୌରବମୟ ଇତିହାସ ରହିଛି, ଯାହା ହିନ୍ଦୁ ଭାରତର ନୁହେଁ ବରଂ ମୁସ୍‌ଲିମ ପାକିସ୍ତାନର ଇତିହାସ। ଏଥିନିମନ୍ତେ ଦେଶ ବିଭାଜନ ପରେ ପାକିସ୍ତାନର ପାଞ୍ଚ ହଜାର ବର୍ଷର ପ୍ରାଚୀନ ଇତିହାସ ସମ୍ବନ୍ଧୀୟ ପୁସ୍ତକ ସବୁ ସଙ୍କଳନ କରିବାର ପ୍ରୟାସ କରାଗଲା। ଏପରି ଏକ ଇତିହାସ ଲେଖିବାର ପ୍ରଚେଷ୍ଟା କରାଗଲା, ଯାହା କେବେ ବି ନ ଥିଲା।

ଐତିହାସିକ ସୁଦେଷ୍ଣା ଗୁହାଙ୍କ କହିବା ଅନୁଯାୟୀ ଦେଶ ବିଭାଜନ ସମୟରେ ଭାରତ ମଧ୍ୟ ମହେଞ୍ଜୋଦାରୋରୁ ପ୍ରାପ୍ତ ଏକ ହଜାରରୁ ଊର୍ଦ୍ଧ୍ୱ ବସ୍ତୁ ଉପରେ ନିଜର ଦାବି ଉପସ୍ଥାପନ କଲା। ବସ୍ତୁଗୁଡ଼ିକର ଭାଗବଣ୍ଟା ନିମନ୍ତେ ଯେଉଁ ପଦ୍ଧତି ଅନୁସରଣ କରାଗଲା, ସେହି ଅନୁଯାୟୀ ୬୦% ବସ୍ତୁ ଭାରତକୁ ଏବଂ ୪୦% ପାକିସ୍ତାନକୁ ମିଳିଥିଲା। ଏଥିରେ ନୃତ୍ୟାଙ୍ଗନାର ପ୍ରତିମା ଏବଂ ଧ୍ୟାନରତ ଯୋଗୀଙ୍କ ପ୍ରତିମା ମଧ୍ୟ ସାମିଲ ଥିଲା। ଏହା ସହିତ ସେହି ବହୁମୂଲ୍ୟ ସୁନା ଏବଂ ହୀରାର ହାର ମଧ୍ୟ ଏଥିରେ ରହିଥିଲା। ନୃତ୍ୟରତା ବାଳିକାର ପ୍ରତିମା ଭାରତ ଭାଗରେ ପଡ଼ିବା ସହ ଯୋଗୀଙ୍କର ପ୍ରତିମା ପାକିସ୍ତାନ ଭାଗକୁ ଆସିଲା। ବର୍ତ୍ତମାନ କଥା ସେହି ବହୁମୂଲ୍ୟ ହାର ଉପରେ ଅଟକିଲା। ଏହା ହିଁ ଏକକ ବସ୍ତୁ ଥିଲା, ଯାହା ଖୋଳିବା ସମୟରେ ସମ୍ପୂର୍ଣ୍ଣ ଅକ୍ଷତ ଅବସ୍ଥାରେ ପ୍ରାପ୍ତ ହୋଇଥିଲା। ଯେତେବେଳେ ଏହି ହାରର ମାଲିକାନା ବିଷୟରେ କୌଣସି ରାଜିନାମା ଦୁଇ ଦେଶ ମଧ୍ୟରେ ହୋଇପାରିଲା ନାହିଁ, ସେତେବେଳେ ଏହି ହାରଟିକୁ ମଧ୍ୟ ଉଭୟ ଦେଶର ଅଫିସରମାନେ ଦୁଇଖଣ୍ଡ କରିଦେଲେ। ହାରର ଗୋଟିଏ ଖଣ୍ଡ ପାକିସ୍ତାନକୁ ଏବଂ ଅନ୍ୟ ଖଣ୍ଡଟି ଭାରତକୁ ମିଳିଲା। ଭାରତକୁ ମିଳିଥିବା ଖଣ୍ଡିତ ହାର ଦିଲ୍ଲୀର ନ୍ୟାଶନାଲ ମ୍ୟୁଜିୟମ୍‌ରେ ରଖାଯାଇଛି।

ଐତିହାସିକ ସୁଦେଷ୍ଣା ଗୁହ ଏହି ବିଭାଜନକୁ ଇତିହାସର ବିଡ଼ମ୍ବନାର ବ୍ୟାଖ୍ୟା ଦେଇଛନ୍ତି। ସେ କହନ୍ତି, ଇତିହାସକୁ ଚିରି ଫାଳ ଫାଳ କରି ଏହାକୁ ଦୁଇ ଭାଗରେ ବିଭକ୍ତ କରିଦିଆଗଲା। ଥରେ ୧୯୬୧ ମସିହାରେ ଆମେରିକାର ନ୍ୟୁୟର୍କ ସହରରେ ଗୋଟିଏ ପ୍ରଦର୍ଶନୀରେ ଏହି ଦୁଇଖଣ୍ଡ ହାରକୁ ଏକତ୍ର କରିବାର ଇଚ୍ଛା ପ୍ରକାଶ କରାଯାଇଥିଲା। କିନ୍ତୁ ଭାରତ ନିଜ ଭାଗର ଖଣ୍ଡିତ ହାରକୁ ଦେବାକୁ ମନା କରି ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଇଥିଲା। ମହେଞ୍ଜୋଦାରୋର ପ୍ରତ୍ନତତ୍ତ୍ୱ ଖନନରୁ ମିଳିଥିବା ଏହି ହାର ଏବଂ ଏହାର ଦୁଇଖଣ୍ଡ ହିନ୍ଦୁସ୍ଥାନ ଏବଂ ପାକିସ୍ତାନର ଦୁର୍ଭାଗ୍ୟଜନକ ବିଭାଜନର ସବୁଠାରୁ ବଡ଼ ମୂକସାକ୍ଷୀ। ହାୟ ବିଭାଜନର କି ବିଡ଼ମ୍ବନା!

ଆଡ୍‌ଭୋକେଟ, ଓଡ଼ିଶା ହାଇକୋର୍ଟ, ଦେଓପୁର,
କଟକ, ମୋ–୯୩୩୮୧୫୮୬୯

# ମେଣ୍ଟ ରାଜନୀତି



ହୃଦୟବଲ୍ଲଭ ଦାସ

ଦେଶରେ ସାଧାରଣ ନିର୍ବାଚନର ଫଳାଫଳ ଘୋଷଣା ହେବା ପରେ ଯଦି କୌଣସି ଗୋଟିଏ ଦଳ ସଂଖ୍ୟାଗରିଷ୍ଠତା ହାସଲ କରିପାରନ୍ତି ନାହିଁ, ସେମାନେ ଅନ୍ୟ ଛୋଟ ଦଳଗୁଡ଼ିକ ସହିତ ମେଣ୍ଟକରି ଶାସନ କରିବା ଦେଖାଯାଏ। ଛୋଟ ଛୋଟ ଦଳ ଏକକ ସଂଖ୍ୟାଗରିଷ୍ଠତା ହାସଲ କରିଥିବା ଦଳ ସହିତ ମେଣ୍ଟ ବାନ୍ଧିଥାଆନ୍ତି। କିନ୍ତୁ ନୀତିଗତ ପାର୍ଥକ୍ୟ ଦୃଷ୍ଟିରୁ ହେଉ କିମ୍ବା ଅନ୍ୟ କୌଣସି କାରଣବଶତଃ କିଛି ବିରୋଧୀ ଦଳ ଶାସନ କ୍ଷମତାରେ ଥିବା ଦଳ ସହିତ ମେଣ୍ଟ କରିପାରନ୍ତି ନାହିଁ। ସେ ଯାହା ହେଉ, ଏଭଳି ଛୋଟ ଛୋଟ ବିରୋଧୀ ରାଜନୈତିକ ଦଳଗୁଡ଼ିକ ବଡ଼ ଦଳ ସହ ମେଣ୍ଟ ମାଧ୍ୟମରେ ଶାସନ କ୍ଷମତାକୁ ଆସି ମନ୍ତ୍ରିମଣ୍ଡଳରେ ଭାଗନିଅନ୍ତି। ସଂଖ୍ୟାଗରିଷ୍ଠତା ନ ଥାଇ କିଛି ରାଜନୈତିକ ଦଳ ସରକାରୀ ଦଳ ସହିତ ମିଶି ସମୀକରଣ କରି କ୍ଷମତା ଗାଦିରେ ରହିବାକୁ ଚାହିଁଥାନ୍ତି। ବିଭିନ୍ନ ଅଂଶୀଦାର ରାଜନୈତିକ ଦଳର ଦୃଷ୍ଟିକୋଣ, ନୀତିନିୟମରେ ପାର୍ଥକ୍ୟ ଥିବାରୁ ପରସ୍ପର ମଧ୍ୟରେ ଦ୍ୱନ୍ଦ୍ୱ ଉପୁଜିଥାଏ ଓ ରାଜନୀତି କ୍ଷେତ୍ରରେ ମୀମାଂସା ସମ୍ଭବପର ହୋଇ ନ ଥାଏ। ଫଳରେ ମେଣ୍ଟ କରି ଶାସନ କ୍ଷମତାକୁ ଆସିଥିବା ରାଜନୈତିକ ଦଳଗୁଡ଼ିକ ମେଣ୍ଟ ସରକାରରୁ ବାଧହୋଇ ଓହରି ଯାଆନ୍ତି ଓ ସେମାନଙ୍କ ଦ୍ୱାରା ଗଠିତ ମିଳିତ ମନ୍ତ୍ରିମଣ୍ଡଳ ଭାଙ୍ଗିଯାଏ। ଏହା ନିଶ୍ଚିତ କଥା, ମେଣ୍ଟ ରାଜନୀତି ଆମ ଦେଶରେ କେବେ ବହୁ ଦିନଯାଏ ତିଷ୍ଠି ରହିପାରି ନାହିଁ। ଏଭଳି ମିଳିତ ମନ୍ତ୍ରିମଣ୍ଡଳର ପରମାୟୁ ସ୍ୱଳ୍ପକାଳସ୍ଥାୟୀ।

ଯେହେତୁ ମେଣ୍ଟକୁ ଆସିଥିବା ରାଜନୈତିକ ଦଳଗୁଡ଼ିକର କୌଣସି ନୀତିଗତ ସାମଞ୍ଜସ୍ୟ ରହେନାହିଁ, ତେଣୁ କୋଆଲିସନ ପଲିଟିକ୍ସ ଆମ ଦେଶରେ ଯଦିବା ଅନେକବାର ଦେଖାଯାଇଛି ତଥାପି ଏହା କୌଣସି ରାଜ୍ୟ ବା ଦେଶର ରାଜନୀତିରେ ଦୀର୍ଘସ୍ଥାୟୀ ହୋଇ ରହିନାହିଁ। ମେଣ୍ଟ କରି ମନ୍ତ୍ରିମଣ୍ଡଳକୁ ଆସିଥିବା ରାଜନୈତିକ ଦଳଗୁଡ଼ିକ ସେମାନଙ୍କର ଦୃଷ୍ଟିଭଙ୍ଗୀ ବଦଳାଇବା ନିତାନ୍ତ ଜରୁରୀ। ସେମାନେ ଶାସକ ଦଳର ନୀତିନିୟମକୁ ପୂର୍ଣ୍ଣମାତ୍ରାରେ ମାନିବା ଆବଶ୍ୟକ, ଯାହାଫଳରେ ଉଭୟଙ୍କ ମଧ୍ୟରେ ବିରୋଧ ଉପୁଜିବ ନାହିଁ ଓ ମେଣ୍ଟ ଦ୍ୱାରା ଗଠିତ ମିଳିତ ମନ୍ତ୍ରିମଣ୍ଡଳ ବହୁଦିନ ଧରି ଦେଶ ତଥା ରାଜ୍ୟ ଶାସନରେ ତିଷ୍ଠି ରହିପାରିବ। ତେଣୁ ମଣ୍ଟ ସରକାରକୁ ଆସିଥିବା ରାଜନୈତିକ ଦଳଗୁଡ଼ିକ ଖାଲି ଭାଗୀଦାରି ଶାସନକର୍ତ୍ତା ହୋଇଗଲେ ଚଳିବ ନାହିଁ। ମେଣ୍ଟ ସରକାରରେ ରହିବା ପାଇଁ ଶାସକ ଦଳର ନୀତିନିୟମକୁ ମାନିବା ନିତାନ୍ତ ଜରୁରୀ। ତା'ହେଲେ ଯାଇ କୋଆଲିସନ ପଲିଟିକ୍ସ ଦେଶର ରାଜନୀତିରେ ବା ରାଜ୍ୟମାନଙ୍କ ମନ୍ତ୍ରିମଣ୍ଡଳ ଗଠନ ଦିଗରେ ସଫଳ ହୋଇପାରିବ।

ରାଜନୈତିକ ଦଳଗୁଡ଼ିକ ନିର୍ବାଚିତ ହୋଇ ମିଳିତ ସରକାର ଗଠନ କଲା ପରେ ପରସ୍ପର ମଧ୍ୟରେ ନୀତିଗତ ପାର୍ଥକ୍ୟ, ରାଜନୈତିକ ଅଭିସନ୍ଧିରେ ସଫଳ ନ ହେବା ଯୋଗୁ କିଛିଦିନ ପରେ ମେଣ୍ଟ ରାଜନୀତି ତିଷ୍ଠି ନ ପାରି ନିର୍ଦ୍ଧାରିତ ସମୟ ପୂର୍ବରୁ ସରକାର ଭାଙ୍ଗିଯାଏ। ଫଳରେ ସାନି ନିର୍ବାଚନ ହୁଏ, ଯାହା ଦେଶର ସ୍ୱାର୍ଥଦୃଷ୍ଟିରୁ ହିତକର ନୁହେଁ। ଏଭଳି ପୁନଃନିର୍ବାଚନ ଦେଶ ତଥା ରାଜ୍ୟ ପ୍ରତି ବ୍ୟୟବହୁଳ ହୋଇଥାଏ। ରାଜନୈତିକ ଦଳଗୁଡ଼ିକ ସଂଖ୍ୟାଗରିଷ୍ଠତା ହାସଲ କରି ନ ପାରିବାରୁ କିଛି ଦଳୀୟ ନେତା କୌଣସିମତେ ଶାସନ ଗାଦିକୁ ଆସିବା ପାଇଁ ଅନ୍ୟ ଉପାୟ ନ ପାଇ କୋଆଲିସନ ପଲିଟିକ୍ସକୁ ଆଦରି ନିଅନ୍ତି, ଯାହା ଦେଶ ବା ରାଜ୍ୟ ପାଇଁ ହିତକର ନୁହେଁ। ରାଜନେତାମାନେ ସର୍ବଦା ଦଳୀୟ ସ୍ୱାର୍ଥରୁ ଊର୍ଦ୍ଧ୍ୱରେ ରହି ଦେଶର ସର୍ବବିଧ ଉନ୍ନତି ପାଇଁ ପ୍ରୟାସ କରିବା ଉଚିତ। ଆମ ଦେଶ ତଥା ରାଜ୍ୟଗୁଡ଼ିକରେ ସାଧାରଣ ନିର୍ବାଚନ ପରେ ଅନେକଥର ଶାସନ କ୍ଷମତାରେ ଥିବା ଦଳ ଓ ବିରୋଧୀ ଦଳ ନେତାମାନଙ୍କୁ ନେଇ ମିଳିତ ମନ୍ତ୍ରିମଣ୍ଡଳ ଗଠନ କରାଯାଇଛି। କିନ୍ତୁ ବାସ୍ତବତା ହେଉଛି ଦେଶ ବା କୌଣସି ରାଜ୍ୟରେ ବହୁଦିନ ଧରି ମିଳିତ ମନ୍ତ୍ରିମଣ୍ଡଳ ଉଧେଇ ନାହିଁ। ଭାଗୀଦାରି ଶାସନରେ କୌଣସି ରାଜନୈତିକ ଦଳ ସମର୍ଥନ ପ୍ରତ୍ୟାହାର କରିବା ଯୋଗୁ ମିଳିତ ମନ୍ତ୍ରିମଣ୍ଡଳ ଭାଙ୍ଗିଯାଇଛି। ମିଳିତ ମନ୍ତ୍ରିମଣ୍ଡଳ ବା କୋଆଲିସନ ପଲିଟିକ୍ସ ଦେଶ ଶାସନ ପାଇଁ ଦରକାର ପଡ଼ିପାରେ। କିନ୍ତୁ ଏଭଳି ମନ୍ତ୍ରିମଣ୍ଡଳ ବହୁ ସମୟ ଧରି ତିଷ୍ଠି ରହିପାରେ ନାହିଁ। କାରଣ ରାଜନୈତିକ ଦଳଗୁଡ଼ିକର ମେଣ୍ଟ ମଧ୍ୟରେ ନାନା କାରଣରୁ ଫାଟ ଦେଖାଯାଇଥାଏ।

ଅବସରପ୍ରାପ୍ତ ସ୍ୱତନ୍ତ୍ର ବିଚାରପତି,
ସିବିଆଇ, ୨୦୫, ଶହୀଦ ନଗର, ଭୁବନେଶ୍ୱର

### ଏଇ ଭାରତରେ

ମାନସିକ ପୂରଣ ପାଇଁ ଶ୍ରଦ୍ଧାଳୁ ଠାକୁରଙ୍କ ଉଦ୍ଦେଶ୍ୟରେ ହାତକଡ଼ି ଚଢ଼ାଉଥିବା ଘଟଣା ଆଶ୍ଚର୍ଯ୍ୟ ଲାଗିଲେ ମଧ୍ୟ ସତ୍ୟ। ରାଜସ୍ଥାନ ପ୍ରତାପଗଡ଼ର ଜୋଲର ଗ୍ରାମପଞ୍ଚାୟତରେ ରହିଛି ଦିବାକ୍ ମାତାଙ୍କ ପୁରାତନ ମନ୍ଦିର। ମନ୍ଦିରଟି ୫ଶହରୁ ଅଧିକ ବର୍ଷର ପୁରୁଣା। ଏଠାରେ ଥିବା ମାତାଙ୍କ ତ୍ରିଶୂଳରେ ଶ୍ରଦ୍ଧାଳୁ ହାତକଡି ଭେଟି ଦେଇଥାନ୍ତି। ବିଚାରାଧୀନ ବନ୍ଦୀ ଜାମିନରେ ଅଥବା ନିର୍ଦ୍ଦୋଷରେ ଖଲାସ ହେଲେ ରାତିରେ ଏଠାକୁ ପୂଜା କରିବାକୁ ଆସିଥାଆନ୍ତି। ଅନେକ ବର୍ଷ ଧରି ଏଠାରେ ଏହି ପରମ୍ପରା ବଜାୟ ରହିଛି। ମନ୍ଦିର ବାହାରେ ଅନେକ ହାତକଡି ଝୁଲୁଥିବାର ଦୃଶ୍ୟ ଦେଖିବାକୁ ମିଳେ। ମାତାଙ୍କ ମହିମା ଅପାର ବୋଲି ଶ୍ରଦ୍ଧାଳୁଙ୍କର ବିଶ୍ୱାସ ରହିଛି। ପୂର୍ବରୁ ଏଠାରେ ଥିବା ଡାକୁମାନେ ଜେଲ୍‌ରୁ ମୁକୁଳିଲେ କିମ୍ବା ପୋଲିସ ହାତରୁ ଖସିଗଲେ ମାତାଙ୍କୁ ହାତକଡି ଭେଟି ଦେଉଥିଲେ। ଥରେ ପୃଥ୍ୱୀରାଣା ନାମରେ ଜଣେ ଡକାୟତ ଜେଲ୍‌ରୁ ଫେରାର ହେବା ପାଇଁ ମାତାଙ୍କ ମନ୍ଦିରରେ ମାନସିକ କରିଥିଲେ। ହଠାତ୍ ଜେଲ୍‌ରେ ତାଙ୍କର ହାତକଡ଼ି ଭାଙ୍ଗି ଯାଇଥିଲା। ଏହାପରେ ସେ ଫେରାର୍ ହୋଇଯାଇଥିଲେ। ଏହା ମାତାଙ୍କ କୃପାରୁ ହୋଇଥିଲା ବୋଲି ବିଶ୍ୱାସ କରି ପୃଥ୍ୱୀରାଣା ମାତାଙ୍କ ମହିମା ପ୍ରଚାର କରିଥିଲେ।

### ୨୫ ବର୍ଷ ତଳର ଧରିତ୍ରୀ

**୨ ମାର୍ଚ୍ଚ ୧୯୯୪**

- ବାଂଲାଦେଶର ୨୩ଜଣ ନାଗରିକଙ୍କୁ ମ୍ୟାନ୍‌ମାର ସୀମା ଗାର୍ଡମାନେ ଅପହରଣ କରି ହତ୍ୟା କରିଥିବା ନେଇ ସୂଚନା।
- ପ୍ରଖ୍ୟାତ ହିନ୍ଦୀ ଚଳଚ୍ଚିତ୍ର ନିର୍ମାତା ତଥା ପ୍ରଯୋଜକ ମନମୋହନ ଦେଶାଇଙ୍କର ପରଲୋକ।
- ଓଡ଼ିଶାର ଅନୁନ୍ନତ ଅବସ୍ଥାକୁ ଦୃଷ୍ଟି ଦେଇ କେନ୍ଦ୍ର ସରକାର ଓଡ଼ିଶାର ପାର୍ଲାମେଣ୍ଟ ସଦସ୍ୟମାନଙ୍କୁ ସ୍ଥାନୀୟ ଆଞ୍ଚଳିକ ଉନ୍ନୟନ ଯୋଜନାରେ ଅଧିକ ୧ କୋଟି ଟଙ୍କା ଲେଖାଏଁ ଦେବା ପାଇଁ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଦାବି।

## ପାଠକ ଶ୍ରେଷ୍ଠ ବିଚାରକ

### ଆପଣା ହସ୍ତେ ଜିହ୍ୱା ଛେଦି

ମହାଶୟ,

ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟ ସରକାର ୨୦୧୯ ନିର୍ବାଚନକୁ ଆଖି ଆଗରେ ରଖି ଭୋଟ ହାତେଇବା ପାଇଁ ଆପ୍ରାଣ ଉଦ୍ୟମ ବିଭିନ୍ନ ଯୋଜନା ମାଧ୍ୟମରେ ଜାରି ରଖିଛନ୍ତି। ଉଜ୍ଜ୍ୱଳା ଯୋଜନା, ସ୍ୱାସ୍ଥ୍ୟ ଯୋଜନା, କାଳିଆ ଯୋଜନା, ବୃଦ୍ଧାବୃଦ୍ଧଙ୍କର ଭତ୍ତା ବୃଦ୍ଧି ଆଦି ଘୋଷଣା କରୁଛନ୍ତି। ପୂର୍ବରୁ ଟଙ୍କିକିଆ ଚାଉଳ, ଗହମ ଯୋଗାଇ ଆସୁଛନ୍ତି। ଏଥିପାଇଁ ଏତେ ଅର୍ଥ ଆସିବ କେଉଁଠୁ ସେଥିପ୍ରତି କାହାର ନଜର ନାହିଁ। ଆଗରୁ ତ କେନ୍ଦ୍ର ଓ ରାଜ୍ୟ ସରକାର ଋଣରେ ବୁଡି ରହିଛନ୍ତି। ଏବେ ଋଣଭାର ଆହୁରି ବଢିଯିବ। ରିଜର୍ଭ ବ୍ୟାଙ୍କ ଓ ଅର୍ଥନୀତିଜ୍ଞମାନେ ଦେଶ ଓ ରାଜ୍ୟର ଅର୍ଥନୀତି ପ୍ରଭାବିତ ହେବ ବୋଲି ସତର୍କ କରିଦେଲେଣି। ଲୋକେ ଏତେ ସୁବିଧା ପାଇଲେ ଆଉ ପରିଶ୍ରମ କରିବାକୁ ଇଚ୍ଛା ନ କରି ନିକମା ହୋଇ ବସିରହିବେ। ଫଳରେ କୃଷିକାର୍ଯ୍ୟ ନିଶ୍ଚିତ ବ୍ୟାହତ ହେବ। ଜମିବାଡି ପଡିଆ ରହିଲେ ଲୋକେ ଖାଇବେ କ'ଣ ? ଚାଉଳ କେଉଁଠୁ ଆଣି ସରକାର ଦେବେ ? ଏକଥା କାହାକୁ କହିବା, ଆମେତ ନିଜ ହାତରେ ଆମର ସର୍ବନାଶ କରୁଛୁ। ସେଥିପାଇଁ କୁହାଯାଇଛି, 'ଆପଣା ହସ୍ତେ ଜିହ୍ୱା ଛେଦି, କେ ଅଛି ତା'ର ପ୍ରତିବାଦୀ'।

ଭଗବାନ ଦାସ, ହରିନିବାସ, ନାରାୟଣପୁର, କେନ୍ଦ୍ରାପଡା

### ଶାଗୁଣା ଓ ଭୋକିଲା ମଣିଷ

ଧରିତ୍ରୀ (୧୦।୨)ରେ ପ୍ରକାଶିତ ପ୍ରକାଶ ବାବୁଙ୍କ ପ୍ରବନ୍ଧ 'ଶାଗୁଣା ଓ ଭୋକିଲା ମଣିଷ' ପଢିଲା ବେଳେ ମନେପଡିଲା ଏକ ଓଡିଆ ଅପେରା ପାର୍ଟିର ନାଟକ 'ଶାଗୁଣା ବସିଛି ଡେଣା ମେଲାଇ'। ବାସ୍ତବରେ କ୍ଷୁଧା ରାକ୍ଷସ କବଳରେ ଆଜି ବିଶ୍ୱର ୮୦ ଭାଗ ଲୋକ। ଫଟୋଗ୍ରାଫର କେଭିନ୍‌ଙ୍କ ବଳିଦାନରୁ ମଣିଷ ଶିକ୍ଷା କରିବା କଥା। ଜଣେ ସନ୍ଥ ଗୋଟିଏ ଗିନାରେ ପାଣି ଓ ଛୁଞ୍ଚିଟିଏ ରଖି ଖାଇବସୁଥିଲେ। ପଡି ଯାଉଥିବା ଅନ୍ନକଣାକୁ ଛୁଞ୍ଚିରେ ଉଠାଇ ଧୋଇ ପୁଣି ଖାଉଥିଲେ। ସେ କହୁଥିଲେ– ଅନ୍ନ ହିଁ ବ୍ରହ୍ମ। ଭାଗବତରେ ଅଛି 'ଅନ୍ନ ବିହୁନେ ହଂସହାନି, ଯୋଗ ସାଧିବି କାହା ଘେନି'। ବହୁଦିନ ତଳେ ଖବରକାଗଜରେ ବାହାରିଥିଲା– ନୋଏଡାରେ ଭୋଜି ଚାଲିଥିବା ବେଳେ ଗୋଟିଏ ଭିକାରି ପିଲା ପଶି ଖାଉଥିବା ବେଳେ ଧରା ପଡିଲା। ଆୟୋଜକମାନେ ପିଟିପିଟି ମାରିଦେଲେ ପିଲାଟିକୁ। ତେଣୁ ଖାଦ୍ୟର ମହତ୍ତ୍ୱ କେତେ ତାହା ଖାଦ୍ୟ ନଷ୍ଟ କରୁଥିବା ମଣିଷ ବୁଝିବା ଦରକାର।

ଡି. ଲକ୍ଷ୍ମୀନାରାୟଣ, ସରସ୍ୱତୀ ଶିଶୁ ମନ୍ଦିର, ବୁର୍ଲା, ସମ୍ବଲପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨ ମାର୍ଚ୍ଚ, ୨୦୧୯



ଯେଉଁଟିକୁ ତୁମେ ଠିକ୍ ବୋଲି ଭାବୁଛ, ତାକୁ ନ କରିବାଟା ହେଉଛି ବ୍ୟର୍ଥତା। ଉଦ୍ୟମ କରି ବିଫଳ ହେବା ବ୍ୟର୍ଥତା ନୁହଁ।
- ଜର୍ଜ ଇଲିଅଟ



## ସଂକ୍ଷେପରେ

### କୁଲୁଣ୍ଡି ସରକାରୀ ଶାରୀରିକ ଶିକ୍ଷା କଲେଜରେ ତାଲା ପକାଇଲେ ଛାତ୍ର

**ପଡିଆବାହାଲ, ୧।୩ (ଡି.ଏନ.ଏ.)**

କୁଲୁଣ୍ଡି ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟରେ ଶୁକ୍ରବାର ଛାତ୍ରମାନେ ବିଭିନ୍ନ ଦାବିରେ ତାଲା ପକାଇ ଅଧ୍ୟକ୍ଷଙ୍କୁ ଘେରାଉ କରିଛନ୍ତି। ଜମନକିରା ବିଡିଓ ଅଜୟ ତିୱାରୀ, ଜମନକିରା ସହକାରୀ ଯନ୍ତ୍ରୀ ହରିବନ୍ଧୁ ପଣ୍ଡା, ସତ୍ୟନାରାୟଣ ରାୟଗୁରୁ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଦୟାନିଧି ପୂଜାରୀ, ଡିଏସପି ରାଜକିଶୋର ମିଶ୍ର, ଗୌଡପାଲି ଫାଣ୍ଡି ଅଧିକାରୀ ଦୁର୍ଯ୍ୟୋଧନ ପ୍ରଧାନ ପ୍ରମୁଖ ପହଞ୍ଚି ଆଲୋଚନା କରିଥିଲେ।

### କଦୋପଡାରେ ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା

# ଚାଷୀଙ୍କ ପ୍ରଶ୍ନବାଣରେ ଅଧିକାରୀ ଘାଇଲା

**କୁଚିଣ୍ଡା, ୧।୩ (ଡି.ଏନ.ଏ.)**

କୁଚିଣ୍ଡା ବ୍ଲକ ଟାଇଁସର ଗ୍ରାମ ପଞ୍ଚାୟତର କଦୋପଡାଠାରେ ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା ସ୍ଥାନୀୟ କୃଷି ବିଭାଗ ପକ୍ଷରୁ ଆୟୋଜିତ ହୋଇଯାଇଛି । ତେବେ ଏହି ଅବସରରେ କୃଷି ବିଭାଗର କାର୍ଯ୍ୟକଳାପକୁ ନେଇ ଚାଷୀମାନେ ଘନ ଘନ ପ୍ରଶ୍ନ କରି ଅଧିକାରୀମାନଙ୍କୁ ଘାଇଲା କରି ଦେଇଥିଲେ । ଏହି କୃଷକ ସମ୍ପର୍କ ମେଳାରେ କୁଚିଣ୍ଡା ବିଧାୟକ ରବିନାରାୟଣ ନାୟକ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିବା ବେଳେ ସମ୍ମାନୀୟ ଅତିଥି ରୂପେ ସଞ୍ଜୟ କୁମାର ମିଶ୍ର, ଜିଲା ପରିଷଦ ସଭ୍ୟା ମମତା ପଟେଲ, ସ୍ଥାନୀୟ ସରପଞ୍ଚ ବିଶାଖା କିସାନ, ସମିତି ସଭ୍ୟ ମନୋହରି ପଟେଲ, କୃଷି ବିଭାଗର ଉପ ନିର୍ଦ୍ଦେଶକ ପ୍ରମୁଖ ଯୋଗ ଦେଇଥିଲେ । ସହକାରୀ କୃଷି ଅଧିକାରୀ ସରିତା ପ୍ରଧାନ ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ଦେଇଥିଲେ । ଏଫଆଇସିଏର ଅଧ୍ୟକ୍ଷ ବିପିନ ନାୟକ ସଭାରେ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ନାୟକ ବିଗତ ବର୍ଷମାନଙ୍କରେ ଚାଷୀମାନେ ସମ୍ମୁଖୀନ ହୋଇଥିବା ବିଭିନ୍ନ ସମସ୍ୟା ବାବଦରେ ଯତ୍ନବାନ ହୋଇ ଏହାର ସମାଧାନ କରନ୍ତୁ ବୋଲି ପରାମର୍ଶ ଦେଇଥିଲେ । ଚାଷୀମାନେ ସରକାରଙ୍କ ବିଭିନ୍ନ ଯୋଜନା ବାବଦରେ ସଚେତନ ହୋଇ ଏହାର ଲାଭ ଉଠାନ୍ତୁ ବୋଲି ପରାମର୍ଶ ଦିଆଯାଇ କୃଷକ ଏବଂ କୃଷି ବିଭାଗର କର୍ମଚାରୀମାନଙ୍କ ମଧ୍ୟରେ ସମନ୍ୱୟ ରହିଲେ କୃଷିର ଉନ୍ନତି ସମ୍ଭବ ବୋଲି କୁହାଯାଇଛି। କୃଷି ବିଭାଗର କର୍ମଚାରୀ ଏବଂ ପ୍ରାଣୀ ସମ୍ପଦ ବିଭାଗର କର୍ମଚାରୀମାନେ ନିଜ ନିଜ ବିଭାଗର ଯୋଜନା ବାବଦରେ ଜନସାଧାରଣଙ୍କୁ ସୂଚନା ଦେଇଥିଲେ । ତେବେ ଚାଷୀମାନେ କୃଷି ଯନ୍ତ୍ରପାତି ଉପରେ ସବ୍‌ସିଡି ପ୍ରଦାନ, ଚାଷର କ୍ଷୟକ୍ଷତି ବାବଦରେ ରିପୋର୍ଟ ପ୍ରସ୍ତୁତି, ଇନପୁଟ ସବସିଡି ପ୍ରଦାନ, ଗାଈ ଗୋରୁଙ୍କ ବୀମା ଟଙ୍କା ନ ମିଳିବା ଇତ୍ୟାଦି ବାବଦରେ ପ୍ରଶ୍ନ କରି ଉପସ୍ଥିତ ଅଧିକାରୀମାନଙ୍କୁ ଘାଇଲା କରି ଦେଇଥିଲେ । ଶେଷରେ ଗ୍ରାମସେବିକା ରୋଜାଲିନ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭାଜପା ପକ୍ଷରୁ 'ଚା' ପେ ଚର୍ଚ୍ଚା

**ଦେବଗଡ଼, ୧।୩(ସ୍ୱ.ପ୍ର)**

ସ୍ଥାନୀୟ ରାଜବାଟିରେ ବିଧାୟକ ନିତେଶ ଗଙ୍ଗଦେବଙ୍କ ସଭାପତିତ୍ୱରେ ଭାଜପା ପକ୍ଷରୁ 'ଚା' ପେ ଚର୍ଚ୍ଚା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସହରର ୧୧ଟି ୱାଡରୁ ଶତାଧିକ ଭାଜପା କର୍ମୀ ଉପସ୍ଥିତ ଥିଲେ। ଆଗାମୀ ନିର୍ବାଚନ ଉପରେ ଆଲୋଚନା କରିବା ସହ ଶନିବାର ବିରାଟ ବାଇକ ରାଲି ଝାଡେଶ୍ୱର ମନ୍ଦିରରୁ ବାହାରି ନଗର ପରିକ୍ରମା କରିବାର ନିଷ୍ପତ୍ତି ନେବା ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଗସ୍ତକୁ ସଫଳ କରିବାକୁ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଗଦାବରିଶ ପାତ୍ର, ଜିଲା ଭାଜପା ସଭାପତି ଅରୁଣ ସାହୁ, ସାଧାରଣ ସମ୍ପାଦକ ସତ୍ୟନାରାୟଣ ପାଣି, ଉପଦେଷ୍ଟା ସଚିକାନ୍ତ ଦାଶ, ମୋତିଲାଲ ଶର୍ମା, ସରୁ ପାତ୍ରଙ୍କ ସମେତ ଭାଜପାର କର୍ମୀମାନେ ଉପସ୍ଥିତ ଥିଲେ ।



ରାଜବାଟିରେ ଉପସ୍ଥିତ ଭାଜପାର ସଦସ୍ୟ।

# ଶିକ୍ଷା ଗ୍ରହଣରେ ବିଜ୍ଞାନର ପ୍ରୟୋଗ ଅତ୍ୟାବଶ୍ୟକ

**ଦେବଗଡ଼, ୧।୩(ସ୍ୱ.ପ୍ର)**

ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଡିଆଇଇଟିରେ ଜାତୀୟ ବିଜ୍ଞାନ ଦିବସ ପାଳନ ଅବସରରେ ଏକ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଭାରତର ପ୍ରଥମ ନୋବେଲ ପୁରସ୍କାରପ୍ରାପ୍ତ ବୈଜ୍ଞାନିକ ଚନ୍ଦ୍ରଶେଖର ଭେଙ୍କଟରବଣ ଆଜିର ଦିନରେ ଆଲୋକ ଉପରେ ନୂତନ ତଥ୍ୟ ଆବିଷ୍କାର କରିଥିଲେ। ଏହି ଦିନର ଗୁରୁତ୍ୱ ବିଷୟରେ ଉପସ୍ଥିତ ଶିକ୍ଷକ ପ୍ରଶିକ୍ଷକ ମତବ୍ୟକ୍ତ କରିଥିଲେ। ଶିକ୍ଷା ଓ ପ୍ରଶିକ୍ଷଣରେ ଶୈକ୍ଷିକ ଟେକ୍‌ନୋଲୋଜି ଓ ବିଜ୍ଞାନର ପ୍ରୟୋଗ ସର୍ବାଧିକ, ବ୍ୟାପକ, ନିରନ୍ତର ଭାବରେ ଆବଶ୍ୟକତା ରହିଛି ବୋଲି ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଶରତଚନ୍ଦ୍ର ସେଠ ନିଜ ଅଭିଭାଷଣରେ କହିଥିଲେ। ଅନୁଷ୍ଠାନର ଗୁରୁଛାତ୍ରୀଛାତ୍ର ବିଭିନ୍ନ ଉତ୍ପାଦନ, ପ୍ରୟୋଗାତ୍ମକ, ସଚେତନତା ସୃଷ୍ଟି ପାଇଁ ପ୍ରକଳ୍ପ ପ୍ରଦର୍ଶନୀ କରିଥିଲେ।



ଛାତ୍ରୀ ବିଭିନ୍ନ ଉତ୍ପାଦନ, ପ୍ରୟୋଗାତ୍ମକ, ସଚେତନତା ସୃଷ୍ଟି ପାଇଁ ପ୍ରକଳ୍ପ ପ୍ରଦର୍ଶନୀ କରୁଛନ୍ତି।

ଏହାକୁ ଆୟୋଜନ କରିବାରେ ଭବାନୀ ଶଙ୍କର ପ୍ରଧାନ, ଶୁଶିଳା ମୁଣ୍ଡ ଅବଦାନ ରହିଥିଲା। ପ୍ରଦର୍ଶନୀରେ ବିଚାରକ ଭାବରେ ପ୍ରଶିକ୍ଷକ ମମତା ସାହୁ, ମନ୍ଦାକିନୀ ଟୁଡୁ, ରାମଚନ୍ଦ୍ର ଶତପଥି ଯୋଗ ଦେଇଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିଲେ 'ଆଦର୍ଶ ଗ୍ରାମ' ଗୁରୁଛାତ୍ର ଆଶିଷ କୁମାର ସାହୁ, ଦ୍ୱିତୀୟ ସ୍ଥାନ 'ସାମାଜିକ ନିୟୋଜନ ଭାରତୀ ରୋହିଦାସ ଓ ସୋନାଲୀ ବେହେରା, ତୃତୀୟ ସ୍ଥାନ'ଆବର୍ଜନ ପ୍ରନଃ ଚକ୍ର ଓ ବିନିୟୋଗ' ରାଜନ ପଟେଲ, କାହ୍ନୁ ଚରଣ ବେହେରା, ସଞ୍ଜିତ ପିଙ୍ଗ, ପଙ୍କଜ ବେହେରା ଗ୍ରହଣ କରିଥିଲେ। ପ୍ରଦର୍ଶନୀ ପରେ ଆୟୋଜିତ ସଭାରେ ଅଧ୍ୟକ୍ଷ ଡ. ରବି ନାରାୟଣ ବଘାର୍ ସଭାପତିତ୍ୱ କରି ପରାମର୍ଶ ଦେଇଥିଲେ।

# ହିଞ୍ଜାମୁରାରେ ହାତୀ ଉପଦ୍ରବ

**ନାକର୍ଟିଦେଉଳ, ୧।୩(ଡି.ଏନ.ଏ.)**

ନାକର୍ଟିଦେଉଳ ବ୍ଲକ ଅନ୍ତର୍ଗତ ସାହେବୀ ପଞ୍ଚାୟତର ହିଞ୍ଜାମୁରା ଗ୍ରାମରେ ଗତ କିଛି ଦିନ ହେଲା ହାତୀ ଉପଦ୍ରବ ଜାରି ରହିଛି । ଏହି ହାତୀପଲ ଗ୍ରାମ ମଧ୍ୟକୁ ଚାଲି ଆସି ଉପଦ୍ରବ କରିବା ସହ ପନିପରିବା ଚାଷରେ ବ୍ୟାପକ ନଷ୍ଟ କରି ଘରଦ୍ୱାର ଭାଙ୍ଗି ନଷ୍ଟ କରି ଦେଇଥିବା ଅଭିଯୋଗ ହୋଇଛି । ଗତ ୨୬ତାରିଖ ସନ୍ଧ୍ୟାରେ ହାତୀପଲ ହିଞ୍ଜାମୁରା ଗ୍ରାମକୁ ଆସି ଗାଁ ମୁଣ୍ଡରେ ପଶିଥିଲେ । ହାତୀମାନଙ୍କ ଏହି ଉପଦ୍ରବରେ ଗ୍ରାମର ଭରତ ସାହୁଙ୍କ ଘର ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଯାଇଛି । ହାତୀପଲ ଘର ଭାଙ୍ଗିବା ସହ ଘରୁ ଧାନ, ଚାଉଳ ଆଦି ଖାଇ ଯାଇଛନ୍ତି । ଗତ ତିନି ଦିନ ହେଲା ସଂପୃକ୍ତ ପରିବାର ଖୋଲା ଆକାଶ ତଳେ ରହୁଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ସ୍ଥାନୀୟ ଜଙ୍ଗଲ ବିଭାଗକୁ ଖବର ଦିଆଯାଉଥିଲେ ସୁଦ୍ଧା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି । ହାତୀ ଉପଦ୍ରବରେ କ୍ଷତିଗ୍ରସ୍ତ ଚାଷୀ ଓ ପରିବାର ବର୍ଗଙ୍କୁ କ୍ଷତି ପୂରଣ ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ମଧ୍ୟରେ ଦୃଢ ଦାବି ହୋଇଛି । ଏ ସମ୍ପର୍କରେ ସାହେବୀ ପଞ୍ଚାୟତର ସରପଞ୍ଚ ଯଶୋବନ୍ତୀ ମାଝି ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବା ସହ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି ।

# ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

**ନାକଟିଦେଉଳ, ୧।୩(ଡି.ଏନ.ଏ.)**

ନାକଟିଦେଉଳ ବ୍ଲକ ବଳମ ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତ୍ରିନାଥ ପ୍ରଧାନଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ବ୍ଲକ ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁଙ୍କ ସଭାପତିତ୍ୱରେ ସଭା ଆୟୋଜିତ ହୋଇଥିଲା। ରାଜକିଶୋର ସାହୁ, ଅତିରିକ୍ତ ଶିକ୍ଷା ଅଧିକାରୀ ତ୍ରିନାଥ ଧଳ, ସିଆରସିସି ମୁରଲୀଧର ଦାଶ, ଛବିଳ ଧଳ, ରଞ୍ଜିତ କୁମାର ସାହୁ, ଶିକ୍ଷକ ଚନ୍ଦ୍ରମଣି ବେହେରା, ନିତ୍ୟାନନ୍ଦ ସାହୁ, ଛବିଳ ପ୍ରଧାନ ପ୍ରମୁଖ ପ୍ରଧାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ।

# ବନ୍ଦ ହେଲା ନାବାଳିକାଙ୍କ ବିବାହ

**ରେଢାଖୋଲ, ୧।୩(ଡି.ଏନ.ଏ.)**

ଚାରମାଳ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ବିବାହକୁ ପ୍ରଶାସନ ବନ୍ଦ କରିଛି। ତାଙ୍କ ବିବାହ ଅନୁଗୋଳ କିଶୋରନଗର ଥାନା ବଇଜା ଗ୍ରାମର ସୁଦର୍ଶନ ମୁଣ୍ଡାଙ୍କ ପୁଅ ଟିମାଙ୍କ ସହ ସ୍ଥିର ହେଇଥିଲା। ଗୁରୁବାର ରାତିରେ ବିବାହ ହେବାର ଥିଲା। ହେଲେ ଚାରମାଲ ଚାଇଲ୍ଡ ଲାଇନର କର୍ମକର୍ତ୍ତା ସୂଚନା ପାଇବା ପରେ ଚାରମାଳ ପୋଲିସ ଓ ସମନ୍ୱିତ ଶିଶୁ ବିକାଶ ଅଧିକାରୀଙ୍କୁ ଜଣାଇ ଥିଲେ। ଏସଆଇ ପ୍ରସାନ୍ତ ପ୍ରଧାନ, ସିଡିପିଓ ନାମଲେନ ଗୁଡିଆ, ଚାଇଲ୍ଡ ଲାଇନର ଦୌପଦି ପ୍ରଧାନ, ସଞ୍ଜୟ ସାଗର ପ୍ରମୁଖ ନାବାଳିକାଙ୍କ ଘରେ ପହଞ୍ଚି ତାଙ୍କ ବାପା, ମା'ଙ୍କୁ ବୁଝାଇ ଥିଲେ।

# ସୁରଜମଲ ମହାବିଦ୍ୟାଳୟର ବିଦାୟ ସମ୍ବର୍ଦ୍ଧନା ସଭା

**ରେଙ୍ଗାଲି, ୧।୩(ଡି.ଏନ.ଏ.)**

ରେଙ୍ଗାଲିସ୍ଥିତ ସୁରଜମଲ କଲେଜ ଠାରେ ବିଦାୟ ଓ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଜିତ କୁମାର ସେନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିବା ବେଳେ ନୂତନ ଅଧ୍ୟକ୍ଷ ଭାବରେ ଯୋଗ ଦେଇଥିବା ଡ. ମିନତୀ ଶତପଥୀଙ୍କୁ ସ୍ୱାଗତ କରାଯାଇଥିଲା।


**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH**
**DEPARTMENT OF EMPOWERMENT OF PERSONS WITH DISABILITIES (DIVYANGJAN)**
**(MINISTRY OF SOCIAL JUSTICE & EMPOWERMENT, GOVERNMENT OF INDIA)**
**OLATPUR, PO: BAIROI, DIST-CUTTACK, ODISHA**
**RECRUITMENT NOTICE BY CONTRACT**

| Advt. No.AD6B19/03/2019 Date:28.02.2019 | |
|---|---|
| 01. | Senior Resident (Contractual) - 01 |
| 02. | Physical Medicine & Rehabilitation (Consultant) - 01 |
| 03. | Junior Resident (Contractual) - 02 |
| 04. | Research Officer (Consultant) - 01 |
| 05. | Nurse (Consultant) - 03 |
| 06. | Prosthetist and Orthotist (Consultant) - 09 |

For all other details, terms and conditions please log on to website **www.svnirtar.nic.in.**
**Sd./- DIRECTOR**



NATION TAX MARKET
Ph: 0674-258 9935, 258 8672. Fax: 0674-258 9938, E-mail. ccbbsr@rediffmail.com/ ccu-exbbr@nic.in
मुख्य आयुक्त का कार्यालय, जीएसटी एवं सीमा शुल्क, भुवनेश्वर जोन
OFFICE OF THE CHIEF COMMISSIONER, GST, CX & CUSTOMS, BHUBANESWAR ZONE
केंद्रीय राजस्व भवन, राजस्व विहार, भुवनेश्वर – 751007, ओड़िशा
C.R. BUILDING, RAJASWA VIHAR, BHUBANESWAR-751007, ODISHA

**NOTICE**

Applications are invited for drawal of a panel for engagement of (05 Senior Standing Counsels and 03 Junior Standing Counsels) for handling litigation relating to indirect taxation before the Hon'ble High Court of Odisha and other fora. The details of eligible and other terms and conditions governing the appointment of Standing Counsels are available with the link www.cbec.gov.in / standing counsels-guidelines.pdf.

The eligible counsels enrolled / registered as an advocate with Orissa High Court and having requisite experience in handling preferably GST, Customs, Central Excise & Service Tax matters and emerging areas in Anti-Profiteering, NCLT, NCLAT etc may apply in the prescribed proforma A or A- 1 in a sealed cover addressed to Shri Sourabh Chakravorty, Assistant Commissioner, Office of the chief Commissioner, CGST, Central Excise, Customs & Service Tax, C.R. Building, Rajaswa Vihar, Bhubaneswar, Odisha -751007, so as to reach on or before 11.03.2019. The applicants can collect acknowledgement at the time of submission of the application forms along with the accompanying documents.

Application received after 11.03.2019 shall not be entertained. The short listed candidates / Advocates will be called for an interview, on a specified date / time which will be intimated in due course.

*Sd./- (Sourabh Chakravorty), Assistant Commissioner (CCO), CGST, C.Ex & Customs, Bhubaneswar Zone*



**ଉଦ୍ୟାନ ଉପନିର୍ଦ୍ଦେଶକ, ଢେଙ୍କାନାଳଙ୍କ ଅଧୀନସ୍ଥ ସପ୍ତଶଯ୍ୟା ଫାର୍ମର ବିଭିନ୍ନ ଫଳ ନିଲାମ ପାଇଁ ଟେଣ୍ଡର ଆହ୍ୱାନ**

No.169-L: ଚଳିତ ବର୍ଷ ୨୦୧୮–୨୦୧୯ ପାଇଁ ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ ସପ୍ତଶଯ୍ୟା ଫାର୍ମର ଉତ୍ପାଦିତ ଆମ୍ବ, ବେଲ ଏବଂ ନଡିଆ ନିଲାମ ପାଇଁ ଆଗ୍ରହୀ ବ୍ୟକ୍ତି ବିଶେଷଙ୍କ ଠାରୁ ଜଉମୁଦା ଟେଣ୍ଡର ଆହ୍ୱାନ କରାଯାଉଛି। ଆବେଦନ ଫର୍ମ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଓ ସର୍ତ୍ତାବଳୀ ଉଦ୍ୟାନ ଉପନିର୍ଦ୍ଦେଶକ, ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ ଟ ୫୦/– ଙ୍କ ବିନିମୟରେ ସରକାରୀ କାର୍ଯ୍ୟ ଦିବସରେ ମିଳିପାରିବ।

| କ୍ର. ନଂ | ଫାର୍ମର ନାମ ଓ ଠିକଣା | ଫଳର ନାମ | ଅମାନତ ଜମା ଟଙ୍କା | ଟେଣ୍ଡର ଖୋଲିବା ତାରିଖ ଏବଂ ସ୍ଥାନ |
|---|---|---|---|---|
| ୧. | ସପ୍ତଶଯ୍ୟା ଫାର୍ମ ସପ୍ତଶଯ୍ୟା | ଆମ୍ବ, ନଡିଆ, ବେଲ | ୩୦,୦୦୦.୦୦ | ୧୨.୦୩.୨୦୧୯ ପୂର୍ବାହ୍ନ ୧୧.୩୦ ଘଟିକା ଉଦ୍ୟାନ ଉପନିର୍ଦ୍ଦେଶକ, ଢେଙ୍କାନାଳଙ୍କ କାର୍ଯ୍ୟାଳୟ |

ଆଗ୍ରହୀ ପ୍ରାର୍ଥୀ ଆବେଦନ ଫର୍ମରେ ଟେଣ୍ଡର ମୂଲ୍ୟ, ନିଜର ସମ୍ପୂର୍ଣ୍ଣ ଠିକଣା ଦେଇ ଅମାନତ ଜମା ସହ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ରେଜିଷ୍ଟ୍ରିପୋଷ୍ଟ ଦ୍ୱାରା ତା ୧୧.୦୩.୨୦୧୯ ରିଖ ଅପରାହ୍ନ ୫ ଘଟିକା ସୁଦ୍ଧା ଦାଖଲ କରିପାରିବେ। ଅମାନତ ଜମା ବାବଦକୁ ଟଙ୍କା ବ୍ୟାଙ୍କ ଡ୍ରାଫଟ୍ (ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ, ଢେଙ୍କାନାଳ) ଉଦ୍ୟାନ ଉପନିର୍ଦ୍ଦେଶକ, ଢେଙ୍କାନାଳଙ୍କ ସପକ୍ଷରେ ଦାଖଲ କରିବେ।

ସୂଚନାଯୋଗ୍ୟ ଯେ, କୌଣସି କାରଣ ନ ଦର୍ଶାଇ, ଗୋଟିଏ କିମ୍ବା ସମସ୍ତ ଟେଣ୍ଡର ଆବେଦନ କର୍ତ୍ତୃପକ୍ଷ ନାକଚ କରିପାରିବେ।

01067/11/0004/1819 ସ୍ୱା./– ଉଦ୍ୟାନ ଉପନିର୍ଦ୍ଦେଶକ, ଢେଙ୍କାନାଳ



ପତ୍ର ସଂଖ୍ୟା-୬୯୪ **ତହସିଲ କାର୍ଯ୍ୟାଳୟ, ଜୟପୁର** ତା.୨୮।୦୨।୨୦୧୯
**ଲଘୁ ଖଣିଜ ଉତ୍ସର ପାଞ୍ଚ ବର୍ଷିଆ ଲିଜ୍ ନିମନ୍ତେ ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ତହସିଲ ଅନ୍ତର୍ଗତ ବିଭିନ୍ନ ମୌଜାସ୍ଥିତ ସୈରାତଉସ (ପଥର ଖାଦାନ) ଗୁଡିକର ଟେଣ୍ଡର ମାଧ୍ୟମରେ ଦୀର୍ଘ ମିଆଦୀ ସୂତ୍ରରେ ଆଗାମୀ ପାଞ୍ଚ ବର୍ଷ ପାଇଁ (2019-20 ଠାରୁ 2023-24) ଲିଜ୍ ଦେବା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି। ଦରଖାସ୍ତ ଗ୍ରହଣର ଶେଷ ତାରିଖ ୧୫।୦୩।୨୦୧୯ ସମୟ ଅପରାହ୍ନ ୫.୦୦ଘଣ୍ଟା ଅଟେ। ଲିଜ୍ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ କୋରାପୁଟ ଜିଲ୍ଲା ୱେବ୍‌ସାଇଟ୍ **www.koraput.nic.in** ଅଧୀନରେ ଉପଲବ୍ଧ ଅଟେ। ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ଜୟପୁର ତହସିଲଦାରଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରିପାରିବେ। ସ୍ୱା./- ତହସିଲଦାର, ଜୟପୁର



**GOVERNMENT OF ODISHA**
**e- Procurement Notice**
**INVITATION FOR BIDS (IFB)**
**Bid Identification No. S.E.Dkl.(R&B) 19/2018-19**
**Email Id-sedklpwd@gmail.com**
No.1352-B

**Letter No / Dt.**

The Superintending Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Road work as detailed in the table below:

| | | |
|---|---|---|
| 1. | Name of the work | Road work |
| 2. | No. of works | 1 (One) No |
| 3. | Estimated Cost | Rs.2,19,56,303/- |
| 4. | Cost of tender paper | Rs 10,000.00 |
| 5. | Class of contractor | "B, & "A" Class |
| 6. | Period of Completion of work | 5(Five) Calendar months |
| 7. | Date and time of availability of bid Document in the website | From Dt.07.03.2019 to 16.00 hours of Dt.21.03.2019 |
| 8. | Date of opening of bid | Dt.23.03.2019 at 11.30 hours |

The bidders have to participate in ONLINE biding only further details can be seen from the e- Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

**Superintending Engineer**
**Dhenkanal(R&B) Circle,Dhenkanal**
34132/11/0028/1819



**Advertisement for seeking claim of compensation by the patients implanted with ASR Hip Implant manufactured by M/s. DePuy International Ltd. (Now Johnson and Johnson)**

**No.951-E:-** The Government of India has constituted a Central Expert Committee and State Level Committees to address the claim for compensation who has been implanted with ASR Hip Implants of DePuy International Ltd (Now Johnson and Johnson) before August, 2010.

Therefore, the concerned patients are advised to approach the State Level Committee with detailed application form (check list available on www.cdsco.gov.in) to support their claim.

The contact details of the State Level Committee is as under:

**Address:** Drugs Controller, Odisha,
O/o. Directorate of Drugs Control, Odisha,
New Nandankanan Road,
Po- Mancheswar Rly. Colony, Press Chhak,
Bhubaneswar-751017, Dist. Khurda

**Mail Id:** drugscontrolorissa@gmail.com
**Phone No.:** 0674-2300494
**Mob. No.:** 9437013646

**Issued in Public Interest by State Government of Odisha, Health & Family Welfare Department**
10004/11/0003/1819



**REQUEST FOR PROPOSAL for Selection of 'Project Management Unit (PMU) for Reforming Odisha's Horticulture'**
**RFP No.-1, Dt.28.02.2019**
170-L

Directorate of Horticulture, Govt. of Odisha, invites sealed proposals from eligible bidders to set up "Project Management Unit (PMU) for Reforming Odisha's Horticulture."

The detailed RFP document containing the background information, eligibility criteria and complete procedure for submission of the proposal can be downloaded from the website **https://tendersodisha.gov.in** / **www.odihort.nic.in**. The proposal complete in all respect must reach the undersigned by Speed Post/ Registered Post / Courier only latest by 10.04.2019 up to 5:00 PM. The last Date for Submission of Proposal is 10.04.2019 up to 5.00 P.M. The last date of submission of pre proposal query is 12:00 PM, 19.03.2019 on the email **supportdho.od@nic.in**.

**Directorate of Horticulture, Govt. of Odisha reserves the right to accept or reject any application and to annul the process at any time, without any liability and assigning any reason thereof.**

Sd/- **Director of Horticulture**
**Directorate of Horticulture**
**Krishi Bhawan,**
**Bhubaneswar, Odisha,**
**Pin No: 751015**
**E-mail: Supportdho.od@nic.in**
01038/11/0010/1819



**ଭୁବନେଶ୍ୱର ମହାନଗର ନିଗମ**
ସଂଖ୍ୟା . ୭୬୩୯ ତା.୦୧.୦୩.୨୦୧୯

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଭୁବନେଶ୍ୱର ମହାନଗର ନିଗମ ତରଫରୁ ୧ନଂ ହାଟ ମଧ୍ୟରେ ଥିବା ଦୋକାନ ଗୃହ ଏବଂ ଅନ୍ୟାନ୍ୟ ଜାଗା ଗୁଡିକରେ ବ୍ୟବସାୟ କରୁଥିବା ବ୍ୟବସାୟୀ ମାନଙ୍କର ନିୟମିତକରଣ କରିବା ନିମନ୍ତେ ଏକ ସର୍ଭେ (physical verification) କରାଯାଇଥିଲା । ଉକ୍ତ ସର୍ଭେ ମୁତାବକ ମହାନଗର ନିଗମ ତରଫରୁ ଏକ ତାଲିକା (list) ପ୍ରସ୍ତୁତ କରାଯାଇଅଛି, ଯେଉଁଥିରେକି, ପୂର୍ବରୁ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କ ନାମ ଏବଂ ବର୍ତ୍ତମାନ ଉକ୍ତ ଦୋକାନ ଗୃହ ଗୁଡିକରେ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କ ନାମ ଏଲ୍ଲେଖ କରାଯାଇଅଛି । ଉକ୍ତ ତାଲିକା (list)ର ନକଲ ୧ନଂ ହାଟ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ ଏବଂ ମହାନଗର ନିଗମ କାର୍ଯ୍ୟାଳୟ ନୋଟିସ୍ ବୋର୍ଡରେ ଉପଲବ୍ଧ ଅଛି । ତତ୍‌ସହିତ ଉକ୍ତ ତାଲିକା (list)ସର୍ବସାଧାରଣଙ୍କ ଅବଗତି ନିମନ୍ତେ ମହାନଗର ନିଗମ website www.bmc.gov.in ରେ ଉପଲବ୍ଧ ଅଛି ।

ଉକ୍ତ ତାଲିକାରେ (list) ପ୍ରକାଶିତ ହୋଇଥିବା ତଥ୍ୟ ଉପରେ କାହାର କୌଣସି ଆପତ୍ତି/ଅଭିଯୋଗ/ଦାବୀ ରହୁଥାଏ ତେବେ ସେମାନେ ଏହି ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବରେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ/ଦାବୀ ଗ୍ରହଣ କରାଯିବ ନାହିଁ ।

ସ୍ୱା/
ଉପ ଆୟୁକ୍ତ
ଭୁବନେଶ୍ୱର ମହାନଗର ନିଗମ

ଭାଗିଦାରୀ ମାଧ୍ୟମରେ ପ୍ରଗତି- ଏକ ସୁନ୍ଦର ଭୁବନେଶ୍ୱର ପାଇଁ



**ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ**
(ଡିମ୍ଡ ବିଶ୍ୱବିଦ୍ୟାଳୟ)
(ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ତତ୍ତ୍ୱାବଧାନ ଅଧୀନରେ ପ୍ରତିଷ୍ଠିତ)
୫୬–୫୭, ଇନ୍‌ଷ୍ଟିଚ୍ୟୁଶନାଲ ଏରିଆ, ଜନକପୁରୀ, ନୂଆଦିଲ୍ଲୀ – ୧୧୦୦୫୮
ଫୋନ୍ ନଂ. ୦୧୧–୨୮୫୨୪୯୯୩, ୨୮୫୨୪୯୯୫, ୨୮୫୨୦୯୭୯, ୨୮୫୨୦୯୬୬

**ସଂସ୍କୃତ ଶିକ୍ଷାର ବିକାଶ ଯୋଜନା ଅଧୀନରେ ବର୍ଷ ୨୦୧୯-୨୦ ନିମନ୍ତେ ଆର୍ଥିକ ସହାୟତା ନିମନ୍ତେ ଅଧିସୂଚନା**

ସଂସ୍କୃତ ଭାଷାର ପ୍ରଚାରପ୍ରସାର ପାଇଁ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା ସ୍ଥାପିତ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ (ଡିମ୍ଡ ବିଶ୍ୱବିଦ୍ୟାଳୟ) ସଂସ୍କୃତ ଶିକ୍ଷା ବିକାଶ ଯୋଜନା – ୨୦୦୭ ଅଧୀନରେ ବର୍ଷ ୨୦୧୯–୨୦ ପାଇଁ ଆର୍ଥିକ ସହାୟତା ଲାଗି ନିର୍ଦ୍ଧାରିତ ପ୍ରୋଫର୍ମାରେ ଦରଖାସ୍ତ ଆହ୍ୱାନ କରୁଛି:–

I. ସଂସ୍କୃତ ଶିକ୍ଷା ନିମନ୍ତେ ଆର୍ଥିକ ସହାୟତା:–
   କ) ପାରମ୍ପରିକ ସଂସ୍କୃତ ପାଠଶାଳା/ବିଦ୍ୟାଳୟ/ମହାବିଦ୍ୟାଳୟଗୁଡ଼ିକୁ ସଂସ୍କୃତ ଶିକ୍ଷକମାନଙ୍କ ପାଇଁ ଆର୍ଥିକ ସହାୟତା।
   ଖ) ପାରମ୍ପରିକ ସଂସ୍କୃତ ପାଠଶାଳା/ବିଦ୍ୟାଳୟ/ମହାବିଦ୍ୟାଳୟଗୁଡ଼ିକରେ ଆଧୁନିକ ବିଷୟଗୁଡ଼ିକର ଶିକ୍ଷକମାନଙ୍କ ପାଇଁ ଆର୍ଥିକ ସହାୟତା।
   ଗ) ରାଜ୍ୟ ସରକାରଙ୍କ ମାଧ୍ୟମିକ/ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସଂସ୍କୃତ ଶିକ୍ଷକଙ୍କ ପାଇଁ ଆର୍ଥିକ ସହାୟତା।
II. ଅଭାବଗ୍ରସ୍ତ ପରିସ୍ଥିତିରେ ଥିବା ଉତ୍କୃଷ୍ଟ ସଂସ୍କୃତ ପଣ୍ଡିତମାନଙ୍କୁ ସମ୍ମାନ ରାଶି।
III. ସଂସ୍କୃତ ପ୍ରଚାର ପାଇଁ ଏନ୍‌ଜିଓ/ଡିମ୍ଡ ସଂସ୍କୃତ ବିଶ୍ୱବିଦ୍ୟାଳୟ/ବିଶ୍ୱବିଦ୍ୟାଳୟଗୁଡ଼ିକୁ ବିଭିନ୍ନ ଗବେଷଣା ପ୍ରକଳ୍ପ ଏବଂ କାର୍ଯ୍ୟକ୍ରମ/ଗତିବିଧି ଲାଗି ଆର୍ଥିକ ସହାୟତା।
IV. ସଂସ୍କୃତ ପୁସ୍ତକ ପ୍ରକାଶନ, ବିରଳ ସଂସ୍କୃତ ପୁସ୍ତକଗୁଡ଼ିକର ପୁନଃ ମୁଦ୍ରଣ ଏବଂ ବହୁ ପରିମାଣରେ କ୍ରୟ ପାଇଁ ଆର୍ଥିକ ସହାୟତା।
V. ଅବସରପ୍ରାପ୍ତ/ଖ୍ୟାତନାମା ସାହିତ୍ୟିକ ସଂସ୍କୃତ ବିଦ୍ୱାନ୍ (ଶାସ୍ତ୍ର ଚୂଡ଼ାମଣି)ଙ୍କ ସେବାର ଉପଯୋଗ ପାଇଁ ଆର୍ଥିକ ସହାୟତା।
VI. ପାରମ୍ପରିକ ସଂସ୍କୃତ ପାଠଶାଳା/ଅନୁଷ୍ଠାନର ବିଦ୍ୟାର୍ଥୀମାନଙ୍କ ଲାଗି "ଧନ୍ଦାମୂଳକ ତାଲିମ ପାଠ୍ୟକ୍ରମ" ସଞ୍ଚାଳନ ନିମନ୍ତେ ପଞ୍ଜୀକୃତ ଶିକ୍ଷା ସଂଗଠନଗୁଡ଼ିକୁ ଆର୍ଥିକ ସହାୟତା।
VII. ସଂସ୍କୃତ ଶିକ୍ଷଣର ମାନ ଉନ୍ନତ କରିବା ପାଇଁ ବିଶ୍ୱବିଦ୍ୟାଳୟ/ଡିମ୍ଡ ବିଶ୍ୱବିଦ୍ୟାଳୟ/ସିବିଏସ୍‌ଇ/ଏନ୍‌ସିଇଆରଟି/ଏସ୍‌ସିଇଆରଟି ଇତ୍ୟାଦିକୁ ଆର୍ଥିକ ସହୟତା।
VIII. "ଅଷ୍ଟାଦଶୀ" ଯୋଜନା ଅଧୀନରେ ଆର୍ଥିକ ସହାୟତା – ସଂସ୍କୃତର ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଅଠରଗୋଟି ପ୍ରକଳ୍ପ (ସଂସ୍କୃତର ବିକାଶ ପାଇଁ ଦୃଷ୍ଟି ଏବଂ ପଥ ମାନଚିତ୍ରର ପ୍ରସ୍ତାବ ଲାଗି ଗଠିତ କମିଟି ଦ୍ୱାରା ସୁପାରିସକୃତ – ୧୦ ବର୍ଷୀୟ ସମ୍ଭାବ୍ୟ ଯୋଜନା)।

- *ଉପରୋକ୍ତ ସମସ୍ତ ଯୋଜନା ପାଇଁ ଦରଖାସ୍ତର ଶେଷ ତାରିଖ: ୩୦।୦୬।୨୦୧୯*
- *ଧାର୍ଯ୍ୟ ତାରିଖ ପରେ ଦାଖଲ ହୋଇଥିବା କିମ୍ବା ପ୍ରତ୍ୟେକ ଯୋଜନା ପାଇଁ ନିର୍ଦ୍ଧାରିତ ସର୍ତ୍ତାବଳୀକୁ ପୂରଣ କରୁ ନ ଥିବା ଦରଖାସ୍ତ(ଗୁଡ଼ିକୁ) ଗ୍ରହଣ କରାଯିବ ନାହିଁ । ଦରଖାସ୍ତ ଫର୍ମ ଏବଂ ଉପରୋକ୍ତ ସମସ୍ତ ଯୋଜନା ସଂକ୍ରାନ୍ତୀୟ ନିୟମ ଓ ସର୍ତ୍ତାବଳୀ ଡାଉନ୍‌ଲୋଡିଂ ପାଇଁ, ସଂସ୍ଥାନର ୱେବ୍‌ସାଇଟ୍ - **www.sanskrit.nic.in** ପରିଦର୍ଶନ କରନ୍ତୁ ।*

davp 21212/11/0014/1819 ରେଜିଷ୍ଟ୍ରାର



ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ

## ସଂକ୍ଷେପରେ

### ନାବାଳକଙ୍କ ମୃତଦେହ ଉଦ୍ଧାର

**ସମ୍ବଲପୁର, ୧।୩ (ବ୍ୟୁରୋ)**-ସମ୍ବଲପୁର ଅଇଁଠାପାଲି ଥାନା ରେମେଡରେ ଏକ ଆମ୍ବ ଗଛରୁ ଝୁଲନ୍ତା ଅବସ୍ଥାରେ ପୋଲିସ ଏକ ମୃତଦେହ ଉଦ୍ଧାର କରିଛି । ନାବାଳକ ଜଣକ ରେମେଡର ମନଜିତ ବାଗ (୧୯) । ମନଜିତ ୨ ଦିନ ହେଲା ନିଖୋଜ ଥିଲେ। ଏ ନେଇ ପୋଲିସ ୭/୧୯ରେ ଏକ ମାମଲା ରୁଜୁ କରିଛି । ହେଲେ କେଉଁ କାରଣରୁ ମୃତ୍ୟୁ ଘଟିଛି ଏ ଦିଗରେ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ଚିନ୍ତାମଣି ପ୍ରଧାନ କହିଛନ୍ତି।

### ମୁମ୍ବାଇରେ ପୁଷ୍ପୁନି ଭେଟଘାଟ

**ସମ୍ବଲପୁର, ୧।୩(ବ୍ୟୁରୋ)**
ପଶ୍ଚିମ ଓଡ଼ିଶା ପରିବାର ପକ୍ଷରୁ ମୁମ୍ବାଇସ୍ଥିତ ଓଡ଼ିଶା ଭବନରେ ୧୨ତମ ପୁଷ୍ପୁନୀ ଭେଟଘାଟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଚମ୍ପକ ତ୍ରିପାଠୀ ଆବାହନୀ ମନ୍ତ୍ର ଉଚ୍ଚାରଣ କରିଥିଲେ । ସଚ୍ଚିଦାନନ୍ଦ ସାହାଣୀ ମା' ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା କରିଥିଲେ। ସୁଜିତ କୁମାର ପରିଡ଼ାଙ୍କ ଦଳ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ନନ୍ଦିତା ପରିଡ଼ା ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ । କବିତା ସାହାଣୀ, ଶରଣ୍ୟା ପାଢ଼ୀ, ରତ୍ନପ୍ରଭା ସାହୁ, ସ୍ୱର୍ଣ୍ଣସୂତା ଦାଶ ଓ ଲୋପାମୁଦ୍ରା ନାୟକ ବିଭିନ୍ନ ନୃତ୍ୟ ପରିବେଷଣ କରିଥିଲେ।

### ଦିଲୀପଙ୍କ ପରିବାରକୁ ଆର୍ଥିକ ସହାୟତା

**ସମ୍ବଲପୁର, ୧।୩ (ବ୍ୟୁରୋ)**- ଲକ୍ଷ୍ମୀ ଟକିଜ ଛକ ନାଇଟ ବସ୍ ଲେବର୍ ୟୁନିୟନ ପକ୍ଷରୁ ମୃତ ଦିଲୀପ ସାହୁଙ୍କ ପରିବାରଙ୍କୁ ଶୁକ୍ରବାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ୟୁନିୟନ ସଭାପତି ଶ୍ୟାମସୁନ୍ଦର ମୁଣ୍ଡା, ଦିଲୀପ କୁମାର ହେମ୍ବ୍ରମ, ଜଳେନ୍ଦର ନାୟକ, ସୋମନାଥ ସେଠ, ମନୋରଞ୍ଜନ ମିଶ୍ର, ଜମାଲ ଖାନ୍, ମୋହନ କୁମାର ବାରିକ, ଦାଶରଥି ସ୍ୱାଇଁ, ସୁବ୍ରତ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ୟୁନିୟନ ପକ୍ଷରୁ ଦିଲୀପଙ୍କ ପରିବାରକୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା ।

### ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ ୩ କଂଗ୍ରେସ କର୍ମକର୍ତ୍ତା ବହିଷ୍କୃତ

**ସମ୍ବଲପୁର, ୧।୩(ବ୍ୟୁରୋ):** ସମ୍ବଲପୁର ଜିଲା କଂଗ୍ରେସ ଅନୁସୂଚିତ ଜାତି ସେଲ୍ ସଭାପତି ମୋତିଲାଲ ତନ୍ତି, ରେଙ୍ଗାଲି ବ୍ଲକ କଂଗ୍ରେସ ଜୋନ-୧ ସଭାପତି ମହେନ୍ଦ୍ର ଓରାମ ଓ ଜିଲା କଂଗ୍ରେସ ସୋସିଆଲ ମିଡିଆ କର୍ମକର୍ତ୍ତା ଆକାଶ କୁମାର ପଣ୍ଡାଙ୍କୁ ଦଳ ବିରୋଧୀ କାର୍ଯ୍ୟ ଯୋଗୁ ବହିଷ୍କାର କରାଯାଇଛି । ଶୁକ୍ରବାର ସନ୍ଧ୍ୟାରେ ଏନେଇ ଜିଲା ସଭାପତି ଅଶ୍ୱିନୀ କୁମାର ଗୁରୁ ଓ ସାଧାରଣ ସମ୍ପାଦକ ତ୍ରିଲୋଚନ ପୁରୋହିତ ଏକ ପ୍ରେସ ବିବୃତୀରେ ଏହି ସୂଚନା ଦେଇଛନ୍ତି।

# ଧରାପଡିଲା ଚାଲାକି, ଏବେ ରାସ୍ତା ଖୋଳା ହେବ

**ସମ୍ବଲପୁର-ଅନୁଗୋଳ ରାସ୍ତା**
- ୫ ହାତୀ ଚଲାପଥ, ୧୨ ରେପଟାଇଲ ନିର୍ମାଣ ହେବ
- ୨୮ କି.ମି. ରାସ୍ତା କାମକୁ ବନ୍ଦ କରି ଦେଇଛି ବନ ବିଭାଗ

**ସମ୍ବଲପୁର, ୧।୩(ବ୍ୟୁରୋ)**

ସମ୍ବଲପୁରରୁ ଅନୁଗୋଳ ପର୍ଯ୍ୟନ୍ତ ୫୫ ନମ୍ବର ଜାତୀୟ ରାଜପଥର ୪ ଥାକିଆ ନିର୍ମାଣ କାମ ଚାଲିଛି। ହେଲେ ଏହି ରାସ୍ତା କାମ ଠିକା ନେଇଥିବା ଗାୟତ୍ରୀ କନଷ୍ଟ୍ରକଶନ କମ୍ପାନୀ ବ୍ୟାପକ ତ୍ରୁଟି କରୁଥିବା ଧରାପଡିଛି । ବନ ବିଭାଗ ରିପୋର୍ଟ ଅନୁସାରେ କମ୍ପାନୀର ଚାଲାକି ପଦାରେ ପଡିଛି । ନିର୍ମାଣାଧୀନ ରାସ୍ତାରେ ବନ୍ୟପ୍ରାଣୀ ଓ ସରୀସୃପଙ୍କ ଯିବା ଆସିବା ପାଇଁ କୌଣସି ବ୍ୟବସ୍ଥା କରାଯାଉ ନଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି । ସରିସୃପ ଜୀବ ପାଇଁ ରାସ୍ତା (ର୍ୟାପଟାଇଲ) ନର୍ମାଣ ନ କରି ଅନେକ ସ୍ଥାନରେ ରାସ୍ତାକୁ କଂକ୍ରିଟ କରି ଦିଆ ଯାଇଛି । ଏବେ କମ୍ପାନୀ ପାଇଁ ଅଡୁଆ ବଢି ଯାଇଛି । ବନ ବିଭାଗ ପକ୍ଷରୁ ରିପୋର୍ଟରେ ୧୨ଟି ସ୍ଥାନରେ ର୍ୟାପଟାଇଲ (ସରିସୃପ ଜୀବ ଯିବା ରାସ୍ତା) କରାଯିବ ଓ ୫ ଟି ସ୍ଥାନରେ ହାତୀ ଚଲାପଥ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ହେଲେ ଠିକା କମ୍ପାନୀ ର୍ୟାପଟାଇଲ ନିର୍ମାଣ କରିବା ପାଇଁ ଚିହ୍ନଟ ହୋଇଥିବା ୫ଟି ସ୍ଥାନରେ କଂକ୍ରିଟ ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି । ଏବେ ନିର୍ମାଣଧୀନ ରାସ୍ତା ଖୋଳି ର୍ୟାପଟାଇଲ ନିର୍ମାଣ କରିବ ନା ବିକଳ୍ପ ବ୍ୟବସ୍ଥା କରିବ ସେ ନେଇ ଜାତୀୟ ରାଜପଥ ବିଭାଗ ଓ ଠିକା କମ୍ପାନୀକୁ ଚିନ୍ତାରେ ପକାଇଛି। ସେହିପରି ହାତୀ ଚଲା ପଥ ନିର୍ମାଣ କରିବା ପୂର୍ବରୁ ବନ ବିଭାଗର ପରାମର୍ଶ ନେଇ କାମ କରିବା ନିୟମ ରହିଛି । ହେଲେ ବନ ବିଭାଗ ସହିତ ସମନ୍ୱୟ ନ ରଖି କାମ କରାଯାଉଛି । ତେଣୁ ଭାବାନିପାଲି ଓ ଝାଙ୍କରପାଲି ନିକଟରେ ହାତୀ ଚଲାପଥ ନିର୍ମାଣ ସ୍ଥାନରେ ବ୍ୟତିକ୍ରମ ଦେଖା ଦେଇଛି । ହାତୀ ଚଲାପଥ ନିର୍ମାଣ ସ୍ଥାନରେ ଗଛ, ପଥର, ରାସ୍ତା, ମାଟି ପୂର୍ବରୁ ଯେମିତି ଥିଲା ସେଭଳି ରହିବା ଆବଶ୍ୟକ ରହିଛି । ହାତୀମାନେ ସେ ସବୁକୁ ଦେଖି ଯିବା ଆସିବା କରିବାରେ ସୁବିଧା ହୋଇଥାଏ । ହେଲେ ଏବେ ସେହି ସ୍ଥାନରେ ଥିବା ଗଛ କାଟି, ପଥର ଓ ମାଟି ଖୋଳି ଦେଇଛି ଠିକା କମ୍ପାନୀ। ଏହାକୁ ନେଇ ବନ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଏହି ସ୍ଥାନ ସହିତ ମୋଟ ପ୍ରାୟ ୧୬୦କିମି ରାସ୍ତାରୁ ୨୮ କିମି ରାସ୍ତା ନିର୍ମାଣ କରିବାକୁ ବନ୍ଦ କରି ଦେଇଛି । ବନ ବିଭାଗର ନିୟମ ପାଳନ କଲେ ଯାଇ କାମ ଆରମ୍ଭ କରିବାକୁ ତାଗିଦ କରିଛି । ବ୍ୟତିକ୍ରମ ହେଲେ ପୁଣି ପଦକ୍ଷେପ ଗ୍ରହଣ କରାଯିବ ବୋଲି ଡିଏଫଓ ସଞ୍ଜିତ କୁମାର କହିଛନ୍ତି। ସେହିପରି ଜାତୀୟ ରାଜପଥ ପ୍ରକଳ୍ପ ଅଧିକାରୀ ଭେଙ୍କଟେଶ୍ୱର ରାଓ କହିଛନ୍ତି ଯେ, ପୂର୍ବରୁ ଏହି ସ୍ଥାନରେ ର୍ୟାପଟାଇଲ ଓ ହାତୀ ଚଲାପଥ ନିର୍ମାଣ ହେବ ବୋଲି ଜଣା ନ ଥିଲା। ହେଲେ ଏବେ କାମ ବନ୍ଦ କରାଯାଇଛି । ପୁଣି ଅନୁମୋଦନ ଆସିଲେ କାମ ଆରମ୍ଭ କରାଯିବ ବୋଲି କହିଥିଲେ। ସୂଚନାଯୋଗ୍ୟ, ଡିସେମ୍ବର ୨୦ ତାରିଖ ଧରିତ୍ରୀରେ 'ହାତୀ ଚଲା ପଥ ନିର୍ମାଣରେ ବ୍ୟତିକ୍ରମ' ବୋଲି ଏକ ଖବର ପ୍ରକାଶ ପାଇଥିଲା । ଏହା ପରେ ବନ ବିଭାଗ, ଜାତୀୟ ରାଜପଥ ବିଭାଗ ଓ ଠିକା କମ୍ପାନୀ କ୍ଷେତ୍ର ପରିଦର୍ଶନ କରିଥିଲେ ।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛୁଆକୁ ମୋଡ଼ିବ କୁଆଁ ବେଳେ,**
**ବୋହୂକୁ ମୋଡ଼ିବ ନୂଆ ବେଳେ ।**

ବାଳୁତ ପିଲାକୁ ନିଜ ଆକଟରେ ରଖିବା ଉଚିତ। କଅଁଳ ଅବସ୍ଥାରୁ ତା'ପ୍ରତି ସତର୍କ ଦୃଷ୍ଟି ନ ରଖିଲେ ସେ ଅବାଟରେ ଚାଲିଯିବାର ସମ୍ଭାବନା ରହିଥାଏ। ଫଳରେ ତା'ର ଭବିଷ୍ୟତ ଅନ୍ଧକାରମୟ ହୋଇଯାଏ। ସେହିପରି ଘରକୁ ନୂଆହୋଇ ଆସିଥିବା ବୋହୂକୁ ଆରମ୍ଭରୁ ତାଗିଦ୍ ଭିତରେ ରଖିଲେ ସେ ନିଃସନ୍ଦେହ ସୁଗୃହିଣୀ ହୋଇପାରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଛି ଲୋ ଛତୁ,**
**ମେଘ ବରଷିଲେ କେତେ ତୁ ମାତୁ ?**

ବର୍ଷା ହେଲେ ମାଟି ଓଦା ହୁଏ। ପାଳଗଦା ତଥା ବାଲିଆ ଜାଗା ଉପରେ ଛତୁ ଫୁଟେ। ବର୍ଷା ଋତୁ ସରିଗଲେ ଆଉ ଛତୁ ଫୁଟେନି। ସମୟ ଓ ବେଳ ଉପରେ ସବୁକିଛି ନିର୍ଭର କରିଥାଏ। ପରୋକ୍ଷରେ ସମୟ ଟିକେ ଭଲ ପଡ଼ିଲେ କିଛି ମଣିଷ ଉତ୍ଫୁଲ୍ଲିତ ହୋଇଉଠନ୍ତି । ଅନ୍ୟଆଗରେ ନିଜର ବୃଥା ଦାମ୍ଭିକତା ଦେଖେଇ ହେଉଥିବା ନେଇ ଗଲେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

### ହୀରାକୁଦ କଲେଜରେ ଆଲୋଚନାଚକ୍ର

**ସମ୍ବଲପୁର, ୧।୩ (ବ୍ୟୁରୋ)**

ହୀରାକୁଦ କଲେଜ ବାଣିଜ୍ୟ ବିଭାଗ ପକ୍ଷରୁ ଶୁକ୍ରବାର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ମୁଖ୍ୟ ପ୍ରମୋଦ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା । ହୀରାକୁଦ କଲେଜ ଅଧ୍ୟକ୍ଷ ସୁଧାଂଶୁ ମହାପାତ୍ର ମୁଖ୍ୟଅତିଥି, ଗଙ୍ଗାଧର ମେହେର ଜୁନିୟର କଲେଜର ଡ. ପ୍ରଦୀପ କୁମାର ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ବାଣିଜ୍ୟ ବିଭାଗ ଅଧ୍ୟାପିକା ରୋଜାଲିନ ଦେବୀ, ଅଧ୍ୟାପକ ସଞ୍ଜୟ ଜେନା ଓ ମୃତ୍ୟୁଞ୍ଜୟ ମାହାତୋ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସେମିନାର ଯୁଗ୍ମ ସମ୍ପାଦକ ସୌମ୍ୟାଶ୍ରୀ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିବାଞ୍ଜଳି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

### ଗମ୍ଭାରକଣ୍ଟା ସ୍କୁଲରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

**ସମ୍ବଲପୁର, ୧।୩ (ବ୍ୟୁରୋ)**
ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଅନ୍ତର୍ଗତ ଠେମରା କ୍ଲଷ୍ଟର ଗମ୍ଭାରକଣ୍ଟା ଉଚ୍ଚ ପ୍ରାଥମିକ ସ୍କୁଲରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍କୁଲ ସହକାରୀ ଶିକ୍ଷୟତ୍ରୀ ଜ୍ୟୋତ୍ସ୍ନା ଦାଶଙ୍କ ଅଧ୍ୟକ୍ଷତାରେ ଉତ୍ସବ ହୋଇଥିଲା । ସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାଗିରଥି ପ୍ରଧାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଗୋଷ୍ଠୀ ଶିକ୍ଷା ଅଧିକାରୀ ସନାତନ ବିଶ୍ୱାଳ ମୁଖ୍ୟଅତିଥି, ସହକାରୀ ଶିକ୍ଷା ଅଧିକାରୀ ନାରାୟଣ ରାଉତ, ସୀତାରାମ ଭୋଇ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଡୋଜାଲିନ ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ । ସିଆରସିସି ଦୁର୍ଗା ସିଂ, ନିରଞ୍ଜନ ସାହୁ, ଗୋପାଳ ରୋହିଦାସ, ଉମେଶ ପ୍ରଧାନ, ଦାମୋଦର ଭୋଇ, ଗୁଣନିଧି ମାହାଲିଙ୍ଗ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ସିଆରସିସି ଗଙ୍ଗାଧର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ପଶ୍ଚିମ ଓଡ଼ିଶାର ଲୋକ ସଂସ୍କୃତି ପୁସ୍ତକ ଉନ୍ମୋଚିତ



ଶୁକ୍ରବାର ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ସଭା କକ୍ଷରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

**ସମ୍ବଲପୁର, ୧।୩ (ବ୍ୟୁରୋ)**

ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ସଭା କକ୍ଷରେ ଶୁକ୍ରବାର ଅନ୍ୟା ଆସର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପ୍ରଫେସର କୃଷ୍ଣ ଚନ୍ଦ୍ର ପ୍ରଧାନଙ୍କ ରଚିତ ପଶ୍ଚିମ ଓଡିଶାର ଲୋକ ସଂସ୍କୃତି ଏକ ସାଂସ୍କୃତିକ ଅନୁଶୀଳନ ପୁସ୍ତକ ଉନ୍ମୋଚନ କରାଯାଇଥିଲା । ଆୟୋଜକ ଅନ୍ୟା ଆବାହକ ଡ. ଦ୍ୱାରିକାନାଥ ନାୟକଙ୍କ ଅଧ୍ୟକ୍ଷତାରେ ଉତ୍ସବ ହୋଇଥିଲା। ଶିକ୍ଷାବିତ ଅରବିନ୍ଦ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଡ. ସିଦ୍ଧାର୍ଥ ପଣ୍ଡା ପ୍ରାରମ୍ଭିକ ସୂଚନା ଓ ଡ. ଗୌରିଦାସ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ପ୍ରଦୀପ କୁମାର ପଣ୍ଡା, ଡ. ଶ୍ୟାମ ଭୋଇ, ପ୍ରଫେସର କାଳିଦାସ ମିଶ୍ର, ବରିଷ୍ଠ କବି ସୌଭାଗ୍ୟବନ୍ତ ମହାରଣା ଯୋଗ ଦେଇ ଥିଲେ । ସେମାନେ କହିଥିଲେ ଯେ, ପ୍ରଫେସର କୃଷ୍ଣ ଚନ୍ଦ୍ର ପ୍ରଧାନ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡିଆ ବିଭାଗର ମୁଖ୍ୟ ଭାବେ ସଫଳତାର ସହ ଦାୟିତ୍ୱ ନିର୍ବାହ କରିଛନ୍ତି । ଏହି ସମୟରେ ସେ ପଶ୍ଚିମ ଓଡିଶାର ଲୋକ ସଂସ୍କୃତି ବିଷୟରେ କିପରି ଜ୍ଞାନ ଆହାରଣ କରି, ପୁସ୍ତକ ମାଧ୍ୟମରେ ତାକୁ ପରିପ୍ରକାଶ କରିଛନ୍ତି ସେ ବିଷୟରେ ଆଲୋଚନା କରିଥିଲେ।

### ଜିଏମ୍‌ୟୁରେ ଯୁକ୍ତ ୨ ପରୀକ୍ଷା କେନ୍ଦ୍ରକୁ ନେଇ ଅସନ୍ତୋଷ

**ସମ୍ବଲପୁର, ୧।୩(ବ୍ୟୁରୋ)**

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ (ଜିଏମୟୁ)ଚଳିତ ବର୍ଷ ମଧ୍ୟ ଯୁକ୍ତ ୨ ପରୀକ୍ଷା କେନ୍ଦ୍ର ହେବାକୁ ସ୍ଥିର ହୋଇଛି । ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବିଶ୍ୱ ବିଦ୍ୟାଳୟକୁ ୩୦ଟି କୋଠରି ଯୋଗାଇ ଦେବା ପାଇଁ ଚିଠି କରାଯାଇଛି। ଅନୁରୋଧ କ୍ରମେ ଗୋଟିଏ ହଲକୁ ଛାଡି ବିଶ୍ୱ ବିଦ୍ୟାଳୟର ସମସ୍ତ କୋଠରିରେ ପରୀକ୍ଷା କରିବା ପାଇଁ ଅନୁମତି ଦିଆଯାଇଛି । ହେଲେ ଏହି ପରୀକ୍ଷା ସମୟରେ ବିଶ୍ୱବିଦ୍ୟାଳୟର ପ୍ରାୟ ୬ ହଜାର ଛାତ୍ରୀଛାତ୍ରଙ୍କ ପାଠ ପଢାରେ ବାଧା ସୃଷ୍ଟି ହେବ। ତେଣୁ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ତେବେ ଏହି ସମସ୍ୟା ଉପରେ ଶିକ୍ଷା ବିଭାଗ ଅବଗତ ଥିଲେ ମଧ୍ୟ ସ୍ଥାନ ପରିବର୍ତ୍ତନ କରାଯାଇନି। ଚଳିତ ବର୍ଷ ପାଇଁ ଏଠି ପରୀକ୍ଷା କରାଯାଉ। ଆସନ୍ତା ବର୍ଷରୁ ପରିବର୍ତ୍ତନ କରାଯିବ ବୋଲି ଜିଲାପାଳ ଶୁଭମ ସକସେନା କହିଥିବା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କହିଛନ୍ତି । ଜିଏମୟୁରେ ବିଭିନ୍ନ କଲେଜରୁ ମୋଟ ୧୯ ଶହ ଛାତ୍ରୀଛାତ୍ର ପରୀକ୍ଷା ଦେବେ । ଏଠାରେ ପରୀକ୍ଷା କେନ୍ଦ୍ର କରିବାକୁ ଡିସେମ୍ବର ମାସରେ ବିଶ୍ୱ ବିଦ୍ୟାଳୟ ମନା କରି ଦେଇଥିଲା। କୋଠରୀ କମ୍ ରହିଛି । ପରୀକ୍ଷା କେନ୍ଦ୍ର କଲେ ବିଶ୍ୱ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପାଠ ପଢାରେ ବାଧା ହେବ ବୋଲି ଉଲ୍ଲେଖ କରାଯାଇଥିଲା । ହେଲେ ବିଭାଗ ପକ୍ଷରୁ ପୁଣି ପରୀକ୍ଷା କେନ୍ଦ୍ର କରିବାକୁ ନିର୍ଦ୍ଦେଶ ଆସିଛି । ଏ ନେଇ ଜିଏମୟୁ ଉପ କୁଳ ସଚିବ ଉମା ଚରଣ ପତିଙ୍କୁ ପଚାରିବାରୁ ସେ କହିଥିଲେ ଯେ, ମାର୍ଚ୍ଚ ୭ରୁ ୩୦ ତାରିଖ ପର୍ଯ୍ୟନ୍ତ ପରୀକ୍ଷା ହେବ। ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଅସୁବିଧା ନିଶ୍ଚୟ ହେବ। ହେଲେ ଯୁକ୍ତ ଦୁଇ ଛାତ୍ରୀ ଛାତ୍ରଙ୍କ ଭବିଷ୍ୟତ ଦୃଷ୍ଟିରେ ରଖି ପରୀକ୍ଷା କେନ୍ଦ୍ର ପାଇଁ ଅନୁମତି ଦିଆଯାଉଛି।

### ରିଜର୍ଭ ପୋଲିସ ପଡିଆରେ ମକ୍‌ଡ୍ରିଲ୍

**ସମ୍ବଲପୁର, ୧।୩ (ବ୍ୟୁରୋ):** ଜାମସେଦପୁର- ୧୦୬ ରାପିଡ ଆକସନ୍ ଫୋର୍ସ ପକ୍ଷରୁ ଶୁକ୍ରବାର ସମ୍ବଲପୁର ରିଜର୍ଭ ପୋଲିସ ଲାଇନ ପଡିଆଠାରେ ମକଡ୍ରିଲ କରାଯାଇଛି। କମାଣ୍ଡାଣ୍ଟ ପି.କେ. ସିଂ ଓ ପ୍ଲାଟୁନ୍ କମାଣ୍ଡାଣ୍ଟ ରଞ୍ଜିତ କୁମାର ନେତୃତ୍ୱ ନେଇଥିଲେ । ରାଜନୈତିକ ଆନ୍ଦୋଳନ ସମେତ ବିଭିନ୍ନ ଅଞ୍ଚଳରେ ଉପୁଜୁଥିବା ଅଶାନ୍ତିକୁ କିପରି ଦମନ କରାଯାଇ ପାରିବ ସେ ନେଇ କୌଶଳ ପ୍ରଦର୍ଶନ (ମକଡ୍ରିଲ୍) ହୋଇଥିଲା । ଏଥିରେ ଉତ୍ତରାଞ୍ଚଳ ପୋଲିସ ଡିଆଇଜି ସତ୍ୟବ୍ରତ ଭୋଇ, ସମ୍ବଲପୁର ଏସ୍‌ପି ସଞ୍ଜିବ ଅରୋରା, ଏଏସପି ଅମରେନ୍ଦ୍ର ରଣା ଓ ପି.କେ. ମହାପାତ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ।



ଶୁକ୍ରବାର ସମ୍ବଲପୁର ରିଜର୍ଭ ପୋଲିସ ପଡିଆଠାରେ ଜାମସେଦପୁର-୧୦୬ ଆରପିଏଫ ପକ୍ଷରୁ ଆୟୋଜିତ ମକ୍‌ଡ୍ରିଲ ।


**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790


■ଦୀନବନ୍ଧୁ ଗୋସ୍ୱାମୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଫୋରସି ଫାଇନାଲରେ ପ୍ରବେଶ

**ସମ୍ବଲପୁର, ୧।୩ (ବ୍ୟୁରୋ)**

ଗୋବିନ୍ଦତୋଲା ସ୍ପୋର୍ଟିଂ ୟୁନିୟନ ପକ୍ଷରୁ ଆୟୋଜିତ ସପ୍ତମ ଦୀନବନ୍ଧୁ ଗୋସ୍ୱାମୀ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ସୋନପୁର ଏସ୍‌ଡିସିସିକୁ ହରାଇ ଫୋରସି ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଆସନ୍ତା ୩ ତାରିଖ ହାୱା ମଇଦାନଠାରେ ହେବାକୁ ଥିବା ଫାଇନାଲ ଫୋରସି ବନାମ ଖାରସୁଗୁଡା ମଧ୍ୟରେ ହେବ । ଟସ୍ ଜିଣି ସୋନପୁର ଦଳ ବ୍ୟାଟିଂ କରିବା ପାଇଁ ସମ୍ବଲପୁର ଫୋରସିକୁ ଆମନ୍ତ୍ରଣ କରିଥିଲା । ଫୋରସି ଦଳ ନିର୍ଦ୍ଧାରିତ ୨୫ ଓଭରରେ ୭ଟି ଉଇକେଟ ହରାଇ ୨୬୫ ରନ ସଂଗ୍ରହ କରିଥିଲା । ଦଳର ନିର୍ଭରଯୋଗ୍ୟ ବ୍ୟାଟ୍ସମ୍ୟାନ ଆୟୁଷ ନାୟକ ୬୦ ବଲରେ ଧୂଆଁଧାର ୧୦୭ ରନ ସଂଗ୍ରହ କରିଥିଲେ । ଅନ୍ୟତମ ବ୍ୟାଟ୍ସମ୍ୟାନ ଶୁଭ୍ରାଂଶୁ ବେହେରା ୨୬ ବଲରେ ୬୨, ଓ ରୋଶନ ମହାପାତ୍ର ୩୯ ବଲରେ ୫୦ ରନ କରିଥିଲେ । ସୋନପୁର ବୋଲର ଉମାଶଙ୍କର ହୋତା ୫ ଓଭରରେ ୩୨ ରନ ଦେଇ ୨ଟି ଓ ଜୟପ୍ରକାଶ ସାହୁ ୫ ଓଭରରେ ୫୪ ରନ ଦେଇ ୨ଟି ଏବଂ ଯଦୁଲାଲ ନନ୍ଦ ୫ ଓଭରରେ ୨୭ ରନ ଦେଇ ଗୋଟିଏ ଉଇକେଟ ହାସଲ କରିଥିଲେ । ୨୬୬ ରନର ବିଜୟ ଲକ୍ଷ୍ୟ ନେଇ ସୋନପୁର ଖେଳାଳି ପଡିଆକୁ ଓହ୍ଲାଇଥିଲେ । କିନ୍ତୁ ଦଳ ୨୫ ଓଭରରେ ୮ ଉଇକେଟ ହରାଇ ୧୯୩ ରନ ସଂଗ୍ରହ କରି ୭୨ ରନ ବ୍ୟବଧାନରେ ପରାଜୟ ବରଣ କରିଥିଲା । ଦଳର ଅଭିଳାଷ ନାୟକ ୪୭ ବଲରେ ଅପରାଜିତ ୬୦ ରନ ଏବଂ ଆକାଶ ପାତ୍ର ୧୭ ବଲରେ ୩୬ ଓ ସିକନ ସେଠୀ ୨୩ ବଲରେ ୩୦ ରନ କରିଥିଲେ । ଫୋରସି ବୋଲର୍ କୁଶଳ ପଟେଲ, ରୋଶନ ମହାପାତ୍ର ଓ ପ୍ରଶାନ୍ତ ଠକ୍କର୍ ୫ଟି ଲେଖାଏଁ ଓଭର ବୋଲିଂ କରି ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ । ଅମ୍ପାୟର ସଞ୍ଜୟ କୁମାର ନାଏକ ଓ ପ୍ରଭଞ୍ଜନ ବଳ ମ୍ୟାଚ ପରିଚାଳନା କରିଥିଲେ । କ୍ଷୀତିଶ ପ୍ରଧାନ ସ୍କୋରର ଥିଲେ । ପ୍ରତାପ ମିଶ୍ର, ମ୍ୟାକମିଲନ୍ ମହାକୁଡ ଓ ଦୀପକ ଗୁପ୍ତା ଉଦ୍‌ଘୋଷକ ଥିଲେ। ପ୍ରକାଶ ପଣ୍ଡା ଅତିଥି ଭାବେ ଯୋଗ ଦେଇ ଫୋରସି ଦଳର ଆୟୁଷଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ । ସଭାପତି ଗୋପାଳ ପ୍ରସାଦ ପଣ୍ଡା, ସମ୍ପାଦକ ଗଦାଧର ପରିଡା ଓ ସାଂଗଠାନିକ ସମ୍ପାଦକ ସଞ୍ଜୀବ କୁମାର ନାୟକ ପୁରସ୍କାର ଉତ୍ସବ ପରିଚାଳନା କରିଥିଲେ ।





ଶୁକ୍ରବାର ସମ୍ବଲପୁର ହାୱା ମଇଦାନଠାରେ ଫୋରସି ଦଳର ଆୟୁଷଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପ୍ରଦାନ କରାଯାଉଛି ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କସିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କସିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

TARIFF — MORE SPACE • SAME PRICE — * GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7520206361
7061764396
Bukaro malepur, jamui Bihar-811313

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - ୨୦ ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
Contact :- 8676907143, 9348274623


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



କଥା କହିବାର ଶୈଳୀ ଏମିତି ରଖ ଯେ, ଅନ୍ୟମାନେ ତୁମ କଥା ଶୁଣିବାକୁ ବ୍ୟାକୁଳ ହେବେ।
କଥା ଶୁଣିବାର ଶୈଳୀ ଏମିତି ରଖ ଯେ, ଅନ୍ୟମାନେ ତୁମକୁ ପ୍ରତ୍ୟେକ କଥା କହିବେ।
- ଚାଣକ୍ୟ



## ସଂକ୍ଷେପରେ

### କୁଟୁରାଚୁଆଁ ମହାବିଦ୍ୟାଳୟର ବାର୍ଷିକୋତ୍ସବ

କୁଚିଣ୍ଡା,୧।୩(ଡି.ଏନ.ଏ.): କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁଟୁରାଚୁଆଁ ମହାବିଦ୍ୟାଳୟର ୨୮ତମ ବାର୍ଷିକୋତ୍ସବ ଅଧକ୍ଷ ସୁବାଷ ଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କୁଚିଣ୍ଡା ବିଧାୟକ ତଥା କଲେଜ ପରିଚାଳନା କମିଟି ସଭାପତି ରବିନାରାୟଣ ନାଏକ ମୁଖ୍ୟଅତିଥି, ଓଡିଶା କୃଷି ମହାବିଦ୍ୟାଳୟର ଅବସରପ୍ରାପ୍ତ କ୍ଷେତ୍ର ବିଜ୍ଞାନୀ ଶିବନାରାୟଣ ହୋତା ମୁଖ୍ୟବକ୍ତା ଓ ଲଇଡା ଦୃତିକା ସାହୁ କଲେଜ ଅଧକ୍ଷ ଡ. ବସନ୍ତ କୁମାର ନାଏକ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଥିଲେ । ମହାବିଦ୍ୟାଳୟ ପକ୍ଷରୁ କୁଚିଣ୍ଡା ଅଞ୍ଚଳର ସାରସ୍ୱତ ଆନ୍ଦୋଳନକୁ ସଫଳ କରିବାରେ ସହଯୋଗ କରିଥିବା ଗଗନ ଶର୍ମା ଏବଂ ଗାନ୍ଧୀ ଦର୍ଶନକୁ ପ୍ରଚାର ଓ ପ୍ରତିଭା ବିକାଶ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରୁଥିବାରୁ ପ୍ରଭାତ ବେହେରାଙ୍କୁ ସମ୍ମାନୀତ କରାଯାଇଥିଲା । ଏହି ଅବସରରେ ଅତିଥିଗଣ କୃତୀ ପ୍ରତିଯୋଗୀଙ୍କୁ ମଧ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ପ୍ରାରମ୍ଭରେ କଲେଜର ଅନୁଷ୍ଠାନିକ ପତାକାକୁ ଉତ୍ତୋଳନ ଓ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ କଲେଜର ପୃଷ୍ଠପୋଷକ ସଭ୍ୟ କାର୍ତ୍ତିକେୟ ମହାପାତ୍ର ଉଦଘାଟନ କରିଥିଲେ। ଅଧାପକ ନୀଳାଞ୍ଚଳ ତିୱାରୀ ସ୍ୱାଗତ ଭାଷଣ ଦେଇ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପୁରସ୍କାର ବିତରଣ ଉତ୍ସବକୁ ଅଧାପକ କୃଷ୍ଣଚନ୍ଦ୍ର ପୂଝାରୀ ପରିଚାଳନା କରିଥିଲେ । ଅଧାପକ ସତ୍ୟନାରାୟଣ ପଟେଲ ବାଷିକ ବିବରଣୀ ପାଠ କରିଥିଲେ। ଅଧାପିକା ସତ୍ୟନାରାୟଣ ପଟେଲ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅଧାପିକା ଭାବନା ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରତିମା ନାୟକଙ୍କ ନେତୃତ୍ୱରେ ଛାତ୍ରୀମାନେ ସଙ୍ଗୀତ ଗାନ କରିଥିଲେ । ଅନ୍ୟମାନଙ୍କ ମଧରେ ଅଧାପକ ବିଶ୍ୱନାଥ ପଟେଲ, ମନୋରଞ୍ଜନ ପଟେଲ, ପୁରାତନ ଛାତ୍ର ସଂଘର କର୍ମକର୍ତ୍ତା ପ୍ରମୁଖ ମଧ ଅତିଥି ଭାବରେ ଯୋଗ ଦେଇଥିଲେ।

# ସମୀର ପାସେ ପୁହୁଁଚିଲା ପରଶାସନ

■ଭତା, ହ୍ୱିଲଚେୟାର ମିଲ୍‌ଲା
■ଚିକିତ୍ସା ସାହାଯ୍ୟକେ ଅପେକ୍ଷା

ସମ୍ବଲପୁର,୧।୩(ବ୍ୟୁରୋ): ସମ୍ବଲପୁର ମହାନଗର ନିଗମର ଠେମରା କେନାଲପଡ଼ାର ସମୀର କୁମାର ନାଥଙ୍କର ପାସେ ଜିଲା ପରଶାସନ ପୁହୁଁଚିଛେ। ସିଡିଏମଓ କଲ୍ୟାଣ କୁମାର ଗୁପ୍ତାଙ୍କର ନିରଦେଶରେ ଗୁଟେ ମେଡିକାଲ ଟିମ୍ ସମୀରଙ୍କର ଘରେ ପୁହୁଁଚି ତାକର ଦିହିପା ଯାଁଚ୍ କରିଛନ୍। ଯାହା ଚିକିତ୍ସା ଖରଚ୍ ଲାଗ୍‌ବା ପରଶାସନ ସବୁ ବୁଝ୍‌ବା ବଲି ସିଡିଏମଓ ଗୁପ୍ତା କହିଛନ୍। ଇଆଡ଼େ ମହାନଗର ନିଗମ ତରଫୁ ସମୀରକେ ଦିବ୍ୟାଙ୍ଗ ଭତା ଆଉ ଆଞ୍ଚଳିକ ଭିନ୍ନକ୍ଷମ ପୁନର୍ବାସ ଓ ଥଇଥାନ କେନ୍ଦ୍ର ତରଫୁ ଗୁଟେ ହ୍ୱିଲ ଚେୟାର ଦିଆଯାଇଛେ। ଇଥିରେ ସମୀରକେ ଟିକେ ସାହସ୍ ମିଲିଛେ, ହେଲେ ଏହେଦେ ବି ଶରିରରୁ ଦରଦ୍ ନାଇଁଯାଇ। ସରକାର ମାହାଲିଆ ଚିକିତ୍ସା ସୁବିଧା ଯୁଗେଇ ଦେଲେ ଦରଦ୍‌ଟା ବି କମ୍‌ତା ବଲି ସମୀର କହିଛନ୍।

ସମୀର ବାବ୍‌ଦେ ଫେବୃୟାରୀ ୧୯ ତାରିଖ୍ ଧରିତ୍ରୀରେ ଖବର ବାହାରିଥିଲା। ଖବର ବାହାରଲା ଉତାରୁ ପରଶାସନ ସହଯୋଗର ହାତ ବଢ଼େଇଥିଲା। ୨୮ ବଛରର ସମୀର ଗୁଟେ ଅଜନା ରୋଗ୍‌ର ଶିକାର ହେଇଛନ୍। ପହେଲା ଡେବରି ହାତର ଆଂଗ୍‌ଠି ଆର ଏହେଦେ ଅଧା ଶରିରକେ ରୋଗ୍ ଚହଟି ଯାଇଛେ। ୫ ବଛର ହେଲା ସମୀର ରୋଗ୍ ଲାଗି ଖଟେ ପଡ଼ି ଛଟ୍‌ପଟ ହେଉଛନ୍। କଥା କହିଲା ସମିଆରେ ବି ଦରଦ୍ ଅନୁଭବ କରୁଛନ୍, ଫଟିକ୍ ହିସାବେ କଥା କହି ନାଇଁପାରବାର। ସମୀର ମସଲ୍ସ ନ୍ୟୁରୋ ରୋଗ୍‌ରେ ପୀଡ଼ିତ ଥିବାର ସଁଧେ କରୁଛନ୍ ଡାକ୍ତର। ବଡ଼ଭାଇର ମୁରତ୍ୟୁ ଉତାରୁ ସମୀର ନିଜର ବହୁର ଉପରେ ଆଶ୍‌ରେ କରିଛନ୍। ସମୀର ୭୫ ପରତିଶତ ଶାରିରିକ ଭିନ୍ନକ୍ଷମ ବଲି ଡାକ୍ତର ସାର୍ଟିଫିକେଟ ଦେଇଛନ୍। ୨୦୦୪ ସାଲେ ବାପା ଲଳିତ ଆର ମା’ ୪ ମାସ ଅଁତରରେ ଆରପାରକେ ଚାଲି ଯାଇଛନ୍। ବାପା ଆର ମା’ର ମୁରତ୍ୟୁ ଉତାରୁ ବାପାଙ୍କର ପେନସନ ସମୀର ପାଏବାର ଲାଗି ଆବେଦନ କରିଛନ୍। ହେଲେ ଆଏଜ୍‌କେ ୨ ବଛର ବିତିଯାଇଛେ, କିଛି ଲାଭ ନାଇଁହେଇ।

■ରେଢ଼ାଖୋଲ ଡାକ୍ତରଖାନାରୁ ପିଲା ଚୋରି ଉଦ୍ୟମ

# ହାଲୁକା ଭାବେ ଅଭିଯୁକ୍ତଙ୍କୁ ଛାଡି ଦେଲା ପୋଲିସ

ରେଢାଖୋଲ,୧।୩(ଡି.ଏନ.ଏ)

ରେଢାଖୋଲ ଉପଖଣ୍ଡ ଡାକ୍ତରଖାନାରୁ ଗୁରୁବାର ରାତି ପ୍ରାୟ ୧୨ଟା ବେଳେ ଚିକିତ୍ସାଧୀନ ଜଣେ ରୋଗୀଙ୍କ ୫ ବର୍ଷର ଏକ ଶିଶୁପୁତ୍ରକୁ ସହରର ସାଲେସିଂ ଗ୍ରାମର ରାକେଶ ସାହୁ (୨୨)ନାମକ ଜଣେ ଯୁବକ କାନ୍ଧରେ ଧରି ନେଇ ଯାଉଥିବା ବେଳେ ସିକ୍ୟୁରିଟି କର୍ମଚାରୀ ମାନେ ଉଦ୍ଧାର କରିଥିଲେ। ଏହି ଯୁବକଙ୍କୁ ଧରି ରେଢାଖୋଲ ଥାନାରେ ଜିମା ଦେଇଥିଲେ। ହେଲେ ପୋଲିସ ରାତିରେ ଥାନାରେ ଅଟକ ରଖିଥିଲେ ହେଁ ପରେ ଛାଡି ଦେଇଛି। ଘଟଣା ସମ୍ପର୍କରେ ଶିଶୁପୁତ୍ରର ବାପା ଶୁକ୍ରବାର ସକାଳେ ଥାନାରେ ମୌଖିକ ଅଭିଯୋଗ କରିଛନ୍ତି। ହେଲେ ପୋଲିସ ଘଟଣାକୁ ହାଲୁକା ଭାବେ ନେଇ ଅଭିଯୁକ୍ତଙ୍କୁ ଥାନାରୁ ଛାଡି ଦେଇଛି। ରେଢାଖୋଲ ଥାନା ଢୁଙ୍କଛାଲି ଗ୍ରାମର ଅଲେଖ ସ୍ୱାଇଁ ଡାକ୍ତରଖାନାର ମେଡିସିନ ୱାର୍ଡର ୩୧ ନଂ ବେଡରେ ଚିକିତ୍ସିତ ହେଉଥିଲେ। ସ୍ତ୍ରୀ ଛବି ୨ପୁଅ ସହ ସ୍ୱାମୀଙ୍କ ପାଖରେ ଥିଲେ। ରାତି ପ୍ରାୟ ୧୨ଟା ବେଳେ ଯୁବକ ଜଣକ ଡାକ୍ତରଖାନା ଭିତରକୁ ଆସି ୫ବର୍ଷର ଶିଶୁପୁତ୍ରକୁ କାନ୍ଧରେ ଧରି ବାହାରକୁ ଯାଉଥିବା ବେଳେ ଡ୍ୟୁଟିରେ ଥିବା ସିକ୍ୟୁରିଟି କର୍ମଚାରୀ ଦେଖି ଅଟକାଇ ଥିଲେ। ପଚରାଉଚୁରା ପରେ କିଛି କହି ନ ପାରିବାରୁ ଥାନାକୁ ନେଇ ପୋଲିସ ଜିମା ଦେଇଥିଲେ। ତେବେ ଏ ନେଇ ଥାନା ଅଧିକାରୀ ପ୍ରଶାନ୍ତ ସାମଲଙ୍କୁ ପଚାରିବାରୁ କେହି ଲିଖିତ ଅଭିଯୋଗ କରିନାହାନ୍ତି। ଯୁବକ ଜଣକ ଅତ୍ୟଧିକ ମଦ୍ୟ ପାନ କରି ଏହି କାଣ୍ଡ କରିଥିବା କହିଛନ୍ତି।



ରେଢ଼ାଖୋଲରେ ଅନୁଷ୍ଠିତ କ୍ରୀଡା ପ୍ରତିଭା ଚୟନ ଶିବିରରେ ଭାଗ ନେଇଥିବା ଛାତ୍ରୀଛାତ୍ର।

# କ୍ରୀଡ଼ା ପ୍ରତିଭା ଚୟନ ଶିବିର

ରେଢାଖୋଲ,୧।୩(ଡି.ଏନ.ଏ.)

ରେଢାଖୋଲ ଉପଖଣ୍ଡର ଗିରିଶ୍ଚନ୍ଦ୍ରପୁର ହାଇସ୍କୁଲଠାରେ ଶୁକ୍ରବାର କ୍ଲଷ୍ଟରସ୍ତରୀୟ କ୍ରୀଡା ପ୍ରତିଭା ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ହାଇସ୍କୁଲର ପ୍ରଧାନ ଶିକ୍ଷକ ରୂପଧର ସେଠ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ଫୁଲକୁସୁମ, କଞ୍ଚନପୁର, କିସିଣ୍ଡା ଓ ଗିରିଶ୍ଚନ୍ଦ୍ରପୁର ମଧ ଇଂରାଜି ଓ ହାଇସ୍କୁଲ ସ୍ତରରୁ ପ୍ରାୟ ୯୬ ଜଣ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ହକି, କବାଡି, ଫୁଟବଲ, ସନ୍ତରଣ ଆଦି ଖେଳର କୌଶଳ ସହ ବ୍ରଡଜମ୍ପ, ସଟଲ ରେସ ପ୍ରଭୃତି ଖେଳର ଦକ୍ଷତା ପରୀକ୍ଷା କରାଯାଇଥିଲା। ଏହି ଶିବିରରୁ ୫ ଜଣ ଖେଳାଳିଙ୍କୁ ମନୋନିତ କରାଯାଇଥିଲା। ଆସନ୍ତା ୯ ଓ୧୦ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଜିଲା ପ୍ରତିଭା ଚୟନ ଶିବିରରେ ଏହି ୫ ଜଣ ଯୋଗ ଦେବେ। ଖେଳ ଶିକ୍ଷକ ପ୍ରକାଶଚନ୍ଦ୍ର ପଣ୍ଡା, ହୃଦାନନ୍ଦ ସାହୁ, ଜିତେନ୍ଦ୍ରୀୟ ପ୍ରଧାନ, ପ୍ରଶାନ୍ତ କୁମାର ମିଶ୍ର, ଶରତ ସାହୁ, ପ୍ରମୋଦ କୁମାର ସାହୁ, ବିଭୂତିଭୂଷଣ ପ୍ରଧାନ ପମୁଖ ପରିଚାଳନା କରିଥିଲେ।

# ନିଯୁକ୍ତି ପରାମର୍ଶ ମେଳାରେ ୩୧୧ ଜଣ ଭାଗ ନେଲେ

ନାକଟିଦେଉଳ,୧।୩(ଡି.ଏନ.ଏ.)

ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଜିଲା ପ୍ରଶାସନ ପକ୍ଷରୁ ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ମେଳା ଆୟୋଜିତ ହୋଇଯାଇଛି। ୩୧୧ଜଣ ଯୁବତୀ ଯୁବକ ଯୋଗ ଦେଇ ନାମ ପଞ୍ଜୀକରଣ କରିଥିଲେ। ବ୍ଲକ ଗ୍ରାମ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ପ୍ରଜ୍ଞା ପାଣିଗ୍ରାହୀ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ମନ୍ଦାକିନୀ ରାଉଳ, ସମ୍ବଲପୁର ଓରମାସର ଉପ ନିର୍ଦ୍ଦେଶକ ଶ୍ରୀମନ୍ତ ହୋତା, ଜିଲା ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅଧିକାରୀ ରଶ୍ମିରଞ୍ଜନ ପତି, ବିଡ଼ିଓ ମେଥୋଡ଼ିୟସ ଲାକ୍ରା ପ୍ରମୁଖ ଯୋଗ ଦେଇ ଥିଲେ । ୧୫ରୁ ଅଧିକ ବିଭିନ୍ନ କମ୍ପାନୀର ପ୍ରତିନିଧ ଯୋଗ ଦେଇଥିଲେ । ଦକ୍ଷତା ମିଶନର ବ୍ଲକ ସଂଯୋଜିକା ଦେବକୀ ବିଶ୍ୱାଳ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ରୀ ମେହେର, ସିଡ଼ିପିଓ କ୍ଷୀରାବ୍ଧି ପାଣ୍ଡିଆଙ୍କ ସମେତ ବ୍ଲକର ସମସ୍ତ ବିଭାଗର ଅଧିକାରୀ ଏବଂ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧିମାନେ ଯୋଗ ଦେଇଥିଲେ।


## NOTICE INVITING E-TENDERS
## CENTRE FOR MODERNIZING GOVERNMENT INITIATIVE (CMGI)

**Tender Ref. No. : CMGI/PCU/CM-AWD-Film/DOC/2018/576/245, Dt. 27.02.2019**

No. CAD-1521: e-Tenders are invited from eligible agencies for documentation of Chief Minister's Award Winning Initiatives through documentary films (in Odia with subtitles in English) and e-Book form (in English).
Tender documents can be downloaded from CMGI website (www.cmgi.org.in) and Odisha e-Tender Portal (https://tendersodisha.gov.in)
The authority reserves the right to cancel the tender without assigning any reason thereof at any stage.
The last date of submission of the e-Tenders in Odisha e-Tender Portal (https://tendersodisha.gov.in) is 26.03.2019.

Executive Director, CENTRE FOR MODERNIZING GOVERNMENT INITIATIVE (CMGI) A-2, 1st floor, Toshali Bhawan, Satya Nagar, Bhubaneswar-51009, Bhubaneswar.

09008/11/0013/1819 **Sd./- Executive Director, CMGI**

GOVT. OF ODISHA
## OFFICE OF THE SUPERINTENDING ENGINEER RURAL WORKS CIRCLE, BARIPADA
Tel No: 06792-261343(O)/261344 (Fax)/ E-Mail: serwcbaripada@nic.in
No.1864-O:- "e" Procurement Notice for Road Work
**Identification No.- Online Tender-Road N.C.B. No. 156 for 2018-19**
Letter No. 616 Dated 27.02.2019

1. Name of the work : Construction of OMBADC Road works in the District of Mayurbhanj during 2018-19.
2. Total No. of work : 01 No. (One)
3. Estimated Cost : Rs. 44.97 Lakhs (approximately).
4. Eligible Class of contractor : As per Annexure in DTCN.
5. Period of Completion : As per Annexure in DTCN.
6. Other details :

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender in O/o S.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works, Circle, Baripada | Road On-line N.C.B. No. 156 | Dt. 03.03.2019 at 11.00 AM | Dt. 20.03.2019 up to 3.00 PM | Dt. 19.03.2019 upto 1.00 PM | Dt. 23.03.2019 at 11.00 AM | Will be intimated Separately |

• Further details can be seen from the website **www.tendersodisha.gov.in.**
• Any Corrigendum/Addendum will be displayed in the above e-tender website only.

25130/11/0039/1819 **Superintending Engineer, R.W. Circle, Baripada**

## GOVT. OF ODISHA
### OFFICE OF THE SUPERINTENDING ENGINEER NORTH EASTERN RURAL WORKS CIRCLE, KEONJHAR
Tel. 06766-258301(O), E-Mail: se_nerwkjr@rediffmail.com
"E" PROCUREMENT NOTICE FOR PMGSY-II BATCH-I
IDENTIFICATION NO. PMGSY ONLINE NCB NO. 262, NO. 893 // DATE: 26-02-2019
No.1859-O

| | | | |
|---|---|---|---|
| 1. | Name of the Work | | Road Works under PMGSY-II Batch-I 2018-19 as per Annexure. |
| 2. | Total No. of Works | | 06 (Six) Nos. |
| 3. | Estimated Cost | | As per annexure in NIT. |
| 4. | Class of Contractor | | As per annexure in NIT. |
| 5. | Period of Completion | | As per annexure in NIT. |
| 6. | Other details | | |

| Procurement Officer | Bid-Identification No. | Availability of tender on-line for bidding | | Last Date & Time of seeking Tender Clarification | Date & Time of Opening of tender in O/O S.E., N.E.R.W. Circle, Keonjhar. | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, North Eastern Rural Works Circle, Keonjhar. | PMGSY Online NCB No. 262 | Dt.02.03.19 at 11.00 A.M. | Dt.16.03.19 up to 5.00 P.M. | Dt.15.03.19 up to 5.00 P.M. | Dt.18.03.19 at 11.00 A.M. | Dt.20.03.19 at 11.00 A.M. |

Further details can be seen from the website: www.pmgsytenders.gov.in
25048/11/0061/1819 **Sd./- Superintending Engineer, N.E.R.W. Circle, Keonjhar.**

## GOVERNMENT OF ODISHA
### OFFICE OF THE SUPERINTENDING ENGINEER RURAL WORKS CIRCLE, KENDRAPARA- JAJPUR
Email : serw_kpd@yahoo.com
Tender online RCK-09/19 Letter No. 652, Date : 25.02.2019
"e" PROCUREMENT NOTICE
No.1872-O

| | | | |
|---|---|---|---|
| 1. | Name of the Work | : | Construction of Road works Construction and Maintnenance of Roads and CD works under MMSY in the district of Kendrapara and Jajpur |
| 2. | Class of Contractor | : | As Specified in Column-6 of Annexure. |
| 3. | Time for Completion | : | As Specified in Column-7 of Annexure. |
| 4. | Detail Projects | : | As per annexure attached |
| 5. | Other Details | | As per annexure in NIT. |

| Procurement Officer | Bid-Identification No. | Availability of tender on-line for bidding | | Last Date & Time of seeking Tender Clarification | Date & Time of Opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Kendrapara, Jajpur | Tender Online RCK-09/19 | 01.03.2019 at 11.00 AM | 23.03.2019 upto 5.00 PM | 19.03.2019 upto 2.00 P.M. | 25.03.2019 at 11.00 AM | 03.04.2019 at 11.00 AM |

Further details can be seen from the website: www.tendersorissa.gov.in
25129/11/0031/1819 **Sd./- Superintending Engineer, Rural Works Circle, Kendrapara-Jajpur**

## INVITATION FOR BIDS (IFB)
୨୦୧୬ ପରଠାରୁ କାର୍ଯ୍ୟକାରୀ ହୋଇଥିବା ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋର୍ଡ(ଆଇବିସି)କୁ ବଡ ଧରଣର ସଫଳତା ମିଳିଛି। ଏହି ଆଇନ ଆସିବା ଦ୍ୱାରା ବର୍ତ୍ତମାନ ସୁଦ୍ଧା ୨ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ଏନ୍‌ପିଏ ମାମଲା ସମାଧାନ କରାଯାଇଛି। ଅପରପକ୍ଷରେ ଦେଶର ବିତ୍ତ ପ୍ରତିଷ୍ଠାନଗୁଡ଼ିକରେ ନୂଆ ଏନ୍‌ପିଏ ମାମଲା ହ୍ରାସ ଘଟିଥିବା କର୍ପୋରେଟ ବ୍ୟାପାର ସଚିବ ଇଞ୍ଜେଟି ଶ୍ରୀନିଭାସ ଶୁକ୍ରବାର ସୂଚନା ଦେଇଛନ୍ତି। ଆନ୍ଧ୍ରପ୍ରଦେଶର ଇକ୍‌ଫାଇ ଲ ସ୍କୁଲଠାରେ ଆଇବିସି ସମ୍ପର୍କିତ ଏକ କର୍ମଶାଳାରେ ଯୋଗଦେଇ ଶ୍ରୀନିଭାସ କହିଛନ୍ତି, ନିକଟରେ ପ୍ରକାଶ ପାଇଥିବା ରିଜର୍ଭ ବ୍ୟାଙ୍କ ରିପୋର୍ଟରେ ଏନ୍‌ପିଏ ହ୍ରାସ ଘଟିଥିବା ଜଣାପଡିଛି। ପୂର୍ବରୁ କିଛି ବ୍ୟବସାୟୀ ଖରାପ ସ୍ୱାର୍ଥ ରଖି ବାଣିଜ୍ୟରେ ବିଫଳ ହୋଇଥିବା ବେଳେ ଏହା ଉଦ୍ୟୋଗୀଙ୍କ ମଧ୍ୟରେ ଥିବା ପ୍ରତିଦ୍ୱନ୍ଦ୍ୱିତାକୁ ପ୍ରଭାବିତ କରୁଥିବା ସେ ମତ ରଖିଛନ୍ତି। ଏପରିସ୍ଥିତିରେ ଆଇବିସି ଉଦ୍ୟୋଗ ବିକାଶ ଏବଂ ପୁଞ୍ଜି କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା ଆଣିବା ଦିଗରେ କାର୍ଯ୍ୟ କରୁଛି। ପୂର୍ବ ତୁଳନାରେ ଆଇବିସିକୁ ଆହୁରି ଦୃଢ କରିବା ଦିଗରେ ବିଭିନ୍ନ ପଦକ୍ଷେପ ନିଆଯାଉଥିବା ସେ ପ୍ରକାଶ କରିଛନ୍ତି। ଆଇବିସି ଆସିବା ପୂର୍ବରୁ ଏକ ଦେବାଳିଆ କମ୍ପାନୀର ରିଜଲ୍ୟୁଶନ ଲାଗି ୪ ବର୍ଷ ସମୟ ଲାଗୁ ଥିଲା। କମ୍ପାନୀର ସମ୍ପତ୍ତିକୁ ପରିଚାଳନା ଲାଗି ମୋଟ ଇନ୍‌ସଲଭେନ୍ସି ଖର୍ଚ୍ଚର ୯ରୁ ୧୦% ଖର୍ଚ୍ଚ କରିବାକୁ ପଡୁଥିଲା। ସେହି ସମୟରେ ଅସୁଲ ଧାରା ୨୫ରୁ ୨୬% ରହିଥିଲା। ଗତ ଦୁଇ ବର୍ଷରେ ଏଥିରେ ପରିବର୍ତ୍ତନ ଆସିଛି। ସମାଧାନ ହୋଇଥିବା ୮୦ ଅତି ସମ୍ବେଦନଶୀଳ ମାମଲାର ଅସୁଲ ହାର ୪୮% ରହିଥିବା ବେଳେ ଇନସଲଭେନ୍ସି ଖର୍ଚ୍ଚ ୧%ରୁ କମ୍ ରହିଥିବା ସେ ସ୍ପଷ୍ଟ କରିଛନ୍ତି।

# ଏନ୍‌ସିଡି ଜାରି କଲା ଏଲ୍ ଆଣ୍ଡ ଟି ଫାଇନାନ୍ସ




ମୁମ୍ବାଇ,୧-୩
ପ୍ରମୁଖ ଅଣବ୍ୟାଙ୍କିଙ୍ଗ୍ ବିତ୍ତ ପ୍ରତିଷ୍ଠାନ ଏଲ୍ ଆଣ୍ଡ ଟି ଫାଇନାନ୍ସ ପକ୍ଷରୁ ସିକ୍ୟୁର୍ଡ ରିଡେମେବଲ ନନ୍ କନଭର୍ଟିବଲ ଡିବେନଚର(ଏନ୍‌ସିଡ଼ି) ଜାରି ସମ୍ପର୍କରେ ଘୋଷଣା କରିଛି। ଏହି ଇସ୍ୟୁ ମାର୍ଚ୍ଚ ୬ରେ ଆରମ୍ଭ ହେବା ସହ ମାର୍ଚ୍ଚ ୨୦ରେ ବନ୍ଦ ହେବ। କମ୍ପାନୀ ୧୦୦୦ ଟଙ୍କାର ଫେସ୍‌ଭାଲ୍ୟୁରେ ଏହି ଡିବେନଚର ଜାରି କରିଛି। ଚଳିତ ଥର ଜାରି ହୋଇଥିବା ଏହି ଡିବେନଚରର ବେସ୍ ସାଇଜ୍ ୫୦୦ କୋଟି ଟଙ୍କା ରହିଛି। ଓଭର ସବସ୍କ୍ରିପଶନକୁ ୧୦୦୦ କୋଟି ଏବଂ ମୋଟ ସଂଗ୍ରହକୁ ୧୫୦୦ କୋଟି ଟଙ୍କା ପର୍ଯ୍ୟନ୍ତ କରିବାକୁ ବିକଳ୍ପ ରଖାଯାଇଛି। ଇକ୍ରା ପକ୍ଷରୁ ଏହି ଇସ୍ୟୁକୁ ଟ୍ରିପଲ ଏ ରେଟିଂ ପ୍ରଦାନ କରାଯାଇଛି, ଯାହା ସ୍ଥିତାବସ୍ଥାକୁ ଦର୍ଶାଉଛି। ସେହିଭଳି କେୟାର ରେଟିଂ ଏବଂ ଇଣ୍ଡିଆ ରେଟିଂ ମଧ୍ୟ ଏହାକୁ ଟ୍ରିପଲ ଏ ରେଟିଂ ଦେଇଛନ୍ତି। ଏହାକୁ ପୂର୍ବରୁ ବନ୍ଦ ଘୋଷଣା କିମ୍ବା ସମ୍ପ୍ରସାରଣ କରାଯାଇପାରେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

# ସ୍ୱଦେଶ ଫେରିବା ନେଇ ମାଲ୍ୟାଙ୍କୁ ହାଇକୋର୍ଟଙ୍କ ପ୍ରଶ୍ନ



ମୁମ୍ବାଇ,୧-୩
ନିମ୍ନ ଅଦାଲତଙ୍କ ଦ୍ୱାରା ପଳାତକ ଘୋଷଣାକୁ ବିରୋଧ କରି ଆଗତ ମାମଲାରେ ବମ୍ବେ ହାଇକୋର୍ଟ ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କୁ ସ୍ୱଦେଶ କେବେ ଫେରିବେ ବୋଲି ପ୍ରଶ୍ନ କରିଛନ୍ତି। ସେ ଭାରତକୁ ଫେରି ମାମଲାର ସମ୍ମୁଖୀନ କେବେ ହେବେ ବୋଲି ହାଇକୋର୍ଟ ଜାଣିବାକୁ ଚାହିଁଛନ୍ତି।

ଶୁକ୍ରବାର ବମ୍ବେ ହାଇକୋର୍ଟରେ ଜଷ୍ଟିସ ଇନ୍ଦ୍ରଜିତ ମହାନ୍ତି ଏବଂ ସାରଙ୍ଗ କୋଟ୍‌ୱାଲଙ୍କୁ ନେଇ ଗଠିତ ଖଣ୍ଡପୀଠରେ ମାଲ୍ୟାଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି ହୋଇଥିଲା। ତାଙ୍କୁ ପଳାତକ ଘୋଷଣା କରାଯିବା ଦ୍ୱାରା ତାଙ୍କର ସମ୍ପତ୍ତି ଜବତ ହେଲେ ଋଣପ୍ରଦାନକାରୀ ବ୍ୟାଙ୍କଗୁଡ଼ିକ କ୍ଷତିଗ୍ରସ୍ତ ହେବେ ବୋଲି ତାଙ୍କ ଓକିଲ ଯୁକ୍ତି ଦର୍ଶାଇଥିଲେ। ସେ ସ୍ୱଦେଶ ଫେରି ଆସିଲେ ଏହି ରାୟ କାର୍ଯ୍ୟକାରୀ ହେବ ନାହିଁ ବୋଲି ଖଣ୍ଡପୀଠ ପ୍ରତ୍ୟୁତ୍ତରରେ କହିଥିଲେ। ସେ କେବେ ଭାରତ ଫେରୁଛନ୍ତି ବୋଲି ଖଣ୍ଡପୀଠ ଜାଣିବାକୁ ଚାହିଁବାରୁ ୟୁକେ ଅଦାଲତଙ୍କ ନିର୍ଦ୍ଦେଶ ଯୋଗୁ ଏହା ସମ୍ଭବ ହୋଇପାରୁନାହିଁ ବୋଲି ଓକିଲ ଦର୍ଶାଇଥିଲେ। ବ୍ରିଟେନ କୋର୍ଟରେ ମାଲ୍ୟା ସ୍ୱଦେଶ ଫେରିବାକୁ ଚାହୁଁଥିବା ଏବଂ ଭାରତୀୟ ଅଦାଲତରେ ମାମଲାର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ଥିବା କହିଛନ୍ତି କି ବୋଲି ଖଣ୍ଡପୀଠ ପୁନର୍ବାର ପ୍ରଶ୍ନ କରିବାରୁ ତାଙ୍କ ଓକିଲ ନୀରବ ରହିଥିଲେ। ସୂଚନାଥାଉ କି, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ଆବେଦନକୁ ଗ୍ରହଣ କରି ସ୍ଥାନୀୟ ଏଫ୍‌ଇଓଏ ଅଦାଲତ ମାଲ୍ୟାଙ୍କୁ ପଳାତକ ଘୋଷଣା କରିଥିଲେ। ଏହି କାରଣରୁ ଏବେ ତାଙ୍କର ସମସ୍ତ ସମ୍ପତ୍ତି ବାଜ୍ୟାପ୍ତ କରିବା ସହଜ ହୋଇଯିବ।

# ଆଧିଆ ବିଓବି ଅଧ୍ୟକ୍ଷ

ନୂଆଦିଲ୍ଲୀ,୧-୩
କେନ୍ଦ୍ର ସରକାର ଶୁକ୍ରବାର ପୂର୍ବତନ ଅର୍ଥ ସଚିବ ହସମୁଖ ଆଧିଆଙ୍କୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଅଫ୍ ବରୋଦା(ବିଓବି)ର ଅଧ୍ୟକ୍ଷ ଭାବେ ନିଯୁକ୍ତ କରିଛନ୍ତି। ଅର୍ଥ ମନ୍ତ୍ରଣାଳୟ ଅଧୀନ ଅର୍ଥନୈତିକ ସେବା ସଚିବ ରାଜୀବ କୁମାର ଟୁଇଟ୍ ଜରିଆରେ ଏ ସମ୍ପର୍କରେ ଘୋଷଣା କରିଛନ୍ତି। ବିଜୟା ବ୍ୟାଙ୍କ ଓ ଦେନା ବ୍ୟାଙ୍କର ମିଶ୍ରଣ ପରେ ବିଓବି ଦେଶର ତୃତୀୟ ସର୍ବବୃହତ ବ୍ୟାଙ୍କ ହେବାକୁ ଯାଉଛି। ମାର୍ଚ୍ଚ ୧୧ରେ ବିଜୟା ବ୍ୟାଙ୍କ ଓ ଦେନା ବ୍ୟାଙ୍କର ଶେୟାରଧାରୀଙ୍କୁ ବିଓବି ଶେୟାର ଜାରି କରାଯିବ। ମିଶ୍ରଣ ଯୋଜନାନୁଯାୟୀ,ପ୍ରତି ୧୦୦୦ ବିଜୟା ବ୍ୟାଙ୍କ ଶେୟାର ପାଇଁ ବିଓବିର ୪୦୨ଟି ଶେୟାର ଜାରି କରାଯିବ।

# ଶକ୍ତି ସଚିବ ହେମନ୍ତ ଶର୍ମା ସମ୍ମାନିତ




ଭୁବନେଶ୍ୱର,୧-୩
ରାଜ୍ୟରେ ସୌଭାଗ୍ୟ ଯୋଜନାର ସଫଳ ରୂପାୟନ ଲାଗି ଶକ୍ତି ସଚିବ ହେମନ୍ତ ଶର୍ମାଙ୍କୁ ସମ୍ମାନିତ କରାଯାଇଛି। ନୂଆଦିଲ୍ଲୀଠାରେ ନିକଟରେ ଅନୁଷ୍ଠିତ ଶକ୍ତି ସମ୍ମିଳନୀରେ ଶକ୍ତି ମନ୍ତ୍ରୀ ଆର୍.କେ. ସିଂ ଶର୍ମାଙ୍କୁ ସମ୍ମାନିତ କରିଥିଲେ। ଶର୍ମା ରୁର୍‌କୀ ଇଞ୍ଜିନିୟରିଂ କଲେଜରୁ ଇଲେକ୍‌ଟ୍ରିକାଲ ଇଞ୍ଜିନିୟରିଂରେ ଡିଗ୍ରୀ ପରେ ୧୯୯୫ରେ ଭାରତୀୟ ପ୍ରଶାସନିକ ସେବାରେ ଯୋଗ ଦେଇଥିଲେ। ୨୦୧୩ର ଫାଇଲିନ ସମୟରେ ରାଜ୍ୟର ବିଦ୍ୟୁତ ଭିତ୍ତିଭୂମିକୁ ସଜାଡିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ଦୂରଦର୍ଶୀ ଯୋଜନା ଯୋଗୁ ରାଜ୍ୟ ଶକ୍ତି ଅଭାବୀ ରାଜ୍ୟରୁ ବଳକା ରାଜ୍ୟରେ ରୂପାନ୍ତରିତ ହେବାକୁ ସକ୍ଷମ ହୋଇଛି। ତାଙ୍କ ନେତୃତ୍ୱରେ ଓଡ଼ିଶା ଜନଗଣନା ଅନ୍ତର୍ଭୁକ୍ତ ସମସ୍ତ ୪୭,୬୭୭ ଗ୍ରାମକୁ ବିଦ୍ୟୁତ ସେବା ଉପଲବ୍ଧ କରାଇ ପାରିଛି।

## ■ଭିଡିଓକନ ଋଣ ମାମଲା

# ଚନ୍ଦା କୋଚ୍ଚର, ଧୂତଙ୍କ ବାସଗୃହ,ଅଫିସ ଉପରେ ଇଡ଼ି ଚଢଉ

ନୂଆଦିଲ୍ଲୀ/ମୁମ୍ବାଇ,୧-୩
ଭିଡିଓକନ୍ ଗ୍ରୁପକୁ ଋଣ ପ୍ରଦାନ ମାମଲାରେ ଛନ୍ଦି ହୋଇ ପଡ଼ିଥିବା ଆଇସିଆଇସିଆଇ ବ୍ୟାଙ୍କ ସିଇଓ ଚନ୍ଦା କୋଚ୍ଚର ଏବଂ ଭିଡିଓକନ୍ ପ୍ରମୋଟର ବେଣୁ ଗୋପଳ ଧୂତଙ୍କ ଅଫିସ ଓ ବାସଗୃହ ଉପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର ଯାଞ୍ଚ କରିଛି। ଅନ୍ତତଃ ପକ୍ଷେ ୫ କାର୍ଯ୍ୟାଳୟ, ମୁମ୍ବାଇସ୍ଥିତ ବାସଗୃହ ଏବଂ ଅନ୍ୟ କିଛି ସ୍ଥାନରେ ଏହି ଯାଞ୍ଚ କରାଯାଇଥିବା ଇଡିର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ବେଆଇନ ଅର୍ଥ କାରବାର ନିରୋଧୀ ଆଇନ (ପିଏମ୍‌ଏଲ୍‌ଏ) ଅନୁସାରେ ଏହି ଚଢଉ କରାଯାଇଥିବା ଇଡି ପ୍ରକାଶ କରିଛି। ଚନ୍ଦା କୋଚ୍ଚରଙ୍କ ମୁମ୍ବାଇସ୍ଥିତ ବାସଗୃହ ଏବଂ ବେଣୁଗୋପାଳଙ୍କ ଔରଙ୍ଗାବାଦସ୍ଥିତ ବାସଗୃହରେ ଇଡି ଛାନଭିନ କରିଥିବା କହିଛି। ଗତ ମାସରେ ଇଡି ପକ୍ଷରୁ ଚନ୍ଦାଙ୍କ ନାମରେ କଳାଟଙ୍କା କାରବାର ମାମଲା ଦାଏର କରାଯାଇଥିଲା। ଚନ୍ଦାଙ୍କ ସ୍ୱାମୀ ଦୀପକ କୋଚ୍ଚର ଏବଂ ଭିଡିଓକନ ପ୍ରମୋଟର ଧୂତ ବେଆଇନ ଭାବେ ୧୮୭୫ କୋଟି ଟଙ୍କାର କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ଏହି ମାମଲାରେ ପ୍ରମାଣ ସଂଗ୍ରହ ଲାଗି ଇଡିର ଏକ ଟିମ୍ ଶୁକ୍ରବାର ସକାଳେ ଏହି ଯାଞ୍ଚରେ ସାମିଲ ହୋଇଥିଲେ। ସିବିଆଇ ଅଭିଯୋଗ ଆଧାରରେ ଇଡି ପକ୍ଷରୁ ଚନ୍ଦାଙ୍କ ବିରୋଧରେ ପିଏମ୍‌ଏଲ୍‌ଏ ମାମଲା ଦାଏର କରାଯାଇଛି।

# ଫେବୃୟାରୀରେ ଜିଏସ୍‌ଟି ଆଦାୟ କମିଲା




**୯୭,୨୪୭ କୋଟି ଟଙ୍କା ଜିଏସ୍‌ଟି ସଂଗ୍ରହ**

ନୂଆଦିଲ୍ଲୀ,୧-୩
ଚଳିତ ଆର୍ଥିକ ବର୍ଷ ଫେବୃୟାରୀ ମାସରେ ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ସଂଗ୍ରହରେ ହ୍ରାସ ଘଟିଛି। ଏହି ସମୟରେ ୯୭,୨୪୭ କୋଟି ଟଙ୍କାର ଜିଏସ୍‌ଟି ଆଦାୟ ହୋଇଛି। ଏହା ଜାନୁୟାରୀ ମାସରେ ୧.୦୨ ଲକ୍ଷ କୋଟି ଟଙ୍କା ରହିଥିଲା ବୋଲି ଅର୍ଥମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ସୂଚନା ରହିଛି। ଏହି ସମୟରେ ସେଲ୍‌ସ ରିଟର୍ନ ଅନୁପାଳନ କ୍ଷେତ୍ରରେ ଉନ୍ନତି ଘଟିଥିବା ଜଣାପଡ଼ିଛି। ଫେବୃୟାରୀ ମାସରେ ୭୩.୪୮ ଲକ୍ଷ ଜିଏସ୍‌ଟିଆର୍-୩ବି ରିଟର୍ନ ଫାଇଲ ହୋଇଛି। ଏହା ଜାନୁୟାରୀ ମାସରେ ୭୩.୩ ଲକ୍ଷ ରିଟର୍ନ ରହିଥିଲା। ସଂଗ୍ରହ ହୋଇଥିବା ଜିଏସ୍‌ଟି ମଧ୍ୟରେ କେନ୍ଦ୍ରୀୟ ଜିଏସ୍‌ଟି (ସିଜିଏସ୍‌ଟି)ର ଅଂଶ ୧୭,୬୨୬ କୋଟି ଟଙ୍କା ରହିଛି। ଏହି ସମୟରେ ୨୪,୧୯୨ କୋଟି ଟଙ୍କାର ରାଜ୍ୟ ଜିଏସ୍‌ଟି(ଏସ୍‌ଜିଏସ୍‌ଟି), ୪୬,୯୫୩ କୋଟି ଟଙ୍କାର ସମନ୍ୱିତ ଜିଏସ୍‌ଟି(ଆଇଜିଏସ୍‌ଟି) ଏବଂ ସେସ୍ ବା ଉପକର ବାବଦକୁ ୮,୪୭୬ କୋଟି ଟଙ୍କା ଆଦାୟ ହୋଇଥିବା ମନ୍ତ୍ରଣାଳୟ ପ୍ରକାଶ କରିଛି। ଗତ ବର୍ଷ ସମାନ ସମୟ ତୁଳନାରେ ଚଳିତ ବର୍ଷ ୧୩.୧୨% ଅଧିକ ଜିଏସ୍‌ଟି ସଂଗ୍ରହ ହୋଇଛି। ଗତ ବର୍ଷ ଏହା ୮୫,୯୬୨ କୋଟି ଟଙ୍କା ରହିଥିଲା। ଏହି ସମୟରେ ଆଇଜିଏସ୍‌ଟିରୁ ସରକାର ସିଜିଏସ୍‌ଟି ବାବଦକୁ ୧୯,୪୭୦ କୋଟି ଏବଂ ଏସ୍‌ଜିଏସ୍‌ଟି ବାବଦକୁ ୧୫,୭୪୭ କୋଟି ଟଙ୍କା ସମାଧାନ କରିଛନ୍ତି। ନିୟମିତ ବଣ୍ଟନ ପରେ କେନ୍ଦ୍ର ଏବଂ ରାଜ୍ୟ ଯଥାକ୍ରମେ ସିଜିଏସ୍‌ଟି ବାବଦକୁ ୩୭,୦୯୫ କୋଟି ଓ ଏସ୍‌ଜିଏସ୍‌ଟି ବାବଦକୁ ୩୯,୯୩୯ କୋଟି ରାଜସ୍ୱ ଲାଭ କରିଛନ୍ତି। ଟିଭି, ସିନେମା ଟିକେଟ, ପାୱାର ବ୍ୟାଙ୍କ, ମନିଟର ସ୍କ୍ରିନ ଭଳି ୨୩ ସାମଗ୍ରୀଗୁଡ଼ିକ ଉପରେ ଟିକସ ହ୍ରାସ ଯୋଗୁ ଜିଏସ୍‌ଟି କମିଥିବା ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।

**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ**
**୬ଷ୍ଠ ରାଜ୍ୟ ଓଡ଼ିଆ ଟେଲି ପୁରସ୍କାର ପ୍ରଦାନ ଉତ୍ସବ**
ତା.୦୨।୦୩।୨୦୧୯ରିଖ, ଘ.୬.୩୦ମିନିଟ୍, ସ୍ଥାନ : ଉତ୍କଳ ମଣ୍ଡପ, ଭୁବନେଶ୍ୱର

**ମୁଖ୍ୟ ଅତିଥି**
ଶ୍ରୀଯୁକ୍ତ ପ୍ରଫୁଲ ସାମଲ, ମାନ୍ୟବର ମନ୍ତ୍ରୀ, ମହିଳା, ଶିଶୁ ବିକାଶ ଓ ମିଶନ୍ ଶକ୍ତି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, ଏମ୍‌ଏସ୍‌ଏମ୍‌ଇ ବିଭାଗ, ଓଡ଼ିଶା

**ସମ୍ମାନନୀୟ ଅତିଥି**
ଡକ୍ଟର ପ୍ରସନ୍ନ କୁମାର ପାଟଶାଣୀ, ମାନ୍ୟବର ସାଂସଦ, ଭୁବନେଶ୍ୱର
ଶ୍ରୀଯୁକ୍ତ ବିଜୟ କୁମାର ମହାନ୍ତି, ମାନ୍ୟବର ବିଧାୟକ, ଭୁବନେଶ୍ୱର (ମଧ୍ୟ), ଓଡ଼ିଶା
ଶ୍ରୀଯୁକ୍ତ ପ୍ରିୟଦର୍ଶୀ ମିଶ୍ର, ମାନ୍ୟବର ବିଧାୟକ, ଭୁବନେଶ୍ୱର (ଉତ୍ତର), ଓଡ଼ିଶା
ଶ୍ରୀଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ, ପ୍ରମୁଖ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା
ଶ୍ରୀମତୀ ବନଜା ମହାନ୍ତି, ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତ୍ରୀ
ଶ୍ରୀଯୁକ୍ତ ସତ୍ୟବ୍ରତ ତ୍ରିପାଠୀ, ଅଧ୍ୟକ୍ଷ, ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ, କଟକ
ଶ୍ରୀଯୁକ୍ତ ବିଜୟ କୁମାର ନାୟକ, ନିର୍ଦ୍ଦେଶକ ଓ ଅତିରିକ୍ତ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା
ଡଃ. ରାମକୃଷ୍ଣ ସାହୁ, ସ୍ୱତନ୍ତ୍ର ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା
ସଭାପତି, ଓଡ଼ିଶା ସଂଗୀତ ନାଟକ ଏକାଡେମୀ, ଭୁବନେଶ୍ୱର
(ଏହି ଉତ୍ସବରେ କଳାପ୍ରାଣ ଜନସାଧାରଣ ବହୁ ସଂଖ୍ୟାରେ ଯୋଗଦେବା ନିମନ୍ତେ ସାଦର ନିମନ୍ତ୍ରଣ।)

ବିଜୟ କୁମାର ନାୟକ
ନିର୍ଦ୍ଦେଶକ ଓ ଅତିରିକ୍ତ ଶାସନ ସଚିବ,
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା

**THE ODISHA MINING CORPORATION LTD.**
OMC House, Bhubaneswar-751001, Odisha
CIN : U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

RFP No. 32/OMC/PROJ/19 **GLOBAL TENDER NOTIFICATION** Date : 01.03.2019

**REQUEST FOR PROPOSAL FOR SELECTION OF MINE DEVELOPER AND OPERATOR (MDO) FOR KURMITAR IRON ORE MINE IN THE SUNDERGARH DISTRICT OF ODISHA**

OMC invites proposals from experienced Mine Developer and Operators for development, operation and maintenance of the Kurmitar Iron Ore Mine, located in the Sundergarh district of Odisha.

The e-NIT is freely available on the portal of MSTC Limited (**http://www.mstcecommerce.com/eprochome/omc**) and website of The Odisha Mining Corporation Limited (**http://www.omcltd.in**).

The Bid Documents can be downloaded from the portal of MSTC Limited from 02.03.2019 after registration on the portal of MSTC Limited upon payment of the Bid Document Cost of **INR 5,00,000/- (Rupees Five Lakhs only)** plus applicable GST.

**Bid Due Date : 03.05.2019**

Any further communications, amendments, etc. will be uploaded on the above portal of MSTC Limited and the website of OMC. OMC reserves the right to reject any or all Bids without assigning any reasons whatsoever.

**Nodal officer for this Bidding Process :**
L. K. Prusty, General Manager (Project), OMC
Phone No. 0674-2377484 / 0674-2501104 **Sd/-**
E-mail : lkp.omc@gmail.com **General Manager (Projects)**

## ୨ଥର ଯାକ ପ୍ରାର୍ଥୀ ବଦଳାଇଛି ବିଜେଡି

# ଆଶାରେ ଅନେକ ଆଶାୟୀ



ପ୍ରିୟଦର୍ଶୀ ମିଶ୍ର



ଦିଲୀପ ମହାନ୍ତି



ମନୋରଞ୍ଜନ ଦାଶ

**ଚିଦାନନ୍ଦ ଜେନା**

**ଭୁବନେଶ୍ୱର,୧।୩(ବ୍ୟୁରୋ)**

୨୦୦୯ରେ ରାଜଧାନୀ ଭୁବନେଶ୍ୱର ଓ ଆଖାପାଖ କେତେକ ଅଞ୍ଚଳକୁ ନେଇ ୩ଟି ବିଧାନସଭା ନିର୍ବାଚନମଣ୍ଡଳୀ ଗଠନ ହୋଇଥିଲା। ସେଥିମଧ୍ୟରୁ ଭୁବନେଶ୍ୱର(ଉତ୍ତର) ଅନ୍ୟତମ। ଏହା ଅଧୀନରେ ରହିଛି ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ୨୫ଟି ୱାର୍ଡ ଏବଂ ଭୁବନେଶ୍ୱର ବ୍ଲକର ୫ଟି ପଞ୍ଚାୟତ। ୨୦୦୯ଠାରୁ ହିଁ ଏହି ନିର୍ବାଚନମଣ୍ଡଳୀ ଲଗାତର ୨ ଥର ବିଜେଡି ହାତରେ ରହିଛି। କିନ୍ତୁ ଦଳ ୨ଟି ଯାକ ନିର୍ବାଚନରେ ପ୍ରାର୍ଥୀ ପରିବର୍ତ୍ତନ କରିଥିଲା। ୨୦୦୯ରେ ଭାଜପା ପ୍ରାର୍ଥୀ ଗୋଲକ ମହାପାତ୍ରଙ୍କୁ ୫୧,୪୬୨ ଭୋଟରେ ପରାସ୍ତ କରିଥିଲେ ବିଜେଡି ପ୍ରାର୍ଥୀ ଭାଗୀରଥି ବଡଜେନା। କିନ୍ତୁ ୨୦୧୪ରେ ଭାଗୀରଥିଙ୍କୁ ଦଳ ଆଉ ଏଠାରେ ପ୍ରାର୍ଥୀ ନ କରି ଜଟଣୀରୁ ପ୍ରାର୍ଥୀ କରିଥିଲା। ଭାଗୀରଥିଙ୍କ ସ୍ଥାନରେ ବିଜେଡିର ପ୍ରାର୍ଥୀ ହୋଇଥିଲେ ପ୍ରିୟଦର୍ଶୀ ମିଶ୍ର। ଛାତ୍ର ରାଜନୀତିରେ ଦକ୍ଷତାକୁ ଆଧାର କରି ପ୍ରିୟଦର୍ଶୀଙ୍କୁ ବିଜେଡି ଦେଇଥିଲା ଟିକେଟ। ଏଥର କିନ୍ତୁ ସ୍ଥିତିରେ ଅନେକ ପରିବର୍ତ୍ତନ ଆସିଛି। ପ୍ରିୟଦର୍ଶୀଙ୍କ ବିରୋଧରେ ଜନଅସନ୍ତୋଷ ଅପେକ୍ଷା ଦଳୀୟ ଅସନ୍ତୋଷ ରହିଛି। ତେଣୁ ଆଉ କେତେଜଣ ବିଜେଡିରୁ ଟିକେଟ୍ ପାଇବାକୁ ଆଶାୟୀ ଅଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ଛାତ୍ର ବିଜେଡି ଉପଦେଷ୍ଟା ଚିନ୍ମୟ ସାହୁ, ସୁବାସ ପାତ୍ର ଓ ଅବସରପ୍ରାପ୍ତ ସରକାରୀ ଅଧିକାରୀ ମନୋରଞ୍ଜନ ନାୟକ। ଏମାନଙ୍କୁ ବାଦ୍ ଦେଇ ଦଳୀୟ ନେତୃତ୍ୱ ଅନ୍ୟ କାହାକୁ ବି ପ୍ରାର୍ଥୀ କରିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ବିଜେଡିରୁ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିବା ଅଚ୍ୟୁତ ସାମନ୍ତ ଏବଂ ଭୁବନେଶ୍ୱରର ପୂର୍ବତନ ମେୟର ଅନନ୍ତ ନାରାୟଣ ଜେନାଙ୍କ ଦ୍ୱାରା ଏଠାକାର ରାଜନୀତି ବହୁଳ ଭାବରେ ପ୍ରଭାବିତ ହେଉଥିବା ଜଣାପଡିଛି।

ବିଧାୟକ ପ୍ରିୟଦର୍ଶୀ ମିଶ୍ର କହିଛନ୍ତି ଯେ, 'ରାଜନୀତିରେ ଅସନ୍ତୋଷ ରହିବ। ସାଧାରଣ ଲୋକଙ୍କ କଥା ସବୁ ଫୋରମ୍‌ରେ ଉଠାଏ। ବିଧାନସଭାରେ ମିଳିଥିବା ସୁଯୋଗର ସଦ୍‌ବିନିଯୋଗ କରିଛି। କେହି କ'ଣ ବ୍ୟକ୍ତିଗତ ଉଦ୍ଦେଶ୍ୟ କରି ବିରୋଧ କଲେ ମୁଁ କ'ଣ ବା କରିପାରିବି। ସରକାରୀ ଯୋଜନାର ସଫଳ ରୂପାୟନ କରିବା ଦିଗରେ ଧ୍ୟାନ ଦେଇଛି। ଲୋକଙ୍କ ସହ ସବୁବେଳେ ଥିବାରୁ ସବୁକିଛି ଠିକ୍ ହେବ ବୋଲି ଭାବୁଛି। ନିର୍ବାଚନକୁ କମ୍ ସମୟ ଥିବାରୁ ସମସ୍ତ ଉନ୍ନତିମୂଳକ କାର୍ଯ୍ୟ ସାରିବା ଉପରେ ଗୁରୁତ୍ୱ ଦେଉଛି। ମୋ ସମ୍ପର୍କରେ ଦଳ ଉଚିତ ନିଷ୍ପତ୍ତି ନେବ ବୋଲି ଦୃଢବିଶ୍ୱାସ ରହିଛି।'

ଚିନ୍ମୟ ସାହୁ କହିଛନ୍ତି ଯେ, 'ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଯୁବବର୍ଗ ଏବଂ ମହିଳାଙ୍କୁ ସର୍ବାଧିକ ଗୁରୁତ୍ୱ ମିଳିଛି। ବିଜେଡିରେ ଯୋଗଦାନ ପରେ ମିଳିଥିବା ସମସ୍ତ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରିଛି। ଉତ୍ତର ଭୁବନେଶ୍ୱର ଅଞ୍ଚଳବାସୀଙ୍କ ସହ ଭାବଗତ ଭାବେ ଯୋଡ଼ି ହୋଇଛି। ଏଥିସହ ରାଜ୍ୟ ସରକାରଙ୍କ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଛି, ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟ ଜାରି ରଖିଛି। ତେଣୁ ଦଳ ନିଶ୍ଚୟ ଉଚିତ ବିଚାର କରିବ।'

ବିଜେଡିର ଖୋର୍ଦ୍ଧା ଜିଲା ଉପସଭାପତି ସୁବାସ ପାତ୍ର କହିଛନ୍ତି ଯେ, 'ମୁଁ ଉତ୍ତର ନିର୍ବାଚନମଣ୍ଡଳୀ ମାଟିର ପୁଅ। ବାହାର ପ୍ରାର୍ଥୀ ଏଠାକାର ସମସ୍ୟା ବୁଝିବାରେ ବିଫଳ ହୋଇଛନ୍ତି। ରାଜ୍ୟ ସରକାରଙ୍କ ଅନେକ ଯୋଜନା ସ୍ଥାନୀୟ ନେତାଙ୍କ ଯୋଗୁ ଜନଗଣଙ୍କ ପାଖରେ ପହଞ୍ଚିନାହିଁ। ତେଣୁ ଆଗାମୀ ନିର୍ବାଚନରେ ଦଳ ମୋ କଥା ନିଶ୍ଚୟ ବିଚାର କରିବ। ମୋ ବ୍ୟତୀତ ଉପଯୁକ୍ତ ପ୍ରାର୍ଥୀକୁ ଟିକେଟ୍ ମିଳିଲେ ସହଯୋଗ କରିବି। ଉପଯୁକ୍ତ ପ୍ରାର୍ଥୀ ଦିଆ ନ ଗଲେ କର୍ମୀଙ୍କ ମତାମତ ଲୋଡ଼ିବି।'

ଗତ ଜାନୁୟାରୀ ୩୧ରେ ସରକାରୀ ଚାକିରିରୁ ଅବସର ଗ୍ରହଣ କରିଥିବା ମନୋରଞ୍ଜନ ନାୟକଙ୍କ ନାଁକୁ ନେଇ ମଧ୍ୟ ଚର୍ଚ୍ଚା ହେଉଛି। ପଟିଆ ଅଞ୍ଚଳର କେତେଜଣ ଲୋକ ତାଙ୍କ ନାମକୁ ବିଜେଡି ନେତୃତ୍ୱଙ୍କୁ ସୁପାରିସ କରିଥିବା ଜଣାପଡିଛି। ଏ ସମ୍ପର୍କରେ ମନୋରଞ୍ଜନ କହିଛନ୍ତି ଯେ, ମୁଁ ପ୍ରାର୍ଥୀ ହୁଏ ବୋଲି ସ୍ଥାନୀୟ ଜନସାଧାରଣ ସୁପାରିସ କରିଛନ୍ତି। ଯଦି ମୋ ନାମ ବିଚାର କରାଯାଏ, ତେବେ ମୁଁ ନିଶ୍ଚୟ ଲଢିବି।

ବିଜେଡି ପରେ ଭାଜପାର ସ୍ଥିତି ନିର୍ବାଚନମଣ୍ଡଳୀରେ ରହିଛି। ତା' ପରେ ରହିଛି କଂଗ୍ରେସ। ମାତ୍ର ଦୁଇ ଜାତୀୟ ଦଳ ପୂର୍ବ ୨ଟି ନିର୍ବାଚନରେ ଶାସକ ଦଳ ପାଇଥିବା ଭୋଟର ଅଧା ପାଇପାରି ନ ଥିଲେ। ପଞ୍ଚାୟତ ନିର୍ବାଚନ ପରେ ଭାଜପା ନିଜ ସଙ୍ଗଠନକୁ ଅଧିକ ଗୁରୁତ୍ୱ ଦେଉଛି। ୨୦୧୪ରେ ଲଢି ପରାଜିତ ହୋଇଥିବା ଭାଜପା ପ୍ରାର୍ଥୀ ଦିଲୀପ ମହାନ୍ତି ନିଜ ସାଙ୍ଗଠନିକ କାର୍ଯ୍ୟ ଜାରି ରଖିଛନ୍ତି। ଗତ ବର୍ଷକ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକାଧିକ କାର୍ଯ୍ୟକ୍ରମ ଏହି ନିର୍ବାଚନମଣ୍ଡଳୀରେ ଆୟୋଜନ କରି ଦଳକୁ ଚର୍ଚ୍ଚାରେ ରଖିବା ପାଇଁ ଚେଷ୍ଟା କରିଛନ୍ତି। ସେହିପରି ଦଳୀୟ ରାଜନୀତିରେ ପୂର୍ବତନ ପ୍ରଶାସିକା ଅପରାଜିତା ଷଡ଼ଙ୍ଗୀଙ୍କ ଆବିର୍ଭାବ ଦଳୀୟ କର୍ମୀଙ୍କୁ ଉତ୍ସାହିତ କରୁଛି। ଭାଜପାରୁ ଦିଲୀପ ମହାନ୍ତି ଓ ଯୁଗାଂଶୁ ପଣ୍ଡା ବର୍ତ୍ତମାନ ଟିକେଟ ଦୌଡରେ ସର୍ବାଗ୍ରେ ଅଛନ୍ତି। ହେଲେ ରାଜଧାନୀ ଉପକଣ୍ଠସ୍ଥ ଆସନ ହୋଇଥିବାରୁ ଭାଜପା ଶେଷ ମୁହୂର୍ତ୍ତରେ ହାଇପ୍ରୋଫାଇଲ ପ୍ରାର୍ଥୀଙ୍କୁ ଠିଆ କରିପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି। ଭାଜପା ନେତା ଦିଲୀପ ମହାନ୍ତି କହିଛନ୍ତି ଯେ,'ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀ କହିଲେ ଶୈଳଶ୍ରୀ ବିହାର, ନୀଳାଦ୍ରି ବିହାର କିମ୍ବା କିଟ୍ ଛକକୁ ବୁଝାଇ ନଥାଏ। ଏହି ନିର୍ବାଚନମଣ୍ଡଳୀରେ ଗ୍ରାମୀଣ, ବସ୍ତି ଏବଂ ସହରୀ ସଭ୍ୟତା ରହିଛି। ଏସବୁ ସମନ୍ୱୟ ରକ୍ଷାକରି ଯେପରି ଭାବେ ବିକାଶ ହେବା କଥା, ତାହା ହୋଇନାହିଁ। ନିର୍ବାଚନମଣ୍ଡଳୀରେ ଟ୍ରାଫିକ ସମସ୍ୟା, ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ। ତେଣୁ ବିଜେଡିକୁ ଆଗାମୀ ନିର୍ବାଚନରେ ଭୋଟର ପ୍ରତ୍ୟାଖ୍ୟାନ କରିବେ। ମୋତେ ଦଳ ଯେଉଁ ଦାୟିତ୍ୱ ଦେବ ତାହାକୁ ମୁଁ ପାଳନ କରିବି। ଦଳ ଯଦି ମୋତେ ପ୍ରାର୍ଥୀ ନ କରେ, ମୁଁ ଶୃଙ୍ଖଳିତ ସଦସ୍ୟ ଭାବେ କାର୍ଯ୍ୟ କରିବି। ମୋ ପାଇଁ ପଦପଦବୀ ନୁହେଁ, ଦଳ ବଡ଼।' ଭାଜପା ନେତା ଯୁଗାଂଶୁ ପଣ୍ଡା କହିଛନ୍ତି ଯେ, ପୂର୍ବାପେକ୍ଷା ଭାଜପାର ସ୍ଥିତି ଦୃଢ଼ ହୋଇଛି। ଯୁବବର୍ଗଙ୍କୁ ପ୍ରାଧାନ୍ୟ ଦିଆଯାଉଛି। ଦଳ ନିଶ୍ଚୟ ମୋତେ ପ୍ରାର୍ଥୀ କରିବ ବୋଲି ଆଶା। ବିଜେଡିର ୫ କର୍ପୋରେଟର ଏବଂ ପଦାଧିକାରୀ ମୋ ସହ ଯୋଗାଯୋଗରେ ଅଛନ୍ତି। ମୋତେ ପ୍ରାର୍ଥୀ କରାଗଲେ ବିଜେଡି ପ୍ରାର୍ଥୀଙ୍କୁ ନିଶ୍ଚୟ ହରାଇବି।

ଅନ୍ୟପକ୍ଷରେ କଂଗ୍ରେସରୁ ପ୍ରାର୍ଥୀ ହେବା ନେଇ ମନୋରଞ୍ଜନ ଦାଶ, କିଶୋର ଜେନା ଏବଂ ଆଶିଷ କୁମାର ମଲିକଙ୍କ ନାଁ ଚର୍ଚ୍ଚାରେ ରହିଛି। ମନୋରଞ୍ଜନ କହିଛନ୍ତି ଯେ, 'ଦଳ ଯାହା ଦାୟିତ୍ୱ ଦେବ ତାହାକୁ ତୁଲାଇବି। ନିର୍ବାଚନରେ ଜିତିବା ହାରିବା ବଡ଼କଥା ନୁହେଁ। ଲଗାତର ଜିତୁଥିବା ଶାସକ ଦଳ ଲୋକଙ୍କୁ ଆବଶ୍ୟକ ସୁବିଧା ଯୋଗାଇ ଦେଇପାରିନାହିଁ। ଗ୍ରାମୀଣ କ୍ଷେତ୍ରରେ ରହୁଥିବା ଲୋକ ପରିଷ୍କାର ପାଣିରେ ଗାଧୋଇବାକୁ ପାଉନାହାନ୍ତି। କଂଗ୍ରେସ ପୂର୍ବାପେକ୍ଷା ନିଶ୍ଚିତ ଭଲ ପ୍ରଦର୍ଶନ କରିବ। କଷ୍ଟକର ହେଲେ ବି ଦଳର ହୃତଗୌରବ ଫେରାଇବା ଅସମ୍ଭବ ନୁହେଁ। କଂଗ୍ରେସ ନେତା ଆଶିଷ କୁମାର ମଲିକ କହିଛନ୍ତି ଯେ, ଦଳ ମୋତେ ପ୍ରାର୍ଥୀ କଲେ ବିଜେଡି-ଭାଜପାକୁ ସଫଳ ମୁକାବିଲା କରିବି। ଯଦି ଦଳ ମୋତେ ପ୍ରାର୍ଥୀ ନ କରେ, ତେବେ ମୁଁ ଶୃଙ୍ଖଳିତ ଦଳୀୟ କର୍ମୀ ଭାବେ କାର୍ଯ୍ୟ କରିବି। କଂଗ୍ରେସ ନେତା କିଶୋର ଜେନା ମଧ୍ୟ ଦଳୀୟ ନିଷ୍ପତ୍ତିକୁ ମାନିନେବେ ବୋଲି କହିଛନ୍ତି।

ଭୋଟର ଗୁରୁଚରଣ ବେହେରାଙ୍କ କହିବାନୁଯାୟୀ, ନିର୍ବାଚନମଣ୍ଡଳୀରେ ଡ୍ରେନେଜ, ରାସ୍ତା, ପାର୍କିଂ ସମସ୍ୟା ରହିଛି। ଦଳ ଅପେକ୍ଷା ବ୍ୟକ୍ତିକୁ ଦେଖି ଭୋଟ ଦେବୁ। ନିର୍ବାଚନ ସମୟରେ ହିଁ କାହାକୁ ଭୋଟ ଦେବୁ ତାହା ସ୍ଥିର କରିବି। ରାଜ୍ୟରେ ନବୀନ ପଟ୍ଟନାୟକ ଏବଂ କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ପ୍ରତି ସମର୍ଥନ ରହିବ।




### ୨୦୧୪ ନିର୍ବାଚନ ଫଳାଫଳ

ପ୍ରିୟଦର୍ଶୀ ମିଶ୍ର-ବିଜେଡି-୭୩,୭୨୮
ଦିଲୀପ ମହାନ୍ତି-ଭାଜପା-୨୪,୯୭୧
ମନୋରଞ୍ଜନ ଦାଶ-କଂଗ୍ରେସ-୮,୨୨୩
ସ୍ୱର୍ଣ୍ଣଲତା ପଟ୍ଟନାୟକ-ଏଏପି-୧୫୧୩
ନୋଟା- ୧୧୫୧




# ବିଜୟ ଆଶାରେ ସବୁ ଦଳ

**ଶଶାଙ୍କ ଶେଖର ଝାଙ୍କର**

**ଦେବଗଡ଼, ୧।୩ (ସ୍ୱ.ପ୍ର.)**

୭୦ ପଞ୍ଚାୟତ, ୩ ବ୍ଲକ ଓ ଗୋଟିଏ ପୌର ସଂସ୍ଥାକୁ ନେଇ ଦେବଗଡ଼ ନିର୍ବାଚନ ମଣ୍ଡଳୀ ଗଠିତ । ଭୋଟର ସଂଖ୍ୟା ପ୍ରାୟ ୨ଲକ୍ଷ ୩୩ ହଜାର। ଦେବଗଡ଼ ଜିଲାର ଏକମାତ୍ର ବିଧାନସଭା ନିର୍ବାଚନମଣ୍ଡଳୀ । ବିଭିନ୍ନ ଦଳର ପ୍ରାର୍ଥୀମାନେ ଏହି ଆସନରୁ ନିର୍ବାଚିତ ହୋଇଛନ୍ତି । ମୁଖ୍ୟତଃ ବିରୋଧୀ ଦଳର କବ୍‌ଜାରେ ଏହି ନିର୍ବାଚନମଣ୍ଡଳୀ ରହିଆସିଛି। ବୋଧହୁଏ ଏଥିପାଇଁ ଦେବଗଡ଼ ନିର୍ବାଚନ ମଣ୍ଡଳୀର ସେଭଳି ବିକାଶ ହୋଇପାରିନାହିଁ ବୋଲି ଭୋଟରମାନେ ଅଭିଯୋଗ କରିଛନ୍ତି ।

୨୦୦୯ ମସିହାରେ ବିଜେଡି ପ୍ରାର୍ଥୀ ସଞ୍ଜୀବ କୁମାର ପ୍ରଧାନ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ନିତେଶ ଗଙ୍ଗଦେବଙ୍କୁ ପରାଜିତ କରି ପ୍ରଥମେ ଏହି ନିର୍ବାଚନ ମଣ୍ଡଳୀକୁ ନିଜ ଅକ୍ତିଆରକୁ ନେଇଥିଲେ। ୨୦୧୪ରେ ଭାଜପା ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ଟିକେଟ କାଟି କଂଗ୍ରେସରୁ ଆସି ଦଳରେ ସାମିଲ ହୋଇଥିବା ନିତେଶ ଗଙ୍ଗଦେବଙ୍କୁ ପ୍ରାର୍ଥୀ କରିଥିଲା। ବିଜେଡିର ତତ୍କାଳୀନ ବିଧାୟକ ସଞ୍ଜୀବ କୁମାର ପ୍ରଧାନଙ୍କୁ ଦଳ ଟିକେଟ ଦେଇ ନ ଥିଲା । ତାଙ୍କ ବିରୋଧରେ ରେଙ୍ଗାଲି ବୁଡ଼ି ଅଞ୍ଚଳ ଲୋକଙ୍କ କ୍ଷତିପୂରଣ ଟଙ୍କା ଆତ୍ମସାତ ଅଭିଯୋଗ ଆସିବା ପରେ ଦଳ ଏପରି ପଦକ୍ଷେପ ଗ୍ରହଣ କରିଥିଲା। ଶେଷରେ ସଞ୍ଜୀବ ପ୍ରଧାନଙ୍କ ସ୍ତ୍ରୀ ଅନୀତା ପାତ୍ରଙ୍କୁ ଦଳ ଟିକେଟ ଦେଇଥିଲା। ଫଳରେ ବିଜେଡି କର୍ମୀ ଓ ଭୋଟରଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଏହି ଅସନ୍ତୋଷରୁ ଭାଜପା ଟିକେଟ୍‌ରେ ନିତେଶ ଗଙ୍ଗଦେବ ବିଜୟୀ ହୋଇଥିଲେ ।

୨୦୧୯ ସାଧାରଣ ନିର୍ବାଚନ ପାଇଁ ଏବେଠାରୁ ଏହି

### ୨୦୧୪ ନିର୍ବାଚନ ଫଳାଫଳ

| ଦଳ | ପ୍ରାର୍ଥୀଙ୍କ ନାମ | ଭୋଟ |
|---|---|---|
| ଭାଜପା | ନୀତେଶ ଗଙ୍ଗଦେବ | ୮୯୬୩୬ |
| ବିଜେଡି | ଅନୀତା ପ୍ରଧାନ | ୫୦୮୯୭ |
| କଂଗ୍ରେସ | ସେମ୍ ହେମ୍‌ରାମ | ୧୪୮୦୯ |

### ଭୋଟର ସଂଖ୍ୟା

| ମସିହା | ପୁରୁଷ | ମହିଳା | ଅନ୍ୟାନ୍ୟ | ମୋଟ |
|---|---|---|---|---|
| ୨୦୧୯ | ୧,୧୮,୫୩୦ | ୧.୧୪,୪୬୧ | ୧୧ | ୨,୩୩,୦୦୨ |

ନିର୍ବାଚନମଣ୍ଡଳୀରେ ରାଜନୈତିକ ବାତାବରଣ ବେଶ୍‌ଉଷ୍ମ ହେବାରେ ଲାଗିଛି । ବିଜେଡି, ଭାଜପା ଓ କଂଗ୍ରେସର ଆଶାୟୀମାନେ ଏଥିପାଇଁ ପୂର୍ବପ୍ରସ୍ତୁତି ଜାରି ରଖିଛନ୍ତି । ଗତ ନିର୍ବାଚନରେ ଭାଜପା ପ୍ରାର୍ଥୀ ନିତେଶ ଗଙ୍ଗଦେବ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ ମଧ୍ୟ ବର୍ତ୍ତମାନ ତାଙ୍କ ବିରୋଧରେ କିଛି ଜନ ଅସନ୍ତୋଷ ରହିଛି । ସେଥିପାଇଁ ଏଥର ତାଙ୍କୁ ଟିକେଟ ମିଳିବ କି ନାହିଁ ତାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି । ଏପରି କି ଚର୍ଚ୍ଚା ହେଉଛି ଦଳ ତାଙ୍କୁ ବିଧାନସଭା ଟିକଟ ନ ଦେଇ ଲୋକ ସଭା ପ୍ରାର୍ଥୀ କରିପାରେ । ଗତଥର ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ଟିକେଟକୁ ଦଳ କାଟିଥିଲା । ଏଥର ସେ ଟିକେଟ ପାଇବେ ବୋଲି ଆଶା ବାନ୍ଧି ବସିଛନ୍ତି। ଅନ୍ୟପକ୍ଷେ ଭାଜପା ଜିଲା ସଭାପତି ଅରୁଣ ସାହୁ ମଧ୍ୟ ଟିକେଟ ଦୌଡ଼ରେ ଅଛନ୍ତି। ନିତେଶ ଗଙ୍ଗଦେବ ଯଦି ଟିକେଟ ନ ପାଆନ୍ତି ତାଙ୍କ ସ୍ତ୍ରୀ ରାଣୀ ଅରୁନ୍ଧତୀ ଦେବୀ ବିଜେଡି ଟିକେଟରେ ନିର୍ବାଚନ ମଇଦାନକୁ ଓହ୍ଲାଇବେ ବୋଲି ଚର୍ଚ୍ଚା ହେଉଛି । ଏ ନେଇ ନିତେଶ ଗଙ୍ଗଦେବ କୁହନ୍ତି, ଦେବଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ଉନ୍ନୟନ କାମ କରିଛି। ଲୋକଙ୍କ ସାଥିରେ ଅଛି । ଜିଲାବାସୀ ଯେ କୌଣସି ସମସ୍ୟା ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି ମୁଁ ସେମାନଙ୍କୁ ସମର୍ଥନ କରିଛି। ଏଥର ସୁଯୋଗ ମିଳିଲେ ସର୍ବପ୍ରଥମେ ବିସ୍ଥାପିତ ରେଙ୍ଗାଳି ପରିବାରକୁ କ୍ଷତି ପୂରଣ ପ୍ରଦାନ ଉପରେ ଗୁରୁତ୍ୱ ଦେବି। ତାଳଚେର-ବିମଳାଗଡ଼ ରେଳଲାଇନ ପାଇଁ ରାଜ୍ୟ ସରକାର କିଛି କରି ନାହାନ୍ତି । ମୁଁ ସେଥିପାଇଁ ଲଢେଇ କରିବି ।

ସୁବାସ ଚନ୍ଦ୍ର ପାଣିଗ୍ରାହୀ କୁହନ୍ତି, ଦଳ ଏଥର ମୋତେ ସୁଯୋଗ ମିଳିଲେ ତାଳଚେର-ବିମଳାଗଡ଼ ରେଳ ଲାଇନ,ଶୀତଳ ଭଣ୍ଡାର,ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ, କୃଷି, ବ୍ରାହ୍ମଣୀ ନଦୀରୁ ସହରରକୁ ଜଳଯୋଗାଣ, ଜିଲାର ପର୍ଯ୍ୟଟନ ସ୍ଥଳୀ ଉନ୍ନତି ସହିତ ପାଇପ ଯୋଗେ ରନ୍ଧନ ଗ୍ୟାସ ଯୋଗାଣ ଉପରେ ଗୁରୁତ୍ୱ ଦେବି ।

ଅନ୍ୟପକ୍ଷେ ଗଡ଼ ଦଖଲ ଆଶାରେ ବିଜେଡି ରହିଛି । ସେଥିପାଇଁ ଦଳରେ ଆଶାୟୀଙ୍କ ସଂଖ୍ୟା କ୍ରମାଗତ ବଢ଼ିବାରେ ଲାଗିଛି । ଏହି ଦୌଡ଼ରେ ବିଜେଡି ସଭାପତି ସୁଧୀର କୁମାର କପରଦାର, ବିଜେଡି ଉପସଭାପତି ତଥା ବାରକୋଟ ବ୍ଲକ୍‌ର ଅଧ୍ୟକ୍ଷ ଦେବେନ୍ଦ୍ର ବେହେରା ଓ ବିଜେଡି ଜିଲା କୃଷକ ସେଲ ସଭାପତି ଇଂ.ଚିତ୍ତରଞ୍ଜନ ପ୍ରଧାନ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ରୋମାଞ୍ଚକ ରଞ୍ଜନ ବିଶ୍ୱାଳ ,ଦେବଗଡ଼ ପୌରପରିଷଦର ପୂର୍ବତନ ଚେୟାରମ୍ୟାନ୍ ପ୍ରଣବ କୁମାର ପ୍ରଧାନ ଅଛନ୍ତି । ସେହିପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ଉପରେ ଗୁରୁତ୍ୱ ଦେଇଥିବାରୁ ଏଥର ନିର୍ବାଚନରେ ତା'ର ପ୍ରଭାବ ପଡ଼ିବ ବୋଲି ଆଶା କରାଯାଉଛି। ଏଥିପାଇଁ ପୂର୍ବତନ ସମାଜ ମଙ୍ଗଳ ବୋର୍ଡ଼ ଅଧ୍ୟକ୍ଷା ନିବେଦିତା ନାୟକ, ଦେବଗଡ଼ ପୌରପରିଷଦର ପୂର୍ବତନ ଅଧ୍ୟକ୍ଷା ଅନୀତା ପାତ୍ର ଏବଂ ଗତଥର ନିର୍ବାଚନ ଲଢ଼ି ପରାସ୍ତ ହୋଇଥିବା ପୂର୍ବତନ ବିଧାୟକ ସଞ୍ଜୀବ ପ୍ରଧାନଙ୍କ ସହଧର୍ମିଣୀ ଅନୀତା ପ୍ରଧାନ ମଧ୍ୟ ଆଶାୟୀ ତାଲିକାରେ ଅଛନ୍ତି ।

ସୁଧୀର କୁମାର କପରଦାର କୁହନ୍ତି, ମୁଁ ପ୍ରଥମରୁ ଜିଲା ବିଜେଡି ସଭାପତି ଭାବେ ଦାୟିତ୍ୱ ବହନ କରି ଆସିଛି। ଦେବଗଡ଼ ଏକ ଶିଳ୍ପବିହୀନ ଜିଲା । ଏହାର ଉନ୍ନତି ପାଇଁ କୃଷି ଓ କୃଷକକୁ ଗୁରୁତ୍ୱ ଦିଆଯିବ । ଦୁର୍ନୀତି, ଭ୍ରଷ୍ଟାଚାର ଯୋଗୁ ଜିଲାର ଉନ୍ନତି ହୋଇପାରୁ ନାହିଁ । ସେ ଦିଗ ପ୍ରତି ଧ୍ୟାନ ଦିଆଯିବ । ତାଳଚେର-ବିମଳାଗଡ଼ ରେଳପଥ କାମ ଶୀଘ୍ର ଶେଷ କରିବା ସହିତ ଶିକ୍ଷା,ସ୍ୱାସ୍ଥ୍ୟ ସମେତ ଜିଲାର ଉନ୍ନତି ଉପରେ ଗୁରୁତ୍ୱାରୋପ କରିବି । ନିବେଦିତା ନାୟକ କୁହନ୍ତି, ଦଳ ପକ୍ଷରୁ ବିଭିନ୍ନ ଜିଲା ପର୍ଯ୍ୟବେକ୍ଷକ ଭାବେ କାର୍ଯ୍ୟ ତୁଲାଇଛି । ଯଦି ମୋତେ ସୁଯୋଗ ମିଳେ ଦେବଗଡ଼କୁ ମଡେଲ ଜିଲାରେ ପରିଣତ କରିବାକୁ କାମ କରିବି ।



ନୀତେଶ ଗଙ୍ଗଦେବ

ଅତୀତରେ କଂଗ୍ରେସ ଏହି ନିର୍ବାଚନ ମଣ୍ଡଳୀକୁ ୩ ଥର ଦଖଲ କରିଥିଲା । ଏବେ ସେହି ସ୍ଥିତିକୁ ଫେରାଇ ଆଣିବାକୁ କଂଗ୍ରେସ ନେତାମାନେ ଅଣ୍ଟା ଭିଡିଛନ୍ତି । ୨୦୦୯ରେ କଂଗ୍ରେସ ପ୍ରାର୍ଥୀ ନିତେଶ ଗଙ୍ଗଦେବ ବିଜେଡି ପ୍ରାର୍ଥୀ ସଞ୍ଜୀବ କୁମାର ପ୍ରଧାନଙ୍କ ପାଖରୁ ୧୦ ହଜାରରୁ ଊର୍ଦ୍ଧ୍ୱ ଭୋଟରେ ପରାଜିତ ହୋଇଥିଲେ । ୨୦୧୪ରେ ନିତେଶ ଗଙ୍ଗଦେବ କଂଗ୍ରେସରୁ ଭାଜପାକୁ ଯିବା ପରେ କଂଗ୍ରେସ ପ୍ରାର୍ଥୀ ସେମ୍ ହେମ୍‌ରାମ ମାତ୍ର ୧୪,୮୦୯ ଖଣ୍ଡ ଭୋଟ ପାଇ ନିଜ ଅମାନତ ହରାଇଥିଲେ । ଏଥର ଅବଶ୍ୟ ପୂର୍ବତନ ଯୁବ କଂଗ୍ରେସ ସଭାପତି ଉମା ଶଙ୍କର ସାହୁଙ୍କୁ କଂଗ୍ରେସ ଜିଲା ସଭାପତି ଦାୟିତ୍ୱ ଦେଇଛି । ପୂର୍ବ ଅପେକ୍ଷା ଏହି ନିର୍ବାଚନମଣ୍ଡଳୀରେ କଂଗ୍ରେସରେ ବି ଆଶାୟୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଜିଲା ସଭାପତି ସାହୁ ବି ଏଥର ନିର୍ବାଚନ ଲଢ଼ିବା ପାଇଁ ଆଶା ବାନ୍ଧିଥିବା ବେଳେ କଂଗ୍ରେସର ରାଜ୍ୟ ସାଧାରଣ ସମ୍ପାଦକ ତଥା ଗତଥରର ପରାଜିତ ପ୍ରାର୍ଥୀ, ଆଦିବାସୀ ନେତା ସେମ୍ ହେମ୍‌ରାମ ମଧ୍ୟ ପୁଣି ଥରେ ଆଶାୟୀ ତାଲିକାରେ ଅଛନ୍ତି। ଏ ନେଇ ଜିଲା କଂଗ୍ରେସ ସଭାପତି ଉମା ଶଙ୍କର ସାହୁ କୁହନ୍ତି, ଛାତ୍ର ଜୀବନରୁ ମୁଁ ଲୋକଙ୍କ ସହିତ ଅଛି। ଜନସାଧାରଣଙ୍କ ସମସ୍ୟା ନେଇ ମୁଁ ଆନ୍ଦୋଳନ କରିଛି। ଆଗାମୀ ଦିନରେ ସୁଯୋଗ ମିଳିଲେ ଜିଲାର ବେକାରି ସମସ୍ୟା, ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ ପାଇଁ କାମ କରିବି । ସେମ୍ ହେମ୍‌ରାମ କୁହନ୍ତି, ଯଦି ସୁଯୋଗ ମିଳେ ଲୋକଙ୍କ ମୌଳିକ ସମସ୍ୟାର ସମାଧାନକୁ ପ୍ରାଥମିକତା ଦେବି ।

# ବିଜେଡି: ଏଥର ବି କନ୍ଦଳ

**ହେମନ୍ତ ନାୟକ**

**ପୁରୀ ଅଫିସ,୧।୩**



ସୁରେନ୍ଦ୍ର ସେଠୀ



ବିଶ୍ୱଭୂଷଣ ଦାସ



ତୁଷାରକାନ୍ତି ବେହେରା

ପୁରୀ ଜିଲା କାକଟପୁର ବିଧାନସଭା ନିର୍ବାଚନମଣ୍ଡଳୀ ଜଗତ୍‌ସିଂହପୁର ଲୋକ ସଭା ଆସନ ଅଧୀନରେ ରହିଛି। ୨୦୦୯ରେ ଏହି ବିଧାନସଭା ଆସନକୁ ସଂରକ୍ଷିତ କରାଯାଇଥିଲା। ଏହାଦ୍ୱାରା ୨୦୦୦ ଏବଂ ୨୦୦୪ରେ ଲଗାତର ବିଜେଡିରୁ ଜିତିଥିବା ସୁରେନ୍ଦ୍ର ନାଥ ନାୟକଙ୍କ ଲମ୍ବା ରାଜନୈତିକ କ୍ୟାରିୟର ଉପରେ ଏକପ୍ରକାର ଛକି ଟାଣି ହୋଇଗଲା। ୨୦୦୯ ଏବଂ ୨୦୧୪ରେ ବିଜେଡି ପ୍ରାର୍ଥୀ ହିଁ ଏଠାରୁ ବିଜୟୀ ହୋଇଆସୁଛନ୍ତି। କହିବାକୁ ଗଲେ ବିଜେଡି ଗଠନ ହେବା ପରଠାରୁ ଏହି ନିର୍ବାଚନମଣ୍ଡଳୀକୁ ନିଜ ଅକ୍ତିଆରରେ ରଖିଆସିଛି। ହେଲେ ଏଥର ଫଳାଫଳକୁ ନେଇ ଉଙ୍କିମାରିଲାଣି ଅନେକ ପ୍ରଶ୍ନ? ଗୋଷ୍ଠୀ କନ୍ଦଳରୁ ମୁକୁଳି ବିଜେଡି ଲଗାତର ପଞ୍ଚମ ଥର ପାଇଁ ବାଜି ମାରିନେବ ନା ପରିବର୍ତ୍ତନ ହାୱାରେ ଏଠାରେ ଗେରୁଆ ପତାକା ଉଡ଼ିବ କିମ୍ବା ୧୯୯୫ ପରଠାରୁ କ୍ଷମତାକୁ ଫେରି ନ ଥିବା କଂଗ୍ରେସ କିଛି ଚମତ୍କାରିତା ଦେଖାଇବ ଏସବୁକୁ ନେଇ ଆଶା ଅଶଙ୍କା ରହିଛି।

୨୦୦୯ରେ ରବି ମଲ୍ଲିକ ବିଜେଡି ପ୍ରାର୍ଥୀ ହୋଇ ଜିତିଥିଲେ। ଏହା ପରେ ସୁରେନ୍ଦ୍ରଙ୍କ ସହ ରବିଙ୍କର ବିବାଦ ଆରମ୍ଭ ହୋଇଥିଲା। ୨୦୧୪ରେ ଦଳ ରବିଙ୍କୁ ଆଉ ଟିକେଟ ଦେଇ ନ ଥିଲା। ବରଂ ନୂଆମୁହଁ ଭାବେ ସୁରେନ୍ଦ୍ର ସେଠୀଙ୍କୁ ପ୍ରାର୍ଥୀ କରି ଦଳ ସଫଳତା ପାଇଥିଲା। ଏବେ ପୁଣି ଗୋଷ୍ଠୀ କନ୍ଦଳ। ଦୁଇ ସୁର(ସୁରେନ୍ଦ୍ର ନାଥ ନାୟକ ଓ ସୁରେନ୍ଦ୍ର ସେଠୀ)ଙ୍କ ମଧ୍ୟରେ ବିବାଦ ଦାଣ୍ଡରେ ପଡି ହାଟରେ ଗଡିଲାଣି। ଏହି ଦୁଇଜଣଙ୍କ ମଧ୍ୟରେ ଉପୁଜିଥିବା ବିବାଦର ପ୍ରଭାବ ନିର୍ବାଚନମଣ୍ଡଳୀର ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି କରୁଥିବା ମଧ୍ୟ ଚର୍ଚ୍ଚା ହେଉଛି। ବରିଷ୍ଠ ବିଜେଡି ନେତା ସୁର ନାୟକ ଦ୍ୱିତୀୟଥର ଲାଗି ସୁରେନ୍ଦ୍ର ସେଠୀ ପ୍ରାର୍ଥୀ ହୁଅନ୍ତୁ ଚାହୁଁ ନ ଥିବା ଶୁଣିବାକୁ ମିଳୁଛି। ଏମିତି କି କାକଟପୁର ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ବିଦେଶୀ ସୁର ସେଠୀ ହଟାଅ, କାକଟପୁର ନିର୍ବାଚନମଣ୍ଡଳୀ ବଞ୍ଚାଅ, ଆଉ ଟିକେଟ ନାହିଁ ଲେଖାଥିବା ପୋଷ୍ଟର ଲଗାଯାଇଛି। ବିଜେଡିର ଏହି ଗୋଷ୍ଠୀ କନ୍ଦଳକୁ ନେଇ କର୍ମୀଙ୍କ ମଧ୍ୟରେ ନାନା ଆଲୋଚନା ହେଉଛି।

ଅନ୍ୟପକ୍ଷରେ ୨୦ବର୍ଷ ହେବ ବିଜେଡି ଏଠାରେ କ୍ଷମତା ହାତଉଥିଲେ ମଧ୍ୟ ଆଖିଦୃଶିଆ କାମ ହୋଇପାରି ନାହିଁ ବୋଲି ବିରୋଧୀ କହୁଛନ୍ତି। ନିର୍ବାଚନମଣ୍ଡଳୀର ସାମ୍ପ୍ରତିକ ରାଜନୈତିକ ଦୃଶ୍ୟପଟକୁ ଦେଖିଲେ ଏଥର ବିଧାୟକ ସୁରେନ୍ଦ୍ର ସେଠୀଙ୍କୁ ବିଜେଡି ଟିକେଟ ଦେବ କି ନାହିଁ ସେନେଇ ଆଶଙ୍କା ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ ପୁଣି ବିଜେଡି ଟିକେଟ ପାଇବେ ବୋଲି ବିଧାୟକ ସୁରେନ୍ଦ୍ର ସେଠୀ ଦୃଢ଼ନିଶ୍ଚିତ ଥିବାବେଳେ ପୂର୍ବତନ ବିଧାୟକ ରବି ମଲ୍ଲିକ, ଅଭୟ ସେଠୀ, ପ୍ରସନ୍ନ ବେହେରା, ଚୈତନ୍ୟ ସେଠୀ ଓ ସୂର୍ଯ୍ୟକାନ୍ତ ଦାସ ମଧ୍ୟ ଟିକେଟ୍ ପାଇବାକୁ ଆଶାୟୀ ଅଛନ୍ତି। ବିଧାୟକ ସେଠୀ କହିଛନ୍ତି, ଟିକେଟ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଯାହା ନିଷ୍ପତ୍ତି ନେବେ ତାକୁ ମାନିନେବି। କାକଟପୁର ବିଜେଡିରେ କୌଣସି ଗୋଷ୍ଠୀ କନ୍ଦଳ ନାହିଁ। କାହାର ବ୍ୟକ୍ତିଗତ ସ୍ୱାର୍ଥ ପ୍ରତି ଯଦି କିଛି ଆଞ୍ଚ ଆସିଥିବ ସେମାନେ କିଛି ଏମିତି କହୁଥିବେ। ବିଭିନ୍ନ ସ୍ଥାନରେ ଯେଉଁ ପୋଷ୍ଟର ଲଗାଯାଇଛି ତାହା ସମ୍ପୂର୍ଣ୍ଣ ପ୍ରାୟୋଜିତ। କାକଟପୁର ନିର୍ବାଚନ ମଣ୍ଡଳୀର ୭୦ ଭାଗ ଭୋଟ ବିଜେଡିର ରହିଛି ବୋଲି ସେ କହିଛନ୍ତି। ପୂର୍ବତନ ବିଧାୟକ ରବି ମଲ୍ଲିକ କହିଛନ୍ତି, ଟିକେଟ ପାଇବି ବୋଲି ଆଶା ତ ରଖିଛି। ମୋ ସମୟରେ ଅସ୍ତରଙ୍ଗ ଉପକୂଳରେ ସୁନାମି ପ୍ରତିରୋଧ ବନ୍ଧ ସାଙ୍ଗକୁ ବିଭିନ୍ନ ଉନ୍ନୟନମୂଳକ କାମ ହୋଇଛି। ଗତ ନିର୍ବାଚନରେ ମୋ ସହିତ ଅନ୍ୟାୟ କରାଯାଇଛି। ଏଥର ଏପରି କିଛି ହେବନି ବାଲି ମୋର ଆଶା। ପ୍ରସନ୍ନ ବେହେରା କହିଛନ୍ତି, ଛାତ୍ର ଜୀବନରୁ ରାଜନୀତିରେ ରହିଛି। ବିଜୁବାବୁଙ୍କ ସହିତ ଥିଲି ଏବେ ନବୀନ ବାବୁଙ୍କ ସହ ଅଛି। ବର୍ତ୍ତମାନ ଓଡ଼ିଶା ମତ୍ସ୍ୟଜୀବୀ ସଂଘ ସଭାପତି ରହିଛି। ନିଶ୍ଚିତ ମୁଖ୍ୟମନ୍ତ୍ରୀ ମୋ କଥା ବିଚାର କରି ଟିକେଟ ଦେବେ ବୋଲି ଆଶା ରଖିଛି। ସେହିଭଳି ସମାନ ଢଙ୍ଗରେ କହିଛନ୍ତି ଅଭୟ ସେଠୀ। ସେ କହିଛନ୍ତି, କଲେଜ କ୍ୟାରିୟରରୁ ରାଜନୀତି ସହ ସମ୍ପୃକ୍ତ ରହିଛି। ଦଳର ଜଣେ ଶୃଙ୍ଖଳିତ କର୍ମୀ ଭାବେ ଦୀର୍ଘବର୍ଷ ହେଲା କାମ କରିଆସୁଛି। ବିଗତ ଦିନରେ ସୁରେନ୍ଦ୍ର ନାଥ ନାୟକଙ୍କ ସହିତ ସବୁ କାର୍ଯ୍ୟକ୍ରମରେ ସାମିଲ ହୋଇ ଦଳ ପାଇଁ କାମ କରିଛି। ତେଣୁ ଶତପ୍ରତିଶତ ଟିକେଟ ପାଇବି ବୋଲି ମୋର ବିଶ୍ୱାସ। ସୂର୍ଯ୍ୟକାନ୍ତ ଦାସ କହିଛନ୍ତି, ଦୀର୍ଘବର୍ଷ ହେଲା ଲୋକମାନଙ୍କ ସହ ରହିଆସିଛି।

ବିଶେଷକରି କାକଟପୁର ନିର୍ବାଚନମଣ୍ଡଳୀବାସୀଙ୍କ ମୁଖ୍ୟ ଆୟ ହେଉଛି ପାନ, ମୀନ ଓ ଧାନ। ଏସବୁର ଅଧିକ ଅମଳ ଏବଂ ସହଜରେ କିପରି ବିକ୍ରି ସୁବିଧା ପାଇବେ ତାହା ଉପରେ ଗୁରୁତ୍ୱ ଦେଇଆସୁଛି। ଦଳର ଜଣେ ସକ୍ରିୟ କର୍ମୀ ଏବଂ କାକଟପୁର ମାଟିର ପୁଅ ଭାବେ ମୁଖ୍ୟମନ୍ତ୍ରୀ ନିଶ୍ଚିତ ମୋ ପ୍ରାର୍ଥିତ୍ୱକୁ ଗୁରୁତ୍ୱ ଦେବେ ବୋଲି ଆଶା ରଖିଛି। ଏମାନଙ୍କ ଛଡା ଚୈତନ୍ୟ ସେଠୀଙ୍କ ନାଁ ବି ଚର୍ଚ୍ଚା ହେଉଛି। ସେ ମଧ୍ୟ ଟିକେଟ ପାଇବାକୁ ଆଶାବାଦୀ ଅଛନ୍ତି।

ସେହିପରି ଭାଜପାରୁ ତୁଷାରକାନ୍ତି ବେହେରା, ସର୍ବେଶ୍ୱର ମଲ୍ଲିକ ଏବଂ ଅଶୋକ ସେଠୀଙ୍କ ନାଁକୁ ନେଇ ଚର୍ଚ୍ଚା ହେଉଛି। ତୁଷାରକାନ୍ତି କହିଛନ୍ତି, ଟିକେଟ ସମ୍ପର୍କରେ କେନ୍ଦ୍ରୀୟ କମିଟି ହିଁ ଯାହା ନିଷ୍ପତ୍ତି ନେବ। ପଞ୍ଚାୟତ ନିର୍ବାଚନରେ ମୋ ନେତୃତ୍ୱରେ ଦଳ କାକଟପୁରରେ ଭଲ ଫଳାଫଳ କରିଥିବାରୁ ଟିକେଟ ପାଇବି ବୋଲି ଆଶା ଅଛି। ସର୍ବେଶ୍ୱର ମଲ୍ଲିକ କହିଛନ୍ତି, ଲୋକଙ୍କ ସାଙ୍ଗରେ ରହିଛି। ମୁଁ ଦଳ ପାଇଁ କାମ କରିଛି, ଦଳ ମୋ ପ୍ରତି ଯାହା ବିଚାର କରିବ। ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ସମ୍ପାଦକ ଥିବା ଅଶୋକ ସେଠୀ କହିଛନ୍ତି, ୨୦୧୪ରେ ଆଶାୟୀ ଥିଲି। ଏଥର ଦଳ ମୋ ଗୁରୁତ୍ୱକୁ ଉପଲବ୍ଧି କରି ଯାଜପୁର ଜିଲା ଭାଜପା ପ୍ରଭାରୀ ଦାୟିତ୍ୱ ଦେଇଛି। ତେଣୁ ଏଥର ପ୍ରାର୍ଥୀ ହେବା ପାଇଁ ଆଶାୟୀ ରହିଛି। କଂଗ୍ରେସରୁ ରବୀନ୍ଦ୍ର ସେଠୀ ଏବଂ ବିଶ୍ୱଭୂଷଣ ଦାସଙ୍କ ନାଁ ଆଲୋଚନା ହେଉଛି। ରବୀନ୍ଦ୍ର କହିଛନ୍ତି, ଦଳର ହାଇକମାଣ୍ଡ ଯାହା ନିଷ୍ପତ୍ତି ନେବେ। ପୂର୍ବରୁ ମନ୍ତ୍ରୀ ଥିବା ସମୟରେ ଏହି ଅଞ୍ଚଳରେ ବହୁ ଉନ୍ନୟନମୂଳକ କାମ କରିଛି। ୨୦୧୪ରେ ମଧ୍ୟ ପ୍ରାର୍ଥୀ ହୋଇ ଦ୍ୱିତୀୟ ସ୍ଥାନରେ ରହିଥିଲି। ଏଣୁ ଚଳିତବର୍ଷ ପ୍ରାର୍ଥୀ ହେବି ବୋଲି ଆଶା ରଖିଛି। ବିଶ୍ୱଭୂଷଣ ମଧ୍ୟ ସମାନ ଢଙ୍ଗରେ ମତ ରଖିଛନ୍ତି। ସେ କହିଛନ୍ତି, ୨୦୦୯ରେ ଲଢି ପରାଜିତ ହୋଇଥିଲି। ୨୦୧୪ରେ ମୋତେ ଟିକେଟ ମିଳି ନ ଥିଲା। ହେଲେ ଏଥର ପିସିସି ସଭାପତି ଚାହୁଁଛନ୍ତି ଯେଉଁମାନେ ଲୋକଙ୍କ ସହିତ ଅଛନ୍ତି ଏବଂ ଦଳର ଗାଇଡ୍ ଲାଇନ ମାନୁଛନ୍ତି ସେମାନଙ୍କୁ ଟିକେଟ କ୍ଷେତ୍ରରେ ପ୍ରାଥମିକତା ଦିଆଯିବ। ତେଣୁ ଟିକେଟ ପାଇଁ ଆଶାବାଦୀ ରହିଛି ବୋଲି ବିଶ୍ୱଭୂଷଣ କହିଛନ୍ତି।

### ନିର୍ବାଚନମଣ୍ଡଳୀ ରୂପରେଖ

କାକଟପୁର ବ୍ଲକର ୧୬ ପଞ୍ଚାୟତ, ଅସ୍ତରଙ୍ଗ ବ୍ଲକର ୧୫, ଗୋପ ବ୍ଲକର ୧୪ ପଞ୍ଚାୟତ ଏବଂ କୋଣାର୍କ ଏନ୍‌ଏସିର ୧୩ଟି ୱାର୍ଡକୁ ନେଇ ଏହି ନିର୍ବାଚନମଣ୍ଡଳୀ ଗଠିତ। ନିର୍ବାଚନମଣ୍ଡଳୀର ଜନସଂଖ୍ୟା ୩,୧୦,୨୫୬। ୨୦୧୯ ଭୋଟର ତାଲିକା ଅନୁଯାୟୀ ମୋଟ ମତଦାତାଙ୍କ ସଂଖ୍ୟା ୨,୩୬,୬୫୫।




### ୨୦୧୪ ନିର୍ବାଚନ ଫଳାଫଳ

| ପ୍ରାର୍ଥୀ | ଦଳ | ଭୋଟ |
|---|---|---|
| ସୁରେନ୍ଦ୍ର ସେଠୀ | ବିଜେଡି | ୮୯,୯୬୩ |
| ରବୀନ୍ଦ୍ର ସେଠୀ | କଂଗ୍ରେସ | ୪୮,୯୩୩ |
| ତୁଷାରକାନ୍ତି ବେହେରା | ଭାଜପା | ୧୨,୦୯୩ |
| କମଳ ବେହେରା | ସିପିଆଇ | ୩,୬୦୯ |

ଭାରତ ବିପକ୍ଷ ଟି୨୦ରେ ପ୍ରଭାବୀ ପ୍ରଦର୍ଶନ ଦୃଷ୍ଟିରୁ ଦିନିକିଆ ସିରିଜରେ ଗ୍ଲେନ ମାକ୍ସୱେଲଙ୍କ ବ୍ୟାଟିଂ ଅର୍ଡରରେ ପଦୋନ୍ନତି ହେବ।

– ଆରୋନ ଫିଞ୍ଚ, ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ



ବିଶ୍ୱକପ୍ ପାଇଁ ଟିମ୍ ସିଲେକ୍ସନ ବେଳେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ପ୍ରଦର୍ଶନର କୌଣସି ପ୍ରଭାବ ରହିବ ନାହିଁ।

– ବିରାଟ କୋହଲି, ଟିମ୍ ଇଣ୍ଡିଆ ଅଧିନାୟକ



## ସଂକ୍ଷେପରେ

### ସିମରିନଙ୍କୁ ଡବଲ ଟାଇଟଲ

ଭୁବନେଶ୍ୱର, ୧।୩(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏଆଇଟିଏ-ଓଟିଏ ଚାମ୍ପିୟନଶିପ୍ ସିରିଜ (ସିଏସ୭) ଟେନିସ (୧୪ ଓ ୧୮ ବର୍ଷରୁ କମ୍ ବାଳିକା ବାଳକ) ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ପ୍ରତିଯୋଗିତାର ଉଭୟ ୧୪ ଓ ୧୮ ବର୍ଷରୁ କମ୍ ବାଳିକା ବିଭାଗରେ ଚାମ୍ପିୟନ ହୋଇ ପଶ୍ଚିମବଙ୍ଗର ସିମରିନ ଅହମ୍ମଦ ଦ୍ୱିମୁକୁଟ ହାସଲ କରିଛନ୍ତି। ଅନ୍ତିମ ଦିବସରେ ଅନୁଷ୍ଠିତ ୧୪ ବର୍ଷରୁ କମ୍ ଫାଇନାଲରେ ସିମରିନ ଓଡ଼ିଶାର ସୋହିନି ମହାନ୍ତିଙ୍କୁ ୭-୬(୩), ୬-୨ ସେଟ୍‌ରେ ହରାଇ ଚାମ୍ପିୟନ ହୋଇଛନ୍ତି। ସେହିପରି ୧୮ ବର୍ଷରୁ କମ୍ ସିଙ୍ଗଲ୍ସ ଫାଇନାଲରେ ସେ ଅନ୍ୟତମ ଓଡ଼ିଆ ଖେଳାଳି ମୈତ୍ରୀ ଡି.ରାଉତ୍‌ଙ୍କୁ ୬-୪, ୪-୬, ୭-୫ ସେଟ୍‌ରେ ପରାସ୍ତ କରି ଡବଲ ଟାଇଟଲ ହାସଲ କରିଛନ୍ତି। ୧୮ ବର୍ଷରୁ କମ୍ ବାଳକ ଫାଇନାଲରେ ଓଡ଼ିଶାର ପ୍ରତ୍ୟୁଷ ମହାନ୍ତି ଉତ୍ତରାଖଣ୍ଡର ଟୋରୁସ ରାୱତଙ୍କୁ ୬-୨, ୭-୫ ସେଟ୍‌ରେ ହରାଇ ଚାମ୍ପିୟନ ହୋଇଛନ୍ତି। ପୂର୍ବରୁ ଅନୁଷ୍ଠିତ ୧୪ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ ଓଡ଼ିଶାର ଷ୍ଟିଭେନ ଅଙ୍କିତ୍ ଏକ୍କା, ଡବଲ୍ସରେ ଷ୍ଟିଭେନ ଓ ଦେବବ୍ରତ ପ୍ରଧାନ ଯୋଡ଼ି ଚାମ୍ପିୟନ ହୋଇଥିଲେ। ୧୮ ବର୍ଷରୁ କମ୍ ବାଳକ ଡବଲ୍ସରେ ଓଡ଼ିଶାର ରାହୁଲ ବେହେରା-ତେଲେଙ୍ଗାନାର ସିଦ୍ଧାର୍ଥ ରେଡ୍ଡୀ ଭାଦା ଏବଂ ବାଳିକା ଡବଲ୍ସରେ ଓଡ଼ିଶାର ମୈତ୍ରୀ ରାଉତ-ସଞ୍ଜୟ ଯାଦବ ଯୋଡ଼ି ଚାମ୍ପିୟନ ହୋଇଥିଲେ। ଟୁର୍ନାମେଣ୍ଟ ନିର୍ଦ୍ଦେଶକ ବି.କେ. ଦାସ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ରେଫରି ଯତୀନ ବୈଶ୍ୟ ଓ ଓଟିଏ ମ୍ୟାନେଜର ପ୍ରକାଶ ପଟ୍ଟନାୟକ ଉପସ୍ଥିତ ଥିଲେ। ପ୍ରତିଯୋଗିତାର ଚାମ୍ପିୟନ ଓ ରନର୍ସଅପ୍ ପ୍ରତିଯୋଗୀ ଯଥାକ୍ରମେ ୨୫ ଓ ୨୦ ରେଟିଂ ପଏଣ୍ଟ ହାସଲ କରିଛନ୍ତି।

### ନେଟ୍ସକୁ ଫେରିଲେ ସ୍ମିଥ

ସିଡ୍‌ନୀ, ୧।୩ (ଏଏଫ୍‌ପି): ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ଷ୍ଟିଭ ସ୍ମିଥ ଫିଟ୍ ହୋଇ ନେଟ୍ସକୁ ଫେରିଛନ୍ତି। ନିକଟରେ ତାଙ୍କ କହୁଣିରେ ଆଘାତ ଲାଗିଥିଲା। ଏଥିଯୋଗୁ ତାଙ୍କୁ ଅସ୍ତ୍ରୋପଚାରର ସମ୍ମୁଖୀନ ହେବାକୁ ପଡ଼ିଥିଲା। ସ୍ମିଥଙ୍କ ଭଳି ୱାର୍ନର ମଧ୍ୟ କହୁଣି ଜନିତ ସମସ୍ୟା ନେଇ ଅଷ୍ଟ୍ରେଲିଆ ଫେରିଥିଲେ। ଏବେ ଦୁଇ ବ୍ୟାଟ୍ସମ୍ୟାନ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ଖେଳିବା ପାଇଁ ପ୍ରସ୍ତୁତ ହେଉଛନ୍ତି। ଗତ ବାଂଲାଦେଶ ପ୍ରିମିୟର ଲିଗ୍ (ବିପିଏଲ)ରେ ଖେଳୁଥିବାବେଳେ ଦୁଇଙ୍କ କହୁଣିରେ ଆଘାତ ଲାଗିଥିଲା। ସ୍ମିଥ ଓ ଡେଭିଡ୍ ୱାର୍ନର ଚଳିତ ମାସ ୨୯ ତାରିଖରୁ ଅନ୍ତର୍ଜାତୀୟ କ୍ରିକେଟ ଖେଳିବାକୁ ଯୋଗ୍ୟ ହେବେ। ଦକ୍ଷିଣ ଆଫ୍ରିକାରେ ବଲ ଟ୍ୟାମ୍ପରିଂ ଘଟଣା ଯୋଗୁ ଉଭୟଙ୍କୁ ବର୍ଷେ ଲାଗି ବାସନ୍ଦ କରାଯାଇଥିଲା।

# ବିଶ୍ୱକପ୍ ଦଳ ଚୟନ ଲାଗି ଶେଷ ସୁଯୋଗ

ହାଇଦ୍ରାବାଦ, ୧।୩(ପି.ଟି.)

ଇଂଲଣ୍ଡରେ ଆସନ୍ତା ମେ'ରୁ ଆରମ୍ଭ ହେବାକୁ ଥିବା ଦିନିକିଆ ବିଶ୍ୱକପ ପୂର୍ବରୁ ଭାରତ ଓ ଭ୍ରମଣକାରୀ ଅଷ୍ଟ୍ରେଲିଆ ଏକ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜରେ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ସ୍ଥାନୀୟ ରାଜୀବ ଗାନ୍ଧୀ ଆନ୍ତର୍ଜାତିକ ଷ୍ଟାଡିୟମରେ ଶନିବାର ଦୁଇ ଦଳ ପ୍ରଥମ ମ୍ୟାଚ୍‌ରେ ମୁହାଁମୁହିଁ ହେବ। ବିଶ୍ୱକପ୍ ପୂର୍ବରୁ ଭାରତ ପାଇଁ ଏହି ଦିନିକିଆ ସିରିଜ ଶେଷ ରିହର୍ସାଲ ସଦୃଶ ହୋଇଛି। ବିଶ୍ୱକପ୍ ପାଇଁ ଦଳ ଚୟନ ସଂକ୍ରାନ୍ତରେ ଭାରତ ତା'ର ପରୀକ୍ଷା ନିରୀକ୍ଷା ଜାରି ରଖିବ। ଫଳରେ ଭାରତ ପାଇଁ ଏହି ସିରିଜ ବିଶ୍ୱକପ୍ ପ୍ରସ୍ତୁତି ପାଇଁ ଶେଷ ସୁଯୋଗ ସୃଷ୍ଟି କରିଛି। ଗତ ଟି୨୦ ସିରିଜରେ ୦–୨ରେ ପରାସ୍ତ ହୋଇଥିଲେ ମଧ୍ୟ ଭାରତ ତା'ର ଯୋଜନାରେ କୌଣସି ପରିବର୍ତ୍ତନ କରିବ ନାହିଁ ବୋଲି କୋଚ୍ ରବି ଶାସ୍ତ୍ରୀ ଓ ଅଧିନାୟକ ବିରାଟ କୋହଲି କହିଛନ୍ତି। ବିଶ୍ୱକପ୍ ପାଇଁ ଏକ ଶ୍ରେଷ୍ଠ ଦଳ ଚୟନ କରାଯିବ। ତେଣୁ ଏହି ସିରିଜ ବେଶ୍ ଗୁରୁତ୍ୱ ବହନ କରୁଛି। ପରୀକ୍ଷା ନିରୀକ୍ଷା କରାଗଲେ ମଧ୍ୟ ଆମେ ସବୁ ମ୍ୟାଚ୍ ଜିତିବାକୁ ପ୍ରୟାସ ଜାରି ରଖିବୁ ବୋଲି କୋହଲି କହିଛନ୍ତି। ଏହି ସିରିଜରେ ୪ଜଣ ଖେଳାଳିଙ୍କ ଉପରେ ନଜର ରହିବ। ଭଲ ଖେଳିଲେ ଏମାନେ ବିଶ୍ୱକପ୍‌ରେ ସ୍ଥାନ ପାଇବା ସମ୍ଭାବନା ରହିଛି। ଏହି ୪ ଖେଳାଳି ହେଲେ ଲୋକେଶ ରାହୁଲ, ରିଷଭ ପନ୍ତ, ବିଜୟ ଶଙ୍କର ଓ ସିଦ୍ଧାର୍ଥ କାଉଲ। ବିଶ୍ୱକପ୍‌ର ୧୫ ଜଣିଆ ଦଳର ଦୁଇଟି ସ୍ଥାନ ପାଇଁ ଏହି ୪ ଖେଳାଳିମାନେ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ ଓ ଏମାନେ ଅଗ୍ନି ପରୀକ୍ଷାର ସମ୍ମୁଖୀନ ହେବ। ତେବେ ଦୀନେଶ କାର୍ତ୍ତିକଙ୍କ ପାଇଁ ଏବେ ମଧ୍ୟ ସୁଯୋଗ ରହିଛି ବୋଲି କେତକେ ବିଚାର କରୁଛନ୍ତି। ଗତ ଦୁଇଟି ଟି୨୦ ମ୍ୟାଚ୍‌ରେ ଅବଶ୍ୟ ରାହୁଲ ଯଥାକ୍ରମେ ୫୦ ଓ ୪୭ ରନ କରି ଉନ୍ନତ ପ୍ରଦର୍ଶନ କରିଛନ୍ତି। ଅଭିଜ୍ଞ ଓପନର ଶିଖର ଧାୱନ ଅସ୍ଥିର ପ୍ରଦର୍ଶନ କରୁଥିବାରୁ ରାହୁଲ ରିଜର୍ଭ ଓପନର ଭାବେ ବିଶ୍ୱକପ୍ ଦଳରେ ସାମିଲ ହେବାର ଯଥେଷ୍ଟ ସମ୍ଭାବନା ରହିଛି।

ପନ୍ତଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ସେ ଗତ କେତୋଟି ମ୍ୟାଚ୍‌ରେ ଅସ୍ଥିର ପ୍ରଦର୍ଶନ କରିଛନ୍ତି। ଅସାଧାରଣ ପ୍ରତିଭା ଯୋଗୁ ସେ ଏକା ମ୍ୟାଚ୍ ଜିତାଇବାକୁ ସକ୍ଷମ ବୋଲି ଚୟନକର୍ତ୍ତା ଭଲଭାବେ ଅବଗତ। ଫଳରେ ତାଙ୍କୁ ଏହି ସିରିଜରେ କେତୋଟି ସୁଯୋଗ ମିଳିବ ବୋଲି ଆଶା କରାଯାଉଛି। ଅଲରାଉଣ୍ଡର ବିଜୟ ଶଙ୍କରଙ୍କ ବୋଲିଂ ସେତେଟା ପ୍ରଭାବୀ ମନେ ହେଉ ନ ଥିଲେ ମଧ୍ୟ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଫିଟ୍‌ନେସ ସମସ୍ୟା ତାଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି। ପାଣ୍ଡ୍ୟା ପ୍ରଥମ ପସନ୍ଦ ହୋଇଥିଲେ ମଧ୍ୟ ଶଙ୍କର ଦ୍ୱିତୀୟ ଅଲରାଉଣ୍ଡର ଭାବେ ଦଳରେ ସ୍ଥାନ ପାଇବାର ଯଥେଷ୍ଟ ସମ୍ଭାବନା ରହିଛି। ଗତ କେତୋଟି ସିରିଜରେ ଖଲିଲ ଅହମ୍ମଦ ଆଶାନୁରୂପ ପ୍ରଦର୍ଶନ କରିପାରିନାହାନ୍ତି। ଫଳରେ କାଉଲଙ୍କ ପାଇଁ ସୁଯୋଗ ସୃଷ୍ଟି ହୋଇଛି। ମହମ୍ମଦ ସାମି ଓ ଯଶପ୍ରୀତ ବୁମ୍‌ରା ଦଳରେ ସ୍ଥାନ ପାଇବା ନିଶ୍ଚିତ। ତେବେ କାଉଲ ଏହି ସିରିଜ୍‌ରେ ଅତିକମ୍‌ରେ ଦୁଇଟି ମ୍ୟାଚ୍ ଖେଳିବାର ସୁଯୋଗ ପାଇବେ। ତେବେ ସିରିଜ ଜିତିବା ପାଇଁ କୋର୍ ଟିମ୍ ବା ମୂଳ ଦଳରେ ଶାସ୍ତ୍ରୀ ଓ କୋହଲି ପରିବର୍ତ୍ତନ କରିବେ ନାହିଁ। ଅଭିଜ୍ଞ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଅମ୍ବାତି ରାୟୁଡୁ, ଅଲରାଉଣ୍ଡର କେଦାର ଯାଦବ ଓ ସାମି ଦଳକୁ ଫେରିଥିବାରୁ ଆରୋନ୍ ଫିଞ୍ଚଙ୍କ ଅଷ୍ଟ୍ରେଲିଆ ଦଳ ପାଇଁ ନୂଆ ଚ୍ୟାଲେଞ୍ଜ୍ ସୃଷ୍ଟି ହେବ। ଦୁଇ ରିଷ୍ଟ ସ୍ପିନର କୁଲଦୀପ ଯାଦବ ଓ ଯୁଜବେନ୍ଦ୍ର ଚହଲ ମିଡଲ ଓଭରରେ ପୁଣି କମାଲ କରିବା ଆଶା କରାଯାଉଛି। କେଦାରଙ୍କ ସାଇଡ ଆର୍ମ ଲୋ ଅଫ୍– ବ୍ରେକ୍ ବୋଲିଂ ଗ୍ଲେନ ମ୍ୟାକ୍ସୱେଲ, ଡାର୍ସି ଶର୍ଟ, ମାର୍କସ ଷ୍ଟୋଇନିସ୍ ଓ ଶନ୍ ମାର୍ଶଙ୍କୁ ସମସ୍ୟାରେ ପକାଇବ। ସିରିଜରେ ଭାରତର ପରିସ୍ଥିତିକୁ ଦେଖି ୧ ନମ୍ବର ଦ୍ରୁତ ବୋଲର ବୁମ୍‌ରାଙ୍କୁ ଗୋଟିଏ କିମ୍ବା ଦୁଇଟି ମ୍ୟାଚ୍‌ରେ ବିଶ୍ରାମ ଦିଆଯିବ ବୋଲି ଆଶା କରାଯାଉଛି।

ଅପରପକ୍ଷରେ ଅଷ୍ଟ୍ରେଲିଆ ଭାରତ ବିପକ୍ଷରେ ପ୍ରଥମ ଟି୨୦ ସିରିଜ ଜିତି ତା'ର ଆତ୍ମବିଶ୍ୱାସକୁ ଆହୁରି ଦୃଢ଼ କରିଛି। ଭ୍ରମଣକାରୀ ଦଳ ଏହି ବିଜୟଧାରାକୁ ବଜାୟ ରଖିବାକୁ ପ୍ରୟାସ କରିବ। ଅଭିଜ୍ଞ ନାଥନ ଲିୟନଙ୍କ ଉପସ୍ଥିତି ସ୍ପିନ୍ ବିଭାଗକୁ ଆହୁରି ଦୃଢ଼ କରିବ। ତାଙ୍କୁ ଆଡାମ ଜାମ୍ପା ସହଯୋଗ କରିବେ। ଶେଷ ମୁହୂର୍ତ୍ତରେ ଆହତ ଦ୍ରୁତ ବୋଲର କେନ୍ ରିଚାର୍ଡସନଙ୍କ ବଦଳରେ ଆଣ୍ଡ୍ରୁ ଟାଏଙ୍କୁ ଦଳରେ ସାମିଲ କରାଯାଇଛି। ସେ ତାଙ୍କ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଅଭିଜ୍ଞତାକୁ ଏହି ସିରିଜ୍‌ରେ କାର୍ଯ୍ୟକାରୀ କରିବେ ବୋଲି ଆଶା କରାଯାଉଛି।



ଶୁକ୍ରବାର ନେଟ୍ସ ସେସନ୍‌ରେ ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ଫିଲ୍ଡିଂ ଅଭ୍ୟାସ।

### ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଦିନିକିଆ ଆଜି

| ଭାରତୀୟ ଦଳ | ଅଷ୍ଟ୍ରେଲିଆ ଦଳ |
|---|---|
| ବିରାଟ କୋହଲି (ଅଧିନାୟକ), ଶିଖର ଧାୱନ, ରୋହିତ ଶର୍ମା, ଅମ୍ବାତି ରାୟୁଡୁ, ମହେନ୍ଦ୍ର ସିଂ ଧୋନୀ, କେଦାର ଯାଦବ, ବିଜୟ ଶଙ୍କର, ଯଶପ୍ରୀତ ବୁମ୍‌ରା, ମହମ୍ମଦ ସାମି, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ରିଷଭ ପନ୍ତ, ସିଦ୍ଧାର୍ଥ କାଉଲ, ଲୋକେଶ ରାହୁଲ ଓ ରବୀନ୍ଦ୍ର ଜାଡେଜା। | ଆରୋନ ଫିଞ୍ଚ୍ (ଅଧିନାୟକ), ଡାର୍ସି ଶର୍ଟ, ଶନ୍ ମାର୍ଶ, ମାର୍କସ ଷ୍ଟୋଇନିସ୍, ଉସ୍‌ମାନ ଖ୍ୱାଜା, ଆଲେକ୍ସ କେରୀ, ପିଟର ହ୍ୟାଣ୍ଡ୍ସକମ୍ବ, ଆଷ୍ଟନ ଟର୍ନର, ଆଡାମ ଜାମ୍ପା, ଜାସନ ବେହରେନଡୋର୍ଫ, ଝେ ରିଚାର୍ଡଶନ, ପ୍ୟାଟ୍ କୁମିନ୍ସ, ଆଣ୍ଡ୍ରୁ ଟାଏ, ନାଥନ କୁଲ୍ଟର ନିଲ ଓ ନାଥନ ଲିୟନ। |

ସମୟ: ଅପରାହ୍ନ ୧.୩୦, ସ୍ଥାନ: ହାଇଦ୍ରାବାଦ, ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ

# ବାରବାଟୀରେ ଜାତୀୟ ସିନିୟର ତୀରନ୍ଦାଜୀ ୧୦ରୁ

କଟକ ଅଫିସ, ୧।୩

- ଯୋଗଦେବେ ଅନେକ ଅନ୍ତର୍ଜାତୀୟ ଖେଳାଳି
- ରିକର୍ଭ, କମ୍ପାଉଣ୍ଡ ଓ ଇଣ୍ଡିଆନ ରାଉଣ୍ଡରେ ପ୍ରତିଯୋଗିତା ହେବ
- ଓଡ଼ିଶା ଦଳ ଘୋଷିତ

ମାର୍ଚ୍ଚ ୧୦ ରୁ ୧୮ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ବାରବାଟୀ ଷ୍ଟାଡିୟମରେ ୩୯ତମ ସିନିୟର ଜାତୀୟ ତୀରନ୍ଦାଜୀ ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଉଭୟ ପୁରୁଷ ଓ ମହିଳା ବର୍ଗରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ସମସ୍ତ ରାଜ୍ୟ ଓ ଅନୁବନ୍ଧିତ ୟୁନିଟରୁ ପ୍ରାୟ ୧୧୦୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏ ନେଇ ଓଡ଼ିଶା ତୀରନ୍ଦାଜୀ ଆସୋସିଏଶନ ପକ୍ଷରୁ ଶୁକ୍ରବାର ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀ ଡକାଯିବା ସହ ପ୍ରତିଯୋଗିତା ଆୟୋଜନ ନେଇ ସୂଚନା ଦିଆଯାଇଛି। ୧୯୯୩ରେ ଓଡ଼ିଶାରେ ଶେଷଥର ଜାତୀୟ ସିନିୟର ତୀରନ୍ଦାଜୀ ଚାମ୍ପିୟନଶିପ ହୋଇଥିଲା। ୨୦୧୭ରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ସବଜୁନିୟର ତୀରନ୍ଦାଜୀ ଚାମ୍ପିୟନଶିପ କରାଯାଇଥିଲା। ଆଗାମୀ ସିନିୟର ତୀରନ୍ଦାଜୀ ଚାମ୍ପିୟନଶିପ ନିମନ୍ତେ ସମସ୍ତ ପ୍ରସ୍ତୁତି ଆରମ୍ଭ ହୋଇସାରିଛି ବୋଲି ରାଜ୍ୟ ଆସୋସିଏଶନ ସମ୍ପାଦକ ଶ୍ରଦ୍ଧାନନ୍ଦ ଦାସ ସୂଚନା ଦେଇଛନ୍ତି।

ରିକର୍ଭ, କମ୍ପାଉଣ୍ଡ ଓ ଇଣ୍ଡିଆନ ରାଉଣ୍ଡରେ ପ୍ରତିଯୋଗିତା ହେବ। ରିକର୍ଭ ରାଉଣ୍ଡରେ ଅଂଶଗ୍ରହଣ କରିବାକୁ ଥିବା ପ୍ରତିଯୋଗୀ ୯ ତାରିଖରେ ପ୍ରତିଯୋଗିତା ସ୍ଥଳରେ ପହଞ୍ଚିବା ପରେ ୧୦ ଓ ୧୧ ତାରିଖରେ ମୁକାବିଲା ହେବ। ସେହିପରି କମ୍ପାଉଣ୍ଡ ରାଉଣ୍ଡ ୧୩ ଓ ୧୪ ତାରିଖରେ, ଇଣ୍ଡିଆନ ରାଉଣ୍ଡ ପ୍ରତିଯୋଗିତା ୧୬ ଓ ୧୭ ତାରିଖରେ କରାଯିବ। ପ୍ରତିଯୋଗିତା ନିମନ୍ତେ ମୋଟ ୩୦ଲକ୍ଷ ୫୬ହଜାର ୫୦୦ଟଙ୍କାର ବଜେଟ ରହିଛି। ପ୍ରତିଯୋଗୀ, ଅଫିସିଆଲମାନଙ୍କ ନିମନ୍ତେ ବାରବାଟୀ ଷ୍ଟାଡିୟମ ପରିସରରେ ଥିବା କର୍ପୋରେଟ ବକ୍ସ, ସଚିନ ତେନ୍ଦୁଲକର ଇନଡୋର ହଲ, ବାରବାଟୀ କ୍ଲବ ସମେତ ବିଭିନ୍ନ ସ୍ଥାନରେ ରହଣି ବ୍ୟବସ୍ଥା କରାଯିବ। ବିଭିନ୍ନ ରାଜ୍ୟ ଦଳ କଟକ ରେଳ ଷ୍ଟେଶନ କିମ୍ବା ଭୁବନେଶ୍ୱର ଏୟାରପୋର୍ଟରେ ପହଞ୍ଚିବା ପରେ ସେଠାରେ ସ୍ୱାଗତ ନିମନ୍ତେ ଏକ କାଉଣ୍ଟର ଖୋଲାଯିବ। ସେଠାରୁ ସ୍ୱତନ୍ତ୍ର ବସଯୋଗେ ପ୍ରତିଯୋଗିତା ସ୍ଥଳକୁ ଖେଳାଳିମାନଙ୍କୁ ଅଣାଯିବ। ତୀରନ୍ଦାଜୀ କ୍ରୀଡ଼ା କ୍ଷେତ୍ରରେ ଭାରତର ଖ୍ୟାତନାମା ଖେଳାଳି ଦୀପିକା କୁମାରୀ, ପୋମ୍ବଲ୍ୟ ଦେବୀ, ଅମନ ସଇନି, ମୁସ୍କାନ କିରର, ମଧୁମିତା କୁମାରୀ, ଜୟନ୍ତ ତାଲୁକଦାର, ରଜତ ଚୌହ୍ୱାନ, ଅଭିଷେକ ବର୍ମା, ତରୁଣଦୀପ ରାୟ, ରାହୁଲ ବାନାର୍ଜୀ, ଅତନୁ ଦାସ ପ୍ରମୁଖ ଏହି ଟୁର୍ନାମେଣ୍ଟର ଯୋଗ ଦେବା ସହ ପ୍ରମୁଖ ଆକର୍ଷଣ ରହିବେ। ଏହାଛଡ଼ା ୨୦୧୯ ବିଶ୍ୱ ତୀରନ୍ଦାଜୀ ଚାମ୍ପିୟନଶିପ ପାଇଁ ଜାତୀୟ ଦଳ ଗଠନ ନିମନ୍ତେ ଏହି ପ୍ରତିଯୋଗିତା ଗୁରୁତ୍ୱପୂର୍ଣ୍ଣ ମଧ୍ୟ ରହିଛି। ଅନ୍ୟପକ୍ଷରେ ଏହି ସମ୍ମିଳନୀରେ ପ୍ରତିଯୋଗିତା ନିମନ୍ତେ ଓଡ଼ିଶା ଦଳ ଘୋଷଣା କରାଯାଇଥିଲା। ରାଜେଶ ହାଁସଦା, ଅଶୋକ ଘୋଷ ଓ ରୂପେଶ ସିଂ କୋଚ୍ ଭାବେ ରହିଥିବା ବେଳେ ମ୍ୟାନେଜର ଦାୟିତ୍ୱରେ ଅଛନ୍ତି ଗଣେଶ୍ୱର ସେଠୀ। ସମ୍ମିଳନୀରେ ରାଜ୍ୟ ସଂଘ ସଭାପତି ଡ. ଅଜିତ କୁମାର ତ୍ରିପାଠୀ, ଉପସଭାପତି ସରୋଜ କୁମାର ସିଂ, ସିଇଓ ଡ. ନିର୍ମଳକାନ୍ତି ସେନ, କୋଷାଧ୍ୟକ୍ଷ ସୁଘୋଷ ଦାସ, ଫାଇନାନ୍ସ କମିଟି ଚେୟାରମ୍ୟାନ ସମୀର କୁମାର ପରିଜା, ଉପସଭାପତି ଶ୍ରୀଧର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

**ଓଡ଼ିଶା ଦଳ**

ଇଣ୍ଡିଆନ ରାଉଣ୍ଡ(ପୁରୁଷ)–ରାଜେଶ ଦୂରୁଆ, ସୂର୍ଯ୍ୟକାନ୍ତ କରଜି, ମାଝୀ, ଅଭିରାମ ପଲେୟା। ମହିଳା– ମାଧବୀ ମାଝୀ, ଆଶାଲତା ସୋରେନ, ସକୁନ୍ତଳା ସବର।
ରିକର୍ଭ ରାଉଣ୍ଡ(ପୁରୁଷ)– ସୂର୍ଯ୍ୟମଣି ମାଝୀ, ରଞ୍ଜିତ ନାୟକ, ପ୍ରଭାତ କୁମାର ମିଞ୍ଜ, ସୀମାଞ୍ଚଳ କନ୍ଦ୍ରକ। ମହିଳା– ଆଶାଲତା ଦାସ, ସୁମୀ ମୁଣ୍ଡା, ଚନ୍ଦ୍ରମଣି ମୁଣ୍ଡା, ବାଲି ବନସିଂହ।
କମ୍ପାଉଣ୍ଡ ରାଉଣ୍ଡ(ପୁରୁଷ)– ଇରମା ପଦିଆମି, ବିକ୍ରମ ସିଂ ଠାକୁର, ପୂର୍ଣ୍ଣଚନ୍ଦ୍ର ମାଝୀ।

### ତୁର୍କମେନିସ୍ତାନକୁ ୧୦–୦ରେ ହରାଇଲା ଭାରତ



ଭାରତୀୟ ମହିଳା ଫୁଟ୍‌ବଲ ଦଳ।

**ତୁର୍କୀଶ କପ୍ ମହିଳା ଫୁଟବଲ**

ନୂଆଦିଲ୍ଲୀ, ୧।୩(ପି.ଟି.)

ସଞ୍ଜୁଙ୍କ ହ୍ୟାଟ୍ରିକ ବଳରେ ଭାରତ ଆଲାନ୍ୟାଠାରେ ଚାଲିଥିବା ତୁର୍କୀଶ କପ୍ ମହିଳା ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ତୁର୍କମେନିସ୍ତାନକୁ ୧୦–୦ ଗୋଲରେ ପରାସ୍ତ କରିଛି। ଗତ ବୁଧବାର ଉଜବେକିସ୍ତାନଠାରୁ ୦–୧ ଗୋଲରେ ହାରିଥିବା ଭାରତ ଏହି ବିଜୟ ଫଳରେ ଟୁର୍ନାମେଣ୍ଟକୁ ସଫଳ ପ୍ରତ୍ୟାବର୍ତ୍ତନ କରିଛି। ତୁର୍କମେନିସ୍ତାନ ବିପକ୍ଷ ମ୍ୟାଚର ୧୭, ୩୭ ଓ ୭୧ତମ ମିନିଟରେ ୩ଟି ଗୋଲ ଦେଇ ସଞ୍ଜୁ ଚଳିତ ଟୁର୍ନାମେଣ୍ଟର ଟପ୍ ସ୍କୋରର ହୋଇ ଯାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଞ୍ଜୁ ତମାଙ୍ଗ ୫୧ ଓ ୮୩ ଏବଂ ରଞ୍ଜନା ୬୦ ଓ ୬୨ ମିନିଟରେ ୨ଟି ଲେଖାଏ ଏବଂ ଡାଙ୍ଗମେଇ ଗ୍ରେସ ୭ମ, ସୁମିତ୍ରା ୭୭ ଓ ଇନ୍ଦୁମତୀ କାଥିରେସାନ ୮୭ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ମ୍ୟାଚରେ ଭାରତ ଚମତ୍କାର ଆରମ୍ଭ କରିଥିଲା। ଡାଙ୍ଗମେଇ ୭ମ ମିନିଟରେ ଭାରତକୁ ଅଗ୍ରଣୀ କରାଇଥିବାବେଳେ ଏହାର ୧୦ ମିନିଟପରେ ସଞ୍ଜୁ ବ୍ୟକ୍ତିଗତଭାବେ ପ୍ରଥମ ଗୋଲ ସ୍କୋର କରିଥିଲେ। ୩୭ତମ ମିନିଟରେ ସେ ଦ୍ୱିତୀୟ ଗୋଲ ଦେବାରୁ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଭାରତ ୩–୦ ଗୋଲରେ ଅଗ୍ରଣୀ ହୋଇଥିଲା। ଇନ୍ଦୁମତୀଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଦ୍ୱିତୀୟାର୍ଦ୍ଧରେ ଅଧିକ ଆକ୍ରମଣାତ୍ମକ ଖେଳି ୭ଟି ଗୋଲ ସ୍କୋର କରିଥିଲା। ତୁର୍କମେନିସ୍ତାନର ଦୁର୍ବଳ ରକ୍ଷଣଭାଗର ସୁଯୋଗ ନେଇ ଅଞ୍ଜୁ ଓ ରଞ୍ଜନା ୨ଟି ଲେଖାଏ ଗୋଲ ଦେବାରେ ସକ୍ଷମ ହୋଇଥିଲେ। ଭାରତୀୟ ଦଳରେ ସାମିଲଥିବା ଓଡ଼ିଶାର ଜବାମଣି ଟୁଡୁ ଷ୍ଟାର୍ଟିଂ ଇଲେଭେନରେ ସ୍ଥାନ ପାଇଥିଲେ ଏବଂ ଶେଷ ପର୍ଯ୍ୟନ୍ତ ଖେଳି ଭାରତର ବୃହତ୍ ବିଜୟର ଅନ୍ୟତମ ଅଂଶୀଦାର ବନିଥିଲେ। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ରବିବାର ରୋମାନିଆ ବିପକ୍ଷରେ ଖେଳିବ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ମାର୍ଚ୍ଚ ୨/୨୦୧୯ Sambalpur, Saturday, March 2 / 2019

■ ଚିକିତ୍ସା ସାହାଯ୍ ଲାଗି ଅସାହା ବାପର ଆକୁଳ ନିବେଦନ

# ଶିଁକ୍ଲା ବଁଧା ଜୀବନ୍ ବିତଉଛନ୍ କୁଶ

**ଖପ୍ରାଖୋଲ, ୧।୩ (ଡି.ଏନ.ଏ)**

ଖପ୍ରାଖୋଲ ବ୍ଲକ ନାନ୍ଦୁପଲା ଗାଁରେ ମାନସିକ୍ ରୋଗ୍‌ରେ ଆକ୍ରାଁତ ହେଇ ଝନେ ଯୁବକ ୩ ବଛର ହେଲା ଶିଁକ୍ଲା ବଁଧା ଜୀବନ୍ ବିତଉଥିବାର ଜନାଯାଇଛେ। ହେଲେ ପଛେ କେତେ ସ୍ୱେଚ୍ଛାସେବୀ ଖବର ପାଇ ଯୁବକକୁଁ ଘରୁ ବାହାର କରବାକେ କହେଲାରୁ ଅସାହା ବାପ୍ ପୁଓକେ ଘରୁ ବାହାର କରିଥିବାର ଦେଖିବାକେ ମିଲିଛେ।

ଖବର ନେଲାରୁ ଜନାଯାଇଛେ ଯେ, ନାନ୍ଦୁପଲା ଗାଁର ଦିର୍ଜୁ ପୁଝାରୀକଁର ପୁଓ କୁଶ ପୁଝାରୀ(୩୩) ୩ ବଛର ତଲେ ମାନସିକ୍ ରୋଗ୍‌ରେ ପୀଡ଼ିତ ହେଇ ଇଆଡ଼େ ସେଆଡ଼େ ବୁଲାବୁଲି କଲେ। ଏନ୍‌ତାଥି ତାକର ମାଏକିନା ସଂଗେ ପୁଓ ଝି ତାହାକୁ ଛାଡ଼ି ବାପ୍ ଘରକେ ପଲେଇ ଗଲେ। ବାପ ପୁଓକେ ସମ୍ଭାଲି ନାଇଁପାରି ଘରଭିତରେ ଭରି ରଖିଥିଲେ। ବାପ ଡର୍‌ହେ ଛାତ୍ ଉପରୁ ପଲିଥିନ୍‌ରେ ତାହାକୁ ଖାନାପିନା ଦିଆନିଆ କରୁଥିଲେ।


ଶିଁକ୍ଲା ବଁଧା ଅବସ୍‌ତାରେ ମାନସିକ୍ ରୁଗୀ କୁଶ।

ଏନ୍‌ତା କି ସେ ପୁଓକେ ଘରୁ ଭଠାକେ ବାହାର କରବାର ବି ସାହାସ କେଭେ ଯୁଟେଇ ନାଇଁପାରି। ୫ ଦିନ୍ ତଲେ ଘଟନା ବାବ୍‌ଦେ କିଛି ସ୍ୱେଚ୍ଛାସେବୀ ଖବର ପାଇ କୁଶକେ ଘରୁ ବାହାର କରବାକେ ତାକର ବାପାକେ ଅନୁରୋଧ କରିଥିଲେ। ଶେଷେ ହାତେ ଶିଁକ୍ଲା ଲଗା ଅବସ୍‌ତାରେ ପୁଓକେ ଘରୁ ବାପା ବାହାର କରିଥିଲେ। ମାନସିକ ରୁଗୀକର ଚିକିତ୍ସା ଲାଗି ସରକାରୀ ବେବସ୍‌ତା ଥିଲେ ବି ଇ ବାବ୍‌ଦେ କୁଶର ବାପା ନାଇଁଜାନି। ସେନ୍‌ତା ଘଟନା ବାବ୍‌ଦେ ପରଶାସନ ପାଖେ ବି କିଛି ଖୋଜଖବର ନାଇଁଥିବାର ଜନାଯାଇଛେ। ପୁଓକେ ଖାଏବାକେ ଦେବାର ଲାଗି ପରିବାରକେ ମିଲୁଥିବାର ୨୫ କେ.ଜି. ସରକାରୀ ଟଁକାକିଆ ଚାଉଲ ନ ସାହାଭରସା। ଇଆଡ଼େ ଅସାହା ବାପ୍‌କେ ୬୦ ବଛର ଟିପି ଯାଇଥିଲେ ବି ବୁଢ଼ାବୁଢ଼ି ଭତା ଯୋଜନାରୁ ବଁଚିତ ହେଇ ରହିଛନ୍। ସେନ୍‌ତା ଇ ନିହାତି ଗରିବ୍ ପରିବାର ଗୁଟେ ଭଂଗା ଦଦ୍‌ରା ମାଟି ଘରେ ରହୁଥିଲେ ବି ଆଏଜ୍‌ତକ ପରଶାସନର ଦୁରୁଷ୍ଟି ନାଇଁପଡ଼ି। ଆଏଜ୍‌କେ ୩ ବଛର ତଲେ ବାପ ପୁଓକେ ଭଲ କରବାର ଲାଗି ଚେରମୂଳି ଉଷୋକଶା କରି ନିରାଶ ହେଇଥିଲେ। ହେଲେ ଏହେଦେ ବାପ୍ ସବୁ ଜାନ୍‌ଲା ଉତାରୁ ପୁଓର ଚିକିତ୍ସା ଲାଗି ସରକାରୀ ସାହାଯ୍ ଯୁଗେଇ ଦେବାକେ ଆକୁଳ ନିବେଦନ କରିଛନ୍। ପୁଓ ଭଲ ହେଲେ ବହୁ, ନାତିନାତେନ ଫିରିଆଏବେ, ଫେନ୍‌ଘାଏ ହଁସଖୁସିରେ ଆମର ପରିବାର ଉଛଲି ପଡ଼ତା ବଲି ସେ କହିଛନ୍। ଇ ବାବ୍‌ଦେ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା.ପ୍ରହଲ୍ଲାଦ ମେହେରକୁଁ ପଚରାଲାରୁ ଘଟନା ବାବ୍‌ଦେ ଆମରନେ ଖବର ନାଇଁଥାଇ। ସରକାରକଁର ତରଫୁ ମାନସିକ ରୁଗୀକର ଚିକିତ୍ସା ଲାଗି ବେବସ୍‌ତା ଅଛେ। ଘଟନାର ତଦଁତ୍ କରି ରୁଗୀକୁ ଚିକିତ୍ସା ସୁବିଧା ଯୁଗେଇ ଦିଆଯିବା ବଲି ସେ କହିଥିଲେ। ସେନ୍‌ତା ଖପ୍ରାଖୋଲ ବିଡିଓ ତରଣୀ ସୁନାକୁଁ ପଚରାଲାରୁ ମୋର ପାସେ ଖବର ନାଇଁଥାଇ, ଇ ଦୁଖିପରିବାରକେ ସରକାରୀ ସାହାଯ୍ ଯୁଗେଇଦେବାର ସଂଗେ ଚିକିତ୍ସା ସୁବିଧା ଲାଗି ସ୍ୱାସ୍ଥ୍ୟ ବିଭାଗକେ କୁହାଯିବା ବଲି ସେ କହିଥିଲେ।

# ମୁକ୍ତିଲାଭ କରିବ 'ଶଲାବୁଢ଼ାର ବଦଲା'

**ସୋନପୁର,୧।୩(ନି.ପ୍ର.)**


ଶଲାବୁଢ଼ା ବଦଲା ଚଳଚ୍ଚିତ୍ରର ଏକ ଦୃଶ୍ୟ ।

ଅନ୍ତର୍ଜାତୀୟ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର ଶଲାବୁଢ଼ା ଓ ଆଦିମ ବିଚାର ପରେ ସମ୍ପୂର୍ଣ୍ଣ ହୋଇଛି ପ୍ରଖ୍ୟାତ ଚଳଚ୍ଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ରଙ୍କ ସଦ୍ୟତମ ଚଳଚ୍ଚିତ୍ର 'ଶଲାବୁଢାର ବଦଲା'। ଶଲାବୁଢା ଓ ଆଦିମ ବିଚାର ପରେ ଏ ହେଉଛି ଶଲାବୁଢା ସିରିଜ୍‌ର ତୃତୀୟ ଭାଗ। ପୂର୍ବ ସିନେମାଦ୍ୱୟ ପରି ଏ ସିନେମାର କାହାଣୀ,ସଙ୍ଗୀତ ମଧ୍ୟ ସୁବର୍ଣ୍ଣଶ୍ରୀ କପିଳେଶ୍ୱର ମହାପାତ୍ର ରଚନା କରିଛନ୍ତି । ଏହି ସିରିଜ୍‌ର ସଙ୍ଗୀତ ନିର୍ଦ୍ଦେଶକ ଦାୟିତ୍ୱ ବହନ କରିଛନ୍ତି ପଙ୍କଜ ଜାଲ । ଏଥର ବଦଲା ନେବାକୁ ଆସୁଛନ୍ତି ଶଲାବୁଢା। ଜଣେ ବୃଦ୍ଧ, ସରଳ ହୃଦୟଧାରୀ ଯେତେବେଳେ ପରିସ୍ଥିତିର ଚାପରେ ପଡି ବଦଲା ନିଅନ୍ତି ସେଇଟା ଯେ କେତେ ଭୟଙ୍କର ଓ ହୃଦୟଫଟା ହୋଇପାରେ ତାହା ହିଁ ଏ କାହାଣୀର ବିଷୟବସ୍ତୁ । ଏହାର ପ୍ରଯୋଜନା, ଫଟୋଗ୍ରାଫି, ସମ୍ପାଦନା ତଥା ସହନିର୍ଦ୍ଦେଶନା ଦାୟିତ୍ୱରେ କୁମାର ଶ୍ରୀଦେବ ମହାପାତ୍ର ଥିବା ବେଳେ ସହପ୍ରଯୋଜକ ଭାବେ ମଧୁବାଲା ମହାପାତ୍ର, ରାଜଶ୍ରୀ ମହାପାତ୍ର ଓ ସୁଶାନ୍ତ ମହାପାତ୍ର ଅଛନ୍ତି। କଳା ନିର୍ଦ୍ଦେଶକଭାବେ ଦାୟିତ୍ୱ ତୁଲାଉଛନ୍ତି ମଣ୍ଟୁ ମହାପାତ୍ର। ଚଳଚ୍ଚିତ୍ରରେ ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି ଅଟଳ ପଣ୍ଡା, ଜଗଦାନନ୍ଦ ଛୁରିଆ, ପ୍ରଦ୍ୟୁମ୍ନ ସାହୁ, ପୁରୁଷୋତ୍ତମ ମିଶ୍ର, ଗଦାଧର ବାରିକ, ମଣ୍ଟୁ ମହାପାତ୍ର, ବିଜୟ ତ୍ରିପାଠୀ, ତପସ୍ୱିନୀ ଗୁରୁ, ଲୋଚନୀ ବାଗ, ମୁନିଆ ପାଣିଗ୍ରାହୀ ଓ ନବାଗତ ଜିତ୍ ଓ ଚନ୍ଦନା। ଅନ୍ୟାନ୍ୟ ଭୂମିକାରେ ସତ୍ୟ ଦାସ, ମନ ମିଶ୍ର, ସଚିନ, କିରଟି ମିଶ୍ର, ଅବିନାଶ ହୋତା, ବେନିମାଧବ ମିଶ୍ର, ସୁନୀଲ ମେହେର, ରବୀନ୍ଦ୍ର ସାହୁ, ଗୋରେଖନାଥ ସାହୁ, ମୀନା ମହାରଣା, ପ୍ରଦୀପ ଏବଂ ବହୁ ନୂତନ କଳାକାର ଅଭିନୟ କରିଛନ୍ତି। ଗୀତ ରଚନା କରିଛନ୍ତି ଚୂଡାମଣି, ନେତ୍ରାନନ୍ଦ ବାରିକ ଏବଂ ସର୍ବେଶ୍ୱର ଭୋଇ। କଣ୍ଠଦାନ କରିଛନ୍ତି ପଙ୍କଜ ଜାଲ, ମାନସୀ ଜାଲ, ଗଗନ, ସଙ୍ଗୀତା ରାଉତ, ପ୍ରତୀତି ମିଶ୍ର ଓ ସର୍ବେଶ୍ୱର ଭୋଇ। ନିର୍ଦ୍ଦେଶନା ଓ ସମ୍ପାଦନାରେ ସହଯୋଗୀ ଦାୟିତ୍ୱ ତୁଲାଇଛନ୍ତି ଲମ୍ବୋଦର ତିର୍କୀ । କୋଅର୍ଡିନେଟର ଦାୟିତ୍ୱ ତୁଲାଇଛନ୍ତି ଗୋପାଳ ପଧାନ।

# ଗୁଣିଗାରେଡ଼ି ସନ୍ଦେହ: ମହିଳାଙ୍କୁ ହାଣି ହତ୍ୟା

**ଲହୁଣୀପଡା, ୧।୩ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା କମାରପୋଷ ଗ୍ରାମରେ ଗୁଣିଗାରେଡ଼ି ସନ୍ଦେହ କରି ଚାନ୍ଦ ମୁଣ୍ଡା (୫୦) ନାମ୍ନୀ ମହିଳାଙ୍କୁ ଭୁଜାଲିରେ ହାଣି ହତ୍ୟା


ଗିରଫ ଅଭିଯୁକ୍ତ ତୁରୀ ମୁଣ୍ଡା ।

କରାଯାଇଛି। ପୋଲିସ ଅଭିଯୁକ୍ତ ତୁରୀ ମୁଣ୍ଡା (୨୨)ଙ୍କୁ ଶୁକ୍ରବାର ଗିରଫ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ ଭୁଜାଲି ଜବତ କରିଛି। ପୋଲିସ ତୁରୀଙ୍କୁ ପଚରାଉଚରା କରିବାରୁ ସେ ଚାନ୍ଦଙ୍କୁ ହତ୍ୟା କରିଥିବା ମଧ୍ୟ ସ୍ୱୀକାର କରିଛନ୍ତି। ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ତୁରୀଙ୍କ ଦେଢ଼ ବର୍ଷର ପୁଅକୁ ବାରମ୍ବାର ଜ୍ୱର ଓ ଝାଡାବାନ୍ତି ହେଉଥିଲା। ପୂଜାପାଠ କଲେବି ପୁଅର ଦେହ ଭଲ ହେଉ ନ ଥିଲା। ତୁରୀ ଚିକିତ୍ସା କରିବା ପରିବର୍ତ୍ତେ ଗୁଣିଗାରେଡି କରୁଥିଲେ। ଗୁରୁବାର ସକାଳେ ପୂଜାପାଠ କରୁଥିବାବେଳେ ବିଲେଇମାନେ ଝଗଡା କରୁଥିବାରୁ ତୁରୀ ଘଉଡାଇ ଦେଇଥିଲେ। ବିଲେଇ ଦୁଇଟି ଦୌଡି ଯାଇ ନିକଟସ୍ଥ ଚାନ୍ଦ ମୁଣ୍ଡା ଘରେ ପଶି ଯାଇଥିଲେ। ଫଳରେ ତୁରୀଙ୍କ ସନ୍ଦେହ ହୋଇଥିଲା। ଚାନ୍ଦ ଗୁଣିଗାରେଡି କରିଛନ୍ତି। ଫଳରେ ତାଙ୍କ ପୁଅର ଦେହ ଭଲ ହେଉନାହିଁ। ତୁରୀ ଗୁରୁବାର ସନ୍ଧ୍ୟାରେ ଚାନ୍ଦଙ୍କ ଘରକୁ ଭୁଜାଲି ନେଇ ଯାଇଥିଲେ। ଚାନ୍ଦ ବାରଣ୍ଡାରେ ଏକୁଟିଆ ଖଟିଆରେ ବସିଥିବାବେଳେ ତୁରୀ ତାଙ୍କ ବେକକୁ ୫/୬ ଚୋଟ ମାରି ପଳାଇ ଆସିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ଚାନ୍ଦଙ୍କ ମୃତ୍ୟୁ ଘଟିଥିଲା। ଗ୍ରାମବାସୀ ଜାଣିଲା ପରେ କେ. ବଲାଙ୍ଗ ଥାନାକୁ ଖବର ଦେଇଥିଲେ। ଚାନ୍ଦଙ୍କ ପୁଅ ବାଇନା ମୁଣ୍ଡାଙ୍କୁ ମଧ୍ୟ ସୂଚନା ଦେଇଥିଲେ। ବାଇନା ଘରକୁ ଆସିବା ପରେ କେ. ବଲାଙ୍ଗ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଲହୁଣୀପଡା ଡାକ୍ତରଖାନାକୁ ପଠାଇଥିଲା।

# ଧାମନଗର ବିଜେଡିରେ ଗୋଷ୍ଠୀ କନ୍ଦଳ

**ଧାମନଗର,୧।୩ (ଡି.ଏନ.ଏ.)**

ଧାମନଗରରେ ଅସନ୍ତୁଷ୍ଟ ବିଜେଡି ତଥା ସଚେତନ ନାଗରିକ ମଞ୍ଚ ଶକ୍ତି ପ୍ରଦର୍ଶନ କରିଛି। ମଞ୍ଚ ପକ୍ଷରୁ ମଙ୍ଗଳବାର ଏକ ବିଶାଳ ବାଇକ୍ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରା ଶହୀଦ ପୀଠରୁ ବାହାରି ଧୂଷୁରୀ ଅଞ୍ଚଳ ପରିକ୍ରମା କରିଥିଲା । ଶୋଭାଯାତ୍ରାକାରୀମାନେ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କୁ ହଟାଅ, ଅନ୍ୟ

■ଶକ୍ତି ପ୍ରଦର୍ଶନ କଲା ସଚେତନ ନାଗରିକ ମଞ୍ଚ

■ଅଭିଯୋଗକୁ ଖଣ୍ଡନ କଲେ ବ୍ଲକ ବିଜେଡି ସଭାପତି

ପ୍ରାର୍ଥୀକୁ ଆଣ ବୋଲି ସ୍ଲୋଗାନ ଦେଇଥିଲେ । ଶୋଭାଯାତ୍ରାରେ ସମ୍ମୁଖ ଭାଗରେ ମଞ୍ଚ ନେତା ତଥା ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ ଏକ ଜିପ୍‌ରେ ବସିଥିଲେ । ତାଙ୍କୁ ବିଭିନ୍ନ ସ୍ଥାନରେ ସ୍ୱାଗତ କରାଯାଇଥିଲା ।

ଏହି ଅବସରରେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ନାଗରିକ ମଞ୍ଚ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବିଧାୟକ ମଣ୍ଡଳଙ୍କୁ ଏଥର ଟିକେଟ୍ ନ ଦେବାକୁ ଦାବି କରାଯାଇଥିଲା। ବିଧାୟକ ମଣ୍ଡଳ ଜଣେ ଦୁର୍ନୀତିଗ୍ରସ୍ତ, ଦଳୀୟ କର୍ମୀଙ୍କୁ ଅଣଦେଖା କରୁଛନ୍ତି। ପୁଲଓ୍ୱାମାଠାରେ ଆତଙ୍କବାଦୀଙ୍କ ଆକ୍ରମଣ ସମୟରେ ବିଧାୟକ ଧାମନଗର ମହୋତ୍ସବରେ ନାଚଗୀତରେ ମସ୍‌ଗୁଲ ଥିବା ମଞ୍ଚ ପକ୍ଷରୁ ରାମଚନ୍ଦ୍ର ସାହୁ ଅଭିଯୋଗ କରିଥିଲେ। ମଞ୍ଚ ତରଫରୁ ଗତ ୨୩ ତାରିଖରେ ବିଧାୟକଙ୍କ ବିରୋଧରେ ଲିଖିତ ଭାବେ ରାଜ୍ୟ ନେତୃବୃନ୍ଦଙ୍କୁ ଅବଗତ କରାଯାଇଥିବା ସେ ସୂଚନା ଦେଇଥିଲେ। ଆସନ୍ତା ନିର୍ବାଚନରେ ବିଧାୟକଙ୍କୁ ଟିକେଟ୍ ପ୍ରଦାନ କରାଗଲେ ଏହା ବିଜେଡି ପାଇଁ ମହଙ୍ଗା ପଡ଼ିବ ବୋଲି ଏହି ଖବରଦାତା ସମ୍ମିଳନୀରେ ଚେତାବନୀ ଦିଆଯାଇଥିଲା। ଆଗାମୀ ନିର୍ବାଚନରେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସଙ୍କୁ ଟିକେଟ୍ ମିଳୁ ବୋଲି ମଞ୍ଚ ଦାବି କରିଥିଲା। ଦେବେନ୍ଦ୍ର ପୁହାଣ, ବିଜୟ ମିଶ୍ର, ଅତିଶ ନନ୍ଦ, ସୂର୍ଯ୍ୟକାନ୍ତ ନାୟକ, ଦିଲୀପ ମିଶ୍ର, ବୁଟୁ ମହାନ୍ତି, ପ୍ରକାଶ ମହାନ୍ତି ଓ ସୁବାସ ମହାକୁଡ ପ୍ରମୁଖ ଏହି ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ବ୍ଲକ ବିଜେଡି ସଭାପତି ରଘୁନାଥ ଲେଙ୍କା ମଞ୍ଚ କର୍ମକର୍ତ୍ତାଙ୍କ ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ୫ ବର୍ଷ ମଧ୍ୟରେ ବିଧାୟକ ମଣ୍ଡଳଙ୍କ ଦ୍ୱାରା ବହୁ ଉନ୍ନୟନ କାର୍ଯ୍ୟକୁ ଧାମନଗରବାସୀ ସ୍ୱାଗତ କରିଛନ୍ତି। ପୁନର୍ବାର ତାଙ୍କୁ ବିଧାୟକ ଭାବେ ଦେଖିବା ଦାବିକୁ ରାଜ୍ୟ ସଂଗଠନକୁ ବିଜେଡି ପକ୍ଷରୁ ଅବଗତ କରାଯାଇଛି। ଯେଉଁମାନେ ଅସନ୍ତୁଷ୍ଟ ବିଜେଡି ଭାବେ ନିଜକୁ ଉପସ୍ଥାପନ କରୁଛନ୍ତି ସେମାନେ ବିରୋଧୀଙ୍କ ସହ ମିଶି କାର୍ଯ୍ୟ କରୁଥିବା ପ୍ରମାଣ ରହିଛି। ଗତ ୫ବର୍ଷ ମଧ୍ୟରେ ସେମାନେ କୌଣସି ଦଳୀୟ କାର୍ଯ୍ୟରେ ସାମିଲ ନ ଥିବା ସେ ପ୍ରକାଶ କରିଛନ୍ତି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଅଯଥା ସତର୍କତା ପାଇଁ, ବିଦ୍ରୁପ ସହିବା ବରଂ ଶ୍ରେୟ, କିନ୍ତୁ ଅସତର୍କ ରହି ବିପଦକୁ ଡାକି ଆଣ ନାହିଁ ।
- ଏଡ୍‌ମଣ୍ଡ୍ ବର୍କ



## ସଂକ୍ଷେପରେ

### ଧର୍ମଶାଳା ମହାବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର

ଉଲୁଣ୍ଡା, ୧।୩(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଧର୍ମଶାଳା ଯୁକ୍ତଦୁଇ ମହାବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ଗୋପାଳ ମିଶ୍ରଙ୍କ ସଭପତିତ୍ୱରେ ଅନୁଷ୍ଠିତ ସଭାରେ ମୁଣ୍ଡୋଘାଟ ସରପଞ୍ଚ ରଞ୍ଜିତା ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆତ୍ମ କୌଶଳ ଦ୍ୱାରା ନାରୀର ସୁରକ୍ଷା କରଯାଇପାରିବ ବୋଲି ପ୍ରକାଶ କରିଥିଲେ। ଏହି ଶିବିରରେ ତାଲିମ ନେଇଥିବା ଛାତ୍ରୀମାନେ ନିଜନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ଅଧ୍ୟାପକ ପ୍ରଫୁଲ୍ଲ ପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ମାଷ୍ଟର ଟ୍ରେନରଭାବେ ସୁଶ୍ରୀ ଶ୍ୱେତା ମହାପାତ୍ର ଏବଂ ଅଙ୍କିତା କହଁର ଯୋଗଦେଇଥିଲେ। ଏହି ଅବସରରେ ତାଲିମ ନେଇଥିବା ଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

### ସୋନପୁର କଲେଜର ୫୪ତମ ବାର୍ଷିକ ଉତ୍ସବ

# ସମାଜକୁ ଦିଗ୍‌ଦର୍ଶନ ଦେଉଥିବା ଭାଷା କାଳଜୟୀ

ସୋନପୁର,୧।୩(ନି.ପ୍ର.)

ସୋନପୁର କଲେଜର ୫୪ତମ ବାର୍ଷିକ ଉତ୍ସବ କଲେଜ ପଡିଆରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରସିଦ୍ଧ କୋସଲି କବି ପଦ୍ମଶ୍ରୀ ଡ. ହଳଧର ନାଗ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜାତି ଭିନ୍ନ ସମାଜ ଗୋଟିଏ, ଭାଷା ଭିନ୍ନ କିନ୍ତୁ ସାହିତ୍ୟ ଗୋଟିଏ ବୋଲି କହିଥିଲେ। ସେହିପରି ଯେଉଁ ଭାଷା ସମାଜକୁ ଦିଗଦର୍ଶନ ଦିଏ, ତାହା କାଳଜୟୀ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ପଦ୍ମଶ୍ରୀ ନାଗ କେତୋଟି ସ୍ୱରଚିତ କବିତା ପାଠ କରିଥିଲେ। କଲେଜ ଅଧକ୍ଷ ଡ. କେଦାରନାଥ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କବି ହଳଧର କୋସଲି ଭାଷାକୁ ବୈପ୍ଲବିକ ସ୍ତରରେ ପହଞ୍ଚାଇ ପାରିଛନ୍ତି ବୋଲି କହିଥିଲେ। ଏହି ଅବସରରେ କଲେଜର ଉତ୍ତରୋତ୍ତର କାମନା କରିବା ସହ ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକଙ୍କ ସହଯୋଗ ଯୋଗୁଁ ସେ ତାଙ୍କ ଦେଢ ବର୍ଷର ଅଧକ୍ଷ ଦାୟିତ୍ୱ ସଫଳତାର ସହ ନିର୍ବାହ କରିଛନ୍ତି ବୋଲି ଡ. ମିଶ୍ର କହିଥିଲେ। କଲେଜର ଉପାଧକ୍ଷ ତରୁଣ କୁମାର ମିଶ୍ର ଓ ଡ. ଦେବେନ୍ଦ୍ର କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ବାର୍ଷିକ ଉତ୍ସବ ଭାଇଚାରାର ବାର୍ତ୍ତା ବହନ କରେ ବୋଲି କହିଥିଲେ। ଅଧ୍ୟାପକ ଅଶ୍ୱିନୀ କୁମାର ହୋତା ବାର୍ଷିକ ବିବରଣୀ ପାଠ କରିଥିଲେ। ଓଡିଆ ବିଭାଗ ମୁଖ୍ୟ ଅଧ୍ୟାପକ ସୌରଭ ରଞ୍ଜନ ଖମାରୀ ସଭା ପରିଚାଳନା କରିଥିଲେ। ଛାତ୍ରୀ ପ୍ରତିଭା ମଞ୍ଜରୀ ପଣ୍ଡା, ମନିସା ମିଶ୍ର ଓ ଶ୍ୱାତି ଭିଲ୍ଲା ମେହେର ସଭାକୁ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ଛାତ୍ରୀମାନେ ଗଣେଷ ବନ୍ଦନା ଓ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସଭା ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ନାଟକ ପଶୁ ମହାରାଜା ମଞ୍ଚସ୍ଥ ହୋଇଥିଲା।



ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

### ପାକିସ୍ତାନ ଜିନ୍ଦାବାଦ ଘଟଣା: ଜେଲଗଲେ ଦୁଇ ଅଣଓଡିଆ ଯୁବକ

ବିନିକା, ୧।୩(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ଥାନା ଅନ୍ତର୍ଗତ ଜାମଛାପର–କଡିପୋଲ ନିକଟରେ ଗୁରୁବାର ସନ୍ଧ୍ୟାରେ ଏକ ବସ୍‌ରେ ଯାଉଥିବା ୨ଜଣ ଅଣଓଡିଆ ଯୁବକ ପାକିସ୍ତାନ ଜିନ୍ଦାବାଦ ନାରା ଦେଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ମାଡ ମାରିବା ସହ ବିନିକା ପୋଲିସ୍ ଜିମା ଦେଇଥିଲେ। ଏ ନେଇ ଫୁଲମୁଠୀ ଗ୍ରାମର ସହଦେବ ରଣାଙ୍କ ଏତାଲାକ୍ରମେ ବିନିକା ଥାନାରେ ଏକ ମାମଲା(ନଂ୪୩/୧୯) ରୁଜୁ ହୋଇଥିଲା। ଶୁକ୍ରବାର ପୋଲିସ ଅଭିଯୁକ୍ତ ମଦୁରାଇ ତାମିଲନାଡୁର ଏମ୍.ବୀରକୁମାର(୨୭)ଏବଂ ମୁଇକୁଳିପଟ୍ଟି ତାମଲନାଡୁର ମୋହନ(୨୭)ଙ୍କୁ କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ସୋନପୁର ଜେଲ ହାଜତ୍‌କୁ ପଠାଯାଇଛି।

## ପ୍ରତାପପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ସୋନପୁର,୧।୩(ନି.ପ୍ର.)

ସୋନପୁର ବ୍ଲକ ପ୍ରତାପପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୀନବନ୍ଧୁ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ସମସ୍ତ ଛାତ୍ରୀଛାତ୍ର ଭଲ ପାଠ ପଢିବା ସହିତ କ୍ରୀଡା କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦନ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାମନାରାୟଣ ନାୟକ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ପାଇଁ ଶିକ୍ଷକ ତଥା ମାତାପିତାଙ୍କ ଭୂମିକା ବିଷୟରେ ବୁଝାଇଥିଲେ। ସରଧାପାଲି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମହେଶ୍ୱର କ୍ଷେତି ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗଦାନ କରି ଉତ୍ସବ ପାଳନ ଦ୍ୱାରା ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆସିପାରିବ ବୋଲି କହିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉମାକାନ୍ତ କଠାର ସଭାରେ ଅଧ୍ୟକ୍ଷତା କରିଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୋପେଶ ପଣ୍ଡା ମଞ୍ଚ ପରିଚାଳନା ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ଜୟରାମ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ମହେନ୍ଦ୍ରୀ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ। ଶିକ୍ଷକ ଅକ୍ଷୟ କୁମାର ଜେନା କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ସଭା ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟା ସଭ୍ୟଙ୍କ ସହିତ ଗ୍ରାମବାସୀ ଉପସ୍ଥିତ ଥିଲେ।


ବିଦ୍ୟାଳୟ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ ।

## ଉଲୁଣ୍ଡା କପ୍: ସେମିରେ ବ୍ଲୁ ଡାଇମଣ୍ଡ


ବିକାଶ ପଧାନଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

ଉଲୁଣ୍ଡା, ୧।୩(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବ୍ଲକ କ୍ରିକେଟ ଆସୋସିଏଶନ୍ ପକ୍ଷରୁ ଆୟୋଜିତ ୨୬ତମ ଉଲୁଣ୍ଡା କପ୍ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଦ୍ୱିତୀୟ ଦିନ ଖେଳରେ ବରଗଡ ବ୍ଲୁ ଡାଇମଣ୍ଡ ଦଳ ବଲାଙ୍ଗୀର ଦଳକୁ ଉଭୟ ଫର୍ମାଟରେ ହରାଇ ସେମି ଫାଇନାଲରେ ପ୍ରବେଶ କରିଛି । ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ବରଗଡ ନିର୍ଦ୍ଧାରିତ ୧୮ ଓଭରରେ ୮ ଉଇକେଟ ହରାଇ ୧୭୭ ରନ କରିଥିଲା । ଦଳ ପକ୍ଷରୁ ବିକାଶ ପଧାନ ସର୍ବାଧିକ ୭୨ ରନ କରିଥିଲେ । ଏହାର ଯବାବରେ ବଲାଙ୍ଗୀର ଦଳ ୧୫୨ ରନ କରି ଅଲଆଉଟ ହୋଇଥିଲା। ସେହିପରି ଖେଳା ଯାଇଥିବା ଦ୍ୱିତୀୟ ଫର୍ମାଟରେ ବରଗଡ ଦଳ ନିର୍ଦ୍ଧାରିତ ୮ ଓଭରରେ ପ୍ରବୀଣ ଲୁହାଙ୍କ ୪୮ ରନ ବଳରେ ୫ ଉଇକେଟ ବିନିମୟରେ ୧୨୦ ରନ ସଂଗ୍ରହ କରିଥିଲା। ଯବାବରେ ବଲାଙ୍ଗୀର ୭ ଉଇକେଟରେ ୫୨ରନ ସଂଗ୍ରହ କରି ଶୋଚନୀୟ ପରାସ୍ତ ହୋଇଥିଲା। ଖେଳକୁ ସତ୍ୟନାରାୟଣ ପଧାନ ଓ ଆର୍ତ୍ତତ୍ରାଣ ପଣ୍ଡା ପରିଚାଳନା କରିଥିଲେ। ଦିନେଶ ଘିବିଲା ସ୍କୋରିଂ କରିଥିବା ବେଳେ ପାର୍ଥସାରଥି ଦାସ ଧାରାବିବରଣୀ ପ୍ରଦାନ କରିଥିଲେ । ଏହି ଅବସରରେ ସମ୍ପାଦକ ସୁଜ୍ଞାନ ମହାକୁରଙ୍କ ସଂଯୋଜନାରେ ହୋଇଥିବା ପୁରସ୍କାର ବିତରଣୀ ଉତ୍ସବକୁ ଅତିଥିଭାବେ ସାମାଜିକ କର୍ମୀ ଲକ୍ଷ୍ମଣ ପୁରୋହିତ ଯୋଗଦେଇ ବିକାଶ ପଧାନଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚର ପୁରସ୍କାର ପ୍ରଦାନ କରିଥିଲେ । ଶନିବାର ସୋନପୁର ଓ ବରଗଡ ମଧ୍ୟରେ ପ୍ରଥମ ସେମି ଫାଇନାଲ ମ୍ୟାଚ ଖେଳାଯିବ ବୋଲି ଆୟୋଜକ ସୁତ୍ରରୁ ପ୍ରକାଶ ।

## କୃଷକ ସମ୍ପର୍କ ମେଳା

ଡୁଙ୍ଗୁରିପାଲି, ୧।୩(ଡି.ଏନ.ଏ.)

ଡୁଙ୍ଗୁରିପାଲି ବ୍ଲକ ମାୟାବର୍ହା ଗ୍ରାମରେ କୃଷକ ସମ୍ପର୍କ ମେଳା ଅନୁଷ୍ଠିତ ହୋଇଯାଇଛି । ଡୁଙ୍ଗୁରିପାଲି କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଅଧ୍ୟକ୍ଷ ସୁଦର୍ଶନ ତ୍ରିପାଠୀଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ବ୍ଲକ ଅଧ୍ୟକ୍ଷ ମକରଧ୍ୱଜ ସାହୁ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ମାୟାବର୍ହା ସରପଞ୍ଚ ରମେଶ ଚନ୍ଦ୍ର ଭୋଇ, ମନ୍ତ୍ରୀଙ୍କ ପ୍ରତିନିଧି ରାଧାକାନ୍ତ ଯୁଆଡି, ଶାନ୍ତନୁ ମାଝି, ବ୍ଲକ କୃଷି ଅଧିଦର୍ଶକ ଗୋବିନ୍ଦ ତ୍ରିପାଠୀ ଉପସ୍ଥିତ ଥିଲେ । ଜିଲା କୃଷି ଅଧିକାରୀ ଶ୍ରୀନିବାସ ମଲ୍ଲିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲା ଉପକୃଷି ନିର୍ଦ୍ଦେଶକ ସନ୍ତୋଷ କୁମାର ଜେନା, ସହକାରୀ କୃଷି ଅଧିକାରୀ ଦିଲ ରଞ୍ଜନ ମହାଲିକ ଉପସ୍ଥିତ ଥିଲେ । ଉପସ୍ଥିତ ଚାଷୀଙ୍କୁ ସରକାରୀଯୋଜନାର ଲାଭ ପାଇ ପାରିବା ଉପରେ ଅଧିକାରୀମାନେ ବୁଝାଇଥିଲେ ।

## ଆତ୍ମରକ୍ଷା ପ୍ରମାଣପତ୍ର ନେଲେ ୬୦ପ୍ରଶିକ୍ଷାର୍ଥୀ

ବୀରମହାରାଜପୁର, ୧।୩(ଡି.ଏନ୍.ଏ.)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଅନ୍ତର୍ଗତ ଘୁନସର ପରୀକ୍ଷା କେନ୍ଦ୍ରରେ ମାଟ୍ରିକ ଇଂଲିଶ ପରୀକ୍ଷା ବାତିଲ ପରେ ୨୧୯ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ଅନିଶ୍ଚିତତା ମଧ୍ୟକୁ ଚାଲି ଯାଇଛି। ଗତ ୨୫ତାରିଖରେ ଅନୁଷ୍ଠିତ ଇଂଲିଶ ପରୀକ୍ଷାରେ ପ୍ରଶ୍ନପତ୍ର ଭାଇରାଲ ତଥା କପି ହେବା ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଏହା ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ହୋଇଥିଲା। ତେବେ ଭାଇରାଲ ଭିଡିଓର ଉତ୍ସ ତଥା ସତ୍ୟାସତ୍ୟ ତଦନ୍ତ ନ କରି ବୋର୍ଡ କର୍ତ୍ତୃପକ୍ଷ ସମ୍ପୃକ୍ତ କେନ୍ଦ୍ରର ଇଂଲିଶ ପରୀକ୍ଷା ବାତିଲ କରିବା ନେଇ ଅଭିଭାବକ ମହଲରେ ଅସନ୍ତୋଷ ତୀବ୍ର ହୋଇଛି। ଏ ନେଇ ଶୁକ୍ରବାର ଶତାଧିକ ଅଭିଭାବକ ଟିଟିଲାଗଡଠାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଉପଜିଲାପାଳଙ୍କ ଅନୁପସ୍ଥିତିରେ ସହାୟକ ଜିଲାପାଳ ଦେବାଶିଷ ସାମଲଙ୍କୁ ମୁଖ୍ୟମନ୍ତ୍ରୀ, ବୋର୍ଡ ସଭାପତି ଏବଂ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଭାବକମାନେ ଅଭିଯୋଗ କରିଛନ୍ତି ଯେ, ଘୁନସର ପରୀକ୍ଷା କେନ୍ଦ୍ରରେ ଇଂଲିଶ ପରୀକ୍ଷା ସମୟରେ ବୋର୍ଡ ପକ୍ଷରୁ ଦୁଇଟି ସ୍କ୍ୱାଡ ପହଞ୍ଚିଥିଲେ। ଉକ୍ତ ପରୀକ୍ଷା କେନ୍ଦ୍ରରେ ସେଦିନ ଅନିୟମିତତା ନେଇ କୌଣସି ଅଭିଯୋଗ ମଧ୍ୟ ହୋଇ ନ ଥିଲା। ପରବର୍ତ୍ତୀ କାଳରେ କେତେକ ବୈଦ୍ୟୁତିକ ଗଣମାଧ୍ୟମ ଉକ୍ତ କେନ୍ଦ୍ରରେ ପ୍ରଶ୍ନପତ୍ର ଭାଇରାଲ ତଥା କପି କରାଯାଉଥିବା ନେଇ ଏକ ଭିଡିଓ ଭାଇରାଲ ହୋଇଥିବା କହି ପ୍ରଦର୍ଶିତ କରିବା ସହ ଏହାର ସତ୍ୟତା ନେଇ ପ୍ରଶ୍ନ ମଧ୍ୟ ଉଠାଇଥିଲେ। ଏ ନେଇ ଜିଲା ଶିକ୍ଷା ଅଧିକାରୀ ମଧ୍ୟ ଉକ୍ତ ଦିନ ଘୁନସର ପରୀକ୍ଷା କେନ୍ଦ୍ର ଗସ୍ତ ସହ କୌଣସି ଅନିୟମତିତା ହୋଇ ନ ଥିବା ତଥା ଭାଇରାଲ ଭିଡିଓ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ଗଣମାଧ୍ୟମରେ ପ୍ରକାଶ କରିଥିଲେ। ବୋର୍ଡ ମଧ୍ୟ ଭାଇରାଲ ହୋଇଥିବା ପ୍ରଶ୍ନପତ୍ର ମିଥ୍ୟା ବୋଲି ସ୍ପଷ୍ଟ କରିଥିଲା। ଏସବୁ ସତ୍ତ୍ୱେ ୨୫ତାରିଖ ସନ୍ଧ୍ୟାରେ ବୋର୍ଡ କର୍ତ୍ତୃପକ୍ଷ ଭାଇରାଲ ଭିଡିଓର ସତ୍ୟତା ନେଇ କୌଣସି ତଦନ୍ତ ନ କରି ଖାମଖିଆଲି ଭାବରେ ସମ୍ପୃକ୍ତ କେନ୍ଦ୍ରର ଇଂଲିଶ ପରୀକ୍ଷା ବାତିଲ ଘୋଷଣା କରିଥିଲେ। ଏନେଇ ଗତ ବୁଧବାର ହିନ୍ଦୀ ପରୀକ୍ଷା ପରେ ସମ୍ପୃକ୍ତ କେନ୍ଦ୍ରର ଛାତ୍ରୀଛାତ୍ର ବୋର୍ଡରୁ ଆସିଥିବା ସ୍କ୍ୱାଡକୁ ଦୀର୍ଘ ସମୟ ଧରି ଘେରାଉ କରିବା ସହ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଅଭିଯୋଗ ଦେଇଥିଲେ। ଶୁକ୍ରବାର ଟିଟିଲାଗଡ ଉପଜିଲାପାଳଙ୍କ ଜରିଆରେ ଅଭିଭାବକ ସଂଘ ବୋର୍ଡ ତଥା ମୁଖ୍ୟମନ୍ତ୍ରୀଙ୍କଠାରେ ନିଷ୍ପତ୍ତିର ପୁନର୍ବିଚାର ପାଇଁ ଦାବି କରିଛନ୍ତି। ଦାବି ପତ୍ର ପ୍ରଦାନ ସମୟରେ ସାମାଜିକ କର୍ମୀ ବୀରେନ୍ଦ୍ର ବାଗ, ବିକାଶ ପାଢୀ, ଅଭିଭାବକ ସଂଘ ଆବାହକ ତଥା ଆଦିବାସୀ ନେତା ପରମାନନ୍ଦ ଭୋଇଙ୍କ ସହ ଶତାଧିକ ଅଭିଭାବିକା ଅଭିଭାବକ ଉପସ୍ଥିତ ଥିଲେ। ଅପରପକ୍ଷରେ ବୋର୍ଡର ଏଭଳି ଖାମଖିଆଲି ନିଷ୍ପତ୍ତି ଯୋଗୁଁ ଘୁନସର ପରୀକ୍ଷା କେନ୍ଦ୍ରର ଶତାଧିକ ଆଦିବାସୀ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାରମୟ ହୋଇପଡିଛି। ଏଣୁ ଏହାର ପୁନର୍ବିଚାର କରିବାକୁ ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ବ୍ରଜ କିଶୋର ସିଂଭୋଇ ଦାବି କରିଛନ୍ତି। ସରକାର ଏହାର ତୁରନ୍ତ ବିଚାର ନକଲେ ମାର୍ଚ୍ଚ ୩ରୁ ଆମରଣ ଅନଶନ ଆନ୍ଦୋଳନ ଆରମ୍ଭ ହେବ ବୋଲି ଅଭିଭାବକ ସଂଘ ଆବାହକ ତଥା ଆଦିବାସୀ ନେତା ଭୋଇ ଚେତାବନୀ ଦେଇଛନ୍ତି।

**ପୁନର୍ବିଚାର ଦାବି କଲେ ଅଭିଭାବକ**



ଉପଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଯାଉଥିବା ଅଭିଭାବକମାନେ।

### ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ

**ଦେଓଗାଁ, ୧।୩(ଡି.ଏନ.ଏ)**

ଦେଓଗାଁ ବ୍ଲକ କୁନ୍ଦପୁର ପଞ୍ଚାୟତରେ ରାସ୍ତା ଉନ୍ନତୀକରଣ ଓ ଗୁଡଖାପଲା ପଞ୍ଚାୟତ କାର୍ଯ୍ୟାଳୟକୁ ଶୁକ୍ରବାର ବିରୋଧିଦଳ ନେତା ତଥା ବିଧାୟକ ନରସିଂହ ମିଶ୍ର ଉଦ୍‌ଘାଟନ କରିଛନ୍ତି। ମକୁନ୍ଦପୁର ପଞ୍ଚାୟତର ପ୍ରଧାନମନ୍ତ୍ରୀ ସଡକଠାରୁ ତେଲପାଲି ଗାଁ ରାସ୍ତାର ୨୮ଲକ୍ଷ ୭୭ ହଜାର ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ଉନ୍ନତିକରଣ କାର୍ଯ୍ୟର ସେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିସହ ୫୧ଲକ୍ଷ ଟଙ୍କାରେ ହେବାକୁ ଥିବା ଭୀମଡୁଙ୍ଗୁରୀ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ଗୁଡଖାପଲା ପଞ୍ଚାୟତ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ଏଥିସହ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ପ୍ରତି ଗୁରୁବାର ବସିବାକୁ ଥିବା ସାପ୍ତାହିକ ବଜାରର ମଧ୍ୟ ଶୁଭାରମ୍ଭ କରାଯାଇଥିଲା। ସରପଞ୍ଚ ଯୁଗେଶ୍ୱର ଦୀପଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ସମ୍ମାନୀତ ଅତିଥିଭାବେ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ରେଣୁକା ପାତ୍ର, ବିଧାୟକଙ୍କ ବ୍ଲକ ପ୍ରତିନିଧି କାନ୍ତେଶ୍ୱର ପଧାନ, ସୁରୁଲାଲ ମଟାରୀ, ଯୁବନେତା ବିଶ୍ୱଜିତ ପାତ୍ର, ବ୍ଲକ ଯୁବକଂଗ୍ରେସ ସଭାପତି ସମିର ସାହୁ ପ୍ରମୁଖ ଯୋଗଦେଇଥିଲେ। ସ୍ଥାନୀୟ ସମିତି ସଭ୍ୟ ପବିତ୍ର ସୁନା, ନାଏବ ସରପଞ୍ଚ ପ୍ରିତି ବିଶ୍ୱାଳ, ସଭ୍ୟା ଲବଙ୍ଗ ବାଗ, ମହେନ୍ଦ୍ରୀ ପୁଟା, ହେମଲତା ପୋଡ଼, ଶୋଭାଗିନୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଲିଙ୍ଗରାଜ ସୁନା ଧନ୍ୟବାଦ ଅର୍ପଣ କରିଥିଲେ।



ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ ପାଇଁ ପୂଜାର୍ଚ୍ଚନା କରାଯାଉଛି।

## ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ

**ଖପ୍ରାଖୋଲ, ୧।୩ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ବାଞ୍ଜିପାଲି ଗାଁରେ ନବନିର୍ମିତ ଜଗନ୍ନାଥ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ୫ଦିନ ଧରି ଅନୁଷ୍ଠିତ ଉତ୍ସବରେ ପ୍ରଥମେ କଳସ ଶୋଭାଯାତ୍ରା, ହୋମଯଜ୍ଞ, ନାମଯଜ୍ଞ, ନୂତନ ବିଗ୍ରହ ପ୍ରତିଷ୍ଠା ସହ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବାଞ୍ଜିପାଲି ଗାଁ ଉତ୍ସବ ମୁଖର ହୋଇ ଉଠିଥିଲା। ମୀନାବଜାର, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଅର୍କେଷ୍ଟ୍ରା ଆଦି ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମନ୍ଦିର କମିଟି ସହିତ ଗ୍ରାମର ସବୁ ସମ୍ପ୍ରଦାୟର ଲୋକେ ପ୍ରତିଷ୍ଠା ଉତ୍ସବ ସମାରୋହରେ ସହଯୋଗ କରିଥିଲେ।

# ଆତ୍ମରକ୍ଷା ପ୍ରମାଣପତ୍ର ନେଲେ ୬୦ପ୍ରଶିକ୍ଷାର୍ଥୀ

**ବୀରମହାରାଜପୁର, ୧।୩(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା କଲେଜରେ ଛାତ୍ରୀମାନଙ୍କ ସକାଶେ ୧୨ଦିନ ଧରି ଚାଲିଥିବା ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ କଲେଜ ଅଧ୍ୟକ୍ଷ ଭୋଲାନାଥ କର୍ମୀଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ସମାରୋହର ଆୟୋଜନ କରାଯାଇଥିଲା। ଅଧ୍ୟାପିକା ଅର୍ନ୍ନଦା ମିଶ୍ର କାର୍ଯ୍ୟକ୍ରମ ବିବରଣୀ ପ୍ରଦାନ କରିଥିବା ବେଳେ ମାଷ୍ଟର ଟ୍ରେନର ଶୁଭଶ୍ରୀ ଶୁଭସ୍ମିତା ଦାଶ ଓ ସ୍ୱେତା ମହାପାତ୍ର ଶିବିରରେ ସେମାନଙ୍କର ଅନୁଭୂତି ବଖାଣିଥିଲେ। ତାଲିମ ଗ୍ରହଣ କରିଥିବା ୬୦ଜଣ ଛାତ୍ରୀଙ୍କୁ ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପ୍ରଦତ୍ତ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ସମ୍ମାନୀତ ଅତିଥିଭାବେ ଉପସ୍ଥିତ ଥିବା ଅଧ୍ୟାପକ ରମାକାନ୍ତ ପୁରୋହିତ, ଦେବାଶିଶ ପଧାନ ଏବଂ ଶିବଶଙ୍କର ମହାନନ୍ଦ ପ୍ରଶିକ୍ଷାର୍ଥୀମାନଙ୍କୁ ଉଦ୍‌ବୋଧନ ଦେଇ ଆତ୍ମରକ୍ଷା କୌଶଳ ତାଲିମର ଠିକ୍ ଉପଯୋଗ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। କଲେଜ ପରିସରରେ ଆୟୋଜିତ ହୋଇଥିବା ଉକ୍ତ ଶିବିର ପରିଚାଳନାରେ କଲେଜ କର୍ମଚାରୀ ସୁରେନ୍ଦ୍ର କୁମାର ସାହୁ, ଦିଲ୍ଲୀପ କୁମାର ମେହେର, ହରିହର ସାହୁ, ଗୋପାଳ ଭୋଇ, ନିରଞ୍ଜନ ନାଏକ ଓ ପୂର୍ଣ୍ଣଚନ୍ଦ୍ର ଭୋଇ ସହଯୋଗ କରିଥିଲେ।


**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH**
**DEPARTMENT OF EMPOWERMENT OF PERSONS WITH DISABILITIES (DIVYANGJAN)**
**(MINISTRY OF SOCIAL JUSTICE & EMPOWERMENT, GOVERNMENT OF INDIA)**
**OLATPUR, PO: BAIROI, DIST-CUTTACK, ODISHA**
**RECRUITMENT NOTICE BY CONTRACT**

| Advt. No.AD6B19/03/2019 Date:28.02.2019 | |
|---|---|
| 01. | Senior Resident (Contractual) - 01 |
| 02. | Physical Medicine & Rehabilitation (Consultant) - 01 |
| 03. | Junior Resident (Contractual) - 02 |
| 04. | Research Officer (Consultant) - 01 |
| 05. | Nurse (Consultant) - 03 |
| 06. | Prosthetist and Orthotist (Consultant) - 09 |

For all other details, terms and conditions please log on to website **www.svnirtar.nic.in.**

**Sd./- DIRECTOR**



ପତ୍ର ସଂଖ୍ୟା-୬୯୪ **ତହସିଲ କାର୍ଯ୍ୟାଳୟ, ଜୟପୁର** ତା.୨୮।୦୨।୨୦୧୯

**ଲଘୁ ଖଣିଜ ଉତ୍ସର ପାଞ୍ଚ ବର୍ଷିଆ ଲିଜ୍ ନିମନ୍ତେ ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ତହସିଲ ଅନ୍ତର୍ଗତ ବିଭିନ୍ନ ମୌଜାସ୍ଥିତ ସୈରାତଉତ୍ସ (ପଥର ଖାଦାନ) ଗୁଡିକର ଟେଣ୍ଡର ମାଧ୍ୟମରେ ଦୀର୍ଘ ମିଆଦୀ ସୂତ୍ରରେ ଆଗାମୀ ପାଞ୍ଚ ବର୍ଷ ପାଇଁ (2019-20 ଠାରୁ 2023-24) ଲିଜ୍ ଦେବା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି। ଦରଖାସ୍ତ ଗ୍ରହଣର ଶେଷ ତାରିଖ ୧୫।୦୩।୨୦୧୯ ସମୟ ଅପରାହ୍ନ ୫.୦୦ଘଣ୍ଟା ଅଟେ। ଲିଜ୍ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ କୋରାପୁଟ ଜିଲା ୱେବ୍‌ସାଇଟ୍ **www.koraput.nic.in** ଅଧୀନରେ ଉପଲବ୍ଧ ଅଟେ। ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ଜୟପୁର ତହସିଲଦାରଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରିପାରିବେ। **ସ୍ୱା./- ତହସିଲଦାର, ଜୟପୁର**



**Advertisement for seeking claim of compensation by the patients implanted with ASR Hip Implant manufactured by M/s. DePuy International Ltd. (Now Johnson and Johnson)**

**No.951-E:-** The Government of India has constituted a Central Expert Committee and State Level Committees to address the claim for compensation who has been implanted with ASR Hip Implants of DePuy International Ltd (Now Johnson and Johnson) before August, 2010.

Therefore, the concerned patients are advised to approach the State Level Committee with detailed application form (check list available on www.cdsco.gov.in) to support their claim.

The contact details of the State Level Committee is as under:

**Address:** Drugs Controller, Odisha,
O/o. Directorate of Drugs Control, Odisha,
New Nandankanan Road,
Po- Mancheswar Rly. Colony, Press Chhak,
Bhubaneswar-751017, Dist. Khurda

**Mail Id:** drugscontrolorissa@gmail.com
**Phone No.:** 0674-2300494
**Mob. No.:** 9437013646

**Issued in Public Interest by State Government of Odisha, Health & Family Welfare Department**

10004/11/0003/1819



**ଉଦ୍ୟାନ ଉପନିର୍ଦ୍ଦେଶକ, ଢେଙ୍କାନାଳଙ୍କ ଅଧୀନସ୍ଥ ସପ୍ତଶଯ୍ୟା ଫାର୍ମର ବିଭିନ୍ନ ଫଳ ନିଲାମ ପାଇଁ ଟେଣ୍ଡର ଆହ୍ୱାନ**

No.169-L: ଚଳିତ ବର୍ଷ ୨୦୧୮-୨୦୧୯ ପାଇଁ ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ ସପ୍ତଶଯ୍ୟା ଫାର୍ମର ଉତ୍ପାଦିତ ଆମ୍ବ, ବେଲ ଏବଂ ନଡିଆ ନିଲାମ ପାଇଁ ଆଗ୍ରହୀ ବ୍ୟକ୍ତି ବିଶେଷଙ୍କ ଠାରୁ ଜଉମୁଦା ଟେଣ୍ଡର ଆହ୍ୱାନ କରାଯାଉଛି। ଆବେଦନ ଫର୍ମ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଓ ସର୍ତ୍ତାବଳୀ ଉଦ୍ୟାନ ଉପନିର୍ଦ୍ଦେଶକ, ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ ଟ ୫୦/- ଙ୍କା ବିନିମୟରେ ସରକାରୀ କାର୍ଯ୍ୟ ଦିବସରେ ମିଳିପାରିବ।

| କ୍ର. ନଂ | ଫାର୍ମର ନାମ ଓ ଠିକଣା | ଫଳର ନାମ | ଅମାନତ ଜମା ଟଙ୍କା | ଟେଣ୍ଡର ଖୋଲିବା ତାରିଖ ଏବଂ ସ୍ଥାନ |
|---|---|---|---|---|
| ୧. | ସପ୍ତଶଯ୍ୟା ଫାର୍ମ ସପ୍ତଶଯ୍ୟା | ଆମ୍ବ, ନଡିଆ, ବେଲ | ୩୦,୦୦୦.୦୦ | ୧୨.୦୩.୨୦୧୯ ପୂର୍ବାହ୍ନ ୧୧.୩୦ ଘଟିକା ଉଦ୍ୟାନ ଉପନିର୍ଦ୍ଦେଶକ, ଢେଙ୍କାନାଳଙ୍କ କାର୍ଯ୍ୟାଳୟ |

ଆଗ୍ରହୀ ପ୍ରାର୍ଥୀ ଆବେଦନ ଫର୍ମରେ ଟେଣ୍ଡର ମୂଲ୍ୟ, ନିଜର ସମ୍ପୂର୍ଣ୍ଣ ଠିକଣା ଦେଇ ଅମାନତ ଜମା ସହ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ରେଜିଷ୍ଟ୍ରିପୋଷ୍ଟ ଦ୍ୱାରା ତା ୧୧.୦୩.୨୦୧୯ ରିଖ ଅପରାହ୍ନ ୫ ଘଟିକା ସୁଦ୍ଧା ଦାଖଲ କରିପାରିବେ। ଅମାନତ ଜମା ବାବଦକୁ ଟଙ୍କା ବ୍ୟାଙ୍କ ଡ୍ରାଫଟ୍ (ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ, ଢେଙ୍କାନାଳ) ଉଦ୍ୟାନ ଉପନିର୍ଦ୍ଦେଶକ, ଢେଙ୍କାନାଳଙ୍କ ସପକ୍ଷରେ ଦାଖଲ କରିବେ।

ସୂଚନାଯୋଗ୍ୟ ଯେ, କୌଣସି କାରଣ ନ ଦର୍ଶାଇ, ଗୋଟିଏ କିମ୍ବା ସମସ୍ତ ଟେଣ୍ଡର ଆବେଦନ କର୍ତ୍ତୃପକ୍ଷ ନାକଚ କରିପାରିବେ।

01067/11/0004/1819 **ସ୍ୱା./- ଉଦ୍ୟାନ ଉପନିର୍ଦ୍ଦେଶକ, ଢେଙ୍କାନାଳ**



**GOVERNMENT OF ODISHA**
**e- Procurement Notice**
**INVITATION FOR BIDS (IFB)**
**Bid Identification No. S.E.Dkl.(R&B) 19/2018-19**
**Email Id-sedklpwd@gmail.com**

No.1352-B

**Letter No / Dt.**

The Superintending Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Road work as detailed in the table below:

| | | |
|---|---|---|
| 1. | Name of the work | Road work |
| 2. | No. of works | 1 (One) No |
| 3. | Estimated Cost | Rs.2,19,56,303/- |
| 4. | Cost of tender paper | Rs 10,000.00 |
| 5. | Class of contractor | "B, & "A" Class |
| 6. | Period of Completion of work | 5(Five) Calendar months |
| 7. | Date and time of availability of bid Document in the website | From Dt.07.03.2019 to 16.00 hours of Dt.21.03.2019 |
| 8. | Date of opening of bid | Dt.23.03.2019 at 11.30 hours |

The bidders have to participate in ONLINE biding only further details can be seen from the e- Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

**Superintending Engineer**
**Dhenkanal(R&B) Circle,Dhenkanal**

34132/11/0028/1819



NATION TAX MARKET — GST

Ph: 0674-258 9935, 258 8672.
Fax: 0674-258 9938,
E-mail. ccbbsr@rediffmail.com/ ccu-exbbr@nic.in

मुख्य आयुक्त का कार्यालय, जीएसटी एवं सीमा शुल्क, भुवनेश्वर जोन
OFFICE OF THE CHIEF COMMISSIONER, GST, CX & CUSTOMS, BHUBANESWAR ZONE
केंद्रीय राजस्व भवन, राजस्व विहार, भुवनेश्वर – 751007, ओड़िशा
C.R. BUILDING, RAJASWA VIHAR, BHUBANESWAR-751007, ODISHA

**NOTICE**

Applications are invited for drawal of a panel for engagement of (05 Senior Standing Counsels and 03 Junior Standing Counsels) for handling litigation relating to indirect taxation before the Hon'ble High Court of Odisha and other fora. The details of eligible and other terms and conditions governing the appointment of Standing Counsels are available with the link www.cbec.gov.in / standing counsels-guidelines.pdf.

The eligible counsels enrolled / registered as an advocate with Orissa High Court and having requisite experience in handling preferably GST, Customs, Central Excise & Service Tax matters and emerging areas in Anti-Profiteering, NCLT, NCLAT etc may apply in the prescribed proforma A or A- 1 in a sealed cover addressed to Shri Sourabh Chakravorty, Assistant Commissioner, Office of the chief Commissioner, CGST, Central Excise, Customs & Service Tax, C.R. Building, Rajaswa Vihar, Bhubaneswar, Odisha -751007, so as to reach on or before 11.03.2019. The applicants can collect acknowledgement at the time of submission of the application forms along with the accompanying documents.

Application received after 11.03.2019 shall not be entertained. The short listed candidates / Advocates will be called for an interview, on a specified date / time which will be intimated in due course.

***Sd./- (Sourabh Chakravorty), Assistant Commissioner (CCO), CGST, C.Ex & Customs, Bhubaneswar Zone***



**REQUEST FOR PROPOSAL for Selection of 'Project Management Unit (PMU) for Reforming Odisha's Horticulture'**
**RFP No.-1, Dt.28.02.2019**

170-L

Directorate of Horticulture, Govt. of Odisha, invites sealed proposals from eligible bidders to set up "Project Management Unit (PMU) for Reforming Odisha's Horticulture."

The detailed RFP document containing the background information, eligibility criteria and complete procedure for submission of the proposal can be downloaded from the website https://tendersodisha.gov.in / www.odihort.nic.in. The proposal complete in all respect must reach the undersigned by Speed Post/ Registered Post / Courier only latest by 10.04.2019 up to 5:00 PM. The last Date for Submission of Proposal is 10.04.2019 up to 5.00 P.M. The last date of submission of pre proposal query is 12:00 PM, 19.03.2019 on the email **supportdho.od@nic.in**.

**Directorate of Horticulture, Govt. of Odisha reserves the right to accept or reject any application and to annul the process at any time, without any liability and assigning any reason thereof.**

Sd/- **Director of Horticulture**
**Directorate of Horticulture**
**Krishi Bhawan,**
**Bhubaneswar, Odisha,**
**Pin No: 751015**
**E-mail: Supportdho.od@nic.in**

01038/11/0010/1819



**ଭୁବନେଶ୍ୱର ମହାନଗର ନିଗମ**

ସଂଖ୍ୟା . ୭୬୩୯ ତା.୦୧.୦୩.୨୦୧୯

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଭୁବନେଶ୍ୱର ମହାନଗର ନିଗମ ତରଫରୁ ୧ ନଂ ହାଟ ମଧ୍ୟରେ ଥିବା ଦୋକାନ ଗୃହ ଏବଂ ଅନ୍ୟାନ୍ୟ ଜାଗା ଗୁଡିକରେ ବ୍ୟବସାୟ କରୁଥିବା ବ୍ୟବସାୟୀ ମାନଙ୍କର ନିୟମିତକରଣ କରିବା ନିମନ୍ତେ ଏକ ସର୍ଭେ (physical verification) କରାଯାଇଥିଲା। ଉକ୍ତ ସର୍ଭେ ମୁତାବକ ମହାନଗର ନିଗମ ତରଫରୁ ଏକ ତାଲିକା (list) ପ୍ରସ୍ତୁତ କରାଯାଇଅଛି, ଯେଉଁଥିରେକି, ପୂର୍ବରୁ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କ ନାମ ଏବଂ ବର୍ତ୍ତମାନ ଉକ୍ତ ଦୋକାନ ଗୃହ ଗୁଡିକରେ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କ ନାମ ଏଲ୍ଲେଖ କରାଯାଇଅଛି। ଉକ୍ତ ତାଲିକା (list)ର ନକଲ ୧ ନଂ ହାଟ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ ଏବଂ ମହାନଗର ନିଗମ କାର୍ଯ୍ୟାଳୟ ନୋଟିସ୍ ବୋର୍ଡରେ ଉପଲବ୍ଧ ଅଛି। ତତ୍‌ସହିତ ଉକ୍ତ ତାଲିକା (list) ସର୍ବସାଧାରଣଙ୍କ ଅବଗତି ନିମନ୍ତେ ମହାନଗର ନିଗମ website www.bmc.gov.in ରେ ଉପଲବ୍ଧ ଅଛି।

ଉକ୍ତ ତାଲିକାରେ (list) ପ୍ରକାଶିତ ହୋଇଥିବା ତଥ୍ୟ ଉପରେ କାହାର କୌଣସି ଆପତ୍ତି/ଅଭିଯୋଗ/ଦାବୀ ରହୁଥାଏ ତେବେ ସେମାନେ ଏହି ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବରେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ/ଦାବୀ ଗ୍ରହଣ କରାଯିବ ନାହିଁ।

ସ୍ୱା/
ଉପ ଆୟୁକ୍ତ
ଭୁବନେଶ୍ୱର ମହାନଗର ନିଗମ

ଭାଗିଦାରୀ ମାଧ୍ୟମରେ ପ୍ରଗତି- ଏକ ସୁନ୍ଦର ଭୁବନେଶ୍ୱର ପାଇଁ



**ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ**
(ଡିମ୍‌ଡ ବିଶ୍ୱବିଦ୍ୟାଳୟ)
(ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ତତ୍ତ୍ୱାବଧାନ ଅଧୀନରେ ପ୍ରତିଷ୍ଠିତ)
୫୬-୫୭, ଇନ୍‌ଷ୍ଟିଚ୍ୟୁଶନାଲ ଏରିଆ, ଜନକପୁରୀ, ନୂଆଦିଲ୍ଲୀ - ୧୧୦୦୫୮
ଫୋନ୍ ନଂ. ୦୧୧-୨୮୫୨୪୯୯୩, ୨୮୫୨୪୯୯୫, ୨୮୫୨୦୯୭୯, ୨୮୫୨୦୯୬୬

**ସଂସ୍କୃତ ଶିକ୍ଷାର ବିକାଶ ଯୋଜନା ଅଧୀନରେ ବର୍ଷ ୨୦୧୯-୨୦ ନିମନ୍ତେ ଆର୍ଥିକ ସହାୟତା ନିମନ୍ତେ ଅଧିସୂଚନା**

ସଂସ୍କୃତ ଭାଷାର ପ୍ରଚାରପ୍ରସାର ପାଇଁ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା ସ୍ଥାପିତ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ (ଡିମ୍‌ଡ ବିଶ୍ୱବିଦ୍ୟାଳୟ) ସଂସ୍କୃତ ଶିକ୍ଷା ବିକାଶ ଯୋଜନା - ୨୦୦୭ ଅଧୀନରେ ବର୍ଷ ୨୦୧୯-୨୦ ପାଇଁ ଆର୍ଥିକ ସହାୟତା ଲାଗି ନିର୍ଦ୍ଧାରିତ ପ୍ରୋଫର୍ମାରେ ଦରଖାସ୍ତ ଆହ୍ୱାନ କରୁଛି:-

I. ସଂସ୍କୃତ ଶିକ୍ଷା ନିମନ୍ତେ ଆର୍ଥିକ ସହାୟତା:-
   କ) ପାରମ୍ପରିକ ସଂସ୍କୃତ ପାଠଶାଳା/ବିଦ୍ୟାଳୟ/ମହାବିଦ୍ୟାଳୟଗୁଡ଼ିକୁ ସଂସ୍କୃତ ଶିକ୍ଷକମାନଙ୍କ ପାଇଁ ଆର୍ଥିକ ସହାୟତା।
   ଖ) ପାରମ୍ପରିକ ସଂସ୍କୃତ ପାଠଶାଳା/ବିଦ୍ୟାଳୟ/ମହାବିଦ୍ୟାଳୟଗୁଡ଼ିକରେ ଆଧୁନିକ ବିଷୟଗୁଡ଼ିକର ଶିକ୍ଷକମାନଙ୍କ ପାଇଁ ଆର୍ଥିକ ସହାୟତା।
   ଗ) ରାଜ୍ୟ ସରକାରଙ୍କ ମାଧ୍ୟମିକ/ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସଂସ୍କୃତ ଶିକ୍ଷକଙ୍କ ପାଇଁ ଆର୍ଥିକ ସହାୟତା।
II. ଅଭାବଗ୍ରସ୍ତ ପରିସ୍ଥିତିରେ ଥିବା ଉତ୍କୃଷ୍ଟ ସଂସ୍କୃତ ପଣ୍ଡିତମାନଙ୍କୁ ସମ୍ମାନ ରାଶି।
III. ସଂସ୍କୃତ ପ୍ରଚାର ପାଇଁ ଏନ୍‌ଜିଓ/ଡିମ୍‌ଡ ସଂସ୍କୃତ ବିଶ୍ୱବିଦ୍ୟାଳୟ/ବିଶ୍ୱବିଦ୍ୟାଳୟଗୁଡ଼ିକୁ ବିଭିନ୍ନ ଗବେଷଣା ପ୍ରକଳ୍ପ ଏବଂ କାର୍ଯ୍ୟକ୍ରମ/ଗତିବିଧି ଲାଗି ଆର୍ଥିକ ସହାୟତା।
IV. ସଂସ୍କୃତ ପୁସ୍ତକ ପ୍ରକାଶନ, ବିରଳ ସଂସ୍କୃତ ପୁସ୍ତକଗୁଡ଼ିକର ପୁନଃ ମୁଦ୍ରଣ ଏବଂ ବହୁ ପରିମାଣରେ କ୍ରୟ ପାଇଁ ଆର୍ଥିକ ସହାୟତା।
V. ଅବସରପ୍ରାପ୍ତ/ଖ୍ୟାତନାମା ସାହିତ୍ୟିକ ସଂସ୍କୃତ ବିଦ୍ୱାନ୍ (ଶାସ୍ତ୍ର ଚୂଡ଼ାମଣି)ଙ୍କ ସେବାର ଉପଯୋଗ ପାଇଁ ଆର୍ଥିକ ସହାୟତା।
VI. ପାରମ୍ପରିକ ସଂସ୍କୃତ ପାଠଶାଳା/ଅନୁଷ୍ଠାନର ବିଦ୍ୟାର୍ଥୀମାନଙ୍କ ଲାଗି "ଧନ୍ଦାମୂଳକ ତାଲିମ ପାଠ୍ୟକ୍ରମ" ସଞ୍ଚାଳନ ନିମନ୍ତେ ପଞ୍ଜୀକୃତ ଶିକ୍ଷା ସଂଗଠନଗୁଡ଼ିକୁ ଆର୍ଥିକ ସହାୟତା।
VII. ସଂସ୍କୃତ ଶିକ୍ଷଣର ମାନ ଉନ୍ନତ କରିବା ପାଇଁ ବିଶ୍ୱବିଦ୍ୟାଳୟ/ଡିମ୍‌ଡ ବିଶ୍ୱବିଦ୍ୟାଳୟ/ସିବିଏସ୍‌ଇ/ଏନ୍‌ସିଇଆର୍‌ଟି/ଏସ୍‌ସିଇଆର୍‌ଟି ଇତ୍ୟାଦିକୁ ଆର୍ଥିକ ସହାୟତା।
VIII. "ଅଷ୍ଟାଦଶୀ" ଯୋଜନା ଅଧୀନରେ ଆର୍ଥିକ ସହାୟତା - ସଂସ୍କୃତର ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଅଠରଗୋଟି ପ୍ରକଳ୍ପ (ସଂସ୍କୃତର ବିକାଶ ପାଇଁ ଦୃଷ୍ଟି ଏବଂ ପଥ ମାନଚିତ୍ରର ପ୍ରସ୍ତାବ ଲାଗି ଗଠିତ କମିଟି ଦ୍ୱାରା ସୁପାରିସକୃତ - ୧୦ ବର୍ଷୀୟ ସମ୍ଭାବ୍ୟ ଯୋଜନା)।

- *ଉପରୋକ୍ତ ସମସ୍ତ ଯୋଜନା ପାଇଁ ଦରଖାସ୍ତର ଶେଷ ତାରିଖ: ୩୦।୦୬।୨୦୧୯*
- *ଧାର୍ଯ୍ୟ ତାରିଖ ପରେ ଦାଖଲ ହୋଇଥିବା କିମ୍ବା ପ୍ରତ୍ୟେକ ଯୋଜନା ପାଇଁ ନିର୍ଦ୍ଧାରିତ ସର୍ତ୍ତାବଳୀକୁ ପୂରଣ କରୁ ନ ଥିବା ଦରଖାସ୍ତ(ଗୁଡ଼ିକୁ) ଗ୍ରହଣ କରାଯିବ ନାହିଁ। ଦରଖାସ୍ତ ଫର୍ମ ଏବଂ ଉପରୋକ୍ତ ସମସ୍ତ ଯୋଜନା ସଂକ୍ରାନ୍ତୀୟ ନିୟମ ଓ ସର୍ତ୍ତାବଳୀ ଡାଉନ୍‌ଲୋଡିଂ ପାଇଁ, ସଂସ୍ଥାନର ୱେବ୍‌ସାଇଟ୍ - www.sanskrit.nic.in ପରିଦର୍ଶନ କରନ୍ତୁ।*

davp 21212/11/0014/1819 ରେଜିଷ୍ଟ୍ରାର



"ପ୍ରତ୍ୟେକ ଲୋକ ଯଦି ନିଜ ଜମି ଖଣ୍ଡିକର ଯତ୍ନ ନିଅନ୍ତା, ଏ ପୃଥିବୀଟି କେତେ ସୁନ୍ଦର ହୋଇ ଯାଆନ୍ତା।"
- ରବର୍ଟ ୱାଲ୍‌ପୋଲ୍

**ସଂକ୍ଷେପରେ**

## ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ସୋନପୁର, ୧।୩(ନି.ପ୍ର.):** ସୋନପୁର ବ୍ଲକ ପ୍ରତାପପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୀନବନ୍ଧୁ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ସମସ୍ତ ଛାତ୍ରୀଛାତ୍ର ଭଲ ପାଠ ପଢ଼ିବା ସହିତ କ୍ରୀଡା କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦନ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାମନାରାୟଣ ନାୟକ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ପାଇଁ ଶିକ୍ଷକ ତଥା ମାତାପିତାଙ୍କ ଭୂମିକା ବିଷୟରେ ବୁଝାଇଥିଲେ। ସରଧାପାଲି ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମହେଶ୍ୱର କ୍ଷେତି ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗଦାନ କରି ଉତ୍ସବ ପାଳନ ଦ୍ୱାରା ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆସିପାରିବ ବୋଲି କହିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉମାକାନ୍ତ କଠାର ସଭାରେ ଅଧ୍ୟକ୍ଷତା କରିଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୋପେଶ ପଣ୍ଡା ମଞ୍ଚ ପରିଚାଳନା ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ଜୟରାମ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ମହେନ୍ଦ୍ରୀ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ।

# ରାଧିକା ଅଳଙ୍କାର, ଲଜ୍, ପେଟ୍ରୋଲ ପମ୍ପ ଉପରେ ଆୟକର ବିଭାଗ ଚଢ଼ାଉ

**ବଲାଙ୍ଗୀର ଅଫିସ, ୧।୩**

ବଲାଙ୍ଗୀର ବଣିକ ସଂଘ ସଭାପତି ତ୍ରିପୁରାରୀ ପାଣିଗ୍ରାହୀଙ୍କ ମାଲିକାନାରେ ଥିବା ରାଧିକା ଅଳଙ୍କାର, ରାଧିକା ରିଜେନ୍ସି ଓ କଲେଜ ଛକ ପେଟ୍ରୋଲ ପମ୍ପରେ ଶୁକ୍ରବାର ଆୟକର ବିଭାଗ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଛି । ସମ୍ବଲପୁର ଯୁଗ୍ମ ଆୟକର କମିଶନରଙ୍କ ନେତୃତ୍ୱରେ ୪ଟି ଜିଲାର ୧୫ ଜଣିଆ ଆୟକର ବିଭାଗ ଅଧିକାରୀ ଏହି ମିଳିତ ଚଢ଼ାଉରେ ଭାଗ ନେଇଛନ୍ତି । ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୨ଟାରୁ ଅତି ଗୋପନୀୟ ଭାବେ ଏହି ଚଢ଼ାଉ ଚାଲିଥିବାବେଳେ ରାତି ପ୍ରାୟ ୮ଟାରେ ବଲାଙ୍ଗୀର ସହର ରମାଇ ଟକିଜ୍ ନିକଟରେ ଥିବା ରାଧିକା ଅଳଙ୍କାର ଓ ରାଧିକା ରିଜେନ୍ସିରେ ଆୟକର ବିଭାଗର ୧୫ଜଣିଆ ଟିମ୍ ଚଢ଼ାଉ କରିଥିଲେ। ଗଣମାଧ୍ୟମ ପ୍ରତିନିଧି ଆୟକର ବିଭାଗ ଚଢ଼ାଉ ସମ୍ପର୍କରେ ଜାଣିବା ପରେ ରାଧିକା ଅଳଙ୍କାର ଦୋକାନ ସମ୍ମୁଖକୁ ଆସିଥିଲେ । ଗଣମାଧ୍ୟମ ପ୍ରତିନିଧିଙ୍କୁ ଦେଖିବା ପରେ ବିଭାଗର ଜଣେ ଅଧିକାରୀ ରାଧିକା ଅଳଙ୍କାର ଦୋକାନର ଶଟର ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ଗୋପନରେ ବିଭାଗୀୟ ଅଧିକାରୀମାନେ ଶଟର ବନ୍ଦ କରି ଯାଞ୍ଚ ପ୍ରକ୍ରିୟା ଜାରି ରଖିଥିବା ଜଣାପଡିଛି । ଅଳଙ୍କାର ଦୋକାନ ଭିତରେ ଆୟକର ବିଭାଗର ଚଢ଼ାଉ ଚାଲିଥିବାବେଳେ ବାହାରେ ଦୁଇଜଣ ପୋଲିସ କର୍ମଚାରୀ ମୁତୟନ ହୋଇଥିବା ଦେଖାଯାଇଥିଲା । ତେବେ ବାସ୍ତବରେ ଆୟକର ଅଧିକାରୀମାନେ କ'ଣ ସବୁ ତଥ୍ୟ ସଂଗ୍ରହ କରି କେଉଁ ଦିଗକୁ ତଦନ୍ତ କରୁଛନ୍ତି ତାହା ଜଣାପଡିନାହିଁ । ଅସମର୍ଥିତ ସୂତ୍ରରୁ ମିଳିଥିବା ଖବର ଅନୁସାରେ ଦିନ ପ୍ରାୟ ୧୨ଟାରୁ ଆୟକର ବିଭାଗ ଅଧିକାରୀମାନେ କଲେଜ ଛକସ୍ଥିତ ପେଟ୍ରୋଲ ପମ୍ପ, ଭଗବତୀ ନଗରସ୍ଥିତ ପାଣିଗ୍ରାହୀଙ୍କ ଘର, ସିନେମା ହଲ ନିକଟସ୍ଥ ରାଧିକା ଅଳଙ୍କାର ଦୋକାନ, ରାଧିକା ରିଜେନ୍ସି ହୋଟେଲ ଓ ଲଜ୍ ଉପରେ ଚଢ଼ାଉ କରିଛନ୍ତି । ପାଣିଗ୍ରାହୀ ଜମି ଓ ଘର କିଣାବିକା କାରବାର ମଧ୍ୟ କରିଥାନ୍ତି । ଜିଲା ବଣିକ ସଂଘ ସଭାପତି ତିପୁରାରୀ ପାଣିଗ୍ରାହୀଙ୍କୁ ଏନେଇ ପଚାରିବାରୁ ତାଙ୍କର ସୁନା ଗହଣା ଦୋକାନ, ହୋଟେଲ, ଲଜ୍, ପେଟ୍ରୋଲ ପମ୍ପ ସହ ସବୁ ସ୍ଥାନରେ ଆୟକର ବିଭାଗ ପକ୍ଷରୁ ସର୍ଭେ ଚାଲିଛି ବୋଲି କହିଛନ୍ତି । ଖବର ଲେଖା ହେବା ପର୍ଯ୍ୟନ୍ତ ଚଢ଼ାଉ ଚାଲିଥିବାରୁ ଆୟକାର ବିଭାଗର କୌଣସି ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



ରାଧିକା ଅଳଙ୍କାର ଦୋକାନ ଓ ଲଜ୍ ଉପରେ ଆୟକର ବିଭାଗର ମିଳିତ ଚଢ଼ାଉ କରାଯାଇଛି ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛୁଆକୁ ମୋଡ଼ିବ କୁଆଁ ବେଳେ,**
**ବୋହୂକୁ ମୋଡ଼ିବ ନୂଆ ବେଳେ ।**

ବାଳୁତ ପିଲାକୁ ନିଜ ଆକଟରେ ରଖିବା ଉଚିତ। କଅଁଳ ଅବସ୍ଥାରୁ ତା'ପ୍ରତି ସତର୍କ ଦୃଷ୍ଟି ନ ରଖିଲେ ସେ ଅବାଟରେ ଚାଲିଯିବାର ସମ୍ଭାବନା ରହିଥାଏ। ଫଳରେ ତା'ର ଭବିଷ୍ୟତ ଅନ୍ଧକାରମୟ ହୋଇଯାଏ। ସେହିପରି ଘରକୁ ନୂଆହୋଇ ଆସିଥିବା ବୋହୂକୁ ଆରମ୍ଭରୁ ତାଗିଦ୍ ଭିତରେ ରଖିଲେ ସେ ନିଃସନ୍ଦେହ ସୁଗୃହିଣୀ ହୋଇପାରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଛି ଲୋ ଛତୁ,**
**ମେଘ ବରଷିଲେ କେତେ ତୁ ମାତୁ ?**

ବର୍ଷା ହେଲେ ମାଟି ଓଦା ହୁଏ। ପାଳଗଦା ତଥା ବାଲିଆ ଜାଗା ଉପରେ ଛତୁ ଫୁଟେ। ବର୍ଷା ଋତୁ ସରିଗଲେ ଆଉ ଛତୁ ଫୁଟେନି। ସମୟ ଓ ବେଳ ଉପରେ ସବୁକିଛି ନିର୍ଭର କରିଥାଏ। ପରୋକ୍ଷରେ ସମୟ ଟିକେ ଭଲ ପଡ଼ିଲେ କିଛି ମଣିଷ ଉତ୍‌ଫୁଲ୍ଲିତ ହୋଇଉଠନ୍ତି । ଅନ୍ୟଆଗରେ ନିଜର ବୃଥା ଦାମ୍ଭିକତା ଦେଖେଇ ହେଉଥିବା ନେଇ ଗଲେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ମିଶନ ଶକ୍ତିର ଋଣ ପରିଶୋଧ ମେଳା

**ଲାଠୋର, ୧।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧିନ ଲାଠୋର ଗୋଷ୍ଠୀ କେନ୍ଦ୍ରଠାରେ ମିଶନ ଶକ୍ତି ବିଭାଗ ବ୍ଲକ ସଂଯୋଜିକା ପଙ୍କଜିନୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ବ୍ଲକସ୍ତରୀୟ ଋଣ ପରିଶୋଧ ମେଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଖପ୍ରାଖୋଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଣୀ ସୁନା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ଲାଠୋର ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଶାଖା ପରିଚାଳକ ସୌମ୍ୟରଞ୍ଜନ ମିଶ୍ର, ସେଣ୍ଟ୍ରାଲ ବ୍ୟାଙ୍କ ଶାଖା ପରିଚାଳକ ପବନ ମୀନା, ଖପ୍ରାଖୋଲ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଶାଖା ପରିଚାଳକ ପ୍ରମୋଦ କୁମାର ମେହେର, ଓଡ଼ିଶା ଜୀବିକା ମିଶନ ଖପ୍ରାଖୋଲ ବ୍ଲକ ସଂଯୋଜକ ମନୋଜ କେରେକେଟା, ବିଏଲଏମ ପ୍ରଶାନ୍ତ ନନ୍ଦ, କ୍ଷେତ୍ର ପରିଦର୍ଶିକା ବିଦ୍ୟୁତ୍‌ପ୍ରଭା ନାଗ ଏବଂ ତପସ୍ୱିନୀ ସୁନା ଯୋଗ ଦେଇଥିଲେ। ଲାଠୋର ସେକ୍ଟର ଅଧିନ ୪ଗୋଟି ପଞ୍ଚାୟତର ପ୍ରାୟ ୩୫ଖଣ୍ଡ ଗ୍ରାମର ସମୁଦାୟ ୪୦୩ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ୬ଶହରୁ ଊର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ। ଅତିଥିମାନେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମାସିକ ବୈଠକ, ନଥିପତ୍ର ଲେଖିବା, ଟଙ୍କା ଉଠାଣ ଜମା କିପରି ହେବ ସେ ଉପରେ ମତବ୍ୟକ୍ତ କରିଥିଲେ। ଶାଖା ପରିଚାଳକମାନେ ବ୍ୟାଙ୍କରୁ କିପରି ଋଣ ନେବେ ଏବଂ କେମିତି ଋଣ ପରିଶୋଧ କରି ମହିଳାମାନେ ସ୍ୱରୋଜଗାରକ୍ଷମ ହେବେ ତାହା ଉପରେ ବୁଝାଇଥିଲେ। ଏହି ଅବସରରେ ଲାଠୋର ସେକ୍ଟର ଅଧିନ ସମସ୍ତ ଅଙ୍ଗନୱାଡି କର୍ମୀମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଶେଷରେ ସାନଗୁର୍ଜିଭଟା ଅଙ୍ଗନୱାଡି କର୍ମୀ ସନ୍ଧ୍ୟାରାଣୀ ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

## ତେଲେଙ୍ଗାନାରୁ ଫେରିଲା ଦାଦନ ଶ୍ରମିକଙ୍କ ମୃତଦେହ

**ବେଲପଡା, ୧।୩(ଡି.ଏନ.ଏ.)**

ତେଲେଙ୍ଗାନାକୁ କାମ କରିବାକୁ ଯାଇ ବଲାଙ୍ଗୀର ଜିଲା ବେଲପଡା ଥାନା ଅନ୍ତର୍ଗତ କପାଣି ଗ୍ରାମର ଜଣେ ଯୁବ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ହେଲେ ଇନ୍ଦ୍ର ତାଣ୍ଡି (୧୯)। ମାଟିଖାଇ ଗ୍ରାମର ଭଉଣୀ ଭିଣୋଇଙ୍କ ସହ ସେ ୨ମାସ ତଳେ ଜଣେ ଦାଦାନ ସର୍ଦ୍ଦାରଙ୍କ ଜରିଆରେ ତେଲେଙ୍ଗାନାକୁ ଇଟା ଗଢ଼ିବା ପାଇଁ ଯାଇଥିଲେ। ସେଠାରେ ଫେବୃୟାରୀ ୨୭ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ଶୁକ୍ରବାର ତାଙ୍କ ମୃତଦେହ ଘରକୁ ଫେରିଛି। ତେବେ ଦାଦନ ଶ୍ରମିକଙ୍କ ମୃତ୍ୟୁ କିପରି ଓ କାହିଁକି ହେଲା ଜଣା ପଡିନାହିଁ।

ବେଲପଡା ବ୍ଲକ ମୁନାପାଲି ଗ୍ରାମର ଜଣେ ଦାଦାନ ସର୍ଦ୍ଦାର ଅଧିକ ପ୍ରଲୋଭନ ଦେଖାଇ ମାଟିଖାଇ ଗ୍ରାମର ରୁଦ୍ର ତାଣ୍ଡିଙ୍କ ଝିଅ ବନିତା ନାଗ, ଜ୍ୱାଇଁ କମଳ ନାଗଙ୍କ ସହ ଇନ୍ଦ୍ରଙ୍କୁ ହାଇଦ୍ରାବାଦର ମେହେବୁବ ନଗରକୁ ନେଇଥିଲେ। ସେଠାରେ ଏକ ଇଟାଭାଟିରେ କାମ କରୁଥିବା ସମୟରେ ଗତ ୨୭ତାରିଖ ଇନ୍ଦ୍ର ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଭାଟି ମାଲିକ ତାଙ୍କୁ ସେଠିକାର ଡାକ୍ତରଖାନାକୁ ନେଇଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତଦେହକୁ ଭଉଣୀ ଭିଣୋଇ ମାଲିକଙ୍କ ସହାୟତାରେ ଏକ ଆମ୍ବୁଲାନ୍ସରେ କପାଣି ଗ୍ରାମକୁ ପଠାଇ ଦେଇଥିଲେ। ତେବେ ଇନ୍ଦ୍ର ତାଣ୍ଡିଙ୍କ ମୃତ୍ୟୁରେ ସନ୍ଦେହ ପ୍ରକାଶ କରି କେତେକ ପାଟଣାଗଡ ଏସ୍‌ଡିପିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ତେଣୁ ବେଲପଡା ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ଏ ସମ୍ପର୍କରେ ବେଲପଡା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୪/୧୯)ରୁଜୁ ହୋଇଛି। ଅପରପକ୍ଷରେ ମୃତଦେହ ସହ ମେହେବୁବ ନଗରରୁ ଆଣିଥିବା ମେଡିକାଲ ସାର୍ଟିଫିକେଟରେ ଇନ୍ଦ୍ରଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ଦର୍ଶାଯାଇଛି। ଏହି ସାର୍ଟିଫିକେଟ ପରିବାର ଲୋକେ ବେଲପଡା ପୋଲିସକୁ ଦେଇଥିବା ଜଣାପଡିଛି । ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ତଦନ୍ତକାରୀ ପୋଲିସ ଅଧିକାରୀ ସଚ୍ଚିଦାନନ୍ଦ ବେହେରା ସୂଚନା ଦେଇଛନ୍ତି।

## ହାତୀପଲ ଉଜାଡ଼ିଲେ ଫସଲ

**ଲାଠୋର, ୧।୩(ଡି.ଏନ.ଏ.)**

ବଲାଙ୍ଗୀର ଖପ୍ରାଖୋଲ ବ୍ଲକ ବେନ୍ଦେର ପଞ୍ଚାୟତ ଅନ୍ତର୍ଗତ ଭରୁଆମୁଣ୍ଡା ଗ୍ରାମର ୬ଜଣ ଚାଷୀଙ୍କର ଆଖୁ, ହରଡ, ଚଣା, ଶିମ୍ବ ଇତ୍ୟାଦି ଫସଲ ଚାଷ ହାତୀପଲ ନଷ୍ଟ କରିଦେଇଛନ୍ତି। ଚାଷୀ ତେଜୁ ନାଗ, ଦେବରାଜ ଛତର, ଜଗଦୀଶ ନାଗ, ଲମ୍ବୋଦର କରୁଆଁ, ବିଭୀଷଣ ହଂସ, ଭୋଳାସାଗର ଛତର ହାତୀ କ୍ଷତି କରିଥିବା କ୍ଷେତର ଫଟୋ ଲାଠୋର ବନ କାର୍ଯ୍ୟାଳୟରେ ଦାଖଲ କରିଥିବା ପ୍ରକାଶ କରିଛନ୍ତି। ଏନେଇ ଲାଠୋର ବନାଞ୍ଚଳ ଅଧିକାରୀ ଦେବଦତ୍ତ ସୂତାରଙ୍କୁ ପଚାରିବାରୁ କହିଛନ୍ତି ଯେ, ଆମେ ରାଜସ୍ୱ ବିଭାଗ ସହ ଯୋଗାଯୋଗ କରି କ୍ଷୟକ୍ଷତି ଆକଳନ କଲା ପରେ ସରକାରୀ ସରକାରୀ ନିୟମ ଅନୁଯାୟୀ ସହାୟତା ଯୋଗାଇ ଦେବାର ବ୍ୟବସ୍ଥା କରିବୁ। ବରଗଡ଼ ଜିଲା ପଦମପୁର ଯୁରିଆ ଦେଇ ୨୭ଗୋଟି ଛୋଟ ବଡ଼ ହାତୀ ଲାଠୋର ରେଞ୍ଜ ଅଧିନ ଭରୁଆମୁଣ୍ଡା ଗ୍ରାମରେ ଏପରି ଉପଦ୍ରବ ଚଳାଇଥିବା ଜଣାପଡିଛି। ଗ୍ରାମରୁ ଘଉଡ଼ାଇ ଦେବା ପରେ ଗମ୍ଭାରୀ ଅଞ୍ଚଳରେ ଏବେ ହାତୀପଲ ରହିଥିବା ଜଣାପଡଛି।


ହାତୀପଲ ଉଜାଡି ଦେଇଥିବା ଆଖୁ କିଆରି।

## ଶୌଚାଳୟ ନିର୍ମାଣ ପ୍ରାପ୍ୟ ପ୍ରଦାନରେ ବିଳମ୍ବ ଅଭିଯୋଗ

**ଲାଠୋର, ୧।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ଅନ୍ତର୍ଗତ ପିପଲବାହାଲ ଗ୍ରାମରେ ସ୍ୱଚ୍ଛ ଭାରତ ମିଶନରେ ଦିଆଯାଉଥିବା ଶୌଚାଳୟ ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ହିତାଧିକାରୀ ପ୍ରାପ୍ୟ ପାଇ ନାହାନ୍ତି। ଏ ନେଇ ଗ୍ରାମର ପ୍ରେମଶିଳା ମେହେର, ବେଳମତୀ ମେହେର, ଭୁବନ ମାଝୀ, ପୁଟେନ ମାଝି, ମହାଦେବ ମେହେର, ତପ ରଣା, ଉଲାସ ପରାଭୁଏ, ଫଟୁ ଭୋଇ, ବୀର ଭୋଇ, ରାଏବତୀ ମେହେର, ବୁଡୁ ମେହେର ପ୍ରମୁଖ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ ସମ୍ପୃକ୍ତ ହିତାଧିକାରୀମାନଙ୍କୁ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ସାମିଲ କରି ଶୌଚାଳୟ ନିର୍ମାଣ କରିବା ପାଇଁ ଖପ୍ରାଖୋଲ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଦ୍ୱାରା କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। କାର୍ଯ୍ୟାଦେଶ ପାଇ ହିତାଧିକାରୀମାନେ ଶୌଚାଳୟ ନିର୍ମାଣ କରି ଫଟୋ ସହ ସମସ୍ତ କାଗଜପତ୍ର ଖପ୍ରାଖୋଲ କାର୍ଯ୍ୟାଳୟରେ ଦାଖଲ କରିଥିଲେ। ହେଲେ ଅଦ୍ୟାବଧି ପ୍ରାପ୍ୟ ପ୍ରଦାନ କରାଯାଇନାହିଁ। ବାରମ୍ବାର ସେମାନେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କଲେ ସୁଦ୍ଧା ଏଥିପ୍ରତି କର୍ଣ୍ଣପାତ କରାଯାଉନାହିଁ। ଫଳରେ ଧାରକରଜ ଶୌଚାଳୟ ନିର୍ମାଣ କରିଥିବା ହିତାଧିକାରୀ ନାନା ପ୍ରକାର ହଇରାଣ ହରକତ ହେଉଛନ୍ତି। ଏନେଇ ଖପ୍ରାଖୋଲ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ସରିତା କୁଜୁରଙ୍କୁ ପଚାରିବାରୁ କହିଛନ୍ତି ଯେ, ସମ୍ପୃକ୍ତ ହିତାଧିକାରୀମାନେ କାମ ସମ୍ପୂର୍ଣ୍ଣ କରି ନ ଥିବାରୁ ପ୍ରାପ୍ୟ ପ୍ରଦାନ କରାଯାଇ ନ ଥିଲା। ବର୍ତ୍ତମାନ କାମ କେତେ ହୋଇଛି ଦେଖିଲା ପରେ ପ୍ରାପ୍ୟ ପ୍ରଦାନ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ଭଗନ୍ଦର (FISTULA)
ମଳଦ୍ୱାର (FISSURE)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

## ଉଲୁଣ୍ଡା କପ୍: ସେମିରେ ବ୍ଲୁ ଡାଇମଣ୍ଡ

**ଉଲୁଣ୍ଡା, ୧।୩(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବ୍ଲକ କ୍ରିକେଟ ଆସୋସିଏଶନ୍ ପକ୍ଷରୁ ଆୟୋଜିତ ୨୬ତମ ଉଲୁଣ୍ଡା କପ୍ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଦ୍ୱିତୀୟ ଦିନ ଖେଳରେ ବରଗଡ ବ୍ଲୁଡାଇମଣ୍ଡ ଦଳ ବଲାଙ୍ଗୀର ଦଳକୁ ଉଭୟ ଫର୍ମାଟରେ ହରାଇ ସେମି ଫାଇନାଲରେ ପ୍ରବେଶ କରିଛି । ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ବରଗଡ ନିର୍ଦ୍ଧାରିତ ୧୮ ଓଭରରେ ୮ ଉଇକେଟ ହରାଇ ୧୭୭ ରନ କରିଥିଲା । ଦଳ ପକ୍ଷରୁ ବିକାଶ ପଧାନ ସର୍ବାଧିକ ୭୨ ରନ କରିଥିଲେ । ଏହାର ଯବାବରେ ବଲାଙ୍ଗୀର ଦଳ ୧୫୨ ରନ କରି ଅଲଆଉଟ ହୋଇଥିଲା। ସେହିପରି ଖେଳା ଯାଇଥିବା ଦ୍ୱିତୀୟ ଫର୍ମାଟରେ ବରଗଡ ଦଳ ନିର୍ଦ୍ଧାରିତ ୮ ଓଭରରେ ପ୍ରବୀଣ ଲୁହାଙ୍କ ୪୮ ରନ ବଳରେ ୫ ଉଇକେଟ ବିନିମୟରେ ୧୨୦ ରନ ସଂଗ୍ରହ କରିଥିଲା। ଯବାବରେ ବଲାଙ୍ଗୀର ୭ ଉଇକେଟରେ ୫୨ରନ ସଂଗ୍ରହ କରି ଶୋଚନୀୟ ପରାସ୍ତ ହୋଇଥିଲା। ଖେଳକୁ ସତ୍ୟନାରାୟଣ ପଧାନ ଓ ଆର୍ତ୍ତତ୍ରାଣ ପଣ୍ଡା ପରିଚାଳନା କରିଥିଲେ। ଦିନେଶ ଘିବିଲା ସ୍କୋରିଂ କରିଥିବା ବେଳେ ପାର୍ଥସାରଥି ଦାସ ଧାରାବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ସମ୍ପାଦକ ସୁଜ୍ଞାନ ମହାକୁରଙ୍କ ସଂଯୋଜନାରେ ହୋଇଥିବା ପୁରସ୍କାର ବିତରଣୀ ଉତ୍ସବକୁ ଅତିଥିଭାବେ ସାମାଜିକ କର୍ମୀ ଲକ୍ଷ୍ମଣ ପୁରୋହିତ ଯୋଗଦେଇ ବିକାଶ ପଧାନଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚର ପୁରସ୍କାର ପ୍ରଦାନ କରିଥିଲେ । ଶନିବାର ସୋନପୁର ଓ ବରଗଡ ମଧ୍ୟରେ ପ୍ରଥମ ସେମି ଫାଇନାଲ ମ୍ୟାଚ ଖେଳାଯିବ ବୋଲି ଆୟୋଜକ ସୂତ୍ରରୁ ପ୍ରକାଶ ।


ବିକାଶ ପଧାନଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

## ୭୦ଛାତ୍ରୀ ନେଲେ ଆତ୍ମରକ୍ଷା ତାଲିମ

**ଗୁଡ଼ଭେଲା, ୧।୩(ଡି.ଏନ.ଏ.)**

ଗୁଡଭେଲା ବ୍ଲକ ରୁଷୁଡ଼ା ଆଞ୍ଚଳିକ ଜୁନିୟର ମହାବିଦ୍ୟାଳୟ ପରିସରରେ ଚାଲିଥିବା ଛାତ୍ରୀମାନଙ୍କର ଆତ୍ମରକ୍ଷା ତାଲିମ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରର ସଂଯୋଜକ ଡ. ଧନଞ୍ଜୟ ସେଠ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ମନୋଜ ଜୈନ ଉପସ୍ଥିତ ଥିଲେ । ପ୍ରଶିକ୍ଷିକା ଅଭିନନ୍ଦା ସରାଫ ତାଲିମ ଦେଇଥିବା ବେଳେ ଅଧ୍ୟାପକ ଗିରିଜା ପ୍ରସାଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଶିବିରରେ ୭୦ ଜଣ ଛାତ୍ରୀ ଭାଗ ନେଇଥିଲେ।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH™
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

TARIFF — MORE SPACE • SAME PRICE — * GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲ୍‌ଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7520206361
7061764396
Bukaro malepur, jamui Bihar-811313

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
Contact :- 8676907143, 9348274623

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨ ମାର୍ଚ୍ଚ, ୨୦୧୯

ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ

### ବୋଲେରୋ ଧକ୍କାରେ ୨ ଆହତ

ମନମୁଣ୍ଡା, ୧।୩ (ଡି.ଏନ.ଏ): ମନମୁଣ୍ଡା ଥାନା ଗୋହିପିଟା ମାଙ୍କଡଚୁଆଁ-ଉଡିଆଗୁଠ ଛକରେ ଶୁକ୍ରବାର ମଧ୍ୟାହ୍ନରେ ଏକ ବୋଲେରୋ (ନଂ.ଓଆର୍୩୧/୩୮୬୬) ପଛପଟୁ ଧକ୍କା ଦେବାରୁ ୨ଜଣ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଆହତ ବ୍ୟକ୍ତି ଦୁଇ ଭାଇ ପଦ୍ମନାଭ ମେଣ୍ଡିଲି (୩୫) ଓ ସଞ୍ଜୀବ ମେଣ୍ଡିଲି (୩୦) ଏବଂ ସେମାନଙ୍କ ଘର ଏହି ଥାନା ଅନ୍ତର୍ଗତ ଶାନ୍ତିପାଲି ଗ୍ରାମରେ। ବୌଦ୍ଧ କୋର୍ଟର ପିପି ଯୋଗେଶ ପ୍ରସାଦ ନାୟକ ନିଜ କାରରେ ଆହତ ଦ୍ୱୟଙ୍କୁ ଆଣି ମନମୁଣ୍ଡା ସିଏଚସିରେ ଭର୍ତ୍ତି କରିଥିଲେ। ଏଠାରେ ପ୍ରାଥମିକ ଚିକିତ୍ସା ପରେ ଆହତଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଆହତ ବାଇକ ଆରୋହୀ ମନମୁଣ୍ଡା ପଟରୁ କନ୍ଧମାଳ ଯାଉଥିଲେ।

### ଉଦ୍ଧାର ଶିଶୁ ଚିହ୍ନଟ

ବୌଦ୍ଧ,୧।୩(ସ୍ୱ.ପ୍ର): ବୌଦ୍ଧ ଜିଲା ହରଭଙ୍ଗା ଅଞ୍ଚଳରେ ବୁଲୁଥିବା ବେଳେ ଗତ ତା୨୨।୨।୧୯ରିଖରେ ଜଣେ ଶିଶୁକୁ ହରଭଙ୍ଗା ପୋଲିସ ଉଦ୍ଧାର କରିଥିଲା। ଉଦ୍ଧାର ପରେ ଶିଶୁକୁ ପଚରାଉଚରା କରାଯାଇଥିଲେ ମଧ ଶିଶୁଟିର ପରିଚୟ ମିଳିପାରି ନ ଥିଲା। ପରେ ଜିଲା ଶିଶୁ ମଙ୍ଗଳ କମିଟି ବୌଦ୍ଧର ନିର୍ଦ୍ଦେଶ କ୍ରମେ ଶିଶୁର ଡାକ୍ତରୀ ପରୀକ୍ଷା କରି ବୀରନରସିଂହପୁର ଶିଶୁ ଗୃହରେ ରଖାଯାଇଥିଲା। ଶିଶର ପରିଚୟ ପାଇଁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ ବିଭିନ୍ନ ଜିଲାର ଶିଶୁ ସୁରକ୍ଷା ୟୁନିଟ ଗୁଡିକୁ ଯୋଗାଯୋଗ କରିଥିଲେ। ଶୁକ୍ରବାର କନ୍ଧମାଳ ଜିଲା ଶିଶୁ ସୁରକ୍ଷା ଅଧିକାରିଣୀଙ୍କ ସୂଚନା ଅନୁସାରେ ଉକ୍ତ ଶିଶୁ କନ୍ଧମାଳ ଜିଲା ନନ୍ଦନୀ ପସରା ଗ୍ରାମର ଭୀମସେନ କହଁରଙ୍କ ପୁତ୍ର ସନ୍ତୋଷ ବୋଲି ଜଣାପଡିଥିଲା। ଶିଶୁ ମଙ୍ଗଳ କମିଟି ନିର୍ଦ୍ଦେଶ କ୍ରମେ ଉକ୍ତ ଶିଶୁକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ୧୧ ଅଧିକାରୀଙ୍କ ବଦଳି ପାଇଁ ଦାବି

ବୌଦ୍ଧ,୧।୩(ସ୍ୱ.ପ୍ର)

ସାଧାରଣ ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହେବାକୁ ଆଉ ମାତ୍ର କେଇଦିନ ବାକିଥିବାବେଳେ ଜିଲାରେ ରାଜନୈତିକ ବାତାବରଣରେ ଉଷ୍ମତା ପ୍ରକାଶ ପାଇଛି। ନିର୍ବାଚନରେ ସ୍ୱଚ୍ଛତା ଆଣିବାକୁ ରାଜ୍ୟ ସରକାର ନିର୍ବାଚନ ପୂର୍ବରୁ ଅନେକ ପଦାଧିକାରୀଙ୍କୁ ବଦଳି କରିସାରିଥିବାବେଳେ ବୌଦ୍ଧ ଜିଲାରେ ରାଜନୈତିକ ଛତ୍ରଛାୟା ତଳେ ଦୀର୍ଘବର୍ଷ ହେଲା କାର୍ଯ୍ୟ କରୁଥିବା ୧୧ଜଣ ଅଧିକାରୀଙ୍କୁ ତୁରନ୍ତ ବଦଳି କରିବା ପାଇଁ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଭାରତୀୟ ନିର୍ବାଚନ କମିଶନ ଓ ବୌଦ୍ଧ ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି। ଯୁବମୋର୍ଚ୍ଚା ପକ୍ଷରୁ ଦିଆଯାଇଥିବା ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି, ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାୟକ କନ୍ଧମାଳ ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବାବେଳେ ଏହାଯୋଗୁ ନିର୍ବାଚନ ପ୍ରଭାବିତ ହେବାର ଆଶଙ୍କା ରହିଛି। ସେହିପରି ଦୀର୍ଘ ୭ ବର୍ଷ ହେଲା ଜିଲାରେ କାର୍ଯ୍ୟରତ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଟ୍ଟନାୟକଙ୍କ ଦୁଇ ଥର ବଦଳି ହୋଇସାରିଥିଲେ ମଧ୍ୟ ସେ ଜିଲା ଛାଡି ଯିବାକୁ ନା ଧରୁ ନାହାନ୍ତି। ସେ ଶାସକ ଦଳର ହାତବାରିସି ସାଜି କାର୍ଯ୍ୟ କରୁଥିବା ଯୁବମୋର୍ଚ୍ଚା ପକ୍ଷରୁ ଅଭିଯୋଗ କରାଯାଇଛି। ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ସୁନ୍ଦର ମାଧବ ପାଢି, ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକ ସୂର୍ଯ୍ୟମଣି ମହାରଣା, ଜିଲା କୃଷି ଅଧିକାରୀ ନାରାୟଣ ମହାନନ୍ଦ, ହରଭଙ୍ଗା ବିଡିଓ ରବିନ୍ଦ୍ର କୁମାର ଶତପଥୀ, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ରାଘବ ମଲ୍ଲିକ, ପାନୀୟଜଳ ଯୋଗାଣ ସହକାରୀ ଯନ୍ତ୍ରୀ ନିରଞ୍ଜନ ସାହୁ, ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ସୁଧାଂଶୁ ରଞ୍ଜନ ନାୟକ ଓ ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ଘିବେଲା, କନ୍ଧମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦଶରଥ ମେହେର ପ୍ରମୁଖ ଜିଲାରେ ଦୀର୍ଘବର୍ଷ ହେଲା କାର୍ଯ୍ୟ କରୁଥିବାରୁ ନିର୍ବାଚନ ପ୍ରଭାବିତ ହେବା ଆଶଙ୍କାରେ ସେମାନଙ୍କୁ ତୁରନ୍ତ ବଦଳି କରାଯିବାକୁ ଯୁବମୋର୍ଚ୍ଚା ପକ୍ଷରୁ ସଭାପତି ସୁଶାନ୍ତ ବାଘ ଦାବି କରିଛନ୍ତି।

### ଦୁର୍ଘଟଣାରେ ଯୁବକ ମୃତ

ବୌଦ୍ଧ,୧।୩(ସ୍ୱ.ପ୍ର)

ବୌଦ୍ଧ ଜିଲା ମହାନଦୀ ବ୍ରିଜ୍ ଉପରେ ଏକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅନୁଗୋଳ ଜିଲା କିଆକଟା ଥାନା ଧୁଳିଆପଡା ଗ୍ରାମର ଚକ୍ରଧର ନାଏକ। ସେ ମଟର ସାଇକେଲ ଯୋଗେ ବୌଦ୍ଧ ମେଡିକାଲରେ ଚିକିତ୍ସିତ ହେଉଥିବା ତାଙ୍କ ବାପାଙ୍କୁ ଦେଖିବାକୁ ଆସୁଥିବା ବେଳେ ଏକ ଟ୍ରକ୍‌କୁ ଓଭରଟେକ କରିବାକୁ ଯାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ତୁରନ୍ତ ତାଙ୍କୁ ଚିକିତ୍ସା ପାଇଁ ବୌଦ୍ଧ ମେଡିକାଲକୁ ଅଣାଯିବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। କିଆକଟା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

# ଫୁଟବଲ: ଝାଡଖଣ୍ଡ ବିଜୟୀ



ଅତିଥିମାନଙ୍କ ଗହଣରେ ଉପସ୍ଥିତ ଖେଳାଳିମାନେ।

ବୌଦ୍ଧ,୧।୩(ସ୍ୱ.ପ୍ର)

ବୌଦ୍ଧ ଜିଲା ଫୁଟବଲ ଆସୋସିଏଶନ ପକ୍ଷରୁ ଆୟୋଜିତ ଚତୁର୍ଦ୍ଦଶ ସର୍ବଭାରତୀୟ ଡି.ଏସ୍ କପ୍ ଫୁଟବଲ୍ ଟୁର୍ନାମେଣ୍ଟର ଶୁକ୍ରବାର ଗ୍ରୁପ୍ 'ବି'ର ଦ୍ୱିତୀୟ ମ୍ୟାଚ ଏସଏଫସି ଚକ୍ରଧରପୁର ଝାଡଖଣ୍ଡ ଓ ମଙ୍ଗଳା କ୍ଲବ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧରେ ଝାଡଖଣ୍ଡର ଅବଦୁଲ ୱାଜିଦ ୧୨ ମିନିଟରେ ଗୋଟିଏ ଗୋଲ୍ କରିଥିବା ବେଳେ ପୁର୍ନବାର ୨୪ ମିନିଟରେ ଆଉ ଏକ ଗୋଲ୍ କରିଥିଲେ। ମ୍ୟାଚରେ ଏସଏଫସି ଚକ୍ରଧରପୁର ଝାଡଖଣ୍ଡ ୨-୦ ଗୋଲରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚକୁ ମୁଖ୍ୟରେଫରୀ ସଲିଳ ବେହେରା ପରିଚାଳନା କରିଥିବାବେଳେ ଲାଇନରେ ଦିଲୀପ କୁମାର ରାଉତ ଓ ସୁରେଶ କୁମାର ଦାସ ସହାୟତା କରିଥିଲେ। ଚତୁର୍ଥ ରେଫରୀ ଭାବେ ଜ୍ୟୋତିରଞ୍ଜନ ସ୍ୱାଇଁ ଖେଳ ପରିଚାଳନା କରିଥିଲେ। ସାମାଜିକ କର୍ମୀ ବିଶ୍ୱେଶ୍ୱର ପୃଷ୍ଟି, ଜିଲା ଫୁଟବଲ ଆସୋସିଏଶନର ବରିଷ୍ଠ ସଦସ୍ୟ ନରେନ୍ଦ୍ର କୁମାର ପ୍ରଧାନ, ଶଶାଙ୍କ ଶେଖର ଶାସିନୀ, ଜିଲା ଫୁଟବଲ ଆସୋସିଏଶନ ଉପସଭାପତି ନିରଞ୍ଜନ ମେହେର ଯୋଗ ଦେଇଥିଲେ। ଜିଲା ଫୁଟ୍‌ବଲ୍ ଆସୋସିଏଶନର ସଭାପତି ଲମ୍ବୋଦର ପୁରୋହିତ, ସମ୍ପାଦକ ଯୁଗଳ କିଶୋର ସାମଲ ଉପସ୍ଥିତ ଥିଲେ। ଶନିବାର ଗ୍ରୁପ ବି' ର ସେମିଫାଇନାଲ ମ୍ୟାଚ ଓଡିଶା ପୋଲିସ କଟକ ଓ ଏସଏଫସି ଚକ୍ରଧରପୁର ଝାଡଖଣ୍ଡ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଜଣାପଡିଛି।

## ବ୍ଲକସ୍ତରୀୟ ଉଜ୍ଜ୍ୱଳା କାର୍ଯ୍ୟକ୍ରମ

ପାଇକମାଳ, ୧।୩ (ଡି.ଏନ.ଏ)

ପାଇକମାଳ ଆଦର୍ଶ ଇଣ୍ଡେନ ଗ୍ୟାମ ତରଫରୁ ଛିନ୍ଦେଇକେଲାଠାରେ ବ୍ଲକସ୍ତରୀୟ ଉଜ୍ଜ୍ୱଳା ଗ୍ୟାସ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି, ଉଭା ଜୁନିୟର କଲେଜର ସରୋଜ କୁମାର ସାହୁ ମୁଖ୍ୟବକ୍ତା, ଦେବାଶିଷ ପ୍ରଧାନ, ପତିତପାବନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ୫୫ଜଣ ହିତାଧିକାରୀଙ୍କୁ ରନ୍ଧନ ଗ୍ୟାସ ବଣ୍ଟନ କରିଥିଲେ। ଗ୍ୟାସ ବିତରକ ପ୍ରତିମା ସାହୁ ଅଧ୍ୟକ୍ଷତା କରିଥିଲେ। ଆଦର୍ଶ ସାହୁ, ରତିକାନ୍ତ ସାହୁ, ଗିରେନ୍ଦ୍ର ହଂସ, ଗିତା ସାହୁ, ସକଳ ଦାଉଦ, ସୌଦାଗର ସାହୁ, ପଙ୍କଜିନୀ ଲୁହାର ପ୍ରମୁଖ ଯୋଗ ଦେଇଥିଲେ।

## ନୋଡାଲ ସ୍କୁଲର ବାର୍ଷିକ ଉତ୍ସବ

ପୁରୁଣାକଟକ,୧।୩(ଡି.ଏନ.ଏ.)

ହରଭଙ୍ଗା ବ୍ଲକ ବୀରନରସିଂପୁର ପଞ୍ଚାୟତ ଅନ୍ତର୍ଗତ ବିରାମଚନ୍ଦ୍ରପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଶୁକ୍ରବାର ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିକାଶ କିଶୋର କାନୁନଗୋଙ୍କ ସଭାପତିତ୍ୱରେ ହୋଇଥିବା ଉତ୍ସବରେ ହରଭଙ୍ଗା ବ୍ଲକ ଅଧ୍ୟକ୍ଷ ବିଶ୍ୱଜିତ ମିଶ୍ର ମୁଖ୍ୟଅତିଥି, ଅଧ୍ୟାପକ ପ୍ରବୀର ଦାସ ମୁଖ୍ୟବକ୍ତା, ଗୋଷ୍ଠୀ ଶିକ୍ଷାଧିକାରୀ ବିରଞ୍ଚି ନାରାୟଣ ବେହେରା, ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଯୁଗଳ କିଶୋର ରଥ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସଦାନନ୍ଦ ଦେହୁରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମେ ନିତମ୍ବିନୀ ନନ୍ଦ ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ କରିଥିଲେ। ଶିକ୍ଷକ ନୀଳାଚଳ ବିହାରୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ସୁଶାନ୍ତ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟରେ ପୂର୍ବରୁ ହୋଇଥିବା କ୍ରୀଡା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନାଟକ ଓ ନୃତ୍ୟ ପରିବେଷଣ ହୋଇଥିଲା। ଶେଷରେ ଅର୍ଜୁନ କହଁର ଧନ୍ୟବାଦ ଅର୍ପଣ କରିଥିଲେ।

## ପାହାଁତି ତରା ଉଦ୍‌ଯାପିତ

ବରଗଡ଼ ଅଫିସ୍,୧।୩

ବରଗଡ଼ ପଞ୍ଚାୟତ କଲେଜ ନାଟ୍ୟ ସଂସଦର ବାର୍ଷିକୋତ୍ସବ ପାହାଁତି ତରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ କଲେଜର ଅଧ୍ୟକ୍ଷା ଡଃ କମଳପ୍ରଭା କାପାନୀ ଅଧ୍ୟକ୍ଷତା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ଧନୁଯାତ୍ରା ମହୋତ୍ସବର କଂସ ଅଭିନେତା ଭୁବନେଶ୍ୱର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ସାକ୍ଷରତା ଉପରେ ଆଲୋକପାତ କରିବା ସହିତ ନାଟକୀୟ ସଂଳାପ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ମନୋରଞ୍ଜନ କରିଥିଲେ। କବୟିତ୍ରୀ ସଙ୍ଗୀତା ପଣ୍ଡା ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିକ୍ଷାର ମହତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ପ୍ରଫେସର ଉମେଶ ମହାପାତ୍ର ପରିଚୟ ପ୍ରଦାନ ଏବଂ ଡଃ ସୁନୀତା ବେହେରା ବିବରଣୀ ପାଠ କରିଥିଲେ। ଏହି ଅବସରରେ ନାଟ୍ୟ ସଂସଦର ଉପଦେଷ୍ଟା ପ୍ରଫେସର ଉମେଶ ମହାପାତ୍ରଙ୍କ ଦ୍ୱାରା ରଚିତ ଓ ନିର୍ଦ୍ଦେଶିତ ଏକାଙ୍କିକା ଜଲ୍ଲାଦୀ ମଞ୍ଚସ୍ଥ କରାଯାଇଥିଲା। ଛାତ୍ରୀଛାତ୍ର ନୃତ୍ୟ,ଗୀତ ପରିବେଷଣ କରିଥିଲେ। ପ୍ରଫେସର କ୍ରୀଷ୍ଣାରାଣୀ ସାସମଲ୍ ଧନ୍ୟବାଦ ଅର୍ପଣ କରିଥିଲେ।


**NOTICE INVITING E-TENDERS**
**CENTRE FOR MODERNIZING GOVERNMENT INITIATIVE (CMGI)**

**Tender Ref. No. : CMGI/PCU/CM-AWD-Film/DOC/2018/576/245, Dt. 27.02.2019**

No. CAD-1521: e-Tenders are invited from eligible agencies for documentation of Chief Minister's Award Winning Initiatives through documentary films (in Odia with subtitles in English) and e-Book form (in English).
Tender documents can be downloaded from CMGI website (www.cmgi.org.in) and Odisha e-Tender Portal (https://tendersodisha.gov.in)
The authority reserves the right to cancel the tender without assigning any reason thereof at any stage.
The last date of submission of the e-Tenders in Odisha e-Tender Portal (https://tendersodisha.gov.in) is 26.03.2019.

Executive Director, CENTRE FOR MODERNIZING GOVERNMENT INITIATIVE (CMGI) A-2, 1st floor, Toshali Bhawan, Satya Nagar, Bhubaneswar-51009, Bhubaneswar.

09008/11/0013/1819 **Sd./- Executive Director, CMGI**

GOVT. OF ODISHA
**OFFICE OF THE SUPERINTENDING ENGINEER RURAL WORKS CIRCLE, BARIPADA**
Tel No: 06792-261343(O)/261344 (Fax)/ E-Mail: serwcbaripada@nic.in
No.1864-O:- "e" Procurement Notice for Road Work
**Identification No.- Online Tender-Road N.C.B. No. 156 for 2018-19**
Letter No. 616 Dated 27.02.2019

1. Name of the work : Construction of OMBADC Road works in the District of Mayurbhanj during 2018-19.
2. Total No. of work : 01 No. (One)
3. Estimated Cost : Rs. 44.97 Lakhs (approximately).
4. Eligible Class of contractor : As per Annexure in DTCN.
5. Period of Completion : As per Annexure in DTCN.
6. Other details :

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender in O/o S.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works, Circle, Baripada | Road On-line N.C.B. No. 156 | Dt. 03.03.2019 at 11.00 AM | Dt. 20.03.2019 up to 3.00 PM | Dt. 19.03.2019 upto 1.00 PM | Dt. 23.03.2019 at 11.00 AM | Will be intimated Separately |

- Further details can be seen from the website **www.tendersodisha.gov.in.**
- Any Corrigendum/Addendum will be displayed in the above e-tender website only.

25130/11/0039/1819 **Superintending Engineer, R.W. Circle, Baripada**

**GOVT. OF ODISHA**
**OFFICE OF THE SUPERINTENDING ENGINEER NORTH EASTERN RURAL WORKS CIRCLE, KEONJHAR**
Tel. 06766-258301(O), E-Mail: se_nerwkjr@rediffmail.com
No.1859-O
**"E" PROCUREMENT NOTICE FOR PMGSY-II BATCH-I**
**IDENTIFICATION NO. PMGSY ONLINE NCB NO. 262, NO. 893 // DATE: 26-02-2019**

| | | | |
|---|---|---|---|
| 1. | Name of the Work | | Road Works under PMGSY-II Batch-I 2018-19 as per Annexure. |
| 2. | Total No. of Works | | 06 (Six) Nos. |
| 3. | Estimated Cost | | As per annexure in NIT. |
| 4. | Class of Contractor | | As per annexure in NIT. |
| 5. | Period of Completion | | As per annexure in NIT. |
| 6. | Other details | | |

| Procurement Officer | Bid-Identification No. | Availability of tender on-line for bidding | | Last Date & Time of seeking Tender Clarification | Date & Time of Opening of tender in O/O S.E., N.E.R.W. Circle, Keonjhar. | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, North Eastern Rural Works Circle, Keonjhar. | PMGSY Online NCB No. 262 | Dt.02.03.19 at 11.00 A.M. | Dt.16.03.19 up to 5.00 P.M. | Dt.15.03.19 up to 5.00 P.M. | Dt.18.03.19 at 11.00 A.M. | Dt.20.03.19 at 11.00 A.M. |

Further details can be seen from the website: www.pmgsytenders.gov.in
25048/11/0061/1819 **Sd./- Superintending Engineer, N.E.R.W. Circle, Keonjhar.**

**INVITATION FOR BIDS (IFB)**
**NATIONAL COMPETITIVE BIDDING THROUGH E-PROCUREMENT**
**IDENTIFICATION NO: RWS&S DIVN., PURI-121 OF 2018-19**
**Ph: (06752) 251276, Fax: (06752) 251276,**
**E-mail: eerwss_puri@nic.in**

**No.1868-O:-** The Executive Engineer, RWS&S Division, Puri on behalf of Governor of Odisha invites percentage rate price bids through e-procurement in double cover system according to the norms of e-procurement system, in on-line mode from eligible contractors.

| Sl. No. | Nature of work: | Piped Water Supply Scheme |
|---|---|---|
| 1. | No. of works: | 08(Eight) |
| 2. | Estimated Cost: | Rs 91.60lakhs to 154.73Lakhs (app.) |
| 3. | Time for completion: | 6 (Six) Months & 08 (Eight) Months |
| 4. | Cost of bidding document: | Rs.10000/- |
| 5. | Class of Contractors eligible: | B &A |
| 6. | Availability of bids on-line: | From 17 hour of 01.03.2019 to 17.00 hours of 11.03.2019 |
| 7. | Last date and time for seeking clarification: | 17.00 hours of 07.03.2019 |
| 8. | Date & time of opening of technical bids: | On dt 12.03.2019 at 11.00 Hours in the office of the Executive Engineer, RWS&S Division, Puri |
| 9. | Date and time of opening financial bids: | To be decided. |

Further details can be seen from the website https://www.tendersorissa.gov.in.

**Sd./- Executive Engineer, RWS&S Division, Puri**
**25065/11/0028/1819**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER RURAL WORKS CIRCLE, KENDRAPARA- JAJPUR**
Email : serw_kpd@yahoo.com
No.1872-O
Tender online RCK-09/19 Letter No. 652, Date : 25.02.2019
**"e" PROCUREMENT NOTICE**

| | | | |
|---|---|---|---|
| 1. | Name of the Work | : | Construction of Road works Construction and Maintnenance of Roads and CD works under MMSY in the district of Kendrapara and Jajpur |
| 2. | Class of Contractor | : | As Specified in Column-6 of Annexure. |
| 3. | Time for Completion | : | As Specified in Column-7 of Annexure. |
| 4. | Detail Projects | : | As per annexure attached |
| 5. | Other Details | | As per annexure in NIT. |

| Procurement Officer | Bid-Identification No. | Availability of tender on-line for bidding | | Last Date & Time of seeking Tender Clarification | Date & Time of Opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Kendrapara, Jajpur | Tender Online RCK-09/19 | 01.03.2019 at 11.00 AM | 23.03.2019 upto 5.00 PM | 19.03.2019 upto 2.00 P.M. | 25.03.2019 at 11.00 AM | 03.04.2019 at 11.00 AM |

Further details can be seen from the website: www.tendersorissa.gov.in
25129/11/0031/1819 **Sd./- Superintending Engineer, Rural Works Circle, Kendrapara-Jajpur**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER RURAL WORKS CIRCLE, KENDRAPARA- JAJPUR**
email : serw_kpd@yahoo.com
No.1871-O
No. Tender online RCK-08/19 Letter No. 643, Date : 25.02.2019
**"e" PROCUREMENT NOTICE**

| | | | |
|---|---|---|---|
| 1. | Name of the Work | : | Periodical maintenance of 5 year completed PMGSY Roads in the district of Kendrapara and Jajpur. |
| 2. | Class of Contractor | : | As Specified in Column-6 of Annexure. |
| 3. | Time for Completion | : | As Specified in Column-7 of Annexure. |
| 4. | Detail Projects | : | As per annexure attached |
| 5. | Other Details | | As per annexure in NIT. |

| Procurement Officer | Bid-Identification No. | Availability of tender on-line for bidding | | Last Date & Time of seeking Tender Clarification | Date & Time of Opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Kendrapra, Jajpur | Tender Online RCK-08/19 | 01.03.2019 at 11.00 AM | 15.03.2019 upto 5.00 PM | 14.03.2019 upto 2.00 P.M. | 16.03.2019 at 11.00 AM | 23.03.2019 at 11.00 AM |

Further details can be seen from the website: www.tendersorissa.gov.in
25129/11/0030/1819 **Sd./- Superintending Engineer, Rural Works Circle, Kendrapra-Jajpur**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER RURAL WORKS CIRCLE, KENDRAPARA- JAJPUR**
Email : ssrw_kpd@yahoo.com
No.1873-O
No. Tender online RCK-10/19 Letter No. 663, Date : 25.02.2019
**"E" PROCUREMENT NOTICE**

| | | | |
|---|---|---|---|
| 1. | Name of the Work | : | Construction & Maintenance of Bridge works under Biju Setu Yojana in the District of Kendrapara and Jajpur |
| 2. | Class of Contractor | : | As Specified in Column-6 of Annexure. |
| 3. | Time for Completion | : | As Specified in Column-7 of Annexure. |
| 4. | Detail Projects | : | As per annexure attached |
| 5. | Other Details | : | |

| Procurement Officer | Bid-Identification No. | Availability of tender on-line for bidding | | Last Date & Time of seeking Tender Clarification | Date & Time of Opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Kendrapara, Jajpur | Tender Online RCK-10/19 | 01.03.2019 at 11.00 AM | 23.03.2019 upto 5.00 PM | 19.03.2019 upto 2.00 P.M. | 25.03.2019 at 11.00 AM | Will be intimate separately |

Further details can be seen from the website: www.tendersorissa.gov.in
25129/11/0032/1819 **Sd/- Superintending Engineer, Rural Works Circle, Kendrapara-Jajpur**

**GOVERNMENT OF ODISHA**
**"e" PROCUREMENT NOTICE**
**Bid Identification No 32 of 2018 – 19**

No. 1861-O: The Executive Engineer, RWS&S Division, Balangir on behalf of Governor of Odisha invites Percentage bid through e – Procurement in double cover system according to norm of e – Procurement system in online mode for the different work in different blocks under Balangir District.

| | | | |
|---|---|---|---|
| 1. | Nature of Work | | Construction of Pump House , ESR, OGR, Laying of rising main, distribution system, single mouth stand post, SV/AV/NRV chamber, including supplying of necessary materials in different villages of Balangir District. |
| 2. | Total No of work | | 20 Nos |
| 3. | Estimated Cost | | Rs. 70.22 Lakh to 100.93 Lakh |
| 4. | Eligible Class of Contractor: | | "B & A " Contractor. |
| 5. | Period of Completion | | Six Months . |
| 6. | Other Details | | |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Executive Engineer, RWSS Division, Balangir | 32 of 2018 -19 | Dt. 13.03.2019 At. 11.00 Hrs | Dt.03.04.2019 upto. 17.00 Hrs |

**Further details can be had in the DTCN available in the website www.tendersorissa.gov.in**

**Sd./- Executive Engineer, RWS&S Division, Balangir**
**25033/11/0027/1819**

**GOVERNMENT OF ODISHA**
**"e" PROCUREMENT NOTICE**
**Bid Identification No 33 of 2018 – 19**

No. 1862-O: The Executive Engineer, RWS&S Division, Balangir on behalf of Governor of Odisha invites Percentage bid through e – Procurement in double cover system according to norm of e – Procurement system in online mode for the different work in different blocks under Balangir District.

| | | | |
|---|---|---|---|
| 1. | Nature of Work | | Construction of Pump House , ESR, OGR, Laying of rising main, distribution system, single mouth stand post, SV/AV/NRV chamber, including supplying of necessary materials in different villages of Balangir District. |
| 2. | Total No of work | | 24 Nos |
| 3. | Estimated Cost | | Rs. 46.82 Lakh to 100.46 Lakh |
| 4. | Eligible Class of Contractor: | | "B & A " Contractor. |
| 5. | Period of Completion | | Six Months . |
| 6. | Other Details | | |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Executive Engineer, RWSS Division, Balangir | 33 of 2018 -19 | Dt. 20.03.2019 At. 11.00 Hrs | Dt. 10.04.2019 upto. 17.00 Hrs |

**Further details can be had in the DTCN available in the website www.tendersorissa.gov.in**

**Sd./- Executive Engineer, RWS&S Division, Balangir**
**25033/11/0029/1819**

OFFICE OF THE
**SUPERINTENDING ENGINEER ELECTRICAL CIRCLE (R&B) NIRMAN SOUDHA, BHUBANESWAR**
E-mail seec.bbsr2010 @ gmail.com
Government of Odisha "e" Procurement Notice
Bid Identification No.:- S.E.E.C (R&B) 07/2018-19
No.____489______/Date___27.02.2019______/
No.1347-B:-

| | | | |
|---|---|---|---|
| 1. | The Superintending Engineer, Electrical Circle (R&B), Odisha Bhubaneswar on behalf of Governor of Odisha inviting percentage rate bid in double cover system in ONLINE MODE from eligible bidders for the works as mentioned below : | | |
| 2. | Nature of work | : | Fire fighting works. |
| 3. | No. of work | : | 1 No. |
| 4. | Estimated cost | : | As per DTCN. |
| 5. | Period of completion | : | 4(four) calendar months. |
| 6. | Date and Time of availability of bid document in the portal. | : | From 08.03.2019 to 23.03.2019. |
| 7. | Last date/Time of receipt of bids in the portal | : | 5.00PM of 23.03.2019. |
| 8. | Date and time of opening of bids | : | 11.30 A.M of 25.03.2019. |
| 9. | Name and address of the officer Inviting Bid | : | Superintending Engineer, Electrical Circle (R&B) Odisha, Bhubaneswar. |
| 10. | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in . Any addendum / corrigendum / cancellation of tender can also be seen in the said website. | | |

**Sd./- Superintending Engineer Electrical Circle (R&B), Odisha, BBSR**
**34107/11/0007/1819**

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER**
**BURLA IRRIGATION DIVISION, BURLA**
No.1354-A: **Phone No: 0663-2430445**
**E-mail id: sambalpurirrigation@rediffmail.com**
**'e' Tender Call Notice No. BID-03/2018-19 (Online)**

| | | | |
|---|---|---|---|
| 1. | Nature of Works | : | Improvement of Canal Structure Construction of VRB & Guard Walls |
| 2. | No. of works | : | 20 (Twenty) Nos. |
| 3. | Estimated Cost | : | Rs. 6.00 Lakhs to 34.00 Lakhs Approximately. |
| 4. | Period of Completion | : | As per D.T.C.N. |
| 5. | Date and Time of availability of Bid Document in the Portal | : | Dt. 11.03.2019 at 11.00 AM to Dt. 23.03.2019 up to 5.00 PM. |
| 6. | Last Date/ Time for receipt of Bids in the Portal | : | Dt. 23.03.2019 up to 5.00 PM. |
| 7. | Date of opening of Bid | : | Dt. 26.03.2019 at 11.00 AM |
| 8. | Name and Address of the Officer Inviting Bid | : | Executive Engineer, Burla Irrigation Division, Burla, At/Po: Burla-768017, Dist: Sambalpur, Email Id: sambalpurirrigation@rediffmail.com |

Further detail can be seen from the e-procurement portal www.tendersodisha.gov.in.

**Executive Engineer, Burla Irrigation Division, Burla**
**32129/11/0013/1819**



ଅନ୍ୟର ସମୃଦ୍ଧିରେ ଯେ ଆନନ୍ଦ ପ୍ରକାଶ କରେ, ସେ ସେହି ସମୃଦ୍ଧିରେ ହିଁ ଭାଗୀଦାର ହୋଇଥାଏ।

- ମେରି ଆଣ୍ଟିନ



## ସଂକ୍ଷେପରେ

### ଭାଜପା କର୍ମୀଙ୍କ ମଧ୍ୟରେ ଅସନ୍ତୁଷ୍ଟ

ବ୍ରଜରାଜନଗର,୧।୩(ଡି.ଏନ୍.ଏ.)- ବ୍ରଜରାଜନଗରରେ ଭାଜପା ପକ୍ଷରୁ ଶୁକ୍ରବାର ଗୋଲଛକଠାରେ ଭାଜପାର ବିଜୟ ସଙ୍କଳ୍ପ ସମାବେଶ ହୋଇଥିଲା। ହେଲେ ଗୁରୁବାର ରାତିରେ ଖୋଲାଖୋଲି ଭାବେ ବିଧାୟିକା ରାଧାରାଣୀ ପଣ୍ଡାଙ୍କ ନାମରେ ଲିଫଲେଟ ପକାଯାଇଥିଲା। ଲିଫଲେଟରେ ରାଧାରାଣୀ ହଟାଅ। ଭାଜପା ବଞ୍ଚାଓ ଲେଖା ହୋଇଥିଲା। ଏହା ସହରର ବିଭିନ୍ନ ସ୍ଥାନରେ ପକାଯାଇଥିଲା। ଏପରି କି ରାଧାରାଣୀଙ୍କ ପୋଷ୍ଟରଗୁଡ଼ିକୁ ଚିରି ଦିଆଯିବା ସହ କାଳୀ ପକାଯାଇଥିବା ଦେଖିବାକୁ ମିଳିଥିଲା। ଏହା ଅସନ୍ତୁଷ୍ଟ ଭାଜପା କର୍ମୀମାନଙ୍କ କାର୍ଯ୍ୟ ବୋଲି ସହରରେ ଚର୍ଚ୍ଚା ହେଉଛି। ଦଳରେ କନ୍ଦଳ ଏବଂ କର୍ମୀ ଅସନ୍ତୁଷ୍ଟ ଘଟଣା ନେଇ ବିଧାୟିକା ପଣ୍ଡାଙ୍କୁ ପଚାରିବାରୁ ଘଟଣାକୁ ସ୍ୱୀକାର କରିବା ସହିତ ସବୁ ଠିକ୍ ହୋଇଯିବ ବୋଲି ପ୍ରକାଶ କରିଥିଲେ।

# ଭାଜପା, କଂଗ୍ରେସ ନେତା ଅଟକ

ରାଉରକେଲା ଅଫିସ,୧।୩

ମୁଖ୍ୟମନ୍ତ୍ରୀଙ୍କ ରାଉରକେଲା ଗସ୍ତ ଏବଂ କାଳିଆ ସମାବେଶକୁ ବିରୋଧ କରି ଭାଜପା ଓ କଂଗ୍ରେସ ପକ୍ଷରୁ ଶୁକ୍ରବାର ବିରୋଧ ପ୍ରଦର୍ଶନ କରାଯାଇଥିଲା। ଭାଜପା ନେତା ଧୀରେନ ସେନାପତିଙ୍କ ନେତୃତ୍ୱରେ ଦଳୀୟ କର୍ମୀ ଏବଂ ନେତା ଛେଣ୍ଡସ୍ୱେଶ ଛକରେ ବିଭିନ୍ନ ସ୍ଲୋଗାନ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କାଳିଆ ଯୋଜନା ନାଁରେ ମିଛ ପ୍ରଚାର କରାଯାଉଛି ବୋଲି ଭାଜପା କର୍ମକର୍ତ୍ତା ଅଭିଯୋଗ କରିଥିଲେ। ପରେ ଶତାଧିକ କର୍ମୀ ଏୟାରଷ୍ଟ୍ରିପ ପଡ଼ିଆକୁ ମାଡି ଆସିବାରୁ ପୋଲିସ ସେମାନଙ୍କୁ ଗିରଫ କରି ବନ୍ଧମୁଣ୍ଡା ଥାନାରେ ଅଟକ ରଖିଥିଲା। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ନେଇ ସରକାରୀ ଭାବେ କୋଟି କୋଟି ଟଙ୍କା ବରବାଦ କରାଯାଇଛି ବୋଲି ଭାଜପା ପକ୍ଷରୁ ଅଭିଯୋଗ ହୋଇଛି। ୨୦୧୪ରେ ମୁଖ୍ୟମନ୍ତ୍ରୀ ଯେଉଁ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ ସେଠି ଆଜି ପର୍ଯ୍ୟନ୍ତ ଇଟା ଖଣ୍ଡେ ପଡିନି। ଏପରିସ୍ଥଳେ ନିର୍ବାଚନ ପୂର୍ବରୁ ସହର ତଥା ସୁନ୍ଦରଗଡ଼ ଜିଲାବାସୀଙ୍କୁ ଭୁଆଁ ବୁଲାଇବା ନେଇ ଏହି ସମାବେଶ ଉଦ୍ଦିଷ୍ଟ ବୋଲି ଭାଜପା ନେତା ଧୀରେନ ସେନାପତି ଅଭିଯୋଗ କରିଛନ୍ତି। ସେହିପରି ଜିଲା କଂଗ୍ରେସ ପକ୍ଷରୁ ବିର୍ସା ଛକରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରାଯାଇଥିଲା। ନିର୍ବାଚନକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ବ୍ୟୟ ବହୁଳ ଗସ୍ତ କରି ରାଜକୋଷରୁ ଅର୍ଥ ଅପବ୍ୟୟ କରୁଛନ୍ତି ବୋଲି କଂଗ୍ରେସ ନେତା ବୀରେନ ସେନାପତି ଅଭିଯୋଗ କରିଛନ୍ତି। କାଳିଆ ଯୋଜନା ଆଳରେ ଦଳର ଫାଇଦା ପାଇଁ ବିଜେଡି ଏଭଳି କାର୍ଯ୍ୟକ୍ରମ ଆୟୋଜନ କରୁଥିବା କଂଗ୍ରେସ କର୍ମକର୍ତ୍ତା ଅଭିଯୋଗ କରିଛନ୍ତି। ବିକ୍ଷୋଭ ପ୍ରଦର୍ଶନ ବେଳେ ଯୁବ କଂଗ୍ରେସ ନେତା ପ୍ରବୋଧ ଦାସ, ସୂର୍ଯ୍ୟକାନ୍ତ ବାରିକ, ଶିବୁ ଦୀପ, ବିନୋଦ ପଟ୍ଟନାୟକ, ବିଜୟ ପୁରୋହିତ, କୈଳାସ ସାହୁଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ସେମାନଙ୍କୁ ପୋଲିସ ଗିରଫ କରିବା ପରେ ବ୍ରାହ୍ମଣୀତରଙ୍ଗ ଥାନାରେ ଅଟକ ରଖିଥିଲା। ଅନ୍ୟପକ୍ଷେ ଜିଲା କଂଗ୍ରେସ ସଭାପତି ରବି ରାୟଙ୍କ ନେତୃତ୍ୱରେ ବିର୍ସା ଛକରେ ମୁଖ୍ୟମନ୍ତ୍ରୀଙ୍କ ରାଉରକେଲା ଗସ୍ତକୁ ବିରୋଧ କରି ଧାରଣା ଦିଆଯାଇଥିଲା। ପୋଲିସ ଗିରଫ କର୍ମକର୍ତ୍ତାଙ୍କୁ ଛାଡି ଦେଇଥିବା ଜଣାପଡିଛି।



ପୋଲିସ ଜଣେ ଭାଜପା ନେତାଙ୍କୁ ଘଟଣାସ୍ଥଳରୁ ଧରି ନେଉଛି।

**ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ବିରୋଧ**

### ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ଦାବି

# ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

ରାଉରକେଲା ଅଫିସ,୧।୩

ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ଦାବି ନେଇ ରାଉରକେଲା ଓକିଲ ସଂଘ ପକ୍ଷରୁ ଶୁକ୍ରବାର ଏୟାରଷ୍ଟ୍ରିପ ପଡ଼ିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ୨୦୧୮ ନଭେମ୍ବର ୧୬ରେ ସଂଘ ପକ୍ଷରୁ ଅନୁଷ୍ଠିତ ହୋଇଥିବା ସର୍ବଦଳୀୟ ବୈଠକରେ ବିଭିନ୍ନ ସଂଘ, ସଂଗଠନ, ଶ୍ରମିକ ୟୁନିୟନ ପ୍ରତିନିଧି ଯୋଗଦେଇ ଦାବିକୁ ସମର୍ଥନ କରିଥିଲେ। ଏହାକୁ ଆଧାର କରି ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ଯୁକ୍ତି ଦର୍ଶାଇଛି ସଂଘ। ଦାବିର ଗୁରୁତ୍ୱ ଓ ଆବଶ୍ୟକତା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଜଣାଯାଇଛି। ନ୍ୟାୟିକ ଓ ପ୍ରଶାସନିକ ସେବାକୁ ତଳସ୍ତରରେ ପହଞ୍ଚାଇବା ସଂଘର ଲକ୍ଷ୍ୟ ବୋଲି ଏଥିରେ କୁହାଯାଇଛି। ଏଠାରେ ସମସ୍ତ ଭିତ୍ତିଭୂମି ଓ ଆବଶ୍ୟକତାକୁ ଦରଖାସ୍ତରେ ଉଲ୍ଲେଖ କରାଯାଇଛି। ଏଥିରେ ରାଉରକେଲାକୁ ରାଜସ୍ୱ ଜିଲା ଘୋଷଣା କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଦାବି ପ୍ରତି ରାଜ୍ୟ ସରକାର ବିଚାର କରିବେ ବୋଲି ଓକିଲ ସଂଘ ପକ୍ଷରୁ ଆଶା ବ୍ୟକ୍ତ କରାଯାଇଛି। ଏଥିରେ ସଭାପତି ରମେଶ ବଳ, ଉପସଭାପତି ରଙ୍ଗବାହାଦୁର ବାଗ, ସମ୍ପାଦକ ଅକ୍ଷୟ ସାହୁ, ସହ ସମ୍ପାଦକ ଦେବାନନ୍ଦ ତନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ବେଦାନ୍ତକୁ ଆପେକ୍ସ ଇଣ୍ଡିଆ ଏକ୍ସିଲେନ୍ସି ଆୱାର୍ଡ

ଝାରସୁଗୁଡ଼ା ଅଫିସ,୧।୩

ଝାରସୁଗୁଡ଼ା ବେଦାନ୍ତ ଲିଃକୁ ଉତ୍କୃଷ୍ଟମାନର ସାମାଜିକ ଦାୟିତ୍ୱବୋଧ ଏବଂ ସ୍ଥିରତା ପାଇଁ ଆପେକ୍ସ ଇଣ୍ଡିଆ ସିଏସ୍ଆର ଏକ୍ସିଲେନ୍ସି ଆୱାର୍ଡ-୨୦୧୮ରେ ପ୍ଲାଟିନମ୍ ପଦକ ମିଳିଛି। ସେହିପରି ଗ୍ରୀସେଣ୍ଟ ସିଏସ୍ଆର ଆୱାର୍ଡ-୨୦୧୮ରେ ବେଦାନ୍ତକୁ ସ୍ୱର୍ଣ୍ଣ ପଦକ ହସ୍ତଗତ ହୋଇଛି। ସିଏସ୍ଆର ବିଭାଗର କାଞ୍ଚନ ନଗେସିଆ କମ୍ପାନୀ ପକ୍ଷରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଜୀବିକା ସମୃଦ୍ଧି ଓ ନାରୀ ସଶକ୍ତୀକରଣ ଯୋଜନା ପାଇଁ ସିଏସ୍ଆର ବିଭାଗର ଆଲ୍କା ମିଞ୍ଜ ବାଣିଜ୍ୟ, ଶିଳ୍ପ ଓ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁଙ୍କ ଠାରୁ ସ୍ୱର୍ଣ୍ଣ ପଦକ ଗ୍ରହଣ କରିଛନ୍ତି। ଝାରସୁଗୁଡ଼ାରେ ଭାରତର ସର୍ବବୃହତ ଆଲୁମିନିୟମ ସ୍ମେଲ୍ଟର ପ୍ରତିଷ୍ଠା କରିବା ସହ ସ୍ଥାନୀୟ ଲୋକଙ୍କୁ ଉତ୍ତମ ସିଏସ୍ଆର ପ୍ରକଳ୍ପରେ ବିକଶିତ କରିଛୁ ଏବଂ ଏହି ପୁରସ୍କାର ବେଦାନ୍ତ କାର୍ଯ୍ୟକ୍ରମର ଅଭିସ୍ୱୀକୃତି ବୋଲି କମ୍ପାନୀ ସିଇଓ ଅଭିଜିତ ପତି କହିଛନ୍ତି। ସାଧାରଣ ଲୋକ ଏବଂ ଶିଳ୍ପ ପ୍ରତିଷ୍ଠାନ ମଧ୍ୟରେ ରହିଥିବା ସମ୍ପର୍କ ବିକାଶ ଦିଗରେ ପ୍ରୟାସକୁ ପ୍ରେରଣା ଯୋଗାଉଛି ବୋଲି ସିଏସ୍ଆର ବିଭାଗର ମୁଖ୍ୟ ସୁନ୍ଦର ରାଜ କହିଛନ୍ତି।

### ଝାରସୁଗୁଡ଼ାରେ ଆୟକର ବିଭାଗ ଚଢ଼ାଉ

# କୋଟିଏ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ

ଝାରସୁଗୁଡା ଅଫିସ,୧।୩

ଝାରସୁଗୁଡ଼ା ସହରାଞ୍ଚଳର କେତେକ ପ୍ରତିଷ୍ଠିତ ବ୍ୟବସାୟିକ ପ୍ରତିଷ୍ଠାନରେ ଆୟକର ବିଭାଗର ଚଢାଉ ହୋଇଛି। ଗତ ଏକ ସପ୍ତାହ ହେବ ଏହି ଚଢାଉ ଜାରି ରହିଛି। ହେଲେ ବ୍ୟବସାୟୀ ଓ ଆୟକର ବିଭାଗ ଅଧିକାରୀଙ୍କ ମଧ୍ୟରେ ଭିତିରି ସଲାସୁତୁରା ହେଉଥିବା ସହରରେ ଚର୍ଚ୍ଚା ହେଉଛି। ଗତ ୭ ଦିନ ମଧ୍ୟରେ ଜଣେ ପ୍ରତିଷ୍ଠିତ ଅଳଙ୍କାର ବ୍ୟବସାୟୀ ଏବଂ ଠିକାଦାରଙ୍କ ଘରେ ଚଢାଉ କରାଯାଇଛି। ଏହି ଚଢାଉ ବେଳେ କୋଟି କୋଟି ଟଙ୍କାର ଟିକସ ଫାଙ୍କି କାରବାର କରାଯାଉଥିବା ଜଣାପଡ଼ିଛି। ଆୟକର ବିଭାଗ ପକ୍ଷରୁ ପ୍ରଥମେ ସହରର ଜଣେ ଅଳଙ୍କାର ବ୍ୟବସାୟୀଙ୍କ ଦୋକାନ ଏବଂ ଘରେ ଚଢାଉ କରାଯାଇଥିଲା। ପ୍ରାୟ ୩ଦିନ ଧରି ଆୟବ୍ୟୟ ଏବଂ ଟିକସ ଦାଖଲ ପରିମାଣ ଯାଞ୍ଚ କରାଯାଇଥିଲା। ଏହି ସମୟରେ ଉକ୍ତ ଅଳଙ୍କାର ବ୍ୟବସାୟୀଙ୍କ ପାଖରୁ କୋଟି କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ ହୋଇଛି। ଏହି ମାମଲାକୁ ରଫାଦଫା କରିବାକୁ ବ୍ୟବସାୟୀ ଜଣକ ଆୟକର ବିଭାଗ ଅଧିକାରୀଙ୍କୁ ଲାଞ୍ଚ ଯାଚିଥିବା କୁହାଯାଉଛି। ସେହିପରି ଗତ କିଛି ଦିନ ହେଲା ଝାରସୁଗୁଡ଼ା ଏବଂ ବ୍ରଜରାଜନଗରର ଠିକାଦାରଙ୍କ ଘର ଏବଂ ଅଫିସରେ ଆୟକର ଚଢଉ କରାଯାଇଛି। ଏହି ଚଢାଉ ପରେ ସହରର ବ୍ୟବସାୟୀ ଏବଂ ଠିକାଦାରଙ୍କ ମଧ୍ୟରେ ଭୟର ବାତାବରଣର ଖେଳିଯାଇଛି। ଅତି ଗୋପନୀୟତାର ସହ ଆୟକର ବିଭାଗ ଚଢାଉ ଜାରି ରହିଥିବା ବେଳେ ଅନ୍ୟ ବ୍ୟବସାୟୀ ମଧ୍ୟ ଟାର୍ଗେଟରେ ରହିଥିବା ସୂଚନା ମିଳିଛି। ଏନେଇ ଝାରସୁଗୁଡା ଆୟକର ବିଭାଗ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ଉତ୍ତର ମିଳିନାହିଁ।

# ଜୀବନ ଜୀବିକା ମିଶନ ନିଯୁକ୍ତିରେ ଜାଲିଆତି ଅଭିଯୋଗ

କୋଲାବିରା,୧।୩ (ଡି.ଏନ୍.ଏ.)

କୋଲାବିରା ବ୍ଲକରେ ଓଡ଼ିଶା ଜୀବନ ଜୀବିକା ମିଶନ ପକ୍ଷରୁ ଦିଆଯାଉଥିବା ଏମ୍‌ବିକେ, ସିଆର୍‌ପି ପଦବୀ ନିଯୁକ୍ତିରେ ଜାଲିଆତି ହେଉଥିବା ଅଭିଯୋଗ ହୋଇଛି। ମହିଳାମାନଙ୍କୁ ସଶକ୍ତିକରଣ କରିବା ସକାଶେ ଅଣ୍ଟା ଭିଡିଥିବା ରାଜ୍ୟ ସରକାର ଜୀବନ ଜୀବିକା ଗ୍ରାମାଞ୍ଚଳରେ କାର୍ଯ୍ୟକରୁଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟସଭ୍ୟାମାନଙ୍କୁ ନେଇ ପଞ୍ଚାୟତସ୍ତରରେ ଅବସ୍ଥାପିତ କରିବା ପାଇଁ ଏମ୍‌ବିକେ, ସିଆର୍‌ପି ପଦବୀ ପାଇଁ ସାକ୍ଷାତକାର କରାଯାଉଛି। ଏହି ସବୁ କାର୍ଯ୍ୟ ତୁଲାଇବା ପାଇଁ ପଞ୍ଚାୟତସ୍ତରରେ ଜିପିଏଲ୍ଏଫ(ଗ୍ରାମ ପଞ୍ଚାୟତ ମଞ୍ଚ) ଗଠନ କରାଯାଇଛି। ମାତ୍ର ବ୍ଲକରେ ନିଯୁକ୍ତି ପାଇଥିବା ଓଏଲ୍ଏମ୍ ତଥା ଜିଏମ୍ ମନଇଚ୍ଛା ପ୍ରାର୍ଥୀ ଚୟନ କରୁଥିବା ସ୍ଥାନୀୟ ଲୋକେ ଅଭିଯାଗ କରିଛନ୍ତି। ଏପରି କି ଜିପିଏଲ୍ଏଫ୍‌ରେ ଥିବା ସଭାନେତ୍ରୀ ତଥା ସମ୍ପାଦିକାଙ୍କ ପରାମର୍ଶ ଗ୍ରହଣ କରାଯାଉନାହିଁ ବୋଲି ଅଭିଯୋଗ ହୋଇଛି। ଏଥିରେ ଅର୍ଥକାରବାର ହେଉଥିବାର ପଞ୍ଚାୟତ ମଞ୍ଚର ସଦସ୍ୟ ଅଭିଯୋଗ କରିଛନ୍ତି। ନିୟମ ମୁତାବକ ଏମ୍‌ବିକେ ଏବଂ ସିଆର୍‌ପି ଉଭୟ ପଦବୀ ପାଇଁ ଶିକ୍ଷାଗତ ଯୋଗ୍ୟତା ସପ୍ତମ ଶ୍ରେଣୀ ପାସ ହୋଇଥିବା ଦରକାର। ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାଙ୍କ ଗଣିତରେ ଜ୍ଞାନ ରହିଥିବା ଦରକାର। ସେହିପରି ସ୍ଥାନୀୟ ପଞ୍ଚାୟତ ବାସିନ୍ଦା ହୋଇଥିବା ସହ ଆଦିବାସୀ ଅଧ୍ୟୁଷିତ ପଞ୍ଚାୟତର ଆଦିବାସୀ ପ୍ରାର୍ଥିନୀଙ୍କୁ ଅଗ୍ରାଧିକାର ଭିତିରେ ଚୟନ କରାଯିବା ନିୟମ ରହିଛି। ହେଲେ କୋଲାବିରା ବ୍ଲକରେ ଏହାର ବ୍ୟତିକ୍ରମ ଦେଖାଦେଇଛି। କୋଲାବିରା, ସୋଡାମାଲ, ପୋଖରାସାହ୍ଲେ, ଝିଲ୍ଲାପାଲି, ରଘୁନାଥପାଲି ପଞ୍ଚାୟତରେ ନିଯୁକ୍ତି ଶେଷ ହୋଇଛି। ହେଲେ ପରମାଣପୁର, କୁଳିହାମାଲ ଏବଂ କେଲେଣ୍ଡାମାଲ ପଞ୍ଚାୟତରେ ପ୍ରାର୍ଥୀଙ୍କ ମଧ୍ୟରେ ସାକ୍ଷାତକାର ହୋଇଛି। ଏପରି କି ସାର୍ଟିଫିକେଟ ଭେରିଫିକେସନ ମଧ୍ୟ ଶେଷ ହୋଇଛି। ଆଗାମୀଦିନରେ ନିଯୁକ୍ତି ଦିଆଯିବ। ହେଲେ ସାର୍ଟିଫିକେଟରେ ଜାଲିଆତି କରାଯାଉଥିବା ବେଳେ ଆଦିବାସୀ ପ୍ରାର୍ଥୀମାନଙ୍କୁ ଅଗ୍ରାଧିକାର ଦିଆଯାଉ ନାହିଁ। ଅର୍ଥ କାରବାର ହୋଇ ସାଧାରଣବର୍ଗ ଓ ପଛୁଆବର୍ଗ ପ୍ରାର୍ଥୀଙ୍କୁ ଚୟନ କରାଯାଉଛି ବୋଲି ପଞ୍ଚାୟତ ମଞ୍ଚ କମିଟି ସଭ୍ୟାମାନେ କ୍ଷୋଭ ପ୍ରକାଶ କରିଛନ୍ତି। ନିଯୁକ୍ତରେ ଆଦିବାସୀ ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆ ନ ଗଲେ କୋଲାବିରା ଓଏଲ୍ଏମ୍ କାର୍ଯ୍ୟାଳୟ ଘେରାଉ କରାଯିବା ସହ ଜିଲାପାଳଙ୍କ ଦ୍ୱାରସ୍ଥ ହେବେ ବୋଲି ପରମାଣପୁର, କେଲଡାମାଲ ଏବଂ କୁଳିହାମାଲ ପଞ୍ଚାୟତ ମଞ୍ଚ କମିଟି ସଭ୍ୟାମାନେ ଚେତାବନୀ ଦେଇଛନ୍ତି। ତେବେ ଏସଂକ୍ରାନ୍ତରେ କୋଲାବିରା ବ୍ଲକ ଦାୟିତ୍ୱରେ ଥିବା ଓଏଲ୍ଏମ ଅଧିକାରୀ ପୁଷ୍କର କୁମାରଙ୍କୁ ପଚାରିବାରୁ ନିଯୁକ୍ତିରେ କୌଣସି ଅନିୟମିତତା ହେଉ ନ ଥିବା କହିଛନ୍ତି। ସରକାରୀ ନିୟମାନୁଯାୟୀ ଚୟନ ପ୍ରକ୍ରିୟା ସମ୍ପନ୍ନ କରାଯିବ ବୋଲି ସେ କହିଛନ୍ତି। ରଘୁନାଥପାଲି ଏବଂ କେଲଣ୍ଡାମାଲ ପଞ୍ଚାୟତ ନନଇନ୍‌ଟେନସିଭ ପଞ୍ଚାୟତ ହୋଇଥିବାରୁ ଚଳିତ ବର୍ଷ ଏହି ପଞ୍ଚାୟତ ଦ୍ୱୟରେ ଏମ୍‌ବିକେ, ସିଆର୍‌ପି ପଦବୀ ନିଯୁକ୍ତି ହେବାର କର୍ଯ୍ୟକ୍ରମ ନାହିଁ ବୋଲି କହିଛନ୍ତି।


**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH**
**DEPARTMENT OF EMPOWERMENT OF PERSONS WITH DISABILITIES (DIVYANGJAN)**
**(MINISTRY OF SOCIAL JUSTICE & EMPOWERMENT, GOVERNMENT OF INDIA)**
**OLATPUR, PO: BAIROI, DIST-CUTTACK, ODISHA**
**RECRUITMENT NOTICE BY CONTRACT**

| Advt. No.AD6B19/03/2019 Date:28.02.2019 | |
|---|---|
| 01. | Senior Resident (Contractual) - 01 |
| 02. | Physical Medicine & Rehabilitation (Consultant) - 01 |
| 03. | Junior Resident (Contractual) - 02 |
| 04. | Research Officer (Consultant) - 01 |
| 05. | Nurse (Consultant) - 03 |
| 06. | Prosthetist and Orthotist (Consultant) - 09 |

For all other details, terms and conditions please log on to website **www.svnirtar.nic.in.**

**Sd./- DIRECTOR**



ପତ୍ର ସଂଖ୍ୟା-୬୭୪ **ତହସିଲ କାର୍ଯ୍ୟାଳୟ, ଜୟପୁର** ତା.୨୮।୦୨।୨୦୧୯

**ଲଘୁ ଖଣିଜ ଉତ୍ସର ପାଞ୍ଚ ବର୍ଷିଆ ଲିଜ୍ ନିମନ୍ତେ ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ତହସିଲ ଅନ୍ତର୍ଗତ ବିଭିନ୍ନ ମୌଜାସ୍ଥିତ ସୈରାତଉସ (ପଥର ଖାଦାନ) ଗୁଡିକର ଟେଣ୍ଡର ମାଧ୍ୟମରେ ଦୀର୍ଘ ମିଆଦୀ ସୂତ୍ରରେ ଆଗାମୀ ପାଞ୍ଚ ବର୍ଷ ପାଇଁ (2019-20 ଠାରୁ 2023-24) ଲିଜ୍ ଦେବା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି। ଦରଖାସ୍ତ ଗ୍ରହଣର ଶେଷ ତାରିଖ ୧୫।୦୩।୨୦୧୯ ସମୟ ଅପରାହ୍ନ ୫.୦୦ଘଣ୍ଟା ଅଟେ। ଲିଜ୍ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ କୋରାପୁଟ ଜିଲ୍ଲା ୱେବ୍‌ସାଇଟ୍ **www.koraput.nic.in** ଅଧୀନରେ ଉପଲବ୍ଧ ଅଟେ। ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ଜୟପୁର ତହସିଲଦାରଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରିପାରିବେ। **ସ୍ୱା./- ତହସିଲଦାର, ଜୟପୁର**



**Advertisement for seeking claim of compensation by the patients implanted with ASR Hip Implant manufactured by M/s. DePuy International Ltd. (Now Johnson and Johnson)**

**No.951-E:-** The Government of India has constituted a Central Expert Committee and State Level Committees to address the claim for compensation who has been implanted with ASR Hip Implants of DePuy International Ltd (Now Johnson and Johnson) before August, 2010.

Therefore, the concerned patients are advised to approach the State Level Committee with detailed application form (check list available on www.cdsco.gov.in) to support their claim.

The contact details of the State Level Committee is as under:

**Address:** Drugs Controller, Odisha,
O/o. Directorate of Drugs Control, Odisha,
New Nandankanan Road,
Po- Mancheswar Rly. Colony, Press Chhak,
Bhubaneswar-751017, Dist. Khurda

**Mail Id:** drugscontrolorissa@gmail.com
**Phone No.:** 0674-2300494
**Mob. No.:** 9437013646

**Issued in Public Interest by State Government of Odisha, Health & Family Welfare Department**

**10004/11/0003/1819**



NATION TAX MARKET GST

Ph: 0674-258 9935, 258 8672.
Fax: 0674-258 9938,
E-mail. ccbbsr@rediffmail.com/ ccu-exbbr@nic.in

मुख्य आयुक्त का कार्यालय, जीएसटी एवं सीमा शुल्क, भुवनेश्वर जोन
OFFICE OF THE CHIEF COMMISSIONER, GST, CX & CUSTOMS, BHUBANESWAR ZONE
केंद्रीय राजस्व भवन, राजस्व विहार, भुवनेश्वर – 751007, ओड़िशा
C.R. BUILDING, RAJASWA VIHAR, BHUBANESWAR-751007, ODISHA

**NOTICE**

Applications are invited for drawal of a panel for engagement of (05 Senior Standing Counsels and 03 Junior Standing Counsels) for handling litigation relating to indirect taxation before the Hon'ble High Court of Odisha and other fora. The details of eligible and other terms and conditions governing the appointment of Standing Counsels are available with the link www.cbec.gov.in / standing counsels-guidelines.pdf.

The eligible counsels enrolled / registered as an advocate with Orissa High Court and having requisite experience in handling preferably GST, Customs, Central Excise & Service Tax matters and emerging areas in Anti-Profiteering, NCLT, NCLAT etc may apply in the prescribed proforma A or A- 1 in a sealed cover addressed to Shri Sourabh Chakravorty, Assistant Commissioner, Office of the chief Commissioner, CGST, Central Excise, Customs & Service Tax, C.R. Building, Rajaswa Vihar, Bhubaneswar, Odisha -751007, so as to reach on or before 11.03.2019. The applicants can collect acknowledgement at the time of submission of the application forms along with the accompanying documents.

Application received after 11.03.2019 shall not be entertained. The short listed candidates / Advocates will be called for an interview, on a specified date / time which will be intimated in due course.

***Sd./- (Sourabh Chakravorty), Assistant Commissioner (CCO), CGST, C.Ex & Customs, Bhubaneswar Zone***



**ଉଦ୍ୟାନ ଉପନିର୍ଦ୍ଦେଶକ, ଢେଙ୍କାନାଳଙ୍କ ଅଧୀନସ୍ଥ ସପ୍ତଶଯ୍ୟା ଫାର୍ମର ବିଭିନ୍ନ ଫଳ ନିଲାମ ପାଇଁ ଟେଣ୍ଡର ଆହ୍ୱାନ**

No.169-L: ଚଳିତ ବର୍ଷ ୨୦୧୮-୨୦୧୯ ପାଇଁ ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ ସପ୍ତଶଯ୍ୟା ଫାର୍ମର ଉତ୍ପାଦିତ ଆମ୍ବ, ବେଲ ଏବଂ ନଡିଆ ନିଲାମ ପାଇଁ ଆଗ୍ରହୀ ବ୍ୟକ୍ତି ବିଶେଷଙ୍କ ଠାରୁ ଜଉମୁଦା ଟେଣ୍ଡର ଆହ୍ୱାନ କରାଯାଉଛି। ଆବେଦନ ଫର୍ମ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଓ ସର୍ତ୍ତାବଳୀ ଉଦ୍ୟାନ ଉପନିର୍ଦ୍ଦେଶକ, ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ ଟ ୫୦/- ଙ୍କା ବିନିମୟରେ ସରକାରୀ କାର୍ଯ୍ୟ ଦିବସରେ ମିଳିପାରିବ।

| କ୍ର. ନଂ | ଫାର୍ମର ନାମ ଓ ଠିକଣା | ଫଳର ନାମ | ଅମାନତ ଜମା ଟଙ୍କା | ଟେଣ୍ଡର ଖୋଲିବା ତାରିଖ ଏବଂ ସ୍ଥାନ |
|---|---|---|---|---|
| ୧. | ସପ୍ତଶଯ୍ୟା ଫାର୍ମ ସପ୍ତଶଯ୍ୟା | ଆମ୍ବ, ନଡିଆ, ବେଲ | ୩୦,୦୦୦.୦୦ | ୧୨.୦୩.୨୦୧୯ ପୂର୍ବାହ୍ନ ୧୧.୩୦ ଘଟିକା ଉଦ୍ୟାନ ଉପନିର୍ଦ୍ଦେଶକ, ଢେଙ୍କାନାଳଙ୍କ କାର୍ଯ୍ୟାଳୟ |

ଆଗ୍ରହୀ ପ୍ରାର୍ଥୀ ଆବେଦନ ଫର୍ମରେ ଟେଣ୍ଡର ମୂଲ୍ୟ, ନିଜର ସମ୍ପୂର୍ଣ୍ଣ ଠିକଣା ଦେଇ ଅମାନତ ଜମା ସହ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ରେଜିଷ୍ଟ୍ରିପୋଷ୍ଟ ଦ୍ୱାରା ତା ୧୧.୦୩.୨୦୧୯ ରିଖ ଅପରାହ୍ନ ୫ ଘଟିକା ସୁଦ୍ଧା ଦାଖଲ କରିପାରିବେ। ଅମାନତ ଜମା ବାବଦକୁ ଟଙ୍କା ବ୍ୟାଙ୍କ ଡ୍ରାଫଟ୍ (ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ, ଢେଙ୍କାନାଳ) ଉଦ୍ୟାନ ଉପନିର୍ଦ୍ଦେଶକ, ଢେଙ୍କାନାଳଙ୍କ ସପକ୍ଷରେ ଦାଖଲ କରିବେ।

ସୂଚନାଯୋଗ୍ୟ ଯେ, କୌଣସି କାରଣ ନ ଦର୍ଶାଇ, ଗୋଟିଏ କିମ୍ବା ସମସ୍ତ ଟେଣ୍ଡର ଆବେଦନ କର୍ତ୍ତୃପକ୍ଷ ନାକଚ କରିପାରିବେ।

01067/11/0004/1819 ସ୍ୱା./- ଉଦ୍ୟାନ ଉପନିର୍ଦ୍ଦେଶକ, ଢେଙ୍କାନାଳ



**GOVERNMENT OF ODISHA**
**e- Procurement Notice**
**INVITATION FOR BIDS (IFB)**
**Bid Identification No. S.E.Dkl.(R&B) 19/2018-19**
**Email Id-sedklpwd@gmail.com**

No.1352-B

**Letter No / Dt.**

The Superintending Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Road work as detailed in the table below:

| | | |
|---|---|---|
| 1. | Name of the work | Road work |
| 2. | No. of works | 1 (One) No |
| 3. | Estimated Cost | Rs.2,19,56,303/- |
| 4. | Cost of tender paper | Rs 10,000.00 |
| 5. | Class of contractor | "B, & "A" Class |
| 6. | Period of Completion of work | 5(Five) Calendar months |
| 7. | Date and time of availability of bid Document in the website | From Dt.07.03.2019 to 16.00 hours of Dt.21.03.2019 |
| 8. | Date of opening of bid | Dt.23.03.2019 at 11.30 hours |

The bidders have to participate in ONLINE biding only further details can be seen from the e- Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

**Superintending Engineer**
**Dhenkanal(R&B) Circle,Dhenkanal**

34132/11/0028/1819



**REQUEST FOR PROPOSAL for**
**Selection of 'Project Management Unit (PMU) for Reforming Odisha's Horticulture'**
**RFP No.-1, Dt.28.02.2019**

170-L

Directorate of Horticulture, Govt. of Odisha, invites sealed proposals from eligible bidders to set up "Project Management Unit (PMU) for Reforming Odisha's Horticulture."

The detailed RFP document containing the background information, eligibility criteria and complete procedure for submission of the proposal can be downloaded from the website **https://tendersodisha.gov.in** / **www.odihort.nic.in**. The proposal complete in all respect must reach the undersigned by Speed Post/ Registered Post / Courier only latest by 10.04.2019 up to 5:00 PM. The last Date for Submission of Proposal is 10.04.2019 up to 5.00 P.M. The last date of submission of pre proposal query is 12:00 PM, 19.03.2019 on the email **supportdho.od@nic.in**.

**Directorate of Horticulture, Govt. of Odisha reserves the right to accept or reject any application and to annul the process at any time, without any liability and assigning any reason thereof.**

Sd./- **Director of Horticulture**
**Directorate of Horticulture**
**Krishi Bhawan,**
**Bhubaneswar, Odisha,**
**Pin No: 751015**
**E-mail: Supportdho.od@nic.in**

01038/11/0010/1819



**ଭୁବନେଶ୍ୱର ମହାନଗର ନିଗମ**

ସଂଖ୍ୟା . ୭୬୩୯ ତା.୦୧.୦୩.୨୦୧୯

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି,ଭୁବନେଶ୍ୱର ମହାନଗର ନିଗମ ତରଫରୁ ୧ନଂ ହାଟ ମଧ୍ୟରେ ଥିବା ଦୋକାନ ଗୃହ ଏବଂ ଅନ୍ୟାନ୍ୟ ଜାଗା ଗୁଡିକରେ ବ୍ୟବସାୟ କରୁଥିବା ବ୍ୟବସାୟୀ ମାନଙ୍କର ନିୟମିତକରଣ କରିବା ନିମନ୍ତେ ଏକ ସର୍ଭେ (**physical verification**) କରାଯାଇଥିଲା । ଉକ୍ତ ସର୍ଭେ ମୁତାବକ ମହାନଗର ନିଗମ ତରଫରୁ ଏକ ତାଲିକା (**list**) ପ୍ରସ୍ତୁତ କରାଯାଇଅଛି,ଯେଉଁଥିରେକି,ପୂର୍ବରୁ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କ ନାମ ଏବଂ ବର୍ତ୍ତମାନ ଉକ୍ତ ଦୋକାନ ଗୃହ ଗୁଡିକରେ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କ ନାମ ଏଲ୍ଲେଖ କରାଯାଇଅଛି । ଉକ୍ତ ତାଲିକା (**list**)ର ନକଲ ୧ନଂ ହାଟ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ ଏବଂ ମହାନଗର ନିଗମ କାର୍ଯ୍ୟାଳୟ ନୋଟିସ୍ ବୋର୍ଡରେ ଉପଲବ୍ଧ ଅଛି । ତତ୍‌ସହିତ ଉକ୍ତ ତାଲିକା (**list**)ସର୍ବସାଧାରଣଙ୍କ ଅବଗତି ନିମନ୍ତେ ମହାନଗର ନିଗମ **website www.bmc.gov.in** ରେ ଉପଲବ୍ଧ ଅଛି ।

ଉକ୍ତ ତାଲିକାରେ (**list**) ପ୍ରକାଶିତ ହୋଇଥିବା ତଥ୍ୟ ଉପରେ କାହାର କୌଣସି ଆପତ୍ତି/ଅଭିଯୋଗ/ଦାବୀ ରହୁଥାଏ ତେବେ ସେମାନେ ଏହି ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବରେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ/ଦାବୀ ଗ୍ରହଣ କରାଯିବ ନାହିଁ ।

ସ୍ୱା/
ଉପ ଆୟୁକ୍ତ
ଭୁବନେଶ୍ୱର ମହାନଗର ନିଗମ

ଭାଗିଦାରୀ ମାଧ୍ୟମରେ ପ୍ରଗତି- ଏକ ସୁନ୍ଦର ଭୁବନେଶ୍ୱର ପାଇଁ



**ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ**
(ଡିମ୍‌ଡ ବିଶ୍ୱବିଦ୍ୟାଳୟ)
(ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ତତ୍ତ୍ୱାବଧାନ ଅଧୀନରେ ପ୍ରତିଷ୍ଠିତ)
୫୬-୫୭, ଇନ୍‌ଷ୍ଟିଟ୍ୟୁଶନାଲ ଏରିଆ, ଜନକପୁରୀ, ନୂଆଦିଲ୍ଲୀ – ୧୧୦୦୫୮
ଫୋନ୍ ନଂ. ୦୧୧-୨୮୫୨୪୯୯୩, ୨୮୫୨୪୯୯୫, ୨୮୫୨୦୯୭୯, ୨୮୫୨୦୯୬୬

**ସଂସ୍କୃତ ଶିକ୍ଷାର ବିକାଶ ଯୋଜନା ଅଧୀନରେ ବର୍ଷ ୨୦୧୯-୨୦ ନିମନ୍ତେ ଆର୍ଥିକ ସହାୟତା ନିମନ୍ତେ ଅଧିସୂଚନା**

ସଂସ୍କୃତ ଭାଷାର ପ୍ରଚାରପ୍ରସାର ପାଇଁ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା ସ୍ଥାପିତ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ (ଡିମ୍‌ଡ ବିଶ୍ୱବିଦ୍ୟାଳୟ) ସଂସ୍କୃତ ଶିକ୍ଷା ବିକାଶ ଯୋଜନା – ୨୦୦୭ ଅଧୀନରେ ବର୍ଷ ୨୦୧୯-୨୦ ପାଇଁ ଆର୍ଥିକ ସହାୟତା ଲାଗି ନିର୍ଦ୍ଧାରିତ ପ୍ରୋଫର୍ମାରେ ଦରଖାସ୍ତ ଆହ୍ୱାନ କରୁଛି:-

I. ସଂସ୍କୃତ ଶିକ୍ଷା ନିମନ୍ତେ ଆର୍ଥିକ ସହାୟତା:-
   କ) ପାରମ୍ପରିକ ସଂସ୍କୃତ ପାଠଶାଳା/ବିଦ୍ୟାଳୟ/ମହାବିଦ୍ୟାଳୟଗୁଡ଼ିକୁ ସଂସ୍କୃତ ଶିକ୍ଷକମାନଙ୍କ ପାଇଁ ଆର୍ଥିକ ସହାୟତା।
   ଖ) ପାରମ୍ପରିକ ସଂସ୍କୃତ ପାଠଶାଳା/ବିଦ୍ୟାଳୟ/ମହାବିଦ୍ୟାଳୟଗୁଡ଼ିକରେ ଆଧୁନିକ ବିଷୟଗୁଡ଼ିକର ଶିକ୍ଷକମାନଙ୍କ ପାଇଁ ଆର୍ଥିକ ସହାୟତା।
   ଗ) ରାଜ୍ୟ ସରକାରଙ୍କ ମାଧ୍ୟମିକ/ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସଂସ୍କୃତ ଶିକ୍ଷକଙ୍କ ପାଇଁ ଆର୍ଥିକ ସହାୟତା।
II. ଅଭାବଗ୍ରସ୍ତ ପରିସ୍ଥିତିରେ ଥିବା ଉତ୍କୃଷ୍ଟ ସଂସ୍କୃତ ପଣ୍ଡିତମାନଙ୍କୁ ସମ୍ମାନ ରାଶି।
III. ସଂସ୍କୃତ ପ୍ରଚାର ପାଇଁ ଏନ୍‌ଜିଓ/ଡିମ୍‌ଡ ସଂସ୍କୃତ ବିଶ୍ୱବିଦ୍ୟାଳୟ/ବିଶ୍ୱବିଦ୍ୟାଳୟଗୁଡ଼ିକୁ ବିଭିନ୍ନ ଗବେଷଣା ପ୍ରକଳ୍ପ ଏବଂ କାର୍ଯ୍ୟକ୍ରମ/ଗତିବିଧି ଲାଗି ଆର୍ଥିକ ସହାୟତା।
IV. ସଂସ୍କୃତ ପୁସ୍ତକ ପ୍ରକାଶନ, ବିରଳ ସଂସ୍କୃତ ପୁସ୍ତକଗୁଡ଼ିକର ପୁନଃ ମୁଦ୍ରଣ ଏବଂ ବହୁ ପରିମାଣରେ କ୍ରୟ ପାଇଁ ଆର୍ଥିକ ସହାୟତା।
V. ଅବସରପ୍ରାପ୍ତ/ଖ୍ୟାତନାମା ସାହିତ୍ୟିକ ସଂସ୍କୃତ ବିଦ୍ୱାନ୍ (ଶାସ୍ତ୍ର ଚୂଡ଼ାମଣି)ଙ୍କ ସେବାର ଉପଯୋଗ ପାଇଁ ଆର୍ଥିକ ସହାୟତା।
VI. ପାରମ୍ପରିକ ସଂସ୍କୃତ ପାଠଶାଳା/ଅନୁଷ୍ଠାନର ବିଦ୍ୟାର୍ଥୀମାନଙ୍କ ଲାଗି "ଧନ୍ଦାମୂଳକ ତାଲିମ ପାଠ୍ୟକ୍ରମ" ସଞ୍ଚାଳନ ନିମନ୍ତେ ପଞ୍ଜୀକୃତ ଶିକ୍ଷା ସଂଗଠନଗୁଡ଼ିକୁ ଆର୍ଥିକ ସହାୟତା।
VII. ସଂସ୍କୃତ ଶିକ୍ଷଣର ମାନ ଉନ୍ନତ କରିବା ପାଇଁ ବିଶ୍ୱବିଦ୍ୟାଳୟ/ଡିମ୍‌ଡ ବିଶ୍ୱବିଦ୍ୟାଳୟ/ସିବିଏସ୍‌ଇ/ଏନ୍‌ସିଇଆର୍‌ଟି/ଏସ୍‌ସିଇଆର୍‌ଟି ଇତ୍ୟାଦିକୁ ଆର୍ଥିକ ସହୟତା।
VIII. "ଅଷ୍ଟାଦଶୀ" ଯୋଜନା ଅଧୀନରେ ଆର୍ଥିକ ସହାୟତା – ସଂସ୍କୃତର ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଅଠରଗୋଟି ପ୍ରକଳ୍ପ (ସଂସ୍କୃତର ବିକାଶ ପାଇଁ ଦୃଷ୍ଟି ଏବଂ ପଥ ମାନଚିତ୍ରର ପ୍ରସ୍ତାବ ଲାଗି ଗଠିତ କମିଟି ଦ୍ୱାରା ସୁପାରିସକୃତ – ୧୦ ବର୍ଷୀୟ ସମ୍ଭାବ୍ୟ ଯୋଜନା)।

- *ଉପରୋକ୍ତ ସମସ୍ତ ଯୋଜନା ପାଇଁ ଦରଖାସ୍ତର ଶେଷ ତାରିଖ: ୩୦।୦୬।୨୦୧୯*
- *ଧାର୍ଯ୍ୟ ତାରିଖ ପରେ ଦାଖଲ ହୋଇଥିବା କିମ୍ବା ପ୍ରତ୍ୟେକ ଯୋଜନା ପାଇଁ ନିର୍ଦ୍ଧାରିତ ସର୍ତ୍ତାବଳୀକୁ ପୂରଣ କରୁ ନ ଥିବା ଦରଖାସ୍ତ(ଗୁଡ଼ିକୁ) ଗ୍ରହଣ କରାଯିବ ନାହିଁ । ଦରଖାସ୍ତ ଫର୍ମ ଏବଂ ଉପରୋକ୍ତ ସମସ୍ତ ଯୋଜନା ସଂକ୍ରାନ୍ତୀୟ ନିୟମ ଓ ସର୍ତ୍ତାବଳୀ ଡାଉନ୍‌ଲୋଡିଂ ପାଇଁ, ସଂସ୍ଥାନର ୱେବ୍‌ସାଇଟ୍ - **www.sanskrit.nic.in** ପରିଦର୍ଶନ କରନ୍ତୁ ।*

davp 21212/11/0014/1819 ରେଜିଷ୍ଟ୍ରାର



ତରବାରିର ଆଘାତ ଅପେକ୍ଷା କଥାର ଆଘାତ ଅଧିକ ମାରାତ୍ମକ।
- ରବର୍ଟ ବର୍ଟନ

## ସଂକ୍ଷେପରେ

### ବିଜ୍ଞାନ ପ୍ରଦର୍ଶନୀ, ଶିକ୍ଷଣ ସାମଗ୍ରୀ ମେଳା

ସୁନ୍ଦରଗଡ, ୧।୩ (ଡି.ଏନ୍.ଏ) -ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଡିଆଇଇଟି, ଇଟିଇଆଇ ଓ ବିଆଇଟିଇର ଶିକ୍ଷାର୍ଥୀମାନଙ୍କୁ ନେଇ ଶୁକ୍ରବାର ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଓ ଶିକ୍ଷଣ ସାମଗ୍ରୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ ପୌରାଞ୍ଚଳରେ ଥିବା ସମସ୍ତ ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷାର୍ଥୀଙ୍କ ପାଇଁ ସ୍ୱତନ୍ତ୍ର ବିଜ୍ଞାନ ମେଳା ଓ ବିଜ୍ଞାନ କୁଇଜ କାର୍ଯ୍ୟକ୍ରମ ହୋଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ଶିବଶଙ୍କର ଷଡଙ୍ଗୀ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ବିଜ୍ଞାନ ସୁପରଭାଇଜର ଶରତ ଚନ୍ଦ୍ର ମହାପାତ୍ର ଓ ଅବସରପ୍ରାପ୍ତ ବରିଷ୍ଠ ପ୍ରଶିକ୍ଷକ ଦୁର୍ଗାଚରଣ ପଟେଲ ବିଜ୍ଞାନ ପ୍ରକଳ୍ପଗୁଡିକର ମୂଲ୍ୟାୟନ କରିଥିଲେ। ସେହିପରି ଅବସରପ୍ରାପ୍ତ ଅଧ୍ୟକ୍ଷ କୁଞ୍ଜବିହାରୀ ଛତ୍ରିଆ, ଡଃ ଧରଣୀଧର ପଟେଲ ଓ କ୍ରିଷ୍ଣପ୍ରିୟା ନନ୍ଦ ଶିକ୍ଷଣ ସାମଗ୍ରୀଗୁଡିକର ମୂଲ୍ୟାୟନ କରିଥିଲେ। ଅନୁଷ୍ଠାନର ପ୍ରଶିକ୍ଷକ ଗରୁଡେଶ୍ୱର ଦାସ ଓ ଜଗମୋହନ ମହାକୁଡଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ର ନିରଞ୍ଜନ ବେହେରା ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସକାଶେ ଆୟୋଜିତ ବିଜ୍ଞାନ କୁଇଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଦ୍‌ଯାପନୀ ସଭାରେ ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ପ୍ରଶଂସା କରିବା ସହିତ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ଅନୁଷ୍ଠାନର ବରିଷ୍ଠ ପ୍ରଶିକ୍ଷିକା ଲିପିକା ବେହେରା, ମମତା ପ୍ରଧାନ, ଦମୟନ୍ତୀ ପ୍ରଧାନ, ଆଲୋକରଞ୍ଜନ ପାଣି, ପ୍ରଦୀପ ମହାନ୍ତି, ବୁଧୁରାମ ନାଏକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ନିର୍ମାଣରେ ଅନିୟମିତତା

ହେମଗିର, ୧।୩ (ଡି.ଏନ.ଏ)

ଭାରତର ପ୍ରତ୍ୟେକ ଗ୍ରାମକୁ ନିତିଦିନିଆ ପକ୍କା ରାସ୍ତାର ସ୍ୱପ୍ନ ନେଇ ଆରମ୍ଭ କରାଯାଇଥିଲା ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା। କିନ୍ତୁ ଅସାଧୁ ଠିକାଦାର ସରକାରଙ୍କ ତଦାରଖ ଦାୟୀତ୍ୱରେ ଥିବା କେତେଜଣ ଅସାଧୁ କର୍ମଚାରୀଙ୍କୁ ହାତକରି ଉନ୍ନତମାନର ରାସ୍ତା ନିର୍ମାଣ ବଦଳରେ ନିମ୍ନମାନର ରାସ୍ତା ନିର୍ମାଣ କରୁଛନ୍ତି। ଏଥିରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ସରକାରଙ୍କ ନିୟମ ମୁତାବକ ସ୍ୱଚ୍ଛତା ରକ୍ଷା କରିବା ପାଇଁ ସୂଚନା ଫଳକରେ ରାସ୍ତା ସମ୍ବନ୍ଧୀୟ ସ୍ପଷ୍ଟ ସୂଚନା କାମ ଆରମ୍ଭରୁ ଦେବା ବଦଳରେ ଏହା ସରିଲା ପରେ ଦିଆଯାଉଛି। କେଉଁଠି ଏଥିରେ ପୂର୍ଣ୍ଣାଙ୍ଗ ସୂଚନା ମଧ୍ୟ ଦିଆଯାଉନାହିଁ। ଏପରି ଏକ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ନମୁନା କନିକା ଓ ଆକେଲବିରା ପଞ୍ଚାୟତରେ ରହିଛି। ସଡକ କନିକା ଫାଟକପଡାଠାରୁ ରାଇତୁଆଁ ଦେଇ କୋଇଲିଘୁଘର ପର୍ଯ୍ୟନ୍ତ ୧୦କି.ମି ନିର୍ମାଣ ପାଇଁ ସ୍ଥିର ହୋଇଥିଲେ ହେଁ ସୂଚନା ଫଳକରେ ଭୁଲ ତଥ୍ୟ ଦିଆଯାଇଛି। ଏହି ରାସ୍ତା କାମ ସରକାର ଝାରସୁଗୁଡା ଜିଲା ବେଲପାହାଡର ଏକ ଠିକା ସଂସ୍ଥାକୁ ଦେଇଛନ୍ତି। ଯାହାର ପେକେଜ ନଂ. ଓଆର୍-୦୩-୨୮୬। ଏହି ୧୦ କି.ମି ରାସ୍ତାରୁ ଦୈର୍ଘ୍ୟ ଭିତରେ ୧.୧୦ କି.ମି ରାସ୍ତା କଂକ୍ରିଟ କରଣ ପାଇଁ ରହିଛି। ଆଉ ରାସ୍ତା ନିର୍ମାଣର ଅଟକଳ ପରିମାଣ ୫୭୧.୧୮ ଲକ୍ଷ ଟଙ୍କା




ସୂଚନା ଫଳକରେ ରାସ୍ତା ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ତଥ୍ୟ ନାହିଁ।

ସରକାର ଧାର୍ଯ୍ୟ କରିଛନ୍ତି। କାର୍ଯ୍ୟ ଗତ ୨୦୧୮ ମାର୍ଚ୍ଚ ୮ରେ ଆରମ୍ଭ ହୋଇଥିବାବେଳେ ୨୦୧୯ ମାର୍ଚ୍ଚ ୭ରେ ସରିବା କଥା। କିନ୍ତୁ କାର୍ଯ୍ୟଟି ପ୍ରାୟ ସମ୍ପୂର୍ଣ୍ଣ ହୋଇଯାଇଥିଲେ ହେଁ ଏହାର ପିଚୁ ଓ କଂକ୍ରିଟ ମଧ୍ୟ ଉଠିବାକୁ ଆରମ୍ଭ କରିଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। କାମଟି ଏତେ ନିମ୍ନମାନର ହୋଇଥିଲେ ମଧ୍ୟ ସମ୍ପୃକ୍ତ ଅଧିକାରୀ ଠିକା ସଂସ୍ଥା ପ୍ରତି ଦରଦ ଦେଖାଇ ବିଲ୍ ପାସ କରିବା ସହ ନୂତନ କାର୍ଯ୍ୟ ପାଇଁ ଆଦେଶ ଦେଉଥିବା ଲୋକେ ଅଭିଯୋଗ କରିଛନ୍ତି। କେବଳ ଯେ, କାମ ନିମ୍ନମାନର ତାହା ନୁହେଁ, ସମ୍ପୃକ୍ତ ସୂଚନା ଫଳରେ ଅନେକ ତଥ୍ୟ ନ ଦେଇ ଜନସାଧାରଣଙ୍କୁ ତଥ୍ୟ ଜାଣିବାରୁ ମଧ୍ୟ ବଞ୍ଚିତ କରାଯାଇଛି। ଯେପରି ୫ ବର୍ଷ ପାଇଁ ମରାମତିର ମୂଲ୍ୟ, ମରାମତିର ଅବଧି ସମୟ ଏଥିରେ ଉଲ୍ଲେଖ ନାହିଁ। ଏହି ସବୁ ଦେଖି ମଧ୍ୟ ସମ୍ପୃକ୍ତ ସରକାରୀ ଅଧିକାରୀ ଠିକା ସଂସ୍ଥାକୁ କାହିଁକି ତାଗିଦ କରିନାହାନ୍ତି ତାହା ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏଥିରୁ ଠିକା ସଂସ୍ଥା ଓ ଅଧିକାରୀଙ୍କ ଭିତରେ ଉତ୍ତମ ବୁଝାମଣା ରଖି ଲୋକଙ୍କୁ ଅନ୍ଧାରରେ ରଖି ଅନିୟମିତତା କରିଚାଲିଥିବା ଲୋକେ ଅଭିଯୋଗ କରିଛନ୍ତି। ଏପରିସ୍ଥଳେ ଉଭୟ ପଞ୍ଚାୟତର ସରପଞ୍ଚଙ୍କ ଭୂମିକା ମଧ୍ୟ ସନ୍ଦେହ ଘେରରେ ରହିଥିବା ଲୋକେ ଆଲୋଚନା କରୁଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛୁଆକୁ ମୋଡ଼ିବ କୁଆଁ ବେଳେ,**
**ବୋହୂକୁ ମୋଡ଼ିବ ନୂଆ ବେଳେ ।**

ବାଳୁତ ପିଲାକୁ ନିଜ ଆକଟରେ ରଖିବା ଉଚିତ। କଅଁଳ ଅବସ୍ଥାରୁ ତା'ପ୍ରତି ସତର୍କ ଦୃଷ୍ଟି ନ ରଖିଲେ ସେ ଅବାଟରେ ଚାଲିଯିବାର ସମ୍ଭାବନା ରହିଥାଏ। ଫଳରେ ତା'ର ଭବିଷ୍ୟତ ଅନ୍ଧକାରମୟ ହୋଇଯାଏ। ସେହିପରି ଘରକୁ ନୂଆହୋଇ ଆସିଥିବା ବୋହୂକୁ ଆରମ୍ଭରୁ ତାଗିଦ୍ ଭିତରେ ରଖିଲେ ସେ ନିଃସନ୍ଦେହ ସୁଗୃହିଣୀ ହୋଇପାରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଛି ଲୋ ଛତୁ,**
**ମେଘ ବରଷିଲେ କେତେ ତୁ ମାତୁ ?**

ବର୍ଷା ହେଲେ ମାଟି ଓଦା ହୁଏ। ପାଳଗଦା ତଥା ବାଲିଆ ଜାଗା ଉପରେ ଛତୁ ଫୁଟେ। ବର୍ଷା ଋତୁ ସରିଗଲେ ଆଉ ଛତୁ ଫୁଟେନି। ସମୟ ଓ ବେଳ ଉପରେ ସବୁକିଛି ନିର୍ଭର କରିଥାଏ। ପରୋକ୍ଷରେ ସମୟ ଟିକେ ଭଲ ପଡ଼ିଲେ କିଛି ମଣିଷ ଉତ୍‌ଫୁଲ୍ଲିତ ହୋଇଉଠନ୍ତି । ଅନ୍ୟଆଗରେ ନିଜର ବୃଥା ଦାମ୍ଭିକତା ଦେଖେଇ ହେଉଥିବା ନେଇ ଗଲେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ସରକାରୀ ମହାବିଦ୍ୟାଳୟରେ କ୍ୟାରିୟର କାଉନସେଲିଂ

ସୁନ୍ଦରଗଡ, ୧।୩ (ଡି.ଏନ୍.ଏ)

ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟରେ ଶୁକ୍ରବାର ରିଲାଏନ୍ସ ଜିଓ ମୋବାଇଲ ତରଫରୁ ଏକ କ୍ୟାମ୍ପସ ଚୟନ ଶିବିର ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର କ୍ୟାରିୟର କାଉନସେଲିଂ ସଂଯୋଜକ ଅଧ୍ୟାପକ ଡଃ ଲଳିତ ରଞ୍ଜନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କ୍ୟାମ୍ପସ ମନୋନୟନ ଶିବିରରେ ମହାବିଦ୍ୟାଳୟର ସ୍ନାତକ ତଥା ସ୍ନାତକୋତ୍ତର ଶେଷବର୍ଷ ଛାତ୍ରୀଛାତ୍ର ଭାଗ ନେଇଥିଲେ। କମ୍ପାନୀ ତରଫରୁ ମ୍ୟାନେଜର (ମାନବସମ୍ବଳ) ବିଶ୍ୱଶ୍ରୀ ସ୍ୱାଇଁ, ସହକାରୀ ମ୍ୟାନେଜର ନନ୍ଦନ କୁମାର ଓ ଆଞ୍ଚଳିକ ମୁଖ୍ୟ ପରିଚାଳକ ପ୍ରିୟବ୍ରତ ବେହୁରା ପ୍ରମୁଖ ଏହି ମନୋନୟନ ପ୍ରକ୍ରିୟାକୁ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ କିଶୋର କୁମାର ଦାଶ ଉକ୍ତ ସଂସ୍ଥା ତରଫରୁ ଏଭଳି କାର୍ଯ୍ୟକ୍ରମ ଆୟୋଜନ ନେଇ କୃତଜ୍ଞତା ଜଣାଇବା ସହ ଛାତ୍ରୀଛାତ୍ର ଆତ୍ମନିଯୁକ୍ତି ପାଇଁ ଏଭଳି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। କମ୍ପାନୀ ତରଫରୁ ଏହି ଚୟନ ପ୍ରକ୍ରିୟାରେ ୧୭ଜଣ ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇଥିଲା।



କ୍ୟାରିୟର କାଉନସେଲିଂରେ ଉପସ୍ଥିତ ଛାତ୍ରୀଛାତ୍ର।

# ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

ସୁନ୍ଦରଗଡ଼, ୧।୩ (ଡି.ଏନ୍.ଏ)

ସୁନ୍ଦରଗଡ ପୌରାଞ୍ଚଳର ରାଣୀ ବଗିଚାଠାରେ ୱାର୍ଡ ନଂ.୧ ଓ ୨ର ବିଜୁ ଯୁବ ବାହିନୀର ସଦସ୍ୟା ଓ ସଦସ୍ୟଙ୍କ ମିଳିତ ପ୍ରଚେଷ୍ଟାରେ ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ପୂର୍ବତନ ସଦର ବିଧାୟକ ଯୋଗେଶ କୁମାର ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଚାଲିଥିବା ଗତ ୧୮ବର୍ଷର ଶାସନ କାଳରେ ଓଡିଶା ତଥା ଓଡିଶାବାସୀଙ୍କ ଉନ୍ନତି ପାଇଁ ବିଭିନ୍ନ ଲୋକାଭିମୁଖୀ ଯୋଜନା ଓ ସ୍ୱଚ୍ଛଶାସନ ଯୋଗୁ ଦେଶରେ ଏହି ରାଜ୍ୟ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି କହିଥିଲେ। ରାଜ୍ୟର ବିକାଶରେ ଯୁବବର୍ଗର ବିଶେଷ ଭୂମିକା ରହିଛି ବୋଲି ସେ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ପୂର୍ବତନ ଉପନଗରପାଳ ରଞ୍ଜନା ପଣ୍ଡା, ପୌରନିର୍ବାହୀ ଅଧିକାରୀ ଡଃ. ଜଗଦୀଶ ମହାନନ୍ଦିଆ, ବିଜେଡିର ବରିଷ୍ଠ ନେତା ଜନ୍ମେଜୟ ମହାପାତ୍ର, ଜୟନାରାୟଣ ତ୍ରିପାଠୀ, ପୂର୍ବତନ କାଉନସିଲର ବୀଣା ସାହୁ ପ୍ରମୁଖ ଯୋଗଦେଇଥିଲେ। ନିର୍ମାଣ ଶ୍ରମିକ ସଙ୍ଗଠନର ମୁଖ୍ୟ ରଶ୍ମି ନାୟକଙ୍କ ଦ୍ୱାରା ଚିହ୍ନଟ କରାଯାଇଥିବା ୧୫ଜଣ ନିର୍ମାଣ ଶ୍ରମିକଙ୍କୁ ଏ ଅବସରରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ସାଇକେଲ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ କ୍ରୀଡା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା। ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମର ଜିଲା ସଂଯୋଜକ ଅଭିନବ କରଙ୍କ ତତ୍ତ୍ୱାବଧାନରେ ସବିତା ସାହୁ ଓ ବିଜୁ ଯୁବ ବାହିନୀର ସଦସ୍ୟାସଦସ୍ୟ କାର୍ଯ୍ୟକ୍ରମ ପରିଚାଳନରେ ସହଯୋଗ କରିଥିଲେ।

# ଓସିପିଏଲର ମନୋହରପୁର କୋଇଲା ଖଣି ଲୋକାର୍ପିତ

ହେମଗିର, ୧।୩ (ଡି.ଏନ.ଏ)

ସୁନ୍ଦରଗଡ ଜିଲାର ହେମଗିର ବ୍ଲକରେ ଥିବା ଓସିପିଏଲ (ଓଡିଶା କୋଲ ଆଣ୍ଡ ପାୱାର ଲିମିଟେଡ) ର ମନୋହରପୁର କୋଇଲା ଖଣିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଶୁକ୍ରବାର ଦେଶ ଉଦ୍ଦେଶ୍ୟରେ ଲୋକାର୍ପିତ କରିଛନ୍ତି। ଏହି ଅବସରରେ ମନୋହରପୁର କୋଇଲା ଖଣିରେ ଏହାର ବିଶେଷ ଆୟୋଜନ କରାଯାଇଥିଲା। ଏଥିରେ ସୁନ୍ଦରଗଡ ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ତୁରୁକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର ଡାଙ୍ଗ, ବ୍ଲକ ଅଧକ୍ଷା ସୁଧାରାଣୀ ରାଉଡ଼ିଆ, ଜିଲା ପରିଷଦ ଉପାଧ୍ୟକ୍ଷ କାଶୀନାଥ ରାଉତ, ଓସିପିଏଲର ସିଇଓ କ୍ଷୀରୋଦ ବ୍ରହ୍ମା, ଇନଫ୍ରା ମୁଖ୍ୟ ସନ୍ତୋଷ ଶତପଥି, ଖଣି ମୁଖ୍ୟ ଗନ୍ଧର୍ବ ଦେହୁରୀ, ନିହାର ଶତପଥି, ଭି. ଜଗନ୍ନାଥ, ବିଜିଆର କମ୍ପାନୀର ନିର୍ଦ୍ଦେଶକ ରୋହିତ ରେଡ୍ଡି, ବିଜିଆରର



ମନୋହରପୁର କୋଇଲା ଖଣିରେ ଲୋକାର୍ପଣ ଅବସରରେ ବିଶେଷ ଆୟୋଜନରେ ଉପସ୍ଥିତ ଅଧିକାରୀ, ଜନସାଧାରଣ।

ମହାପ୍ରବନ୍ଧକ ସିଏଚ ଭାନୁ, ବିଜିଆରର ଖଣି ମ୍ୟାନେଜର ଏମ.ରବୀନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ। ମନୋହରପୁର କୋଇଲା ଖଣିର ଉଦ୍‌ଘାଟନୀ ଉତ୍ସବ ଅବସରରେ କୋଲବ୍ଲକ ସମ୍ପର୍କରେ କମ୍ପାନୀ ପକ୍ଷରୁ ବିବରଣୀ ପ୍ରଦାନ କରାଯାଇଥିଲା।

ଭାରତ ସରକାରଙ୍କ କୋଇଲା ମନ୍ତ୍ରଣାଳୟ ପକ୍ଷରୁ ୨୦୧୫ ଅଗଷ୍ଟ ୩୧ ରେ ଓସିପିଏଲକୁ ମନୋହରପୁର କୋଲବ୍ଲକକୁ ପ୍ରଦାନ କରାଯାଇଥିଲା। ଯେଉଁ କୋଇଲା ଖଣିର ବାର୍ଷିକ ଉତ୍ପାଦନ କ୍ଷମତା ୮ ମିଲିୟନ ଟନ ରହିଛି। ମୁଖ୍ୟତଃ ଶକ୍ତି କ୍ଷେତ୍ରରେ ଦେଶରେ ଚାହିଦା ବୃଦ୍ଧି ପାଉଥିବାରୁ ଏହାକୁ ଦୃଷ୍ଟିରେ ରଖି ବନହରପାଲି ସ୍ଥିତ ଓପିଜିସି କମ୍ପାନୀର ଦୁଇଟି ୟୁନିଟ ୩ ଓ ୪କୁ ପ୍ରାୟ ୨୫ ବର୍ଷ ପର୍ଯ୍ୟନ୍ତ ଇନ୍ଧନ ଯୋଗାଇବାରେ ଏହି କୋଇଲା ଖଣି ସକ୍ଷମ। କୋଇଲା ଖଣି ଦ୍ୱାରା ମନୋହରପୁର ଓ ସାନଘୁମୁରା ଗ୍ରାମ ସମ୍ପୂର୍ଣ୍ଣ ବିସ୍ଥାପିତ ହେଉଥିବା ବେଳେ ତୁଲିଙ୍ଗା, ପରମାନନ୍ଦପୁର ଓ କାଠଫାଳି ଗ୍ରାମ କ୍ଷତିଗ୍ରସ୍ତ ହେଉଛନ୍ତି। ବିସ୍ଥାପିତ ଗ୍ରାମବାସୀଙ୍କ ପାଇଁ କମ୍ପାନୀ ହେମଗିରଠାରେ ମଡେଲ କଲୋନୀ ନିର୍ମାଣ କରି ବିସ୍ଥାପିତ ପ୍ରକ୍ରିୟା ଚାଲୁରଖିଛି। କ୍ଷତିଗ୍ରସ୍ତ ଲୋକଙ୍କୁ ଉତ୍ତମ କ୍ଷତିପୂରଣ ସହ ବିସ୍ଥାପିତ ଲୋକଙ୍କୁ ଚାକିରୀ ପାଇଁ ଆର୍ଥିକ ସହଯୋଗ, ପ୍ରତ୍ୟେକ ପରିବାରକୁ ମାସିକ ଭତ୍ତା ପ୍ରଦାନ, ୨୫ ବର୍ଷ ପର୍ଯ୍ୟନ୍ତ ଉତ୍ତରାଧିକାରୀ ସୁବିଧା ମଧ୍ୟ ରହିଛି। ଏଥି ସହିତ ମହିଳାମାନଙ୍କୁ ପ୍ରଶିକ୍ଷଣ ମାଧ୍ୟମରେ ସ୍ୱାବଲମ୍ବି କରିବା, ପୁରୁଷମାନଙ୍କୁ ଗ୍ରୁପ ମାଧ୍ୟମରେ ତାଲିମ ଓ ସହାୟତା ପ୍ରଦାନ ଭଳି ଜନହିତକର କାର୍ଯ୍ୟ କରୁଥିବା ସୂଚନା ପ୍ରଦାନ କରିଥିଲେ। କେବଳ ଯେ, ବିସ୍ଥାପିତ ଲୋକଙ୍କ ସୁବିଧା କରୁଥିବା ତାହା ନୁହେଁ, ସାମାଜିକ ଦାୟୀତ୍ୱବୋଧ ମଧ୍ୟ ନିର୍ବାହ କରୁଛି। ଯେପରି ପ୍ରଭାବିତ ଲୋକଙ୍କ ପାଇଁ ରାସ୍ତାଘାଟ, ପିଇବା ପାଣି, ସ୍ୱାସ୍ଥ୍ୟ, ଶିକ୍ଷା କ୍ଷେତ୍ରରେ ମଧ୍ୟ କମ୍ପାନୀ ସହଯୋଗ କରିଆସୁଥିବା ନେଇ ସୂଚନା ଦିଆଯାଇଛି। ଏଥିରେ କମ୍ପାନୀର ବହୁ ବରିଷ୍ଠ ଅଧିକାରୀ, ଜନସାଧାରଣ ତଥା ଗ୍ରାମବାସୀ ଉପସ୍ଥିତ ଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ଭଗନ୍ଦର (FISTULA)
ଫିସର (FISSURE)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790



ଏବିଭିପିର ଜିଲାସ୍ତରୀୟ ସମ୍ମିଳନୀରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ର ପ୍ରତିନିଧି।

## ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଜିଲାସ୍ତରୀୟ ସମ୍ମିଳନୀ

# ବିଭିନ୍ନ ମହାବିଦ୍ୟାଳୟରୁ ଛାତ୍ର ପ୍ରତିନିଧି ଯୋଗଦେଲେ

ସୁନ୍ଦରଗଡ଼, ୧।୩ (ଡି.ଏନ୍.ଏ)

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ତରଫରୁ ଜିଲାସ୍ତରୀୟ ଭାରତ ଗୌରବ ସମ୍ମିଳନୀ ଶୁକ୍ରବାର ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ ଅମୃତଲାଲ ନାୟାର ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ସୁନ୍ଦରଗଡ ଜିଲାର ବିଭିନ୍ନ ମହାବିଦ୍ୟାଳୟରୁ ଛାତ୍ରୀଛାତ୍ର ପ୍ରତିନିଧି ଯୋଗଦେଇ ବିଗତ ୫ବର୍ଷରେ ଭାରତରେ ହୋଇଥିବା ବୈଷୟିକ, ସାମାଜିକ ଅର୍ଥନୈତିକ ଓ ଶିକ୍ଷା କ୍ଷେତ୍ରରେ ସୁରକ୍ଷା ଦିଗରେ ଦେଶ ଗୌରବାନ୍ୱିତ ହୋଇଛି ବୋଲି କହିଥିଲେ। ଦେଶରେ ସାମ୍ପ୍ରତିକ ସ୍ଥିତିରେ ଯୁବ ସମାଜର ଭୂମିକା ଉପରେ ଅତିଥିମାନେ ମାର୍ଗଦର୍ଶନ ଦେଇଥିଲେ। ବିଦ୍ୟାର୍ଥୀ ପରିଷଦର ଓଡିଶା ପ୍ରଦେଶ ସମ୍ପାଦକ ଶଶୀକାନ୍ତ ମିଶ୍ର ଭାରତ ଗୌରବ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ରତ୍ନାକର ବେହେରା, ବିଦ୍ୟାର୍ଥୀ ପରିଷଦର ସାଙ୍ଗଠନିକ କାର୍ଯ୍ୟ ବୃଦ୍ଧି ସହ ରାଷ୍ଟ୍ର ନିର୍ମାଣ ଦିଗରେ ଉତ୍ସର୍ଗୀକୃତ ମନୋଭାବ ରଖି କାର୍ଯ୍ୟକରିବାକୁ ଆହ୍ୱାନ ଦେଇଥିଲେ।

ବିଦ୍ୟାର୍ଥୀ ପରିଷଦର ରାଜ୍ୟ ସହ ସମ୍ପାଦକ ରତନ ଦିଗଲ ଆଗାମୀ ନିର୍ବାଚନରେ ଶତପ୍ରତିଶତ ମତଦାନ ଏବଂ ସେ ନୋ ଟୁ ନୋଟା ବିଷୟରେ ସମସ୍ତଙ୍କୁ ଅବଗତ କରିଥିଲେ। ଜିଲା ସଂଯୋଜକ ଆଶୀଷ ଦାସ ଜିଲାର ଶିକ୍ଷା, ସୁରକ୍ଷା ଓ ରୋଜଗାର ସମ୍ପର୍କରେ ଅଭିଭାଷଣ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଜନଜାତି ପ୍ରମୁଖ ପ୍ରଫୁଲ୍ଲ ଧୁରୁଆ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିକି ବାଗ୍, ରାଉରକେଲା ମହାନଗର ସମ୍ପାଦକ ସୌମ୍ୟରଞ୍ଜନ ପ୍ରଧାନ, ହେମାନନ୍ଦ ବିଶ୍ୱାଳ, ଅଙ୍କିତ ବହିଦାର, ବବି ଭୈଷାଁଳ, ତନ୍ମୟୀ ନାଏକ, ସରିତା ପୃଷେଠ, ଅମର ମହାପାତ୍ର, ଆକାଶ ସିଂ ରାଠୋର, ସୁରତ ବେହେରା, ସମୀର ରାଓତ, ଚଣ୍ଡୀ ପ୍ରସାଦ ପ୍ରମୁଖ ବିଦ୍ୟାର୍ଥୀ ନେତୃବୃନ୍ଦ ଯୋଗ ଦେଇଥିଲେ। ଜଗନ୍ନାଥ ତାଣ୍ଡିଆ ଧନ୍ୟବାଦ ଦେଇଥିଲେ।

CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH™
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲ୍‌ଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7520206361
7061764396
Bukaro malepur, jamui Bihar-811313

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - ୨୦ ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
Contact :- 8676907143, 9348274623

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।

- ରାମକୃଷ୍ଣ ପରମହଂସ

## ସଂକ୍ଷେପରେ

### ଲିଟିଲ ଡେଫୋଡିଲ ସ୍କୁଲର ବାର୍ଷିକ ଉତ୍ସବ

**ସୁନ୍ଦରଗଡ, ୧।୩ (ଡି.ଏନ୍.ଏ)-** ଶଙ୍କରାସ୍ଥିତ ଲିଟିଲ ଡେଫୋଡିଲ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା କୁସୁମ ଟେଟେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କର ଉଜ୍ଜଳ ଭବିଷ୍ୟତ ଗଠନ ଦିଗରେ ଶିକ୍ଷକ ଓ ଅଭିଭାବକଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଦିଲ୍ଲୀପ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୈତିକ ଶିକ୍ଷାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ସ୍କୁଲର ଅଧ୍ୟକ୍ଷା ବିଜୟଲକ୍ଷ୍ମୀ ରଥ ବାର୍ଷିକ ବିବରଣୀ ପାଠ କରିଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ଆଡଭୋକେଟ କିରଟିକୃଷ୍ଣ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଶିକ୍ଷୟିତ୍ରୀ ସୁନୀତା ପଟେଲ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସମ୍ପାଦକ ଲାଲକୃଷ୍ଣ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀ ଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।ମଞ୍ଚାସୀନ ଅତିଥି।

# ମୁଖ୍ୟମନ୍ତ୍ରୀଙ୍କ ରାଉରକେଲା ଗସ୍ତର ଏପାଖ ସେପାଖ...

### ସମସ୍ତେ ମହିଳା କୃଷକ

ରାଉରକେଲା ଅଫିସ,୧।୩

ମୁଖ୍ୟମନ୍ତ୍ରୀଙ୍କ କାଳିଆ ସମାବେଶରେ ବିଜେଡି ନେତାଙ୍କ ଦାବି ଅନୁସାରେ କୁଆଡେ ଲକ୍ଷାଧିକ କୃଷକ ଏକାଠି ହୋଇଥିଲେ। ହେଲେ ମଞ୍ଚ ସମ୍ମୁଖରେ ପ୍ରାୟ ୯୦ ପ୍ରତିଶତ ମହିଳା ବସିଥିଲେ। ଏନେଇ ଲୋକେ ଏହା କ'ଣ ମହିଳା କୃଷକ ସମାବେଶ ନା ମିଶନ ଶକ୍ତି ସମାବେଶ ବୋଲି କୁହାକୁହି ହେଉଥିଲେ।

### ନେତାଙ୍କଠୁ ସରକାରୀ ଆୟୋଜକ ଆଗରେ

ରାଉରକେଲାରେ କାଳିଆ ସମାବେଶ ଆୟୋଜନ କରିବା ନେଇ ଖବରଦାତା ସମ୍ମିଳନୀ ହେଉ କି ମଞ୍ଚ ତଦାରଖ ସବୁ ଦାୟିତ୍ୱରେ ଥିଲେ ସରକାରୀ ଅଧିକାରୀ। ଏନେଇ ସାଉଣ୍ଡ ସିଷ୍ଟମଠାରୁ ସମାବେଶ ସ୍ଥଳ ବେଶ ଶୃଙ୍ଖଳିତ ରହିଥିଲା। ଯେଉଁମାନେ ପୂର୍ବ ନେତାଙ୍କ ସମାବେଶକୁ ଦେଖିଥିଲେ ସେମାନେ ଏହି ସମାବେଶକୁ ଦେଇ ପ୍ରଶଂସା କରିଥିବା ଶୁଣା ଯାଇଥିଲା। ସମାବେଶରେ ପାନୀୟ ସୁବିଧାଠୁ ନେଇ ମହିଳାମାନେ କିପରି ଛାଇରେ ବସିବେ, ସୁବିଧାରେ ପାଇଖାନା ବ୍ୟବହାର କରି ପାରିବେ ସେ ନେଇ ବିଶେଷ ଧ୍ୟାନ ଦିଆଯାଇଥିବାରୁ ସମସ୍ତେ ଖୁସି ଥିଲେ।



ରାଉରକେଲା ଏୟାରଷ୍ଟ୍ରିପ୍ ପଡ଼ିଆରେ ଶୁକ୍ରବାର ଆୟୋଜିତ କାଳିଆ ସମାବେଶରେ କଣ୍ଠଶିଳ୍ପୀ ଋତୁରାଜ ମହାନ୍ତି ସଙ୍ଗୀତ ପରିବେଷଣ କରୁଛନ୍ତି।



ଜଣେ ବିଜେଡି କର୍ମୀ ମୁଣ୍ଡରେ ପଟି ବାନ୍ଧି ଓ ହାତରେ ତ୍ରିରଙ୍ଗା ପତାକା ଧରି ସ୍ଲୋଗାନ ଦେଉଛନ୍ତି।

### ଖବରଦାତାଙ୍କ ଗ୍ୟାଲେରି ଫାଙ୍କା

ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାହୁଲ ଗାନ୍ଧୀ ରାଉରକେଲାରେ ସମାବେଶ କରିଥିଲେ। ସେଥିରେ ଖବରଦାତାଙ୍କ ଗ୍ୟାଲେରିରେ ଖବରଦାତାଙ୍କୁ ବସିବା ପାଇଁ ଜାଗା ମିଳି ନ ଥିବାବେଳେ ଲୋକଙ୍କ ଭିତରେ ବସିଥିବା ଦେଖିବାକୁ ମିଳିଥିଲା। ଏ ନେଇ ଖବରଦାତାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ହେଲେ ଶୁକ୍ରବାର କାଳିଆ ସମାବେଶରେ ଏହାର ପୁନରାବୃତ୍ତି ହୋଇ ନ ଥିଲା। ଖବରଦାତାଙ୍କ ଗ୍ୟାଲେରିରେ ଖବରଦାତାଙ୍କ ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯାଇଥିଲା। ପୂର୍ବ ସମାବେଶରେ ଅଣନିଶ୍ୱାସୀ ହୋଇପଡିଥିବା ଖବରଦାତା ଏଥିର ଆୟୋଜକଙ୍କ ଶୃଙ୍ଖଳାକୁ ସାଧୁବାଦ ଜଣାଇଥିଲେ। ହେଲେ କମ୍ ସଂଖ୍ୟକ ଖବରଦାତା ଗ୍ୟାଲେରିରେ ଉପସ୍ଥିତ ଥିବା ବେଳେ ସିଟ ଫାଙ୍କା ପଡିଥିଲା।

### ନାକେଦମ ହେଲେ ଯାତ୍ରୀ

କାଳିଆ ସମାବେଶରେ ଲୋକଙ୍କୁ ନେବାଆଣିବା ପାଇଁ ପ୍ରଶାସନ ଶତାଧିକ ବସ୍ ଲଗାଇଥିଲା। ଏନେଇ ବଣାଇଁ, ଯୋଡା, କୋଇଡା ସହ କୁଆଁରମୁଣ୍ଡା, ବୀରମିତ୍ରପୁର, ନୂଆ ଗାଁ, ବିଶ୍ରା, ଗୁରୁଣ୍ଡିଆ, ପୁରୁଣାପାଣି, ସୁନ୍ଦରଗଡ଼ ଅଞ୍ଚଳକୁ କୌଣସି ବସ ଗଡି ନ ଥିଲା। ଫଳରେ ଯାତ୍ରୀ ନିଜ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବାକୁ ନାକେଦମ ହେବାକୁ ପଡିଥିଲା। ଅନେକ ସ୍ଥାନରେ ବସ୍ ଅପେକ୍ଷାରେ ଯାତ୍ରୀମାନେ ଅଟକି ରହି ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସଂଧ୍ୟାରେ କେତେକ ଗାଡି ଚଳାଚଳ କରିବାରୁ ଅପେକ୍ଷାରତ ଯାତ୍ରୀ ଗନ୍ତବ୍ୟ ସ୍ଥଳକୁ ଯାଇଥିଲେ।

### କାମ ଦେଉନି ଖବରଦାତାଙ୍କ ପରିଚୟ ପତ୍ର

ଆଜିକାଲି ସହରରେ ନୂଆ ଟ୍ରେଣ୍ଡ ଆରମ୍ଭ ହୋଇଛି। ଯେଉଁ ଦଳ ସଭା ସମାବେଶ ଆୟୋଜନ କରୁଛି ସେହି ଦଳ ପକ୍ଷରୁ ଖବରଦାତାଙ୍କୁ ସ୍ୱତନ୍ତ୍ର ପ୍ରେସ ପାସ୍ ଦିଆଯାଉଛି। ଅସଲ ପରିଚୟ ପତ୍ର ଚଳୁନି। ଦଳୀୟ ପାସ୍ ନ ଦେଖିଲେ ଗେଟ୍‌ରେ ଛଡା ଯାଉନି। ଏପରିଅବସ୍ଥାରେ ସବୁରାଜନୈତିକ ଦଳ ଖବରଦାତାଙ୍କ ବେକରେ ନିଜ ଦଳ ଛାପ ଥିବା ପାଶ ଝୁଲାଇ ଦେଉଛନ୍ତି। ଉକ୍ତ ପାଶକୁ ସେହି ଦଳର ନେତା କର୍ମୀଙ୍କୁ ବି ବଣ୍ଟା ଯାଉଛି। ସେମାନେ ନିଜକୁ ଖବରଦତା ପରିଚୟ ଦେଇ ଗ୍ୟାଲେରିରେ ଭିଡ କରୁଛନ୍ତି। ବୋଧହୁଏ ଏହି କାରଣରୁ ଦଳୀୟ ନେତା ଖବରଦାତାଙ୍କ ଅସଲି ପାସ୍‌କୁ ଅଚଳ କରୁଥିବା ମତ ପ୍ରକାଶ ପାଇଛି।

### କୃଷକଙ୍କ ସହ ମଞ୍ଚରେ ମୁଖ୍ୟମନ୍ତ୍ରୀ

କାଳିଆ ସମାବେଶ ନେଇ ଯେଉଁ ଆକର୍ଷଣୀୟ ମଞ୍ଚ ପ୍ରସ୍ତୁତ କରାଯାଇଥିଲା ସେଥିରେ ମୁଖ୍ୟମନ୍ତ୍ରୀଙ୍କ ସହ କିଛି ଚାଷୀ ବସିଥିଲେ। ନା ଥିଲେ ସରକାରୀ ଅଧିକାରୀ ନା ବିଜେଡି ନେତା । ସମସ୍ତେ ଥିଲେ ମଞ୍ଚ ତଳେ। ଏହା ମହିଳାଙ୍କୁ ପ୍ରଭାବିତ କରିବା ପରିଲକ୍ଷିତ ହୋଇଥିଲା।

# ଭାଜପାର ବିଜୟ ସଙ୍କଳ୍ପ ସମାବେଶ

ବ୍ରଜରାଜନଗର,୧।୩(ଡି.ଏନ.ଏ.)

ବ୍ରଜରାଜନଗର ସହରାଞ୍ଚଳର ଗୋଲଛକସ୍ଥିତ ଓପିଏମ୍ ଡ୍ରାମା ପେଣ୍ଡୋଲରେ ଭାଜପା ପକ୍ଷରୁ ଶୁକ୍ରବାର ବିଜୟ ସଙ୍କଳ୍ପ ସମାବେଶ ହୋଇଥିଲା। ଏଥିରେ ରାଷ୍ଟ୍ରୀୟ ପ୍ରବକ୍ତା ମୀନାକ୍ଷୀ ଲେଖି ମୁଖ୍ୟଅତିଥି ଭାବରେ ଯୋଗଦେଇ ରାଜ୍ୟ ସରକାର ବିରୋଧରେ ବର୍ଷିଥିଲେ। ଏପରି କି ମୋଦୀ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ସେହିପରି ଚଳଚ୍ଚିତ୍ର ଅଭିନେତ୍ରୀ ମହାଶ୍ୱେତା ରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ସ୍ଥାନୀୟ ବିଧାୟିକା ରାଧାରାଣୀ ପଣ୍ଡା ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀରେ ୫ବର୍ଷ ମଧ୍ୟରେ ହୋଇଥିବା ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ କରିଥିଲେ। କେନ୍ଦ୍ରୀୟ ଯୋଜନାକୁ ରାଜ୍ୟ ସରକାର ନିଜ ନାମରେ କରି ବାହାବା ନେଉଥିବା ବିଧାୟିକା ପଣ୍ଡା ଅଭିଯୋଗ କରିବା ସହିତ ଜିଲା ପ୍ରଶାସନ ଉପରେ ବର୍ଷିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମଣ୍ଡଳ ସଭାପତି ସ୍ୱାଗତ ଭାଷଣ ଦେଇଥିଲେ। ଜିଲା ସାଧାରଣ ସମ୍ପାଦକ ଅନିଲ ନାଏକ ମଞ୍ଚ ପରିଚାଳନା କରିଥିଲେ । ବ୍ରଜରାଜନଗର ପୌରାଞ୍ଚଳର ପୂର୍ବତନ କାଉନସିଲର ତଥା ଜଣାଶୁଣା ନେତା କଂଗ୍ରେସ ଛାଡି ତାଙ୍କ ସମର୍ଥକଙ୍କ ସହ ଭାଜପାରେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଯୋଗଦେଇଥିବା ନୂତନକର୍ମୀଙ୍କୁ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ବ୍ରଜରାଜନଗର ମଣ୍ଡଳର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ଶେଷରେ ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।


## NOTICE INVITING E-TENDERS
## CENTRE FOR MODERNIZING GOVERNMENT INITIATIVE (CMGI)

**Tender Ref. No. : CMGI/PCU/CM-AWD-Film/DOC/2018/576/245, Dt. 27.02.2019**

No. CAD-1521: e-Tenders are invited from eligible agencies for documentation of Chief Minister's Award Winning Initiatives through documentary films (in Odia with subtitles in English) and e-Book form (in English).
Tender documents can be downloaded from CMGI website (www.cmgi.org.in) and Odisha e-Tender Portal (https://tendersodisha.gov.in)
The authority reserves the right to cancel the tender without assigning any reason thereof at any stage.
The last date of submission of the e-Tenders in Odisha e-Tender Portal (https://tendersodisha.gov.in) is 26.03.2019.

Executive Director, CENTRE FOR MODERNIZING GOVERNMENT INITIATIVE (CMGI) A-2, 1st floor, Toshali Bhawan, Satya Nagar, Bhubaneswar-51009, Bhubaneswar.

09008/11/0013/1819 **Sd./- Executive Director, CMGI**

GOVT. OF ODISHA
## OFFICE OF THE SUPERINTENDING ENGINEER RURAL WORKS CIRCLE, BARIPADA

**Tel No: 06792-261343(O)/261344 (Fax)/ E-Mail: serwcbaripada@nic.in**

**No.1864-O:-** **"e" Procurement Notice for Road Work**

**Identification No.- Online Tender-Road N.C.B. No. 156 for 2018-19**

**Letter No. 616** **Dated 27.02.2019**

1. Name of the work : Construction of OMBADC Road works in the District of Mayurbhanj during 2018-19.
2. Total No. of work : 01 No. (One)
3. Estimated Cost : Rs. 44.97 Lakhs (approximately).
4. Eligible Class of contractor : As per Annexure in DTCN.
5. Period of Completion : As per Annexure in DTCN.
6. Other details :

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender in O/o S.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works, Circle, Baripada | Road On-line N.C.B. No. 156 | Dt. 03.03.2019 at 11.00 AM | Dt. 20.03.2019 up to 3.00 PM | Dt. 19.03.2019 upto 1.00 PM | Dt. 23.03.2019 at 11.00 AM | Will be intimated Separately |

- Further details can be seen from the website **www.tendersodisha.gov.in.**
- Any Corrigendum/Addendum will be displayed in the above e-tender website only.

**25130/11/0039/1819** **Superintending Engineer, R.W. Circle, Baripada**

## GOVT. OF ODISHA
### OFFICE OF THE SUPERINTENDING ENGINEER NORTH EASTERN RURAL WORKS CIRCLE, KEONJHAR

**Tel. 06766-258301(O), E-Mail: se_nerwkjr@rediffmail.com**

**"E" PROCUREMENT NOTICE FOR PMGSY-II BATCH-I**
**IDENTIFICATION NO. PMGSY ONLINE NCB NO. 262, NO. 893 // DATE: 26-02-2019**

No.1859-O

| | | | |
|---|---|---|---|
| 1. | Name of the Work | | Road Works under PMGSY-II Batch-I 2018-19 as per Annexure. |
| 2. | Total No. of Works | | 06 (Six) Nos. |
| 3. | Estimated Cost | | As per annexure in NIT. |
| 4. | Class of Contractor | | As per annexure in NIT. |
| 5. | Period of Completion | | As per annexure in NIT. |
| 6. | Other details | | |

| Procurement Officer | Bid-Identification No. | Availability of tender on-line for bidding | | Last Date & Time of seeking Tender Clarification | Date & Time of Opening of tender in O/O S.E., N.E.R.W. Circle, Keonjhar. | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, North Eastern Rural Works Circle, Keonjhar. | PMGSY Online NCB No. 262 | Dt.02.03.19 at 11.00 A.M. | Dt.16.03.19 up to 5.00 P.M. | Dt.15.03.19 up to 5.00 P.M. | Dt.18.03.19 at 11.00 A.M. | Dt.20.03.19 at 11.00 A.M. |

Further details can be seen from the website: www.pmgsytenders.gov.in

25048/11/0061/1819 **Sd./- Superintending Engineer, N.E.R.W. Circle, Keonjhar.**

## GOVERNMENT OF ODISHA
### OFFICE OF THE SUPERINTENDING ENGINEER RURAL WORKS CIRCLE, KENDRAPARA- JAJPUR

**Email : serw_kpd@yahoo.com**

**Tender online RCK-09/19** **Letter No. 652, Date : 25.02.2019**

No.1872-O

**"e" PROCUREMENT NOTICE**

| | | | |
|---|---|---|---|
| 1. | Name of the Work | : | Construction of Road works Construction and Maintnenance of Roads and CD works under MMSY in the district of Kendrapara and Jajpur |
| 2. | Class of Contractor | : | As Specified in Column-6 of Annexure. |
| 3. | Time for Completion | : | As Specified in Column-7 of Annexure. |
| 4. | Detail Projects | : | As per annexure attached |
| 5. | Other Details | | As per annexure in NIT. |

| Procurement Officer | Bid-Identification No. | Availability of tender on-line for bidding | | Last Date & Time of seeking Tender Clarification | Date & Time of Opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Kendrapara, Jajpur | Tender Online RCK-09/19 | 01.03.2019 at 11.00 AM | 23.03.2019 upto 5.00 PM | 19.03.2019 upto 2.00 P.M. | 25.03.2019 at 11.00 AM | 03.04.2019 at 11.00 AM |

Further details can be seen from the website: www.tendersorissa.gov.in

